# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ମେ ୧୭/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, May 17/2024 | Page 16 | ₹ 7.00

୫୦ଶ ଭାଗ ୧୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 172 | ମୂଲ୍ୟ ₹୭/-





**ସହରାଞ୍ଚଳ ବେରୋଜଗାରି ବଢ଼ିଛି**

୨୦୨୩-୨୪ ଆର୍ଥିକ ବର୍ଷର ଶେଷ ତ୍ରୈମାସିକରେ ଭାରତର ସହରାଞ୍ଚଳ ବେରୋଜଗାରି ୬.୭ ପ୍ରତିଶତକୁ ବୃଦ୍ଧି ପାଇଛି। ପୂର୍ବ ତ୍ରୈମାସିକରେ ଏହା ୬.୫ ପ୍ରତିଶତ ଥିବାବେଳେ ଗତବର୍ଷ ଶେଷ ତ୍ରୈମାସିକରେ ୬.୮ ପ୍ରତିଶତ ରହିଥିଲା।

# କେଜ୍‌ରିୱାଲଙ୍କ ଭାଷଣ ବିରୋଧରେ ଅଭିଯୋଗ ଅଗ୍ରାହ୍ୟ

**ନୂଆଦିଲ୍ଲୀ, ୧୬।୫**

ନିର୍ବାଚନ ରାଲିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ମନ୍ତବ୍ୟ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୁପ୍ରିମକୋର୍ଟରେ ପ୍ରତିବାଦ ଦାଏର କରିଥିଲା। ସର୍ବୋଚ୍ଚ ଅଦାଲତ ଏହାକୁ ବିଚାରକୁ ନେବା ପାଇଁ ଗୁରୁବାର ମନା କରିଦେଇଛନ୍ତି। ଯଦି ଜନସାଧାରଣ ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ଭୋଟ ଦିଅନ୍ତି, ତେବେ ଜୁନ୍ ୨ ପରେ ତାଙ୍କୁ ଆଉ ଜେଲକୁ ଫେରିବାକୁ ପଡ଼ିବ ନାହିଁ ବୋଲି କେଜ୍‌ରିୱାଲ ଭାଷଣରେ କହିଥିଲେ। ଲୋକ ସଭା ନିର୍ବାଚନରେ ପ୍ରଚାର ପାଇଁ କେଜ୍‌ରିୱାଲଙ୍କୁ ଅନ୍ତରୀଣ ଜାମିନ ପ୍ରଦାନରେ କୌଣସି ସ୍ୱତନ୍ତ୍ର ସୁବିଧା ଦିଆଯାଇ ନ ଥିବା ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଛନ୍ତି। ନିର୍ଦ୍ଦେଶନାମାରେ କାହା ପ୍ରତି କୌଣସି ବ୍ୟତିକ୍ରମ କରାଯାଇନାହିଁ ଏବଂ ଏହା ଠିକ୍ ଥିବା ଆମେ ଅନୁଭବ କରୁଛୁ ବୋଲି ଖଣ୍ଡପୀଠ କହିବା ସହ ରାୟର ଜଟିଳ ଅନୁଧ୍ୟାନ କରାଯିବା ସ୍ୱାଗତଯୋଗ୍ୟ ବୋଲି କହିଥିଲେ।

ସୂଚନାଯୋଗ୍ୟ, ପଶ୍ଚିମ ଦିଲ୍ଲୀର ଉତ୍ତମ ନଗରରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରି କେଜ୍‌ରିୱାଲ କହିଥିଲେ, ଆପ୍‌କୁ ଭୋଟ ଦେଲେ ତାଙ୍କୁ ଆଉ ଜେଲ ଯିବାକୁ ପଡ଼ିବନି। ୨୦ ଦିନ ପରେ ମୁଁ ଜେଲ ଫେରିଯିବି ବୋଲି ଭାଜପା ଲୋକମାନେ କହୁଛନ୍ତି। ଯଦି ଲୋକମାନେ ଝାଡୁ ବଟନ ଦବାନ୍ତି, ତେବେ ମୋର ଜେଲ ଯିବା ଆବଶ୍ୟକ ହେବ ନାହିଁ। କ୍ଷମତା ଆପଣମାନଙ୍କ ହାତରେ ବୋଲି ଆପ୍ ନେତା କହିଥିଲେ। ଦିଲ୍ଲୀ ଅବକାରୀ ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ସୁପ୍ରିମକୋର୍ଟ ଗତ ୧୦ ତାରିଖରେ କେଜ୍‌ରିୱାଲଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବା ସହ ଜୁନ୍ ୨ରେ ଜେଲରେ ଆତ୍ମସମର୍ପଣ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ।



## ଅଭିଯୋଗ କୋର୍ଟରେ ଥିଲେ ଅଭିଯୁକ୍ତଙ୍କୁ ଇଡି ଗିରଫ କରିପାରିବନି

ମନିଲଣ୍ଡରିଂ ଅଭିଯୋଗ ସ୍ୱତନ୍ତ୍ର ଅଦାଲତଙ୍କ ଜ୍ଞାତସାରରେ ରହିବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜଣେ ଅଭିଯୁକ୍ତଙ୍କୁ ପିଏମ୍‌ଏଲ୍‌ଏ, ୨୦୦୨ର ଧାରା ୧୯ ଅନୁଯାୟୀ ଗିରଫ କରିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ହାଜତକୁ ନେବାକୁ ହେଲେ ଇଡିକୁ ସ୍ୱତନ୍ତ୍ର ଅଦାଲତଙ୍କ ଅନୁମତି ନେବାକୁ ପଡ଼ିବ। ପିଏମ୍‌ଏଲ୍‌ଏର ଧାରା ୧୯ ଅନୁଯାୟୀ ଜବତ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥାଏ। ତେବେ ଧାରା ୪୪ରେ କୋର୍ଟରେ ଅଭିଯୋଗ ହୋଇଥିଲେ, ଧାରା ୧୯ ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା କ୍ଷମତା ଇଡି ଏବଂ ଏହାର ଅଧିକାରୀମାନଙ୍କର ନାହିଁ। ତଦନ୍ତକାରୀ ସଂସ୍ଥାକୁ ସମ୍ପୃକ୍ତ ଅଦାଲତରେ ଆବେଦନ କରିବାକୁ ପଡ଼ିବ ବୋଲି ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। କୋର୍ଟ ସମନ ଅନୁଯାୟୀ ଯଦି ଅଭିଯୁକ୍ତ ସ୍ୱତନ୍ତ୍ର ଅଦାଲତରେ ହାଜର ହୁଅନ୍ତି, ତେବେ ସେ ହାଜତରେ ଅଛନ୍ତି ବୋଲି ବିବେଚନା କରାଯାଇପାରିବ ନାହିଁ। ସମନ କ୍ରମେ କୋର୍ଟରେ ହାଜର ହୋଇଥିବା ଅଭିଯୁକ୍ତଙ୍କୁ ଜାମିନ ଆବେଦନ କରିବା ଆବଶ୍ୟକ ନାହିଁ। ଏଥିପାଇଁ ପିଏମ୍‌ଏଲ୍‌ଏ ଧାରା ୪୫ର ଦୁଇଟି ସର୍ତ୍ତ ଲାଗୁ ହେବ ନାହିଁ ବୋଲି ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି। ସର୍ତ୍ତ ଦ୍ୱୟ ହେଲା, ଜଣେ ମନିଲଣ୍ଡରିଂ ଅଭିଯୁକ୍ତ ଜାମିନ ଆବେଦନ କରିଥିଲେ, ଅଦାଲତ ପ୍ରଥମେ ସରକାରୀ ଓକିଲଙ୍କ ଜବାବ ଶୁଣାଣିକୁ ଅନୁମତି ଦେବେ। ଅଭିଯୁକ୍ତ ଦୋଷୀ ନୁହନ୍ତି ଏବଂ ତାଙ୍କୁ ମୁକ୍ତ କରାଗଲେ, ଅନୁରୂପ ଅପରାଧ କରିବା ସମ୍ଭାବନା ନାହିଁ ବୋଲି ଅଦାଲତ ହୃଦ୍‌ବୋଧ କଲେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିପାରିବେ। ତେବେ ସମାନ ଅପରାଧ ଉପରେ ଇଡି ଅଧିକ ତଦନ୍ତ କରିବାକୁ ଚାହିଁଲେ, ପୂର୍ବ ଅଭିଯୋଗରେ ଅଭିଯୁକ୍ତ ନ ଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିପାରିବେ।

# ଅଟକ ଥିବା ୧୭ ବିଦେଶୀଙ୍କୁ ମୁକ୍ତ କର

**କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

**ନୂଆଦିଲ୍ଲୀ, ୧୬।୫ (ପି.ଟି.)**

ଆସାମର ଡିଟେନ୍‌ଶନ ସେଣ୍ଟରରେ ଦୀର୍ଘଦିନ ହେଲା ଅଟକ ଥିବା ୧୭ ବିଦେଶୀଙ୍କୁ ତୁରନ୍ତ ତାଙ୍କ ଦେଶକୁ ପଠାଇଦେବାକୁ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଆଇନସେବା କର୍ତ୍ତୃପକ୍ଷଙ୍କ ରିପୋର୍ଟ ଅନୁଯାୟୀ ୧୭ ଜଣଙ୍କୁ ବିଦେଶୀ ଘୋଷଣା କରାଯାଇ ସେମାନଙ୍କୁ ଆସାମର ଅଟକ କେନ୍ଦ୍ରରେ ରଖାଯାଇଛି। ସେମାନଙ୍କ ବିରୋଧରେ କୌଣସି ଅପରାଧ ମାମଲା ନ ଥିବାରୁ କେନ୍ଦ୍ର ସରକାର ତୁରନ୍ତ ସେମାନଙ୍କୁ ନିଜ ଦେଶକୁ ପଠାଇବା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ସେମାନେ ଅନେକ ବର୍ଷ ହେଲା ଅଟକ ରହିଥିବା ଜାଣିବା ପରେ ଖଣ୍ଡପୀଠ ଗତ ଏପ୍ରିଲରେ ଆସାମର ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ମାଗିଥିଲେ। ସେଠାରେ ବିଦେଶୀମାନଙ୍କ ପାଇଁ କ'ଣ ସବୁ ସୁବିଧା ଉପଲବ୍ଧ ଅଛି, ତାହା ଅନୁଧ୍ୟାନ କରିବା ନିମନ୍ତେ ଏକ ଟିମ୍ ପଠାଇବାକୁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### ୬ ଦିନ ଇଡି ହାଜତରେ ରହିବେ ଆଲମ

**ରାଞ୍ଚି, ୧୬।୫**

ଅର୍ଥ ହେରଫେର ମାମଲାରେ କଂଗ୍ରେସ ନେତା ତଥା ଝାଡ଼ଖଣ୍ଡର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଆଲମଗିର ଆଲମଙ୍କୁ ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗିରଫ କରିଥିଲା। ଗୁରୁବାର ଇଡି ତାଙ୍କୁ ରାଞ୍ଚିର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟଙ୍କ ନିକଟରେ ହାଜର କରି ୧୦ ଦିନ ରିମାଣ୍ଡରେ ନେବା ଦାବି କରିଥିଲା। ତେବେ ଆଲମଙ୍କୁ ୬ ଦିନ ରିମାଣ୍ଡରେ ନେବାକୁ ଇଡିକୁ କୋର୍ଟ ଅନୁମତି ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଆଲମଙ୍କ ବ୍ୟକ୍ତିଗତ ସଚିବ ଓ ସହାୟକଙ୍କ ଘରୁ ଇଡି ୩୭ କୋଟି ଟଙ୍କା ଜବତ କରିଥିଲା। ମାମଲାରେ ଇଡି ଅଧିକାରୀମାନେ ଆଲମଙ୍କୁ ଜେରା କରିଥିଲେ। ତଦନ୍ତରେ ସହଯୋଗ ନ କରିବାରୁ ତାଙ୍କୁ ଇଡି ଗିରଫ କରିଥିଲା।

### ପୁଣେରେ ବିଲ୍‌ବୋର୍ଡ ଭୁଶୁଡ଼ିଲା

**ପୁଣେ, ୧୬।୫**

ମୁମ୍ବାଇରେ ବିଲ୍ ବୋର୍ଡ ଭୁଶୁଡ଼ି ୧୬ ଜଣଙ୍କ ମୃତ୍ୟୁ ଘଟିବା ସହ ୪୦ରୁ ଅଧିକ ଆହତ ହୋଇଥିଲେ। ଏହାର ୩ ଦିନ ପରେ ଗୁରୁବାର ଅପରାହ୍ଣରେ ପ୍ରବଳ ପବନ ବହିବାରୁ ପୁଣେ ନିକଟ ପିମ୍ପ୍ରି-ଚିନ୍ଦ୍‌ୱାଡ଼୍‌ଠାରେ ଏକ ବିଲ୍ ବୋର୍ଡ ଭୁଶୁଡ଼ି ପଡ଼ିଛି। ସେଠାରେ ରହିଥିବା ଏକ ଅଟୋ, ଗୋଟିଏ କାର ଓ କେତେକ ଦୁଇଚକିଆ ଯାନ ଉପରେ ଉକ୍ତ ହୋର୍ଡିଂ ଖସିପଡ଼ିଥିଲା। ଗାଡ଼ିଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବାବେଳେ କେହି ମୃତାହତ ହୋଇନାହାନ୍ତି। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଖସିପଡ଼ିଥିବା ହୋର୍ଡିଂ ହଟାଇବାକୁ ଉଦ୍ୟମ କରୁଛନ୍ତି।

### ଚାରଧାମ ଯାତ୍ରା ବେଳେ ୧୧ ମୃତ

**ଡେରାଡୁନ୍, ୧୬।୫**

ଚାରଧାମ ଯାତ୍ରା ୧୦ ତାରିଖରୁ ଆରମ୍ଭ ହୋଇଥିବାବେଳେ ଇତିମଧ୍ୟରେ ୧୧ ଜଣଙ୍କ ମୃତ୍ୟୁ ଘଟିଲାଣି। ୧୦ ତାରିଖରୁ ଯମୁନୋତ୍ରୀ, ଗଙ୍ଗୋତ୍ରୀ ଓ କେଦାରନାଥ ଧାମକୁ ଯାତ୍ରୀ ଆଗମନ ଆରମ୍ଭ ହୋଇଥିଲା। ଗତବର୍ଷ ତୁଳନାରେ ଏଥର ଦୁଇଗୁଣ ଯାତ୍ରୀ ଆସିଥିବାବେଳେ ପ୍ରଥମ ୫ ଦିନରେ ୧୧ ଜଣଙ୍କ ଜୀବନ ଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଆସିଥିବା ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଉଛି। ସ୍ୱାସ୍ଥ୍ୟ ସମ୍ପର୍କିତ ଠିକ୍ ତଥ୍ୟ ଦେବା ପାଇଁ ଗଢ଼ୱାଲ କମିଶନର ବିନୟ ଶଙ୍କର ପାଣ୍ଡେ ଅନୁରୋଧ କରିଛନ୍ତି।

### ଜାତୀୟ ସ୍ତରରେ ଆମେ ଇଣ୍ଡିଆ ବ୍ଲକ୍‌ରେ ରହିଛୁ: ମମତା

**ତମ୍‌ଲୁକ, ୧୬।୫:** ଜାତୀୟ ସ୍ତରରେ ଭାଜପା ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍ ସହ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ରହିଛି ଓ ରହିବ ବୋଲି ଏହାର ଅଧକ୍ଷା ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର କହିଛନ୍ତି। ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଆସିଲେ ଟିଏମ୍‌ସି ଏହାକୁ ବାହାରୁ ସମର୍ଥନ ଯୋଗାଇଦେବ ବୋଲି ମମତା କହିବାର ଦିନକ ପରେ ଏଭଳି ମନ୍ତବ୍ୟ ଦେଇଛନ୍ତି। ତେବେ ପଶ୍ଚିମବଙ୍ଗରେ ତାଙ୍କ ଦଳ ସିପିଆଇ(ଏମ୍) ଏବଂ କଂଗ୍ରେସ ମେଣ୍ଟରେ ନ ଥିବା ମମତା ସ୍ପଷ୍ଟ କରିଦେଇଛନ୍ତି।

### ଆମେରିକା ରାଜନୀତିକୁ ଅଧିକ ଭାରତୀୟ ଆସନ୍ତୁ: କମଳା ହାରିସ୍

**ୱାଶିଂଟନ, ୧୬।୫**

ଆମେରିକା ଜନସଂଖ୍ୟା ଅନୁପାତକୁ ଦେଖିଲେ ଖୁବ୍ କମ୍ ସଂଖ୍ୟକ ଭାରତୀୟ-ଆମେରିକୀୟ ରାଜନୀତିରେ ସକ୍ରିୟ ଥିବା ଉପରାଷ୍ଟ୍ରପତି କମଳା ହାରିସ କହିଛନ୍ତି। ଦେଶରେ ଭାରତୀୟ ପ୍ରାର୍ଥୀଙ୍କୁ ଆର୍ଥିକ ସହାୟତା ଯୋଗାଉଥିବା ଡେମୋକ୍ରାଟିକ ପାର୍ଟି ସମର୍ଥିତ 'ଇଣ୍ଡିଆନ୍ ଆମେରିକାନ୍ ଇମ୍ପାକ୍ଟ' ସଂଗଠନର ବାର୍ଷିକ ସମ୍ମିଳନୀ 'ଡେସିସ୍‌ଡିସାଇଡ'ରେ ଯୋଗଦେଇ ଅଧିକ ସଂଖ୍ୟାରେ ଭାରତୀୟ-ଆମେରିକୀୟଙ୍କୁ ରାଜନୀତିରେ ଯୋଗଦେବାକୁ କମଳା ଅନୁରୋଧ କରିଛନ୍ତି। ଏବେ କଂଗ୍ରେସରେ ମାତ୍ର ୫ ଜଣ ଭାରତୀୟ-ଆମେରିକୀୟ ନିର୍ବାଚିତ ସଦସ୍ୟ ରହିଛନ୍ତି। ଚଳିତବର୍ଷ ଏହି ସଂଖ୍ୟା ବୃଦ୍ଧି ଘଟି ୧୦ରେ ପହଞ୍ଚିବ ବୋଲି 'ଇଣ୍ଡିଆନ୍ ଆମେରିକାନ୍ ଇମ୍ପାକ୍ଟ' ଆକଳନ କରିଛି। ରାଷ୍ଟ୍ରପତି ନିର୍ବାଚନରେ ଭାରତୀୟ-ଆମେରିକୀୟ ଭୋଟର ଦେଶର ଦ୍ୱିତୀୟ ସର୍ବାଧିକ ପ୍ରବାସୀ ସମ୍ପ୍ରଦାୟ ହୋଇଥିବା 'ଇଣ୍ଡିଆନ୍ ଆମେରିକାନ୍ ଇମ୍ପାକ୍ଟ' ଦାବି କରିଛି।

# ସ୍ୱାତୀଙ୍କୁ ଗୋଇଠା ମାରିଥିଲେ କେଜ୍‌ରିୱାଲଙ୍କ ସଚିବ



**ଥାନାରେ ଏତଲା**

**ନୂଆଦିଲ୍ଲୀ, ୧୬।୫**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବ୍ୟକ୍ତିଗତ ସଚବ ବୈଭବ କୁମାରଙ୍କ ବିରୋଧରେ ଆମ୍ ଆଦ୍‌ମୀ ପାର୍ଟି ଏମ୍‌ପି ସ୍ୱାତୀ ମାଲିୱାଲ ଗୁରୁବାର ଥାନାରେ ଏତଲା ଦାଏର କରିଛନ୍ତି। କେଜ୍‌ରିୱାଲଙ୍କ ବାସଭବନରେ ସୋମବାର ବୈଭବ ତାଙ୍କୁ ଚାପୁଡ଼ା, ଗୋଇଠା ଓ ପେଟକୁ ମୁଥ ମାରିବା ସହ ଲାଠିରେ ମାଡ଼ ମାରିଥିଲେ ବୋଲି ୩୯ ବର୍ଷୀୟା ସ୍ୱାତୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ସ୍ୱାତୀଙ୍କ ଉପରେ ଆକ୍ରମଣ ହୋଇଥିବା ଆମ୍ ଆଦ୍‌ମୀ ପାର୍ଟି ସ୍ୱୀକାର କରିଥିଲା। ତେବେ ପୋଲିସ୍‌ରେ ଆନୁଷ୍ଠାନିକ ଅଭିଯୋଗ ହୋଇ ନ ଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏସିପି ର୍‍ୟାଙ୍କ୍‌ର ଜଣେ ଅଫିସରଙ୍କ ନେତୃତ୍ୱରେ ପୋଲିସ ଟିମ୍ ସ୍ୱାତୀଙ୍କୁ ଘରକୁ ଯାଇ ତାଙ୍କ ବୟାନ ରେକର୍ଡ କରିଛି।

ଏଏପି ରାଜ୍ୟ ସଭା ସଦସ୍ୟ ସ୍ୱାତୀଙ୍କ ଅଭିଯୋଗ ଆଧାରରେ ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ) ଗୁରୁବାର କେଜ୍‌ରିୱାଲଙ୍କ ସଚିବଙ୍କୁ ସମନ ଜାରି କରିଛି। ଶୁକ୍ରବାର ପୂର୍ବାହ୍ଣ ୧୧ରେ ବୈଭବ ଏନ୍‌ସିଡବ୍ଲ୍ୟୁ ଶୁଣାଣିର ସମ୍ମୁଖୀନ ହେବେ। ଗଣମାଧ୍ୟମ ରିପୋର୍ଟ ଆଧାରରେ ଏନ୍‌ସିଡବ୍ଲ୍ୟୁ ଉକ୍ତ ମାମଲାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି।



ପ୍ରବଳ ଗ୍ରୀଷ୍ମରୁ ମୁକ୍ତି ପାଇଁ ଗୁଆହାଟୀର ଏକ ଚିଡ଼ିଆଖାନାରେ ଗୁରୁବାର ୨ଟି ବାଘ ଜଳାଶୟରେ ସନ୍ତରଣ କରୁଛନ୍ତି।

# ଦେଶରେ ଲାଗୁହେବ 'ଅନ୍ନ ଭାଗ୍ୟ' ଯୋଜନା

**କଂଗ୍ରେସର ଘୋଷଣା**

**ନୂଆଦିଲ୍ଲୀ, ୧୬।୫**

ଖାଦ୍ୟ ସୁରକ୍ଷା ନାଁରେ ଭାଜପା ମିଛ ପ୍ରଚାର ଚଳାଇଛି। କର୍ଣ୍ଣାଟକରେ କଂଗ୍ରେସ ସରକାର 'ଅନ୍ନ ଭାଗ୍ୟ' ଯୋଜନାରେ ଲୋକଙ୍କୁ ୧୦ କେଜି ଲେଖାଏ ଚାଉଳ ମାଗଣାରେ ଯୋଗାଇ ଦେଉଛନ୍ତି। ନିର୍ବାଚନ ଜିତି ଇଣ୍ଡିଆ ବ୍ଲକ୍ ସରକାର ଗଢ଼ିଲେ, ସାରା ଦେଶରେ ଏହି ଯୋଜନା ଲାଗୁ କରାଯାଇ ହିତାଧିକାରୀମାନଙ୍କୁ ଡବଲ ରାଶନ ଯୋଗାଇ ଦିଆଯିବ ବୋଲି କଂଗ୍ରେସ ଗୁରୁବାର ଘୋଷଣା କରିଛି। ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଦିନକ ପୂର୍ବରୁ କହିଥିଲେ, ଭାଜପା ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଯେତିକି ଖାଦ୍ୟଶସ୍ୟ ଯୋଗାଉଛନ୍ତି, ଇଣ୍ଡିଆ ମେଣ୍ଟ କ୍ଷମତାକୁ ଆସିଲେ ତା'ର ଦୁଇଗୁଣ ମିଳିବ। ପ୍ରଧାନମନ୍ତ୍ରୀ ଓ ଭାଜପା ଖାଦ୍ୟ ସୁରକ୍ଷା ସମ୍ପର୍କରେ ମିଛ ପ୍ରଚାର କରୁଛନ୍ତି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ମନମୋହନ ସିଂ ସରକାର ସମୟରେ ୨୦୧୩ ସେପ୍ଟେମ୍ବରରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଗୃହୀତ ହୋଇ ୨୦୧୧ ଜନଗଣନା ଆଧାରରେ ୮୦ କୋଟି ଲୋକଙ୍କୁ ଏହି ଯୋଜନାରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଥିଲା। ସେତେବେଳେ କେବଳ ଗୁଜରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏହାକୁ ବିରୋଧ କରିଥିଲେ। କୋଭିଡ୍ ବେଳେ ପ୍ରଧାନମନ୍ତ୍ରୀ ଏହାର ଗୁରୁତ୍ୱ ବୁଝି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାକୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଭାବେ ନାମିତ କରି ଏହାକୁ ମାଗଣା ରାଶନ ଯୋଜନା ଭାବେ ପ୍ରଚାର ଚଳାଇଲେ। ୨୦୨୧ ଜନଗଣନା କରାଯାଇ ନ ଥିବାରୁ ୧୪ କୋଟି ଭାରତୀୟ ଏହି ଯୋଜନାରୁ ବଞ୍ଚିତ ହୋଇଥିବା ଜୟରାମ କହିଛନ୍ତି।

# ଜବତ ଟଙ୍କା ଗରିବଙ୍କୁ ଦିଆଯିବ: ମୋଦି

**ନୂଆଦିଲ୍ଲୀ, ୧୬।୫**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦୁର୍ନୀତି ମାମଲାରେ ଜବତ କରିଥିବା ବିପୁଳ ପରିମାଣର ଅର୍ଥକୁ ଦେଶର ଗରିବ ଲୋକମାନଙ୍କୁ ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାର ଯୋଜନା କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଶୋଷଣର ଶିକାର ହୋଇଥିବା ଲୋକମାନଙ୍କୁ ଜବତ ଅର୍ଥ ଫେରାଇଦେବା ନେଇ ସେ ଆଇନ ବିଶେଷଜ୍ଞମାନଙ୍କ ସହ ପରାମର୍ଶ କରୁଛନ୍ତି। ଇଡି ମାମଲାରେ ୧.୨୫ ଲକ୍ଷ କୋଟି ଟଙ୍କା ଜବତ ହୋଇଛି। ଦୁର୍ନୀତିଗ୍ରସ୍ତ ଲୋକମାନେ ନିଜ କ୍ଷମତାର ଦୁରୁପଯୋଗ କରି ଗରିବ ଲୋକଙ୍କୁ ଲୁଟିଥିବା ସେ ଅନୁଭବ କରୁଛନ୍ତି। ସେଥିପାଇଁ ଜବତ ଅର୍ଥ ଗରିବଙ୍କ ପାଖକୁ ଫେରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିପାଇଁ ଆଇନରେ ସଂଶୋଧନ ଆଣିବାକୁ ପଡ଼ିଲେ ତାହା କରାଯିବ। ଜବତ ଅର୍ଥରେ କ'ଣ କରାଯିବ ସେ ନେଇ ପ୍ରଧାନମନ୍ତ୍ରୀ ନ୍ୟାୟପାଳିକାର ପରାମର୍ଶ ଲୋଡ଼ିଥିବା କହିଛନ୍ତି। ଭାରତୀୟ ଦଣ୍ଡ ସଂହିତା (ଆଇପିଏଲ୍) ସ୍ଥାନରେ ଅଣାଯାଇଥିବା ନ୍ୟାୟ ସଂହିତାରେ ଏଭଳି କେତେକ ବ୍ୟବସ୍ଥା ରହିଛି।

# ପ୍ରଧାନମନ୍ତ୍ରୀ ଆତ୍ମବିଶ୍ୱାସ ହରାଇଛନ୍ତି: ପାୱାର

**ନାଶିକ୍, ୧୬।୫(ପି.ଟି.)**

ଚଳିତ ଲୋକ ସଭା ନିର୍ବାଚନରେ ଜନସାଧାରଣ ପରିବର୍ତ୍ତନ ଚାହୁଁଥିବାରୁ ପ୍ରଧାନମନ୍ତ୍ରୀ ଆତ୍ମବିଶ୍ୱାସ ହରାଇ ସାରିଥିବା ଏନ୍‌ସିପି (ଏସ୍‌ପି) ଅଧ୍ୟକ୍ଷ ଶରଦ ପାୱାର ଗୁରୁବାର କହିଛନ୍ତି। ପାୱାର ଗଣମାଧ୍ୟମକୁ କହିଛନ୍ତି, ସେ ନିର୍ବାଚନ ପ୍ରଚାର ପାଇଁ ବିଭିନ୍ନ ସ୍ଥାନକୁ ଗସ୍ତ କଲେଣି। ରାଜନୈତିକ ପରିବର୍ତ୍ତନ ପାଇଁ ଲୋକେ ମନ ବଳାଇଥିବା ସେ ଜାଣିବାକୁ ପାଇଛନ୍ତି। ସେଥିପାଇଁ ମୋଦି ଆତ୍ମବିଶ୍ୱାସ ହରାଇଥିବାବେଳେ ମହାରାଷ୍ଟ୍ରରେ ମହାବିକାଶ ଅଘାଡ଼ି ସପକ୍ଷରେ ହାୱା ବହୁଥିବା ସେ କହିଛନ୍ତି।



ଶରଦ ପାୱାର

# ଭୁଲିଗଲେ ମା'ବାପା: ବନ୍ଦ କାର୍‌ରେ ଶିଶୁକନ୍ୟା ମୃତ

**କୋଟା, ୧୬।୫:** ରାଜସ୍ଥାନର କୋଟାରେ ଗୁରୁବାର ଏକ ବନ୍ଦ କାର୍‌ରେ ଜଣେ ୩ ବର୍ଷୀୟା ଝିଅର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଛି। ସ୍ଥାନୀୟ ବାସିନ୍ଦା ପ୍ରଦୀପ ନାଗର ୨ ଝିଅ ଓ ସ୍ତ୍ରୀଙ୍କ ସହ ଏକ ବିବାହ ଉତ୍ସବକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ପ୍ରଥମେ ପ୍ରଦୀପଙ୍କ ବଡ଼ଝିଅ ଓ ସ୍ତ୍ରୀ କାର୍‌ରୁ ବାହାରି ଯାଇଥିଲେ। ପ୍ରଦୀପ କାର୍ ପାର୍କ କରି ସାନଝିଅ ଗୋର୍ବିକା(୩)କୁ କାର୍ ମଧ୍ୟରେ ଲକ୍ କରି ବିବାହ ଉତ୍ସବରେ ସାମିଲ ହୋଇଥିଲେ। ପ୍ରାୟ ୨ ଘଣ୍ଟା ପରେ ସାନଝିଅ ସାଥିରେ ନ ଥିବା ଜାଣିପାରି ସେମାନେ ଖୋଜାଖୋଜି କରିଥିଲେ। ଝିଅକୁ ନ ପାଇବାରୁ କାର୍ ନିକଟକୁ ଯାଇ ବେହୋସ ଅବସ୍ଥାରେ ଉଦ୍ଧାର କରି ମେଡିକାଲକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ତ୍ରୀଙ୍କ ସହ ୨ ଝିଅ ଚାଲିଯାଇଥିବା ଭାବି ସେ କାର୍ ଲକ୍ କରିଥିଲେ ବୋଲି ପ୍ରଦୀପ କହିଛନ୍ତି।

**ଫୁର୍‌ସତ**

# ଘୁଞ୍ଚିଲା 'ଏମର୍ଜେନ୍ସି' ରିଲିଜ୍



**ମୁମ୍ବାଇ:** ଚଳିତ ଲୋକ ସଭା ନିର୍ବାଚନରେ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ ହିମାଚଳ ପ୍ରଦେଶର ମଣ୍ଡି ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆସନ୍ତା ମାସ ୧ରେ ମଣ୍ଡି ଆସନରେ ମତଦାନ ହେବାକୁ ଥିବାବେଳେ ଏହାରି ମଧ୍ୟରେ କଙ୍ଗନାଙ୍କର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଏମରଜେନ୍ସି'କୁ ସ୍ଥଗିତ ରଖାଯାଇଛି। କଙ୍ଗନାଙ୍କ ପ୍ରଡକ୍ସନ କମ୍ପାନୀ ମଣିକର୍ଣ୍ଣିକା ଫିଲ୍ମସ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଲୋକ ସଭା ନିର୍ବାଚନ ଚାଲିଥିବାରୁ ସମ୍ପ୍ରତି କଙ୍ଗନା ନିଜ ରାଜନୈତିକ ପ୍ରତିବଦ୍ଧତାକୁ ପ୍ରାଥମିକତା ଦେଉଛନ୍ତି। ତେଣୁ ଏହି ଫିଲ୍ମର ରିଲିଜ ଡେଟ୍‌କୁ ବଢାଇ ଦିଆଯାଇଥିବା କଙ୍ଗନାଙ୍କ ପ୍ରଡକ୍ସନ ହାଉସ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ପ୍ରାରମ୍ଭରେ ସୋସିଆଲ ମିଡିଆ ମାଧ୍ୟମରେ କଙ୍ଗନା 'ଏମରଜେନ୍ସି' ରିଲିଜ୍ ତାରିଖ ଘୋଷଣା କରିଥିଲେ। ଏହି ଫିଲ୍ମ ଜୁନ୍ ୧୪ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି କଙ୍ଗନା ଫିଲ୍ମର ଏକ ପୋଷ୍ଟର ଶେୟାର କରି ସୂଚନା ଦେଇଥିଲେ। ତେବେ ବର୍ତ୍ତମାନ ପ୍ରଶଂସକଙ୍କୁ ଫିଲ୍ମର ରିଲିଜ୍ ପାଇଁ ଆଉ କିଛି ସମୟ ଅପେକ୍ଷା କରିବାକୁ ପଡିବ ବୋଲି ଜଣାପଡ଼ିଛି। କଙ୍ଗନାଙ୍କ ପ୍ରଡକ୍ସନ୍ ହାଉସ୍ ପକ୍ଷରୁ ସୋସିଆଲ ମିଡିଆରେ ଏକ ପୋଷ୍ଟ ଜାରି କରାଯାଇ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଖୁବ୍‌ଶୀଘ୍ର ଫିଲ୍ମ ରିଲିଜ୍‌ର ନୂତନ ତାରିଖ ଜାରି ହେବ ଏବଂ ଏ ସମ୍ପର୍କିତ ସୂଚନା ଦିଆଯିବ ବୋଲି ପ୍ରଡକ୍ସନ ହାଉସ ପକ୍ଷରୁ କୁହାଯାଇଛି। ତେବେ 'ଏମରଜେନ୍ସି' ଫିଲ୍ମର ରିଲିଜ୍ ତାରିଖ ପ୍ରଥମ ଥର ପାଇଁ ସ୍ଥଗିତ ରଖାଯାଇ ନାହିଁ।

# ରକ୍ତଚାପକୁ ନିୟନ୍ତ୍ରଣରେ ରଖନ୍ତୁ, ଦୀର୍ଘଜୀବୀ ହୁଅନ୍ତୁ

**ଆଜି ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ**

ପ୍ରତିବର୍ଷ ମେ' ୧୭ରେ ପାଳିତ ହୋଇଥାଏ 'ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ' ବା 'ୱାର୍ଲ୍ଡ ହାଇପରଟେନ୍‌ସନ ଡେ'। ଜଣେ ସୁସ୍ଥ ମନୁଷ୍ୟ ଶରୀରରେ ରକ୍ତଚାପ ବା ବ୍ଲଡ୍‌ପ୍ରେସର ୧୨୦/୮୦ ରହିବା ନିହାତି ଦରକାର। ଏହାଠାରୁ ବେଶି ରହିଲେ ଅସୁବିଧା ହୋଇଥାଏ। ଚଳିତ ବର୍ଷ ଏହି ଦିବସ ଅବସରରେ ପ୍ରସଙ୍ଗ ରହିଛି-''ନିର୍ଭୁଲ୍ ଭାବରେ ନିଜର ରକ୍ତଚାପ ମାପନ୍ତୁ, ଏହାକୁ ନିୟନ୍ତ୍ରଣରେ ରଖନ୍ତୁ ଏବଂ ଦୀର୍ଘଜୀବୀ ହୁଅନ୍ତୁ।'' ଉଚ୍ଚ ରକ୍ତଚାପ ବିଷୟରେ ଡା. ନିତ୍ୟାନନ୍ଦ ସ୍ୱାଇଁ କୁହନ୍ତି, ''ଏକ ସର୍ଭେରୁ ଜଣାପଡ଼ିଛି ଯେ ଆମ ଦେଶରେ ହିଁ ରହିଛନ୍ତି ପୃଥିବୀର ସର୍ବାଧିକ ଉଚ୍ଚ ରକ୍ତଚାପ ରୋଗୀ। ସମ୍ପ୍ରତି ପୃଥିବୀରେ ଏଭଳି ରୋଗୀଙ୍କ ସଂଖ୍ୟା ପ୍ରାୟ ୧୦୦ କୋଟିରୁ ବେଶି। ସେମାନଙ୍କ ମଧ୍ୟରୁ ପ୍ରାୟ ୨୨ କୋଟି କେବଳ ରହିଛନ୍ତି ଭାରତରେ। କିନ୍ତୁ ସେହି ରୋଗୀଙ୍କ ମଧ୍ୟରେ ମାତ୍ର ୧୨ ଶତାଂଶଙ୍କ ରକ୍ତଚାପ ନିୟନ୍ତ୍ରଣରେ ରହିଛି। ରକ୍ତଚାପ ବଢ଼ିଗଲେ କୌଣସି ଲକ୍ଷଣ ପ୍ରକାଶ ନ ପାଇବା ଅତି ସାଧାରଣ। ତେଣୁ ଏହି ରୋଗକୁ 'ନୀରବ ଘାତକ' ବା 'ସାଇଲେଣ୍ଟ କିଲର' ବୋଲି ମଧ୍ୟ କୁହାଯାଏ। ଏବେ ଯୁବଗୋଷ୍ଠୀ ମଧ୍ୟରେ ରକ୍ତଚାପ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ପ୍ରତ୍ୟେକ ବ୍ୟକ୍ତି ମଝିରେ ମଝିରେ ନିଜର ରକ୍ତଚାପ ମପେଇ ନେବା ଦରକାର। ଉଚ୍ଚ ରକ୍ତଚାପ ରୋଗୀ ନିୟମିତ ଚିକିତ୍ସାରେ ରହି ରକ୍ତଚାପକୁ ନିୟନ୍ତ୍ରଣରେ ନ ରଖିଲେ ହୃତ୍‌ପିଣ୍ଡ ବା ହାର୍ଟ, ମସ୍ତିଷ୍କ, କିଡ୍‌ନୀ ଏବଂ ଚକ୍ଷୁ ଆଦି କ୍ଷତିହେବାର ଆଶଙ୍କା ବଢ଼ିଯାଏ। ସୁତରାଂ ଉଚ୍ଚ ରକ୍ତଚାପ ରୋଗୀମାନେ ନିୟମିତ ଭାବେ ଚିକିତ୍ସାଧୀନ ରହିବା ଅପରିହାର୍ଯ୍ୟ। ତା'ସହ ଅନୁକୂଳ ଜୀବନଶୈଳୀର ଆବଶ୍ୟକତା ରହିଛି। ବେଶି ପରିମାଣରେ ତଟକା ଫଳ ଏବଂ ସବୁଜ ପନିପରିବା ଖାଆନ୍ତୁ। ଲୁଣ କିମ୍ବା ଲୁଣିଆଖାଦ୍ୟ ଖାଇବା ପରିମାଣ କମେଇଦିଅନ୍ତୁ। ଘିଅ, ବନସ୍ପତି, ଲହୁଣି, କ୍ଷୀରସର ଏବଂ ମାଂସର ଚର୍ବି କମ୍ ଖାଇବା ଭଲ। ପ୍ରତ୍ୟହ ୩୦-୪୦ ମିନିଟ୍ ବ୍ୟାୟାମ କରନ୍ତୁ। ସକାଳୁ ଚାଲିବା ମଧ୍ୟ ଏକ ଭଲ ବ୍ୟାୟାମ। ଶରୀରର ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖନ୍ତୁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଯୋଗ, ପ୍ରାଣାୟାମ କରନ୍ତୁ। କ୍ରୋଧକୁ କାବୁରେ ରଖନ୍ତୁ, ଆବେଗକୁ ନିୟନ୍ତ୍ରଣ କରନ୍ତୁ ଏବଂ ମନକୁ ରଖନ୍ତୁ ଶାନ୍ତ।''



ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୧୭/୨୦୨୪ | Bhubaneswar, Friday, May 17/2024


# ଓଡ଼ିଶାର ସମୃଦ୍ଧି ପାଇଁ ଭୋଟ ମାଗିଲେ ନଡ୍ଡା



ସୁନ୍ଦରଗଡ଼ ଜିଲା ଶଙ୍କରା ପଡିଆଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଭାଜପା ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା ଏବଂ ଦଳୀୟ ପ୍ରାର୍ଥୀ।

**ପଦ୍ମପୁର/ସୁନ୍ଦରଗଡ଼,୧୬।୫ (ପ୍ରଦୀପ୍ତ ଦାଶଜୟ ନାରାୟଣ ମେଣ୍ଡୁଲି)**

ଓଡ଼ିଶା ସମୃଦ୍ଧ ହେଲେ ଭାରତ ସଶକ୍ତ ହେବ। ଏଥିପାଇଁ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆବଶ୍ୟକ ବୋଲି ଗୁରୁବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି।

ବରଗଡ଼ ଜିଲା ପଦ୍ମପୁରରେ ବିଶାଳ ଜନସଭାରେ ଯୋଗଦେଇ ନଡ୍ଡା କହିଛନ୍ତି, ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଦେଶରେ ରାଜନୀତିର ପରିଭାଷା ବଦଳିଛି। ୧୦ ବର୍ଷ ପୂର୍ବେ ଜାତି, ଧର୍ମକୁ ନେଇ କିଛି ଦଳ ରାଜନୀତି କରୁଥିଲେ। କେତେଜଣ ନେତା ତୁଷ୍ଟୀକରଣ ରାଜନୀତିରେ ମାତିଥିଲେ। ଭୋଟବ୍ୟାଙ୍କ ରାଜନୀତି କରୁଥିଲେ। କିନ୍ତୁ ମୋଦି ନେତୃତ୍ୱରେ ଉତ୍ତରଦାୟୀ ରାଜନୀତି ଆରମ୍ଭ ହୋଇଛି। ଏବେ ବିକଶିତ ଭାରତ ଚାହୁଁଛନ୍ତି ଦେଶବାସୀ। ମୋଦି ସରକାର କୋଟି କୋଟି ଗରିବଙ୍କୁ ପ୍ରତି ମାସ ୫ କିଲୋ ଲେଖାଏଁ ଚାଉଳ ପ୍ରଦାନ କରୁଛନ୍ତି। ଯେଉଁଥିପାଇଁ ୨୫ କୋଟି ଲୋକ ଗରିବି ସୀମାରେଖାରୁ ବାହାରକୁ ଆସିଛନ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବାକୁ ମୋଦି ସରକାର ଲକ୍ଷ୍ୟ ରଖିଛନ୍ତି। ଆଗାମୀ ୫ ବର୍ଷରେ ବିଜୁଳି ବିଲ ମଧ୍ୟ ଶୂନ କରାଯିବ। ପ୍ରଧାନମନ୍ତ୍ରୀଙ୍କ ସୂର୍ଯ୍ୟଘର ଯୋଜନାରେ ଏହି ଲାଭ ପାଇବେ ଲୋକେ। ମୁଁ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ବେଳେ ଆୟୁଷ୍ମାନ ଯୋଜନା ଆରମ୍ଭ ହୋଇଥିଲା, ଯେଉଁଥିରେ ଗରିବ ଲୋକଙ୍କୁ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ମିଳୁଥିଲା। କିନ୍ତୁ ଏହା ନବୀନ ବାବୁଙ୍କୁ ପସନ୍ଦ ଆସିଲାନି। ଆୟୁଷ୍ମାନ ବଦଳରେ ବିଏସ୍‌କେୱାଇ ଲାଗୁ କଲେ। ଆୟୁଷ୍ମାନ ଲାଗୁ ନ କରିବା କାରଣରୁ ୬୮ ଲକ୍ଷ ଲୋକ ମାଗଣା ଚିକିତ୍ସା ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବିଏସ୍‌କେୱାଇ ବାହାରେ କାମ କରିବନି କିନ୍ତୁ ବାହାର ରାଜ୍ୟରେ ଆୟୁଷ୍ମାନ ଭାରତ କାର୍ଡ କାମ ☞ ପୃଷ୍ଠା-୭

# ଭାଜପା ୨୦୦ ଆସନ ପାଇବ ନାହିଁ: ଖାର୍ଗେ



ଖବରଦାତା ସମ୍ମିଳନୀରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ପିସିସିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ।

**ଭୁବନେଶ୍ୱର,୧୬।୫(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପା ନେତାମାନେ ଚଳିତ ନିର୍ବାଚନରେ ୪୦୦ରୁ ଅଧିକ ଆସନ ନେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ହେଲେ ୪୦୦ ଆସନ ଏମାନେ କେଉଁଠାରୁ ନେଉଛନ୍ତି। ତାମିଲନାଡୁ, କେରଳ, କର୍ନାଟକ, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ ଏବଂ ତେଲଙ୍ଗାନାରେ ଏମାନେ ନାହାନ୍ତି। ତେବେ ଏମାନେ ୪୦୦ ଆସନ କେଉଁଠୁ ନେବେ। କର୍ନାଟକ ଏବଂ ମହାରାଷ୍ଟ୍ରରେ ଏମାନେ ୫୦-୫୦ରେ ଅଛନ୍ତି। ଆନ୍ଧ୍ରରେ ଜଗନ୍ ଅଛନ୍ତି, ଏମାନଙ୍କର କେହି ନାହାନ୍ତି। ତେଲଙ୍ଗାନାରେ ବି ସ୍ଥିତି ଏମାନଙ୍କର ନାହିଁ। ଓଡ଼ିଶାରେ ଆଗରୁ ବିଜେଡି ଅଧିକ ଆସନ ନେଉଥିଲା। ହେଲେ ଓଡ଼ିଶାବାସୀ ବିଜେଡି-ଭାଜପାର ସମ୍ପର୍କ ବିଷୟରେ ଜାଣିସାରିବା ପରେ ଏଠାରେ କଂଗ୍ରେସ ଉପରକୁ ଯାଉଛି। ଏଥର ଭାଜପା ୨୦୦ରୁ ଅଧିକ ଆସନ ଜିତିପାରିବ ନାହିଁ କି ଦେଶରେ ସରକାର କରିପାରିବ ନାହିଁ ବୋଲି ଗୁରୁବାର ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି।

ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା ଅବସରରେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଖାର୍ଗେ କହିଛନ୍ତି, ସେମିତି ୨୪ ବର୍ଷ ହେଲା ନବୀନ ପଟ୍ଟନାୟକ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ସେଥିରୁ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଏମାନେ ଭାଜପା ସହ ମେଣ୍ଟରେ ରହିଲେ ଏବଂ ଗତ ୧୦ ବର୍ଷ ହେଲା ବିଜେଡି ସମ୍ପୂର୍ଣ୍ଣ ମୋଦିଙ୍କ ସହ ଅଛନ୍ତି। ପ୍ରଥମେ ତ ଓଡ଼ିଶାର ଭଲ ପାଇଁ ନବୀନ ମୋଦିଙ୍କ ସହ ଅଛନ୍ତି ବୋଲି ଭାବୁଥିଲୁ। ହେଲେ ସେମାନେ ଏକାଠି ନିର୍ବାଚନ ଲଢ଼ିଲେନି, ଏବେ ପରସ୍ପର ସହ ଯେମିତି ଝଗଡ଼ା କରୁଛନ୍ତି, ସେଥିରୁ ଜଣାପଡୁଛି ଓଡ଼ିଶାର ଏମାନେ କେତେ ☞ ପୃଷ୍ଠା-୭








ମ୍ୟାଜିକ୍ ଅଫ୍ ମ୍ୟାଗ୍ନେଟିଜମ୍ ଜାଣିବା ପାଇଁ ସ୍କାନ୍ କରନ୍ତୁ

INDIA'S FIRST 5 YEAR WARRANTY* *Conditions apply

CALL TOLL-FREE 1800 266 0018

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Based on offers from empaneled dealers on Wheels of Trust platform.*Special Ex-showroom price of Glamour Drum in Bhubaneswar. It is inclusive of cash discount and is applicable for a limited period only. T&C Apply.

Exchange Powered By Wheels of Trust^^ ସର୍ବୋତ୍ତମ ରିସେଲ୍ ମୂଲ୍ୟ ପାଇଁ ସ୍କାନ୍ କରନ୍ତୁ

Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736. Authorized HeroSure Dealers: Bhubaneshwar: Arundhati Motobikes, Ph- 7682841658, Rourkela: Dua Motors ,Ph- 6372753989.

WT.5684.2024ORI

**ଆଜିର ମନ୍ତବ୍ୟ**

ମମତା ବାନାର୍ଜୀ ଜଣେ ସୁବିଧାବାଦୀ ନେତ୍ରୀ। ଜାତୀୟ ରାଜନୀତିରେ ନିଜ ପ୍ରାସଙ୍ଗିକତାକୁ ବଜାୟ ରଖିବାକୁ ସେ ଇଣ୍ଡିଆ ବ୍ଲକ୍‌କୁ ସମର୍ଥନ କରିଛନ୍ତି।
–ଅଧୀର ରଞ୍ଜନ ଚୌଧୁରୀ, ପଶ୍ଚିମବଙ୍ଗ କଂଗ୍ରେସ ସଭାପତି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- କଳିଙ୍ଗ କଳାକେନ୍ଦ୍ର ପକ୍ଷରୁ କଳିଙ୍ଗ କଳାରତ୍ନ ପୁରସ୍କାର, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ଉତ୍ତର ବିଧାନସଭା କ୍ଷେତ୍ରର ଭାଜପା ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ୨୧ ନଂ. ୱାର୍ଡ ଅଧୀନ ସାଲିଆ ସାହି ଆଦିବାସୀ ଗ୍ରାମର ଫୁଟବଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ, ସ୍ଥାନ: ବକୁଳ ଲାଇବ୍ରେରୀ, ୧୬, ସତ୍ୟନଗର, ସମୟ: ଅପରାହ୍ନ ୫ଟା।
- ନୃତ୍ୟମ୍ୱଦାର ୩୭ତମ ବାର୍ଷିକ ନୃତ୍ୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଲଳିତ କଳା ଏକାଡେମୀ ରିଜିଓନାଲ ସେଣ୍ଟର ପକ୍ଷରୁ ଲେକ୍ଚର ସିରିଜ୍ ପ୍ରୋଗ୍ରାମ 'କଳା ଧାରା, ସ୍ଥାନ: ରିଜିଓନାଲ ସେଣ୍ଟର ପରିସର, ଖାରବେଳନଗର, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଓଡ଼ିଶା ହାଇକୋର୍ଟ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଅମଳା କ୍ଲବ ନିକଟ ମୁସଲିମପଡ଼ା, ପୁରୀ, ସମୟ: ସକାଳ ୮ଟା।
- ଭାଜପା ପକ୍ଷରୁ ଷ୍ଟାର ପ୍ରଚାରକ ଭାବେ ବଲିଉଡ୍ ଅଭିନେତ୍ରୀ ହେମାମାଳିନୀଙ୍କ ରୋଡ୍ ଶୋ, ସ୍ଥାନ: ପିପିଲି ଟୋଲ ଗେଟ୍, ସମୟ: ଅପରାହ୍ନ ୪ଟା।
- ଭାଜପାର ବୈଠକ, ସ୍ଥାନ: ରାଣୀସତୀ ଭବନ, ପୁରୀ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା

- ବାର୍ଷିକୋତ୍ସବ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶନିଶ୍ଚର ଦେବଙ୍କ ପୀଠ, କୋଦୁଅବେରେଣୀ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୯ଟା।
- ମଦନମୋହନ ନାଟ୍ୟକଳା ସଂସଦ ପକ୍ଷରୁ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ:ପାତ୍ରପଡ଼ା, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମଲୀଳା ନାଟକ ଉତ୍ସବ, ସ୍ଥାନ: ରାମଲୀଳା ସ୍ଥଳୀ, ଛତ୍ରପଡ଼ା (ବେଗୁନିଆ), ସମୟ: ରାତି ୮ଟା।

## ବାଲେଶ୍ୱର

- ପ୍ରାଣୀ ସମ୍ପଦ ଓ ପକ୍ଷୀମାନଙ୍କ ପାଇଁ ଜଳକୁଣ୍ଡ ବ୍ୟବସ୍ଥା, ସ୍ଥାନ: ଜେଲ୍ ରୋଡ୍, ପାଣି ଟାଙ୍କି, ବାଲେଶ୍ୱର, ସମୟ: ସକାଳ ୭ଟା।
- ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବାରାପାଳ ଶୀତଳା ମଣ୍ଡପ, ରୂପସା, ସମୟ: ସକାଳ ୭ଟା।
- ଆଞ୍ଚଳିକ ବ୍ରାହ୍ମଣ ସମିତିର ତ୍ରୟୋଦଶତମ ଭ୍ରାମ୍ୟମାଣ ବ୍ରହ୍ମଯଜ୍ଞ, ସ୍ଥାନ: ଭୋଗୁପୁର, ଖଇରା, ସମୟ: ସକାଳ ୯ଟା।

## ଭଦ୍ରକ

- ବିଜେଡିର ବାଇକ୍ ଶୋଭାଯାତ୍ରା, ସ୍ଥାନ: ଗୋବିନ୍ଦପୁର, ତିହିଡ଼ି, ସମୟ: ସକାଳ ୯ଟା।
- କଂଗ୍ରେସର ମହିଳା ସମାବେଶ, ସ୍ଥାନ: ଚନ୍ଦ୍ରଭାନୁପୁର ପଡ଼ିଆ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର, ସ୍ଥାନ: ଧାମନଗର ଏନ୍‌ଏସି, ସମୟ: ଅପରାହ୍ନ ୫ଟା।
- କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ଧାମନଗର ଏନ୍‌ଏସି, ସମୟ: ସନ୍ଧ୍ୟା ୭ଟା।
- ପଞ୍ଚାୟତ ନାଟ୍ୟ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଷୋଳମପୁର, ଭଣ୍ଡାରିପୋଖରୀ, ସମୟ: ରାତି ୧୦ଟା।

## କେନ୍ଦୁଝର

- ୩୫ ନଂ. ଜୋନରେ କଂଗ୍ରେସର ନିର୍ବାଚନୀ ପ୍ରଚାର, ସ୍ଥାନ: ହାଟଡିହୀ, ସମୟ: ସକାଳ ୮ ଟା।
- ୨ ନଂ. ଜୋନରେ ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ଆନନ୍ଦପୁର, ସମୟ: ସକାଳ ୯ ଟା।
- ଭାଜପାର ଗୃହ ସମ୍ପର୍କ ଅଭିଯାନ, ସ୍ଥାନ: ହାଟଡିହୀ, ସମୟ: ସକାଳ ୯ ଟା।
- ବିଜେଡିର ଘରକୁ ଘର ବୁଲି ନିର୍ବାଚନ ପ୍ରଚାର, ସ୍ଥାନ: ମ୍ୟୁନିସିପାଲିଟି, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ଭାଜପାର ନିର୍ବାଚନୀ ଶୋଭାଯାତ୍ରା, ସ୍ଥାନ: ବଲାଣି, କେନ୍ଦୁଝର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଶୁଳିଆପଦା, ସମୟ: ସକାଳ ୯ଟା।
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ଜୋନ୍‌ସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ଚଢେଇଗାଁ ପଞ୍ଚାୟତ ପଡ଼ିଆ, ମୋରଡ଼ା, ସମୟ: ଅପରାହ୍ନ ୪ଟା।
- ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଉଫାଲଗଡିଆ ଗ୍ରାମ ପଡ଼ିଆ, ମୋରଡ଼ା, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- ମା ଫୁଲକେଶିନୀ ଠାକୁରାଣୀଙ୍କ ତ୍ରୟବାର୍ଷିକ ଯାତ୍ରା ଲାଗି ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଲାଲାଗୋର୍ଜିଛକ, ଆସିକା, ସମୟ:ସକାଳ ୮ଟା।
- ବିଜେଡିର ପଦଯାତ୍ରା, ସ୍ଥାନ: ଭଞ୍ଜନଗର ଏନ୍‌ଏସି, ସମୟ: ସକାଳ ୯ଟା।
- ବାଲିଛାଇ ଓ ଦେବଭୂମି ପଞ୍ଚାୟତରେ ବିଜେଡିର ଭୋଟ ଭିକ୍ଷା ଅଭିଯାନ, ସମୟ: ପୂର୍ବାହ୍ନ୧୦ଟା ୩୦।
- ଶ୍ରୀ ଅରବିନ୍ଦ ପାଠଚକ୍ର, ସ୍ଥାନ: ଭଞ୍ଜନଗର ବ୍ଲକ ଲଣ୍ଡେଇ ସାହି, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଆଇନ ସଚେତନତା ଶିବିର, ସ୍ଥାନ: ୱାର୍ଡ ନମ୍ବର–୧, ରାମଚନ୍ଦ୍ରପୁର, ରାୟଗଡା, ସମୟ: ସକାଳ ୯ଟା।

## କୋରାପୁଟ

- ସାଧାରଣ ନିର୍ବାଚନ ଭୋଟ ଗଣତି ନେଇ ଅଧିକାରୀଙ୍କୁ ତାଲିମ, ସ୍ଥାନ: କୋରାପୁଟ ଡିଆର୍‌ଡିଏ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମନ୍ଦିରରେ ଅଷ୍ଟମ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ଦାମନଯୋଡ଼ିସ୍ଥିତ ନାଲ୍‌କୋ ବିସ୍ଥାପିତ କଣ୍ଟାଗୁଡ଼ା କଲୋନୀ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ :ପୂର୍ବାହ୍ନ ୧୧ଟା୧୫।
- ଜନସଭା କାର୍ଯ୍ୟକ୍ରମ, ସ୍ଥାନ: ନାକଟୀଦେଉଳ କଲେଜ ପଡିଆ, ସମୟ : ମଧ୍ୟାହ୍ନ ୧୨ଟା ୫।
- କଂଗ୍ରେସ ସମ୍ବଲପୁର ବିଧାନସଭା ପ୍ରାର୍ଥୀଙ୍କ ବୈଠକ, ସ୍ଥାନ : ବୁଢ଼ାରଜା ଗ୍ରାଣ୍ଡ ଶିବା ସଭାକକ୍ଷ, ସମୟ : ଅପରାହ୍ନ ୧ଟା।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ବୁଢ଼ୀପଦରରେ ଭାଜପାର ନିର୍ବାଚନୀ ସଭା, ସ୍ଥାନ: ବୁଢ଼ୀପଦର ହାଇସ୍କୁଲ ଖେଳପଡିଆ, ଲୋଇସିଂହା ବ୍ଲକ,ସମୟ: ପୂର୍ବାହ୍ନ ୧୧ଟା ।

## ସୁବର୍ଣ୍ଣପୁର

- ଭାଜପାର ସଙ୍କଳ୍ପପତ୍ର ଓ ବିଜେଡି ସରକାର ବିରୋଧରେ ଡ୍ରାଫ୍ଟଚାର୍ଜ ଉନ୍ମୋଚନ, ସ୍ଥାନ: ସୋନପୁର ସହର ମଝିପଡା ସ୍ଥିତ ଭାଜପା କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୪୫।
- ଡୁଙ୍ଗୁରିପାଲି ବ୍ଲକର ଚେରୁପାଲିରେ ବିଜେଡିର ପଦଯାତ୍ରା, ସ୍ଥାନ: ଚେରୁପାଲି ଗ୍ରାମପଞ୍ଚାୟତ ପଡିଆ, ସମୟ: ସକାଳ ୯ଟା।
- ସୁବର୍ଣ୍ଣପୁର ସହରରେ ବିଜେଡିର ମହିଳା ପଦଯାତ୍ରା, ସ୍ଥାନ: ଗୁଣ୍ଡିଚା ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୫ଟା୩୦।

## ରାଉରକେଲା

- ଭାଜପାର ନିର୍ବାଚନୀ ଜନ ସମାବେଶ,ସ୍ଥାନ:ରାଉରକେଲା ଏରୋଡ୍ରୋମ ପଡିଆ,ସମୟ:ଅପରାହ୍ନ ୨ଟା ୩୦।
- କଳ୍ପତରୁ ଆଶ୍ରମରେ ଭାଗବତ ପରାୟଣ ଉଦ୍‌ଯାପନ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୭ଟା୩୦।

## ବରଗଡ଼

- ନବଦିନାତ୍ମକ ରାମାୟଣ ପାରାୟଣ, ସ୍ଥାନ: ସରଣ୍ଡା ଶିବ ମନ୍ଦିର ପ୍ରାଙ୍ଗଣ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଶ୍ରୀଶ୍ରୀ ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଯଜ୍ଞକର୍ମ ଓ ହୋମ, ସ୍ଥାନ: ବିଶ୍ୱନାଥପୁର ତ୍ରିନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ ଟା।
- ଚବିଶ ପହର ଅଖଣ୍ଡ ନାମଯଜ୍ଞ ଦ୍ୱିତୀୟ ଦିନ ପୂଜା, ସ୍ଥାନ: କୋମନା ବ୍ଲକ ଟିକ୍ରାପଡା ପଞ୍ଚାୟତ ଜେଠୁପାଲି ଗାଁ, ସମୟ: ସକାଳ ୬ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ଖଡିଆଳ ବ୍ଲକ ବରଗାଁ ପଞ୍ଚାୟତ ବେନ୍ଦ୍ରାବାହାଲ ଗାଁ ଏବଂ କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ, ସମୟ: ସକାଳ ୯ ଟା।
- ଷୋହଳ ପ୍ରହର ନାମଯଜ୍ଞ ଦ୍ୱିତୀୟ ଦିନ, ସ୍ଥାନ: କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ଘୋଟସର ଗାଁ ଓ ନୂଆପଡା ରାଜବେଡାପଡା, ସମୟ: ସକାଳ ୯ଟା।

## ବୌଦ୍ଧ

- ବାଉଁଶୁଣୀ ପଞ୍ଚାୟତର ଟିକରାପଡାଠାରେ କୃଷ୍ଣଲୀଳାର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ଟିକରାପଡା, ସମୟ: ରାତି ୯ଟା।

## ଦେବଗଡ଼

- ଭାଜପା ଘରକୁ ଘର କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ନିର୍ବାଚନୀ ପ୍ରଚାର ଓ କର୍ମୀ ସମ୍ମିଳନୀ, ସ୍ଥାନ: ବାରକୋଟ ବ୍ଲକ ଶିଙ୍ଗଶାଳ, ବଲଣ୍ଡା, ଦଣ୍ଡାସିଙ୍ଗା, ବିଜୟନଗର, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡିର ନିର୍ବାଚନୀ ପ୍ରଚାର ଓ କର୍ମୀ ସମ୍ମିଳନୀ, ସ୍ଥାନ: ବାରକୋଟ ବ୍ଲକ ରାଇତାବାହାଲ, ମୈଧପୁର, କଳା ସଇଡ଼ା, କାଲିଆପାଲ, ସମୟ: ଅପରାହ୍ନ ୫ଟା ୩୦।
- କଳା ଚନ୍ଦନି ଯାତ୍ରା ଅନ୍ତିମ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ କଳା ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ବିଜେଡିର ପ୍ରଚାର, ସ୍ଥାନ: ସଦର ବ୍ଲକସ୍ଥିତ ବଡ଼ମାଳ ପଞ୍ଚାୟତ, ମରାକୁଟା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା
- ଭାଜପାର ବାଇକ୍ ରାଲି, ସ୍ଥାନ: ଝାରସୁଗୁଡା ସହରସ୍ଥିତ ବିଟିଏମରୁ ସରବାହାଲ, ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ

- ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା, ସ୍ଥାନ: ସୁନ୍ଦରିଖାଲ ପଡିଆ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ

- ପ୍ରଧାନମନ୍ତ୍ରୀଙ୍କ ଗ୍ରସ୍ତ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନାଲକୋ, ସମୟ: ସକାଳ ୯ ଟା।
- ନିର୍ବାଚନ ପାଇଁ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମାଇକ୍ରୋ ଅବଜରଭରଙ୍କ ପ୍ରଶିକ୍ଷଣ, ସ୍ଥାନ:ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା।
- ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର, ସ୍ଥାନ: ଅନୁଗୋଳ ଷ୍ଟାଡ଼ିୟମ୍, ସମୟ: ଅପରାହ୍ନ ୩ଟା୩୫।

## ଜଗତ୍‌ସିଂହପୁର

- ଧ୍ରୁବ ତପସ୍ୟା ସ୍ଥଳୀରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ରଘୁନାଥପୁର ବ୍ଲକ ଏରଡ଼ଙ୍ଗା ପଞ୍ଚାୟତ ଧଳତଙ୍ଗଗଡ ଜଙ୍ଗଲସ୍ଥିତ ଧଉଳି କୂଦ, ସମୟ: ରାତି ୭ଟା।
- ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ କେରେକେରା, ସମୟ: ରାତି ୧୦ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାରମାଣିଆ ବଟମହାପୁରୁଷ ପୀଠ, ପୁରୁଷୋତ୍ତମପୁର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୫ଟା।

## ଯାଜପୁର

- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା,ସ୍ଥାନ : ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ,ସମୟ : ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତୀକ ଧାରଣା,ସ୍ଥାନ : ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ,ସମୟ : ସକାଳ ୭ଟା।
- ଯାଜପୁର ଜିଲା ଲୋକସଭା ଏବଂ ବିଧାନସଭା ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ, ସ୍ଥାନ : ଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରାର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ଅଷ୍ଟମ ଦିବସ, ସ୍ଥାନ:ନୟାଗଡ଼ ସାଗର ପୋଖରୀ, ସମୟ:ଅପରାହ୍ନ ୫ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ଅଷ୍ଟମ ଦିବସ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ ଓଡ଼ଗାଁ, ସମୟ:ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ଅଷ୍ଟମ ଦିବସ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀରାମ ସାଗର,ସମୟ:ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ଅଷ୍ଟମ ଦିବସ, କୁଣ୍ଡରେ ଚାପଖେଳ ସ୍ଥାନ:ଶରଣକୁଳ ମନ୍ଦିର,ସମୟ:ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଆଜି କଲ୍ୟାଣଚନ୍ଦ୍ର ପ୍ରଭାବରୁ ସୁସ୍ଥ ମାନସିକତା ସହ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ଦୂରସ୍ଥ ସନ୍ତାନଙ୍କ ପାଇଁ ମନ ଉଦ୍‌ବେଗ ରହିବ। ପ୍ରଶାସନ କିମ୍ବା ରାଜନୈତିକସ୍ତରରେ କେତେକ ସମସ୍ୟାକୁ କେନ୍ଦ୍ରକରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ଯେଉଁ ଜିନିଷ ପାଇବା ସକାଶେ ଚିନ୍ତା କରୁଥିଲେ ଆଜି ସନ୍ଧ୍ୟାରେ ତାହା ପାଇବେ।

**ବୃଷ** – ପଡ଼ୋଶୀ ତଥା ସାଙ୍ଗସାଥୀଙ୍କ ସାହାଯ୍ୟ, ସହଯୋଗ ମାଧ୍ୟମରେ କାମ ହାସଲ କରିବେ। କର୍ମକ୍ଷେତ୍ରରେ କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇପାରନ୍ତି। ପିଲାମାନଙ୍କ ସମସ୍ୟା ବିଷୟକୁ ନେଇ ମନରେ ସରସତା ରହିବ ନାହିଁ। ସଭାସମିତିରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଉତ୍‌ଫୁଲ୍ଲିତ ହୋଇପାରନ୍ତି।

**ମିଥୁନ** – କର୍ମକ୍ଷେତ୍ରରେ ବାରମ୍ୱାର ପ୍ରତିରୋଧ ବଢ଼ିବା ଦ୍ୱାରା ଅଟକି ରହିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। ଆଲୋଚନା ସମୟରେ ସାଧାରଣ ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା ଓ ସଙ୍ଗୀତ ଆସରରେ ନିଜକୁ ହଜାଇ ଦେଇପାରନ୍ତି।

**କର୍କଟ** – ଆଜି ଶାରୀରିକ ସୁସ୍ଥତା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ମାନସିକ ସାନ୍ତ୍ୱନା ଲାଭ କରିବେ। ଭାଇଙ୍କ ସ୍ୱାସ୍ଥ୍ୟହାନି କାରଣରୁ ମନ ଅଶାନ୍ତ ରହିପାରେ। କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତି କାମ ହାସଲ ସକାଶେ ଆପଣଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରିବାକୁ ଚେଷ୍ଟା କରିବେ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ।

**ସିଂହ** – କର୍ମକ୍ଷେତ୍ରସ୍ଥ ଗ୍ରହସ୍ଥିତିରୁ ଅପ୍ରୀତିକର ପରିସ୍ଥିତିକୁ ସଜାଡ଼ିନେବେ ଏବଂ ସାମାଜିକ କ୍ଷେତ୍ର ଭଲ ରହିବ। ପଡ଼ୋଶିନୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଗୁରୁତ୍ୱପୂର୍ଣ୍ଣ କାମ କରିପାରନ୍ତି। ପରୋକ୍ଷ ଶତ୍ରୁ ସମସ୍ୟା ସୃଷ୍ଟି କରିପାରନ୍ତି। ବ୍ୟବସାୟିକ କାରବାର, ପରିବହନ, କ୍ଷେଶନାରି ଦୋକାନୀ ବିଶେଷ ଭାବେ ଲାଭବାନ୍ ହେବେ।

**କନ୍ୟା** – ଆଜିର ଗ୍ରହସ୍ଥିତି ପ୍ରଭାବରେ ଯାହା ଚାହୁଁଛନ୍ତି ତାହା ପାଇବା ସହଜସାଧ୍ୟ ହୋଇ ନ ପାରେ। ତଥାପି ସ୍ୱାତୀ ନକ୍ଷତ୍ରର କାମ ଶୃଙ୍ଖଳିତ ରହିବ ଓ ଅନୁକୂଳ ପରିବେଶ ସୃଷ୍ଟି ହେବ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ରରେ ଅନାଦର ପାଇପାରନ୍ତି। ନିଜ ପରିସରରେ କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ତୁଳା** – ପରିବର୍ତ୍ତିତ ସମୟର ଅନୁକୂଳ ବାତାବରଣରେ ସହଜ ଓ ସୁବିଧାରେ କାମ ହାସଲରେ ସମର୍ଥ ହେବେ। ପରିସ୍ଥିତିକୁ ଆଖିଆଗରେ ରଖି ବନ୍ଧୁଙ୍କ ମନ ବୁଝିଲା ଭଳି କଥା କହି ଆପଣେଇ ନେଇପାରନ୍ତି। ସତର୍କତାର ସହ କିଛି ମତମନ୍ତବ୍ୟ ଦେବା ଭଲ ହେବ। ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିବା ସାଙ୍ଗକୁ ବିତର୍କର ସମ୍ଭାବନା ରହିଛି।

**ବିଛା** – କର୍ମକ୍ଷେତ୍ରରେ ପୂର୍ବ ପରିକଳ୍ପିତ ଲକ୍ଷ୍ୟ ହାସଲ କରିବାରେ କୌଣସ ଅସୁବିଧା ହେବନାହିଁ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ, ପରିବହନରେ ପ୍ରତିବନ୍ଧକ ସୃଷ୍ଟିର ଆଶଙ୍କା ରହିଛି। ଆକସ୍ମିକ କୌଣସି ସମସ୍ୟା ମନଟାକୁ ଗୋଳମାଳିଆ କରିଦେଇପାରେ। ପରୋକ୍ଷ ଭାବେ ଆପଣଙ୍କ ଶତ୍ରୁମାନେ ସମସ୍ୟା ସୃଷ୍ଟି କରିବା ସକାଶେ ଯୋଜନା କରିପାରନ୍ତି।

**ଧନୁ** – ଆର୍ଥିକ ସ୍ଥିତି ପୂର୍ବପରି ରହିବା ସାଙ୍ଗକୁ ହାତରେ ଥିବା କାମକୁ ସମ୍ପନ୍ନ କରିପାରିବେ। ଶିକ୍ଷା, ପରୀକ୍ଷା କିମ୍ବା ପ୍ରତିଯୋଗିତାରେ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି। ଯାତ୍ରା ସମୟରେ ଫେରନ୍ତା ବାଟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ନିର୍ମାଣାଧୀନ କାର୍ଯ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଦିନଟି ବହୁତ ଭଲ।

**ମକର** – ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପାରିବାରିକ ସ୍ତରରେ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଜମିଜମା କାରବାର କ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜ ଅନ୍ତରଙ୍ଗ ବନ୍ଧୁଙ୍କ ଦୁର୍ବ୍ୟବହାରରେ ଦୁଃଖ ପ୍ରକାଶ କରିପାରନ୍ତି।

**କୁମ୍ଭ** – ବନ୍ଧୁଙ୍କ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବା କାରଣରୁ ମନ ଭଲ ରହିବ ନାହିଁ। ଦୀର୍ଘଦିନରୁ ରହିଥିବା କ୍ରୀଡ଼ା, ସଙ୍ଗୀତ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ। ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ ଉପକୃତ ହେବେ।

**ମୀନ** – ବିଭିନ୍ନ ପ୍ରକାର ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ମତପାର୍ଥକ୍ୟ କାରଣରୁ ବିଭିନ୍ନ ପାରିବାରିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

ଆଜି ମେ'୧୭ ତାରିଖ, ବିଶ୍ୱ ଦୂରସଞ୍ଚାର ଦିବସ, ବୈଶାଖ ଶୁକ୍ଳ ନବମୀ ଯୁକ୍ତ ଦଶମୀ, ଶୁକ୍ରବାର, ରାଶି ନକ୍ଷତ୍ର–ପୂର୍ବା ଫାଲ୍‌ଗୁନୀ/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୫ମି. ଗତେ ଘ.୦୬।୫୭ମି. ମଧ୍ୟେ, ଘ.୧୨।୦୯ମି. ଗତେ ଘ.୦୨।୪୪ମି. ମଧ୍ୟେ ଶୁଦ୍ଧ ଶୁଭବେଳା ॥ ଦିବା ଘ.୧୦।୦୫ମି. ଗତେ ଘ.୧୧।୪୩ମି. ମଧ୍ୟେ ରାହୁକାଳ ॥

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଇଁଷି ଶିଙ୍ଗ ଫଟା,
ଯୁଝିଲା ବେଳକୁ ଗୋଟା।**

ମଇଁଷି ଦଳ ନିଜ ନିଜ ଭିତରେ ଯେତେ ମାଡ଼ଗୋଳ ହୁଅନ୍ତୁ ପଛେ ବିପଦ ପଡିଲେ ସମସ୍ତେ ଏକଜୁଟ ହୋଇ ଲଢ଼ିବାକୁ ବାହାରି ପଡନ୍ତି। ଦଳ ପ୍ରତି ଥିବା ଆନୁଗତ୍ୟ ଯୋଗୁ ଏପରି ହୋଇଥାଏ। ଏକତା ହିଁ ଶକ୍ତିର ଉତ୍ସ। ବାହ୍ୟ ଶତ୍ରୁ ଆକ୍ରମଣ କଲେ ପାରସ୍ପରିକ ବିବାଦ ଭୁଲି ପୁଣି ଏକମନ ହୋଇ ବିପଦର ମୁକାବିଲା କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମା' ବାପଠାରୁ ସୋଦର ନାହିଁ,
ଆଖୁ–ଗୁଡ଼ଠାରୁ ମଧୁର ନାହିଁ।**

ସନ୍ତାନ ପ୍ରତି ମାତାପିତାଙ୍କର ଅନାବିଳ ସ୍ନେହମମତା ବାସ୍ତବିକ ଅମୂଲ୍ୟ। ସନ୍ତାନ ପାଇଁ ମାତାପିତାଙ୍କଠାରୁ ଅଧିକ ଆତ୍ମୀୟ କେହି ହୋଇପାରି ନ ଥାନ୍ତି। ସେହିପରି ଗୁଡ଼ଠାରୁ ଆଉ ଅଧିକ ମଧୁର କିଛି ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ସମେତ ୨ ଗିରଫ

**ବ୍ରହ୍ମପୁର,୧୬।୫
(ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ରାଜନୈତିକ ହିଂସା ବଢ଼ିବାରେ ଲାଗିଛି। ଗତ ୧୩ ତାରିଖରେ ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀଙ୍କୁ ଆକ୍ରମଣ ଘଟଣାରେ ବ୍ରହ୍ମପୁର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଗିରଫ ହୋଇଥିଲେ। ଗୁରୁବାର ଜଣେ ପ୍ଲଟ ବ୍ୟବସାୟୀ ଓ ତାଙ୍କ ବାପା, ଭାଇଙ୍କୁ ଆକ୍ରମଣ ଅଭିଯୋଗରେ ସଦର ଥାନା ପୋଲିସ ଦିଗପହଣ୍ଡି କଂଗ୍ରେସ ବିଧାୟକ ପ୍ରାର୍ଥୀ କୁକୁଡ଼ାଖଣ୍ଡିର ସାକା ସୁଜିତଙ୍କୁ ଗିରଫ କରିଛି। ତାଙ୍କ ସହ ଜଗଦଳପୁରର ଅମିତ ନାୟକ ମଧ୍ୟ ଗିରଫ ହୋଇଛନ୍ତି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

### ମରଣାନ୍ତକ ଆକ୍ରମଣ ଅଭିଯୋଗ

ସଦର ଥାନା ନିକଟରେ ବୁଧବାର ସନ୍ଧ୍ୟାରେ ପ୍ଲଟ ବ୍ୟବସାୟୀ ସୁଧାଂଶୁ ସଂଗ୍ରାମ ପାଢ଼ୀ ଓ ତାଙ୍କ ସମ୍ପର୍କୀୟଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଗୋଳନ୍ଥରା ଶିହଳାର ସୁଧାଂଶୁ ଓ ତାଙ୍କ ସାଙ୍ଗ କୁକୁଡାଖଣ୍ଡି ଅଞ୍ଚଳରେ ପ୍ଲଟ ବ୍ୟବସାୟ କରୁଛନ୍ତି। ସୁଧାଂଶୁଙ୍କ ପାଖରେ କାମ କରୁଥିବା କର୍ମଚାରୀଙ୍କୁ ସେହି ପ୍ଲଟ ଉପରେ କେତେଜଣ ଦୁର୍ବୃତ୍ତ ଲୁହାରଡରେ ଆକ୍ରମଣ କରିଥିଲେ। ଏହା ଜାଣିବା ପରେ ସୁଧାଂଶୁ, ତାଙ୍କ ବାପା ଓ ୨ ଭାଇ ସେଠାରେ ପହଞ୍ଚିଥିଲେ। ସେମାନଙ୍କୁ ମଧ୍ୟ ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ପରେ ବିଧାୟକ ପ୍ରାର୍ଥୀ ସାକା ସୁଜିତ ଓ ତାଙ୍କର ୬ରୁ ଅଧିକ ସମର୍ଥକ ସେଠାରେ ପହଞ୍ଚି ସୁଧାଂଶୁ ଓ ତାଙ୍କ ବାପା, ଭାଇଙ୍କୁ ଆକ୍ରମଣ କରିଥିଲେ। ସୁଧାଂଶୁଙ୍କ ବାପା ଓ ଭାଇଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାରୁ ସେମାନେ ଡାକ୍ତରଖାନା ଯାଇ ଚିକିତ୍ସିତ ହୋଇଥିଲେ। ସଦର ଥାନା ପୋଲିସ ନଂ. ୧୯୩/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଡଙ୍ଗା ବୁଡ଼ି ଯୁବକ ନିଖୋଜ

**ନନ୍ଦପୁର, ୧୬।୫
(ଶଙ୍କର ପୂଜାରୀ)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବିଲାପୁଟ ପଞ୍ଚାୟତର ଜବାଗଡ଼ ଗ୍ରାମ ନଦୀଘାଟ ଜୋଲାପୁଟ ରିଜର୍ଭୟର ଜଳରେ ଗୁରୁବାର ସକାଳ ୧୦ଟାରେ ଏକ ଦେଶୀ ଡଙ୍ଗା ବୁଡ଼ି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ତାଙ୍କ ନାମ ସୁକୁ ପ୍ରଧାନୀ(୩୫)। ତାଙ୍କ ଘର ଜବାଗଡ଼ ଗ୍ରାମରେ ବୋଲି ଜଣାପଡ଼ିଛି। ବିଲାପୁଟ ସରପଞ୍ଚ ରାଜେଶ ଲେନ୍ଦୁ ନଦୀଘାଟରେ ପହଞ୍ଚି ଉପସ୍ଥିତ ଲୋକଙ୍କ ସହ ଆଲୋଚନା କରିଥିଲେ।

# ୫ ମାଓବାଦୀ ଗିରଫ

**ମାଲକାନଗିରି,୧୬।୫
(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ଦାନ୍ତେୱାଡା ଜିଲା ପୋଲିସ ଦ୍ୱାରା ଜଣେ ମହିଳା ମାଓବାଦୀଙ୍କ ସହ ୫ ମାଓବାଦୀଙ୍କୁ ଗୁରୁବାର ଗିରଫ କରାଯାଇଛି। ଗିରଫ ମାଓବାଦୀମାନେ ମଙ୍ଗଲୀ ମରକମ ଓରଫ ମଙ୍ଗଡି, ଆଇତା ମରକମ, ବିଜାରାମ ନୁପୋ, ଜଗା ତାତି ଓ ଦେବା ରାମ ତୁପୋ। ଏମାନେ ମଲାଙ୍ଗେର ଏରିଆ କମିଟି ଅନ୍ତର୍ଗତ ରେବାଲି ଏବଂ ବୁରଗୁମ ପଞ୍ଚାୟତରେ ସିଏନ୍‌ଏମ୍ ଓ ମିଲିସିଆ ସଦସ୍ୟ ପଦବୀରେ ଥିବା ପୋଲିସରେ ସ୍ୱୀକାର କରିଛନ୍ତି। ଏମାନଙ୍କ ନାମରେ ଅରନପୁର ଥାନାରେ ବିଭିନ୍ନ ଧାରାରେ ଆପରାଧିକ ମାମଲା ପଞ୍ଜୀକୃତ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ । ଛତିଶଗଡ଼ରେ ଚାଲୁଥିବା ମାଓବାଦୀ ଦମନ ଅଭିଯାନ ଅରନପୁର ଅଞ୍ଚଳ ମଲାଙ୍ଗେର ଏରିଆ କମିଟି ମାଓବାଦୀଙ୍କ ଉପସ୍ଥିତି ସମ୍ବନ୍ଧରେ ସୂଚନା ପାଇବା ପରେ ଦାନ୍ତେୱାଡା ଅରନପୁର ଥାନା ଡିଆର୍‌ଜି, ସିଆର୍‌ପିଏଫ୍ ୧୧୧ ବାଟାଲିୟନ ମିଳିତଭାବେ ଅରନପୁର ସମେଲୀ ମାର୍ଗରେ ସର୍ଚ୍ଚ ଅପରେଶନ କରିଥିଲେ। ଏହି ସମୟରେ ଜଣେ ମହିଳା ମାଓବାଦୀଙ୍କ ସହ ୫ ମାଓବାଦୀଙ୍କୁ ଗିରଫ କରିଯାଇଛି।

# ୨୬ ବର୍ଷ ତଳେ ଅପହୃତ, ପଡ଼ୋଶୀଙ୍କ ଘରୁ ଉଦ୍ଧାର

**ଜେଲ୍‌ଫା, ୧୬।୫**


ଓମାର ବିନ୍ ଓମରାନ

୧୯୯୮ରେ ଆଲଜେରିଆର ଜେଲ୍‌ଫା ସହର ବାସିନ୍ଦା ଓମାର ବିନ୍ ଓମରାନଙ୍କୁ ୧୯ ବର୍ଷ ହୋଇଥିଲା। ସେତେବେଳେ ସେ ହଠାତ୍ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ଦେଶରେ ଗୃହଯୁଦ୍ଧ ଚାଲିଥିବାରୁ ସୈନ୍ୟଙ୍କ ଗୁଳିମାଡ଼ରେ ଓମାରଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ଅନେକେ ଧରି ନେଇଥିଲେ। ଆତ୍ମୀୟ ସ୍ୱଜନ ମଧ୍ୟ ଓମାରଙ୍କ ଫେରିବା ଆଶା ଛାଡ଼ି ଦେଇଥିଲେ। ଇତିମଧ୍ୟରେ ୨୬ ବର୍ଷ ବିତିଯାଇଥିବାବେଳେ ଓମାରଙ୍କ ହଠାତ୍ ଆବିର୍ଭାବ ପରିବାର ଲୋକଙ୍କୁ କେବଳ ବିସ୍ମିତ କରିନାହିଁ, ବରଂ ସେମାନଙ୍କ ମନରେ ଆନନ୍ଦ ଭରିଦେଇଛି। ତାଙ୍କ ଘରଠାରୁ ମାତ୍ର ୧୦୦ ମିଟର ଦୂର ଜଣେ ପଡ଼ୋଶୀଙ୍କ ଘରୁ ଓମାରଙ୍କୁ ଠାବ କରାଯାଇଛି। ଓମାରଙ୍କୁ ବନ୍ଦୀ ଅବସ୍ଥାରେ ଉଦ୍ଧାର କରାଯାଇଥିବାରୁ ତାଙ୍କୁ ନିର୍ଯାତନା ଦେଉଥିବା ସନ୍ଦେହ କରାଯାଉଛି। ଓମାର ଠାବ ହୋଇଥିବା ଘର ମାଲିକ ପଡ଼ୋଶୀ ଜଣେ ସରକାରୀ କର୍ମଚାରୀ। ସେ ଏକାକୀ ରହୁଥିଲେ ଏବଂ ଓମାରଙ୍କୁ ବନ୍ଦୀକରି ରଖିଥିବା ଜେଲ୍‌ଫା ଆର୍ଟର୍ନି ଜେନେରାଲଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ପଡ଼ୋଶୀଙ୍କୁ ଗିରଫ କରାଯାଇଛି।

ଧରିତ୍ରୀ 50 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ମେ ୧୭/୨୦୨୪ | Bhubaneswar, Friday, May 17/2024 

# କୋଭାକ୍ସିନ ବି ବିପଜ୍ଜନକ

ଅକ୍ସଫୋର୍ଡ-ଆଷ୍ଟ୍ରାଜେନିକା କମ୍ପାନୀ ପ୍ରସ୍ତୁତ କୋଭିଶିଲ୍ଡ ଟିକା ନେଇଥିବା ଲୋକଙ୍କଠାରେ ରକ୍ତ ଜମାଟ ବାନ୍ଧିବା ଓ ପ୍ଲେଟ୍‌ଲେଟ୍ କାଉଣ୍ଟ କମିଯିବା ଭଳି ବିରଳ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିବା ଉକ୍ତ କମ୍ପାନୀ ନିକଟରେ ବ୍ରିଟେନର ଏକ ଅଦାଲତରେ ସ୍ୱୀକାର କରିବା ପରେ ସାରା ବିଶ୍ୱରେ ହଇଚଇ ଖେଳିଯାଇଥିଲା। ତେବେ ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭିଡ୍ ଟିକା କୋଭାକ୍ସିନ ମଧ୍ୟ ବିପଦମୁକ୍ତ ନୁହେଁ ବୋଲି ଜଣାପଡ଼ିଛି।




ନୂଆଦିଲ୍ଲୀ,୧୬।୫(ପି.ଟି.)

୪ ବର୍ଷ ପୂର୍ବେ କୋଭିଡ୍-୧୯ ମହାମାରୀ ଭାରତ ସମେତ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରି ବହୁ ଜୀବନ ନେଇଥିଲା। ସେତେବେଳେ ଏହାର ପ୍ରତିକାର ବାହାରି ନ ଥିବାରୁ ଲୋକେ ଭାକ୍ସିନ୍‌କୁ ଅପେକ୍ଷା କରିଥିଲେ। ପରୀକ୍ଷଣ ପରେ କେନ୍ଦ୍ର ସରକାର ଟିକା ନେବା ଉପରେ ସର୍ବାଧିକ ଗୁରୁତ୍ୱ ଦେଇଥିଲେ। କିନ୍ତୁ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଓ ବିପଜ୍ଜନକ ଦିଗ ପ୍ରତି ଆଖି ବୁଜି ଦିଆଯାଇଥିଲା। ତେବେ କୋଭିଡ୍ ଟିକାଗୁଡ଼ିକ ଯେ ବିପଦମୁକ୍ତ ନ ଥିଲା, ତାହା ଏବେ ଅନେକ ଅଧ୍ୟୟନରୁ ଜାଣିବାକୁ ମିଳିଛି। କୋଭାକ୍ସିନ୍ ଟିକା ନେଇଥିବା ଏକତୃତୀୟାଂଶରୁ ଊର୍ଦ୍ଧ୍ୱ ବ୍ୟକ୍ତି ବର୍ଷକ ପରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିବା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ) ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ସ୍ପଷ୍ଟ ହୋଇଛି। ଟିକା ନେବା ପରବର୍ତ୍ତୀ ସମୟରେ ଶ୍ୱାସନଳୀ ଉପର ଭାଗରେ ଭାଇରାଲ ସଂକ୍ରମଣ ସମେତ ବିଭିନ୍ନ ସଂକ୍ରମଣର ସମ୍ମୁଖୀନ ହୋଇଥିବା ସର୍ଭେରେ ଭାଗ ନେଇଥିବା ପାଖାପାଖି ୫୦ ପ୍ରତିଶତ କହିଛନ୍ତି। ବିଏଚ୍‌ୟୁ ଟିମ୍ ପକ୍ଷରୁ ୯୨୬ ଜଣଙ୍କୁ ନେଇ ଏହି ଅଧ୍ୟୟନ କରାଯାଇଥିଲା। ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟରେ ☞ପୃଷ୍ଠା-୭

# ଭୁବନେଶ୍ୱରରେ ନବୀନଙ୍କ ରୋଡ୍ ଶୋ’




ଭୁବନେଶ୍ୱରରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ରୋଡ୍ ଶୋ’।

ଭୁବନେଶ୍ୱର,୧୬।୫(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ଏକ ବିଶାଳ ରୋଡ୍ ଶୋ’ କରି ଶକ୍ତି ପ୍ରଦର୍ଶନ କରିଛନ୍ତି। ବିଭିନ୍ନ ସ୍ଥାନରେ ଉପସ୍ଥିତ ଜନତା ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ। ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ରୋଡ୍ ଶୋ’ ପାଇଁ ଗୁରୁବାର ସନ୍ଧ୍ୟାରେ ଗଙ୍ଗନଗରଠାରେ ନବୀନଙ୍କ ଗାଡ଼ି ପହଞ୍ଚିଥିଲା। ନବୀନ ଗାଡ଼ି ଉପରକୁ ଉଠି ସେଠାରେ ସମବେତ ହଜାର ହଜାର ଲୋକଙ୍କୁ ଉଦ୍‌ବୋଧନ ଦେଇଥିଲେ। ରାସ୍ତା ଖଚାଖଚ ଭିଡ଼ ଥିଲା। ରୋଡ୍ ଶୋ’ ବେଳକୁ ଏହି ରାସ୍ତାରେ ସାଧାରଣ ଲୋକ ଓ ଯାନବାହନ ଯାତାୟାତ ବନ୍ଦ ଥିଲା।

## ଆମ୍ବୁଲାନ୍ସକୁ ବାଟ ଛାଡ଼ିଲେ

ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଆରମ୍ଭ କରିବା କ୍ଷଣି ଆମ୍ବୁଲାନ୍ସର ସାଇରନ୍ ବାଜିଥିଲା। ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ କିଛିକ୍ଷଣ ପାଇଁ ବନ୍ଦକରି ହାତ ହଲାଇ ଆମ୍ବୁଲାନ୍ସକୁ ରାସ୍ତା ଛାଡ଼ିବାକୁ ସୂଚନା ଦେଇଥିଲେ। ତାଙ୍କ ଇସାରା ପାଇବା ମାତ୍ରେ ଲୋକେ କଡ଼େଇ ହୋଇଯାଇଥିଲେ। ପୋଲିସ କର୍ଡନ କରି ଆମ୍ବୁଲାନ୍ସକୁ ବାଟ କଢ଼ାଇ ନେଇଥିଲା। ରୋଡ୍ ଶୋ’ ଭିଡ ମଧ୍ୟରେ ଆମ୍ବୁଲାନ୍ସ ନ ଅଟକି ନିଜ ଗନ୍ତବ୍ୟ ପଥରେ ଚାଲିଯାଇଥିଲା। ଏହା ପରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେବା ସହ ହାତ ହଲାଇ ଅଭିବାଦନ କରିଥିଲେ। ପ୍ରବଳ ଭିଡ଼ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ ଆଗକୁ ବଢ଼ିଥିଲା। ଗଙ୍ଗନଗର ଛକ ପରେ ଏଲ୍‌ଆଇସି ଛକ, ଗୋପବନ୍ଧୁ ☞ପୃଷ୍ଠା-୭

# ଖଲ୍ଲିକୋଟ୍‌ରେ ୧୪୪, ଲାଠିଚାର୍ଜ

## ଭାଜପା କର୍ମୀଙ୍କ ମୃତ୍ୟୁ, ୯ ଗିରଫ

ଖଲ୍ଲିକୋଟ,୧୬।୫
(ପ୍ରଶାନ୍ତ କୁମାର ମିଶ୍ର)

ନିର୍ବାଚନ ପୂର୍ବରୁ ଅଶାନ୍ତ ହୋଇଛି ଗଞ୍ଜାମ ଜିଲା ଖଲ୍ଲିକୋଟ ନିର୍ବାଚନମଣ୍ଡଳୀ। ରାଜନୈତିକ ହିଂସାରେ ଜଣେ ଭାଜପା କର୍ମୀଙ୍କ ମୃତ୍ୟୁ ଘଟିଥିବା ବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖଲ୍ଲିକୋଟ ଥାନା ଶ୍ରୀକୃଷ୍ଣଶରଣପୁର ଗ୍ରାମର ଦିଲ୍ଲୀପ ପାହାନ ଓ ଗୁରୁତର ଆହତମାନେ ହେଲେ ଜିତେନ୍ଦ୍ର ପାହାନ, ବାପୁଜୀ ପାହାନ, ଅଭି ପାହାନ, ସୁଦର୍ଶନ ପାହାନ, କାର୍ତ୍ତିକ ପରିଡ଼ା। ଏହି ଘଟଣାକୁ ନେଇ ପୋଲିସ ଓ ଜନସାଧାରଣ ମୁହାଁମୁହିଁ ହୋଇଛନ୍ତି। ଉତ୍ତେଜିତ ଲୋକେ ଥାନା ଘେରାଉ କରିବା ସହିତ ପୋଲିସ ଓ ଗିରଫ ଅଭିଯୁକ୍ତଙ୍କୁ ଟେକା ପଥର ମାଡ଼ କରିଛନ୍ତି। ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ପାଲଟା ଲାଠିଚାର୍ଜ କରିଛି। ଏଥିରେ କେତେଜଣ ପୋଲିସ କର୍ମଚାରୀ ଓ ସାଧାରଣ ଲୋକ ଆହତ ହୋଇଛନ୍ତି। ଉତ୍ତେଜନାକୁ ପ୍ରଶମିତ କରିବାକୁ ପ୍ରଶାସନ ଘଟଣାସ୍ଥଳରେ ୧୪୪ ଧାରା ଜାରି କରିଛି। ଏହି ଘଟଣାରେ ପୋଲିସ ୯ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅପରପକ୍ଷରେ ହିଂସାକାଣ୍ଡ ପଛରେ ଖଲ୍ଲିକୋଟର ଦିବଂଗତ ରାଣୀ ଭି. ସୁଜ୍ଞାନ କୁମାରୀ ଦେଓଙ୍କ ପୁତୁରାଙ୍କ ହାତ ଥିବା ଭାଜପା ଅଭିଯୋଗ କରିଛି।

ଗଞ୍ଜାମ ଜିଲା ଖଲ୍ଲିକୋଟ ନିର୍ବାଚନମଣ୍ଡଳୀରେ ଆସନ୍ତା ୨୦ତାରିଖରେ ଭୋଟ ଗ୍ରହଣ ହେବ। ଏଥିପାଇଁ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ବୁଧବାର ରାତିରେ ଭାଜପା କର୍ମୀମାନେ ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନିର୍ବାଚନ ପୋଷ୍ଟର ମାରୁଥିଲେ। ଏହାକୁ କିଛି ବିଜେଡି କର୍ମୀ ବିରୋଧ କରିଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ହୋଇ ସଂଘର୍ଷ ଘଟିଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ଖଣ୍ଡାରେ ହଣାହଣି ହୋଇ ୬ଜଣ ଗୁରୁତର ହୋଇଥିଲେ। ଗୁରୁତରମାନେ ହେଲେ ଭାଜପା ନେତା ରାମ ପାହାନଙ୍କ ଦୁଇ ପୁତ୍ର ଦିଲ୍ଲୀପ ପାହାନ ଓ ଜିତେନ୍ଦ୍ର ପାହାନ, ଦିଲ୍ଲୀପଙ୍କ ଶଳା ବାପୁଜୀ ପାହାନ, ସମ୍ପର୍କୀୟ ଦାଦା ଅଭି ପାହାନ ଏବଂ ବିଜେଡି କର୍ମୀ ☞ପୃଷ୍ଠା-୭

## +୯୨ ନମ୍ବରରୁ ହ୍ୱାଟ୍ସଆପ୍ କଲ୍‌କୁ ସାବଧାନ: ପୋଲିସ

ଭୁବନେଶ୍ୱର,୧୬।୫(ସତ୍ୟଜିତ୍ ରାଉତ)

ଡିଜିଟାଲ ଯୁଗରେ ସାଇବର ଅପରାଧ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏହା ବିରୋଧରେ ମିଳିତ ପ୍ରୟାସ କରାଯାଉଥିବା ବେଳେ ସାଇବର ଠକ ଦିନକୁ ଦିନ ନୂଆ କୌଶଳ ଆପଣାଉଛନ୍ତି। ଏବେ ଲୋକମାନଙ୍କୁ ପାକିସ୍ତାନ ନମ୍ବରରୁ ହ୍ୱାଟ୍ସଆପ୍ କଲ୍ ଆସୁଛି। ଅପରାଧୀମାନେ ଟଙ୍କା ଠକିବା ପାଇଁ ପୀଡ଼ିତ କିମ୍ବା ପୀଡ଼ିତାଙ୍କ ସମ୍ପର୍କୀୟଙ୍କ ନାଁରେ ମିଥ୍ୟା ଅଭିଯୋଗ ଆଣି ଫସାଇବାକୁ ପ୍ରୟାସ କରୁଛନ୍ତି। ରାଜ୍ୟରେ ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ**
ନୈରାଶ୍ୟର ପ୍ରତିବାଦ

# ଫୁଟ୍‌ବଲ ଛାଡ଼ିଲେ କ୍ୟାପ୍‌ଟେନ ଫାଣ୍ଟାଷ୍ଟିକ୍

## ୧୯ ବର୍ଷର କ୍ୟାରିୟରରେ ୯୪ ଅନ୍ତର୍ଜାତୀୟ ଗୋଲ

ନୂଆଦିଲ୍ଲୀ,୧୬।୫(ପି.ଟି)

ଭାରତୀୟ ଫୁଟ୍‌ବଲର ପୋଷ୍ଟର ବୟ ତଥା କ୍ୟାପ୍‌ଟେନ ଫାଣ୍ଟାଷ୍ଟିକ୍ ଭାବରେ ପରିଚିତ ସୁନୀଲ ଛେତ୍ରୀ ଫୁଟ୍‌ବଲରୁ ଅବସର ଘୋଷଣା କରିଛନ୍ତି। ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ୨ରେ କୁଏଟ୍ ବିପକ୍ଷରେ ଜୁନ୍ ୬ ତାରିଖରେ ସେ ନିଜ କ୍ୟାରିୟରର ଶେଷ ମ୍ୟାଚ୍ ଖେଳିବେ ବୋଲି ଘୋଷଣା କରିଛନ୍ତି। ଭାରତ ପାଇଁ ଦୀର୍ଘ ୧୯ ବର୍ଷ ଧରି ଫୁଟ୍‌ବଲ


ସୁନୀଲ ଛେତ୍ରୀ

ଖେଳିବା ସହ ସେ କରିଛନ୍ତି ୯୪ ଅନ୍ତର୍ଜାତୀୟ ଗୋଲ୍। ଅନ୍ତର୍ଜାତୀୟ ସର୍କିଟରେ ସକ୍ରିୟ ଥିବା ଖେଳାଳିଙ୍କ ମଧ୍ୟରୁ କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କ ପରେ ଛେତ୍ରୀ ଗୋଲ ସ୍କୋର ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତି। ଓଭରଅଲ୍ ୪ର୍ଥ ସ୍ଥାନରେ ରହିଛନ୍ତି ଏହି ତାରକା ଷ୍ଟ୍ରାଇକର। ୨୦୧୧ରେ ପ୍ରଥମ ଥର ପାଇଁ ଭାରତୀୟ ଦଳର ନେତୃତ୍ୱ ନେଇଥିବା ଛେତ୍ରୀ ଦୀର୍ଘ ସମୟ ଧରି ଭାରତୀୟ ଦଳର ନେତୃତ୍ୱ ନେବାର ରେକର୍ଡ ମଧ୍ୟ ନିଜ ନାମରେ ରଖିଛନ୍ତି। ଗୁରୁବାର ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ସେ ଏକ ଭିଡିଓ ପୋଷ୍ଟ କରି ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି। କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମରେ ଜୁନ୍ ୬ରେ ଛେତ୍ରୀ ନିଜର ଅନ୍ତିମ ମ୍ୟାଚ୍ ଖେଳିବେ। ଛେତ୍ରୀଙ୍କ ଉଚ୍ଚତା ☞ପୃଷ୍ଠା-୭



ମା' ଭଗବତୀଙ୍କ କରୁଣା ଯଦି ତୁମକୁ ସ୍ପର୍ଶ କରେ ତେବେ ତୁମର ସବୁ ସଂକଟ ସୁଯୋଗରେ – ବ୍ୟର୍ଥତା ସାର୍ଥକତାରେ ଓ ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ। କାରଣ ଦିବ୍ୟ ଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି। ଏବେ ହେଉ ବା ପରେ– ତା'ର ଫଳ ସୁନିଶ୍ଚିତ, ପୂର୍ବ ନିର୍ଦ୍ଦିଷ୍ଟ ଓ ଅନିବାର୍ଯ୍ୟ। –ଶ୍ରୀଅରବିନ୍ଦ

# ନୈରାଶ୍ୟର ପ୍ରତିବାଦ



ସ୍ଲାଭୋଜ୍ ଜିଜେକ୍

ଏବେ ଅତି ଖରାପ ସମୟ ପଡ଼ିଛି। ପ୍ରକୃତିରେ ଶାନ୍ତି ଓ ସ୍ଥିରତାରେ ବ୍ୟାଘାତ ଘଟୁଛି। ବାରମ୍ବାର ଦୁବାଇରେ ପ୍ରବଳ ବର୍ଷା କିମ୍ବା ଭିଏତ୍‌ନାମର ଉତ୍ତପ୍ତ ଜଳଭଣ୍ଡାରରେ ମାଛ ମରିବା ଆଦି ଘଟଣା ସାମ୍ନାକୁ ଆସିଛି। ଏହା ବ୍ୟତୀତ ଏହି ଖରାପ ସମୟ ଆର୍ଥିକ ସମସ୍ୟାଭିତ୍ତିକ ରାଜନୈତିକ ଓ ସାମାଜିକ ପରିବେଶକୁ ପ୍ରତିଫଳିତ କରିଛି। ଏଭଳି ମୁହୂର୍ତ୍ତରେ ଶାନ୍ତ ମନରେ ସମସ୍ତ ଘଟଣାକୁ ଯଥାସମ୍ଭବ ନିକଟରୁ ନିରପେକ୍ଷ ଭାବେ ବିଶ୍ଳେଷଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଇସ୍ରାଏଲର ଇରାନ ଉପରେ ବୋମା ଆକ୍ରମଣ ଓ ଗତ ବର୍ଷ ଅକ୍ଟୋବରରେ ହମାସ୍‌ର ସନ୍ତ୍ରାସବାଦ ଆକ୍ରମଣ ପରେ ଗାଜା ଉପରେ ଆକ୍ରମଣ ଜାରି ରହିଛି। ତେବେ ଏହିସବୁ ଆକ୍ରମଣକୁ ନେଇ ଉଠିଥିବା ପ୍ରତିବାଦ ତୁଳନାରେ ଏବେ ଆଉ କିଛି ଘଟଣା ଅଜବ ଥିବା ମନେହୁଏ। ରାଜନୀତି ସହ ଜଡ଼ିତ କେତେଜଣ ମୁସଲମାନ ବିଶେଷକରି ଯେଉଁମାନେ ହାମ୍ବର୍ଗ, ଜର୍ମାନୀରେ ପ୍ରତିବାଦ କରିବା ସହ 'ଖଲିଫତ୍ କେବଳ ଏକମାତ୍ର ସମାଧାନ ବୋଲି ସ୍ୱର ଉଠାଉଛନ୍ତି' ସେମାନଙ୍କ କଥାକୁ ସ୍ୱୀକାର କରିବାକୁ ପଡ଼ିବ। ଆଜିର ପାଲେଷ୍ଟାଇନ୍ ସମର୍ଥନରେ ହେଉଥିବା ପ୍ରଦର୍ଶନ ଏବଂ ଭିଏତ୍‌ନାମ ଯୁଦ୍ଧ ବିରୋଧରେ ହୋଇଥିବା ୧୯୬୮ ଛାତ୍ର ଆନ୍ଦୋଳନ ମଧ୍ୟରେ ସାମଞ୍ଜସ୍ୟ ଥିବା ଅନେକ ସମୀକ୍ଷକ ଦର୍ଶାଇଥିବାବେଳେ ଇଟାଲୀର ଦାର୍ଶନିକ ଫ୍ରାଙ୍କୋ ବେରାର୍ଡି ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ସୂଚିତ କରିଛନ୍ତି। ଅନ୍ତତଃ ପକ୍ଷେ ୧୯୬୮ ବିକ୍ଷୋଭକାରୀମାନେ ସାମ୍ରାଜ୍ୟବାଦୀ ବିରୋଧୀ ଭିଏଟ୍ କଂଗ୍ରେସ ବା ଭିଏତ୍‌ନାମିଜ କମ୍ୟୁନିଷ୍ଟ ସ୍ଥିତି ଏବଂ ଏକ ବ୍ୟାପକ ସକାରାତ୍ମକ ସମାଜବାଦୀ କାର୍ଯ୍ୟକ୍ରମ ସହ ସ୍ପଷ୍ଟ ଭାବରେ ନିଜକୁ ଜଡ଼ିତ କରିଥିଲେ। କିନ୍ତୁ ଆଜିର ପ୍ରଦର୍ଶନକାରୀମାନେ ହମାସ୍ ବିଷୟରେ ଖୁବ୍ କମ୍ ଚିନ୍ତା କରୁଛନ୍ତି ଏବଂ ଏହା ପରିବର୍ତ୍ତେ ସେମାନଙ୍କ ମଧ୍ୟରେ ନୈରାଶ୍ୟ ରହିଛି। ବେରାର୍ଡି କହିଛନ୍ତି, ''ନିରାଶା ହେଉଛି ମାନସିକ ଏବଂ ସାଂସ୍କୃତିକ ପ୍ରବୃତ୍ତି ଯାହା ପାଲେଷ୍ଟିନୀୟମାନଙ୍କ ପ୍ରତି ଯୁବକମାନଙ୍କର ରହିଛି। ମୁଁ ଭାବୁଛି ଯେ, ଏବେ ଅଧିକାଂଶ ଛାତ୍ର ଜ୍ଞାତରେ କିମ୍ବା ଅଜ୍ଞାତରେ ହେଉ ଜୀବନ ଅବସ୍ଥାର ଅପରିବର୍ତ୍ତନୀୟ ବିକୃତି, ଅପରିବର୍ତ୍ତନୀୟ ଜଳବାୟୁ ପରିବର୍ତ୍ତନ, ଦୀର୍ଘମିଆଦୀ ଯୁଦ୍ଧ ଏବଂ ଏକ ସମ୍ଭାବ୍ୟ ପରମାଣୁ ବିପଦ ଆଶା କରୁଛନ୍ତି , ଯାହାସବୁ ଭୌଗୋଳିକ ମାନଚିତ୍ରର ଅନେକ ସ୍ଥାନରେ ଘଟୁଛି। ''

ଏହାଠାରୁ ପରିସ୍ଥିତିକୁ ଭଲ ଭାବରେ ବୁଝାଇବା କଷ୍ଟକର ହେବ । ପ୍ରତିବାଦ ପ୍ରତି କର୍ତ୍ତୃପକ୍ଷଙ୍କ କ୍ରୁର ତଥା ଦମନକାରୀ ପ୍ରତିକ୍ରିୟା ବେରାର୍ଡିଙ୍କ ଅନୁମାନ ବା ଅବଧାରଣାକୁ ସମର୍ଥନ କରେ। ଏକ ନୂତନ ରାଜନୈତିକ ଆନ୍ଦୋଳନ ଆରମ୍ଭ ହେବାର ଭୟରୁ ଏହି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ବରଂ ସେଗୁଡ଼ିକ ହେଉଛି ଭୟର ଅଭିବ୍ୟକ୍ତି , ଆମ ସମାଜକୁ ବ୍ୟାପିଥିବା ନିରାଶାର ମୁକାବିଲାରେ ଏକ ସମ୍ପୂର୍ଣ୍ଣ ଅସମ୍ମତି।



ଏହି ଭୟର ସଙ୍କେତ ସବୁଆଡ଼େ ଅଛି। ତେଣୁ ମୋତେ କେବଳ ଦୁଇଟି ଉଦାହରଣ ଦେବାକୁ ଅନୁମତି ଦିଅନ୍ତୁ। ପ୍ରଥମେ, ଗତ ମାସ ଶେଷରେ ଆମେରିକାର ୧୨ ଜଣ ସିନେଟର କଟକଣା କେନ୍ଦ୍ରକରି ଅନ୍ତର୍ଜାତୀୟ ଆପରାଧିକ କୋର୍ଟ(ଆଇସିସି)କୁ ଏକ ଧମକ ପୂର୍ଣ୍ଣ ଚିଠି ପଠାଇଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବିରୋଧରେ ଗିରଫ ପର୍ୱାନା ଜାରି କରିବା ନିଷ୍ପତ୍ତି ଉଚିତ କି ବୋଲି ଏଥିରେ ଉଲ୍ଲେଖ କରିଛନ୍ତି। ଯଦିଓ ଏହା ସମ୍ପୂର୍ଣ୍ଣ ଭାବେ ଏକ ଗଣତାନ୍ତ୍ରିତ ପଦକ୍ଷେପ, ତଥାପି ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରଶାସନ ଗାଜାରେ ହୋଇଥିବା ଯୁଦ୍ଧ ଅପରାଧ ପାଇଁ ଇସ୍ରାଏଲ ଅଧିକାରୀଙ୍କୁ ଦାୟୀ ନ କରିବାକୁ ଆଇସିସି ଉପରେ ଚାପ ପକାଇଛି। ଏଭଳି ଧମକଗୁଡ଼ିକ ବୈଶ୍ୱିକ ଭାଗୀଦାରି ମୂଲ୍ୟବୋଧର ଅଧୋଗତିଠାରୁ କିଛି କମ୍ ନୁହେଁ । ଏଭଳି ଛଳନାତ୍ମକ ବିଚାର(ଉଦାହରଣ ସ୍ୱରୂପ, ଆମେରିକା ଆଇସିସିରେ ଯୋଗଦେବାକୁ ମନା କରିଦେଇଛି)କୁ ସରକାରଗୁଡ଼ିକ ପ୍ରାୟତଃ ସମର୍ଥନ କରିଥିଲେ।

ଦ୍ୱିତୀୟ ଉଦାହରଣଟି ନିକଟରେ ସାମ୍ନାକୁ ଆସିଛି। ଏହା ମଧ୍ୟ ସମାନ ସିଦ୍ଧାନ୍ତକୁ ସମର୍ଥନ କରେ। ମେ ୨୪ରେ ଫ୍ରାନ୍ସ (ଜର୍ମାନୀ ଦ୍ୱାରା ଦିଆଯାଇଥିବା ଭିସା ନିଷେଧାଦେଶକୁ ପାଳନକରି) ବ୍ରିଟିଶ-ପାଲେଷ୍ଟିନୀୟ ସର୍ଜନ ଘାସାନ ଆବୁ-ସୀଟ୍ଟାଙ୍କ ପ୍ରବେଶକୁ ବାରଣ କରିଥିଲା। ଉଲ୍ଲେଖଯୋଗ୍ୟ, ଘାସାନ ଯୁଦ୍ଧ ପୀଡ଼ିତଙ୍କ ଚିକିତ୍ସା କରୁଥିବା ସମୟର ଅପରାଧର ସାକ୍ଷୀ ଥିଲେ ଓ ଫ୍ରାନ୍ସ ସିନେଟକୁ ସାକ୍ଷ୍ୟ ପ୍ରଦାନ କରିବାର କାର୍ଯ୍ୟକ୍ରମ ଥିଲା। ଏଭଳି ସଂକୀର୍ଣ୍ଣ ତଥା ପ୍ରାୟୋଜିତ କଠୋର କାର୍ଯ୍ୟ ଆମ ଆଖି ଆଗରେ ଘଟୁଛି। ଏଣୁ ଆମର ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ ଧ୍ୱଂସ ହେଉଛି ବୋଲି କହିବା ଅତ୍ୟୁକ୍ତି ହେବନାହିଁ। ଗାଜାର ସ୍ଥିତି ବହୁତ ଖରାପ ଓ ଅସହନୀୟ। କିନ୍ତୁ ସାମ୍ପ୍ରତିକ ସଙ୍କଟ ଆବଶ୍ୟକ କରୁଥିବା ହସ୍ତକ୍ଷେପର ବାଟ ବନ୍ଦ ଲାଗି ଅତ୍ୟଧିକ ଶକ୍ତି ଖଟାଯାଇଛି। ଏଭଳି ଗତିରୋଧକୁ ହଟାଇବାରେ ସାହାଯ୍ୟ କରିବାର ଗୋଟିଏ ଉପାୟ ହେଉଛି ଛାତ୍ର ପ୍ରତିବାଦକୁ ଜନ ସମର୍ଥନ ପ୍ରଦାନ କରିବା। ଆମେରିକାର ସିନେଟର ବର୍ନି ସାଣ୍ଡର୍ସ ଏପ୍ରିଲ ୨୮ରେ କହିଛନ୍ତି, ନେତାନ୍ୟାହୁଙ୍କ ଦକ୍ଷିଣପନ୍ଥୀ ଚରମପନ୍ଥୀ ତଥା ବର୍ଣ୍ଣବିଦ୍ୱେଷୀ ସରକାର ଯାହା କରୁଛନ୍ତି ତାହା ଯୁଦ୍ଧର ଆଧୁନିକ ଇତିହାସରେ ପୂର୍ବରୁ କେବେ ଦେଖାଯାଇନାହିଁ। ଆମେ ଗାଜାରେ ଏବେ ଗଣ ଅନାହାର ଏବଂ ଦୁର୍ଭିକ୍ଷର ସମ୍ଭାବନାକୁ ଦେଖୁଛୁ । ତେବେ ଏହି ଅଭିଯୋଗ କଲେ ତାହା କେବେ ଇହୁଦୀ ବିରୋଧୀ ନୁହେଁ , ବରଂ ତାହା ଏକ ବାସ୍ତବତା।

ଅକ୍ଟୋବର ୭ ଆକ୍ରମଣ ପରେ, ହମାସ୍ ଯାହା କରିଛି ତାହାର ବାସ୍ତବତା ଉପରେ ଇସ୍ରାଏଲ ଗୁରୁତ୍ୱ ଦେଇଥିଲା। ଆକ୍ରମଣ ଛବିଗୁଡ଼ିକ ବାସ୍ତବତାକୁ ପ୍ରତିପାଦିତ କରିବାକୁ ଦିଆଯାଉ ବୋଲି ଇସ୍ରାଏଲ କର୍ତ୍ତୃପକ୍ଷ କହିଥିଲେ। ସମସ୍ତଙ୍କୁ ଦେଖିବା ପାଇଁ ଏହି କ୍ରୁର ହତ୍ୟା ଏବଂ ବଳାତ୍କାର ଆକ୍ରମଣକାରୀଙ୍କ ଦ୍ୱାରା ରେକର୍ଡ କରାଯାଇଥିଲା। ସେଠାରେ କ'ଣ ଘଟିଥିଲା ସେ ସମ୍ପର୍କରେ ଅଧିକ ବ୍ୟାଖ୍ୟା କରିବାର କୌଣସି ଆବଶ୍ୟକତା ନ ଥିଲା। ଗାଜାରେ ପାଲେଷ୍ଟାଇନର ଦୁଃଖ ବିଷୟରେ ଆମେ ବର୍ତ୍ତମାନ ସମାନ କଥା କହିପାରିବୁ ନାହିଁ କି? ସେଠାକାର ଛବିଗୁଡ଼ିକ ହିଁ ତାହାର ପ୍ରମାଣ, ଅଧିକ କିଛି ବୁଝାଇବା ଦରକାର ନାହିଁ। ତମ୍ବୁରେ ଭୋକରେ ଥିବା ଲୋକଙ୍କୁ ଦେଖନ୍ତୁ। ଇସ୍ରାଏଲର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣରେ ଘରଗୁଡ଼ିକ ମାଟିରେ ମିଶିଯାଉଛି ଓ ପିଲାମାନଙ୍କ ମୃତ୍ୟୁ ଘଟୁଛି। ଆମେରିକାର ଇରାକ ଉପରେ ଆକ୍ରମଣ ବିଷୟରେ ମାଇକେଲ ଇଗ୍‌ନାଟିଫ୍ (ଜଣେ ସାମ୍ବାଦିକ) ୨୦୦୩ ରେ ଯାହା ଲେଖିଛନ୍ତି ତାହା ମୋର ମନେଅଛି। ସେ କହିଥିଲେ, '' ମୋ ପାଇଁ ମୁଖ୍ୟ ପ୍ରସଙ୍ଗ ହେଉଛି ଇରାକବାସୀଙ୍କ ନିମନ୍ତେ ସର୍ବୋତ୍ତମ ଫଳାଫଳ କ'ଣ ହେବ, ୨୬ ନିୟୁତ ଇରାକୀଙ୍କ ମାନବିକ ଅଧିକାରର ଉନ୍ନତି ପାଇଁ ଅଧିକ ସମ୍ଭାବନା କ'ଣ ରହିବ?

ଏହି ସମାନ ବିଷୟ ଏବକାର ଯୁଦ୍ଧ ବିରୋଧୀ ପ୍ରତିବାଦ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ। ପାଲେଷ୍ଟାଇନ୍, ଇସ୍ରାଏଲ କିମ୍ବା ଆମେରିକୀୟ ଶକ୍ତି ଉପରେ ହୋଇଥିବା ଜନମତରୁ ଦୂରେଇଯାଇ ସେମାନେ ଗାଜାରେ ପ୍ରଥମରୁ ପାଲେଷ୍ଟିନୀୟଙ୍କ ହତ୍ୟାକୁ ରୋକିବା ପାଇଁ ଏକ ନୈରାଶ୍ୟଜନକ ଚୁକ୍ତି ଦ୍ୱାରା ପ୍ରେରିତ ହୋଇଛନ୍ତି। ଏଣୁ ଏବେ ବାଇଡେନ୍ ପ୍ରଶାସନ କ'ଣ କରିବା ଉଚିତ? ପାଲେଷ୍ଟାଇନ୍‌କୁ ଏକ ରାଷ୍ଟ୍ରର ସ୍ୱୀକୃତି ଦେବା ପାଇଁ ଆମେରିକା ବିଶ୍ୱସ୍ତରୀୟ ପଦକ୍ଷେପରେ ଯୋଗଦେଇପାରିବ। ମଧ୍ୟପ୍ରାଚ୍ୟରେ ଶାନ୍ତିର ବାଧକ ଦୂର କରିବାକୁ ହେଲେ ପାଲେଷ୍ଟାଇନ୍ ରାଷ୍ଟ୍ର ମାନ୍ୟତା ଉଭୟ ପକ୍ଷ ମଧ୍ୟରେ ବୁଝାମଣା ପାଇଁ ଏକ ପୂର୍ବ ସର୍ତ୍ତ ହେବା ଦରକାର। ଅପରପକ୍ଷେ, ଏହିପରି ସ୍ୱୀକୃତକୁ ପ୍ରତ୍ୟାଖ୍ୟାନ କରିବା ଅର୍ଥ ଯୁଦ୍ଧ ଏକ ମାତ୍ର ବିକଳ୍ପ ଓ ଏହାର ସାଂଘାତିକ ସିଦ୍ଧାନ୍ତକୁ ସମର୍ଥନ କରିବା। ଆଶ୍ଚର୍ଯ୍ୟର କଥା, ଆମେ ଆମେରିକାର ପ୍ରାଧାନ୍ୟର ଅଧୋଗତି ଦେଖୁଛୁ (ଉତ୍ତର ସିରିଆ ଏବଂ ପରେ ଆଫଗାନିସ୍ତାନରୁ ଆମେରିକା ପ୍ରତ୍ୟାହାର ଘଟଣାରେ)। ବାସ୍ତବରେ ଆମେରିକା କେବଳ ସମୁଦ୍ରରୁ ଗାଜା ଉପରେ ଆକ୍ରମଣ କରିବ, ଶାନ୍ତି ଏବଂ ଶୃଙ୍ଖଳା ପନଃ ସ୍ଥାପିତ କରିବ ଏବଂ ଜନସଂଖ୍ୟାକୁ ମାନବିକ ସହାୟତା ଯୋଗାଇବ। କିନ୍ତୁ ଏହା ଉପରେ ବିଶ୍ୱାସ କରନାହିଁ। ଜଣେ ଆମେରିକା ଉପରେ ନିର୍ଭର କରିବା ଅର୍ଥ ଅବଶିଷ୍ଟ ରାଷ୍ଟ୍ରଶକ୍ତି ନିୟୋଜନ କରିବାର ସୁଯୋଗ ହାତଛଡ଼ା କରିବା।

**ପ୍ରଫେସର, ଫିଲୋଶଫି, ୟୁରୋପିଆନ୍ ଗ୍ରାଜୁଏଟ ସ୍କୁଲ**

## ଅକାଳ ପକ୍ୱ ଫଳ ଅମୃତ ନା ବିଷ



ଡ. ଚିନ୍ତାମଣି ପଣ୍ଡା

ଋତୁକାଳୀନ ଫଳ ଓ ପନିପରିବା ସବୁ ବର୍ଷର ଭିନ୍ନ ଭିନ୍ନ ଋତୁରେ ବଜାରକୁ ଆସିଥାଏ। ଯେଉଁ ସମୟରେ ଯେଉଁ ଫଳଟି ଫଳେ ତାହା ସେ ଅଞ୍ଚଳର ତାପମାତ୍ରା, ଆଲୋକ ଓ ଆର୍ଦ୍ରତା ଦ୍ୱାରା ପ୍ରଭାବିତ ହୋଇ ସଅଳ କିମ୍ବା ବିଳମ୍ବରେ ପାଚିଥାଏ। କିନ୍ତୁ ଆମେ ସବୁବେଳେ ଅଦିନରେ ପାଉଥିବା ଫଳ କିମ୍ବା ପନିପରିବା ଖାଇବାକୁ ପସନ୍ଦ କରିଥାଉ। ଫଳରେ ବଜାରରେ ଏହାର ଚାହିଦା ଅନୁଯାୟୀ ଯୋଗାଣ ନ ଥିବାରୁ ଚଢ଼ାଦରରେ ଉପଲବ୍ଧ ହୁଏ। ଏ ପ୍ରକାର ସ୍ଥିତିରୁ ଫାଇଦା ଉଠାଇବା ପାଇଁ କିଛି ଅସାଧୁ ବ୍ୟବସାୟୀ ଫଳକୁ ଅସମୟରେ କୃତ୍ରିମ ଉପାୟରେ ପଚାଇଥାନ୍ତି। ଅବଶ୍ୟ ଏ ପ୍ରକାରର ପ୍ରଣାଳୀ ସଭ୍ୟତାର ଆଦିକାଳରୁ ପ୍ରଚଳିତ। ସେକାଳର ଲୋକମାନେ କଦଳୀ, ଆମ୍ବ, ବେଲ, କପିତ୍ଥ ପରି ଫଳକୁ ଗୋଦାମଗୃହରେ ଧୂଆଁ ଦେଇ କିମ୍ବା ଚୂନ ଦେଇ ପଚାଉଥିଲେ। ସେଥିପାଇଁ ସେମାନେ ପ୍ରାକୃତିକ ଉପାୟ ଯଥା ସୁନାରିପତ୍ର, ବାଉଁଶପତ୍ର, ପାଳ, ବାଲି, ଧାନଚାଉଳ ବସ୍ତା ଇତ୍ୟାଦିର ଉପଯୋଗ କରି ପାକଳ ଫଳକୁ ନିର୍ଦ୍ଦିଷ୍ଟ ସମୟରେ ପଚାଇଥାନ୍ତି। କିନ୍ତୁ ଆଜିର ବ୍ୟବସାୟୀଗଣ କୃତ୍ରିମ ଉପାୟ ଅବଲମ୍ବନ କରି ବିଭିନ୍ନ ରସାୟନ ଦ୍ୱାରା ସମୟ ପୂର୍ବରୁ ଫଳକୁ ପଚାଇ ବଜାରକୁ ଛାଡୁଛନ୍ତି। ଏହାଦ୍ୱାରା ସେମାନେ ଆର୍ଥିକ ଦୃଷ୍ଟିରୁ ଲାଭବାନ୍ ହେଉଛନ୍ତି ସିନା ଏଣେ କିନ୍ତୁ ସାଧାରଣ ଗ୍ରାହକଙ୍କ ସ୍ୱାସ୍ଥ୍ୟ ବିପଦ ଆଡ଼କୁ ଠେଲିହୋଇ ଯାଉଛି। ଧୂଆଁ କିମ୍ବା ଚୂନ ଦେଇ ପଚାଉଥିବା ଫଳ ଯେତିକି କ୍ଷତିକାରକ ନୁହେଁ, କ୍ୟାଲ୍‌ସିୟମ କାର୍ବାଇଡ୍ ଦ୍ୱାରା ପାଚୁଥିବା ଫଳ ସେବନ ବିପଦସଙ୍କୁଳ। କାରଣ ଏହି ରସାୟନଟି ସିଧାସଳଖ ଭାବେ ଆଲର୍ଜିଜନିତ ଶ୍ୱାସ, ଚର୍ମ କୁଣ୍ଡେଇହେବା ଆଦି ରୋଗସୃଷ୍ଟିରେ ସହାୟକ ହେଉଥିବାରୁ ଅନେକ ବିକଶିତ ଦେଶରେ ଏହାର ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ନିର୍ଦ୍ଧାରଣ ସଂସ୍ଥା ଏକ ନିୟାମକ ୨୦୧୧ ମସିହାରେ ପ୍ରଚଳନ କରିଥିଲେ, ଯେଉଁଥିରେ ଏହି ରସାୟନ ସହିତ ଏସିଟିଲିନି ଗ୍ୟାସ୍‌କୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥିଲା। ଅପରନ୍ତୁ କୃତ୍ରିମ ଭାବେ ପ୍ରସ୍ତୁତ ଇଥିଲିନି ଗ୍ୟାସ୍‌ର ଦ୍ରବଣ(ଲିଟର ପ୍ରତି ୧୦୦ ମି.ଲି. ପର୍ଯ୍ୟନ୍ତ)କୁ ବ୍ୟବହାରକୁ ଅନୁମତି ମିଳିଥିଲା। କିନ୍ତୁ ପ୍ରକୃତରେ ଏହି ଗ୍ୟାସ୍ ପାଚିଲା ଫଳ ଯଥା– ଆମ୍ବ, କଦଳୀ ଇତ୍ୟାଦିରୁ ବୃଦ୍ଧିବର୍ଦ୍ଧକ ହିସାବରେ ଆପେ ସୃଷ୍ଟି ହୋଇଥାଏ, ଯାହାର ବ୍ୟବହାର କ୍ଷତିକାରକ ନୁହେଁ। କୃତ୍ରିମ ଇଥିଲିନି ଗ୍ୟାସ୍‌ର ବ୍ୟବହାର କରି ଫଳ ପଚାଇବା ପାଇଁ ସେମାନେ ଏକ ମାର୍ଗଦର୍ଶିକା ପ୍ରଣୟନ କରିଛନ୍ତି। କିନ୍ତୁ ଅସାଧୁ ବ୍ୟବସାୟୀଗଣ ଏ ସବୁର ଅନୁପାଳନ କରିବାକୁ ଅନିଚ୍ଛୁକ। ଫଳତଃ ଜନସ୍ୱାସ୍ଥ୍ୟ ବିପଦଗ୍ରସ୍ତ ହେବା ଅବଶ୍ୟମ୍ଭାବୀ।

ଆଜିକାଲି ତରଭୁଜକୁ ଲାଲ୍ କରିବାକୁ ମଧ୍ୟ ଲିଡ୍ କ୍ରୋମେଟ୍ ନାମକ ଏକ କୃତ୍ରିମ ରଙ୍ଗ ବ୍ୟବହାର କରାଯାଉଛି। କିନ୍ତୁ ଏହାକୁ ପଚାଇବା ପାଇଁ ଅକ୍ସିଟକ୍ସିନ ନାମକ ହରମୋନ୍‌କୁ ଇଞ୍ଜେକ୍ସନ ମାଧ୍ୟମରେ ତରଭୁଜରେ ଭର୍ତ୍ତି କରୁଛନ୍ତି। ଏ ସବୁ ସ୍ୱାସ୍ଥ୍ୟପକ୍ଷେ ବିପଜ୍ଜନକ। ଏଣୁ ଆପେ ବଞ୍ଚିଲେ ବାପର ନାଁ ହିସାବରେ ଆମେ ଏପ୍ରକାର ଅସମୟରେ ମିଳୁଥିବା କୃତ୍ରିମ ପକ୍ୱ ଫଳକୁ ଚିହ୍ନିବାର ଉପାୟ ଜାଣିବା। ବଜାରରୁ ଫଳ କିଣିବା ବେଳେ ପ୍ରଥମେ ତା'ର ରଙ୍ଗକୁ ନିରେଖି ଦେଖନ୍ତୁ । ଯଦି ଡେମ୍ଫ ପାଖରୁ ଅଗ ପର୍ଯ୍ୟନ୍ତ ସମତୁଲ ଭାବେ ପାଚିଥାଏ ଏବଂ ରଙ୍ଗ ଗାଢ଼ ତଥା ଚକ ଚକ କରୁଥାଏ ତାହାକୁ କୃତ୍ରିମ ପକ୍ୱ ବୋଲି ଜାଣିବା। ଯଦି ଏ ଫଳକୁ ଶୁଙ୍ଘିବା ତେବେ ତହିଁରୁ ମିଠା ବାସନା ନ ଆସି ଔଷଧ ବାସ୍ନା ଆସିବ। ଫଳଟିକୁ ଚିପିଲେ ପୂରା ଦବିଯାଉଥିବ। ବେଳେବେଳେ ଚୋପା ଉପରେ ଡେମ୍ଫ ଆଡ଼କୁ କଳା କଳା ଦାଗ, କ୍ଷତ ଇତ୍ୟାଦି ଜଣାପଡ଼ିବ ଯାହାକି କାର୍ବାଇଡ୍ କିମ୍ବା ଇଞ୍ଜେକ୍ସନର ଚିହ୍ନ। ଏ ଫଳକୁ ଯଦି ଚାଖିବେ ତା'ହେଲେ ତା'ର ପ୍ରକୃତ ସ୍ୱାଦ ନ ଆସି ଭିନ୍ନ ଏକ ସ୍ୱାଦ ଆସିବ। ଆଉ ପରୀକ୍ଷା କରିବା ପାଇଁ ଯଦି ପାଣିରେ ବୁଡ଼ାଇଦେବେ ତାହାହେଲେ ଫଳଗୁଡ଼ିକ ଭାସିବା ପରିବର୍ତ୍ତେ ବୁଡ଼ିଯିବ। ଏସବୁ ଲକ୍ଷଣ ଜାଣିବା ପରେ ଯଦି ପରିସ୍ଥିତିର ବାଧ୍ୟବାଧକତା ହେତୁ ଫଳ କିଣୁଛନ୍ତି ତେବେ ତାକୁ ଘରକୁ ଆଣିବା ପରେ ଏକ ପାତ୍ରରେ ଖାଇବାସୋଡ଼ା ଦ୍ରବଣରେ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଭିଜାଇରଖନ୍ତୁ। ପରେ ଭଲଭାବେ ଧୋଇ ବ୍ୟବହାର କରିପାରିବେ। ଠିକ୍ ସେହିପରି ତରଭୁଜ କିଣିଥିଲେ ତାକୁ ଦୁଇଫାଳ କରି କାଟି ଏକ ତୁଳା ସାହାଯ୍ୟରେ ଭିତରର କୃତ୍ରିମ ରଙ୍ଗକୁ ଧୀରେ ଧୀରେ ଭିଜାଇ କାଢ଼ିପାରିବେ।

**ପ୍ରାଧ୍ୟାପକ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି**
**ମୋ:୮୧୪୦୬୬୦୧୬**

## ଏଇ ଭାରତରେ

ବୟସ ୮୭, ତଥାପି ଏହି ବୟସରେ ସଡ଼କ ଦୁର୍ଘଟଣାରେ ଜୀବନ ବଞ୍ଚାଇବା ଲାଗି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରଖିଛନ୍ତି ରାଜସ୍ଥାନର ଡ. ମାୟା ଟଣ୍ଡନ। ସେ 'ସହାୟତା ଟ୍ରଷ୍ଟ' ଗଠନ କରି ତା' ମାଧ୍ୟମରେ ଏହି ପ୍ରଶିକ୍ଷଣ ଅଭିଯାନ ଚଳାଇଛନ୍ତି। ଏବେ ସୁଦ୍ଧା ମାୟା ୧,୩୩,୦୦୦ ଲୋକଙ୍କୁ ସଡ଼କ ଦୁର୍ଘଟଣାରେ ଜୀବନ ରକ୍ଷା ଉପାୟ ସମ୍ପର୍କରେ ପ୍ରଶିକ୍ଷଣ ଦେଇ ସାରିଲେଣି। ମାୟାଙ୍କ ଜନ୍ମ ଆଜମେରରେ। ସେ ସେଠାରେ ପଢ଼ିଛନ୍ତି ଓ ବଢ଼ିଛନ୍ତି। ପରେ ଏମ୍‌ବିବିଏସ୍‌ରେ ଡିଗ୍ରୀ ହାସଲ କରି ଜଣେ ଆନାସ୍ଥେସିଓଲୋଜିଷ୍ଟ ଭାବେ କାର୍ଯ୍ୟ କରିଥିଲେ। ୧୯୮୫ରେ ଅବସର ନେବା ପରେ ଏହି କାର୍ଯ୍ୟରେ ଲାଗିଛନ୍ତି। ପ୍ରଥମେ ରାଜସ୍ଥାନ ପୋଲିସ ଏକାଡେମୀ ଅନୁରୋଧରେ ପୋଲିସମାନଙ୍କୁ ଦୁର୍ଘଟଣା ପୀଡ଼ିତଙ୍କ ଜୀବନ ବଞ୍ଚାଇବା ସମ୍ପର୍କରେ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ। ଏହା ପରେ ବିଭିନ୍ନ ସେମିନାର ମାଧ୍ୟମରେ ସେ ମାଗଣାରେ ଏହି କାର୍ଯ୍ୟକ୍ରମ ଚଳାଇଛନ୍ତି। ସହାୟତା ଟ୍ରଷ୍ଟ ମଧ୍ୟ ସରକାରଙ୍କ ସହ ମିଶି ବିଭିନ୍ନ ସାର୍ବଜନୀନ ସ୍ଥାନରେ ଜରୁରୀ ସେବା ଯୋଗାଇ ଦେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ମେ ୧୯୭୫

- ହରିଆନା ବିଧାନସଭାର ୯ ସ୍ୱାଧୀନ ସଭ୍ୟ କଂଗ୍ରେସରେ ଯୋଗଦେବା ଫଳରେ କଂଗ୍ରେସ ଦଳର ସଭ୍ୟସଂଖ୍ୟା ୬୧କୁ ବୃଦ୍ଧି।
- କେନ୍ଦ୍ର ସୂଚନା ଓ ବେତାର ଉପମନ୍ତ୍ରୀ ଧର୍ମବୀର ସିହ୍ନାଙ୍କ ଦ୍ୱାରା କଲିକତାରେ ଟିଭି ଷ୍ଟୁଡିଓ ଉଦ୍‌ଘାଟିତ।
- ଉତ୍ତର ବମ୍ବେର ଜୁହୁ କାଲିଓ୍ୱାର୍ଡା ସମୁଦ୍ର ବେଳାରୁ ଦୁର୍ନୀତି ନିର୍ବାରଣ ବ୍ୟୁରୋ ଦ୍ୱାରା ୧୫ ଲକ୍ଷ ଟଙ୍କା ମୂଲ୍ୟର ଚୋରା ହାତବନ୍ଧା ଘଡ଼ି ଜବତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | | | 8 | 3 |
| | 8 | 6 | 5 | | | | | |
| | | | | | | | 1 | 4 |
| | | | | 8 | 6 | | | |
| | | 5 | | | | | | |
| | 7 | | 3 | | 1 | | | |
| | | 8 | | 4 | | | | 2 |
| | | 7 | 9 | | 3 | | | |
| | | 3 | | 1 | | | 4 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 2 | 3 | 5 | 7 | 6 | 4 | 1 |
| 3 | 4 | 6 | 1 | 2 | 8 | 5 | 7 | 9 |
| 7 | 1 | 5 | 6 | 4 | 9 | 2 | 8 | 3 |
| 2 | 3 | 1 | 9 | 8 | 4 | 7 | 6 | 5 |
| 6 | 7 | 4 | 5 | 1 | 3 | 9 | 2 | 8 |
| 5 | 8 | 9 | 2 | 7 | 6 | 3 | 1 | 4 |
| 4 | 6 | 3 | 7 | 9 | 1 | 8 | 5 | 2 |
| 9 | 5 | 8 | 4 | 6 | 2 | 1 | 3 | 7 |
| 1 | 2 | 7 | 8 | 3 | 5 | 4 | 9 | 6 |

ଗତକାଲିର ଉତ୍ତର

# ଗ୍ରୀଷ୍ମରେ ଛାୟାଦ୍ରୁମ



ଡ. ଶରତ ଚନ୍ଦ୍ର ପରିଡ଼ା

ପ୍ରଚଣ୍ଡ ଗ୍ରୀଷ୍ମରେ ଶୀତଳ ଛାଇ ଟିକିଏ ମିଳିଗଲେ ସତେ କି ଅମୃତ! ମଝିରେ ମଝିରେ ଝଡ଼ବତାସ ଆସି ପୁରୁଣାକାଳିଆ ଗଛବୃଛକୁ ମୂଳପୋଛ କରିଦେଉଛି। ଗାଁଗଣ୍ଡାର ମୁଣ୍ଡରେ ଥିବା ସାଂସ୍କୃତିକ କେନ୍ଦ୍ର, ତୋଟାମାଳ ଆଜି ଖାଁ ଖାଁ ଲାଗୁଛି। ରାସ୍ତାକଡ଼ରେ ଥିବା ଗଛର ଛାଇ ପଥିକ ମୁଣ୍ଡ ଉପରୁ ହଜିଗଲାଣି। ତାପତପ୍ତ ଧରିତ୍ରୀରେ ଅତି ବିକଳରେ ଛାଇ ଟିକିଏ ଖୋଜିଚାଲିଛନ୍ତି ପଶୁପକ୍ଷୀ, ଜୀବଜନ୍ତୁ ଓ ମଣିଷ। ଟାଣଖରାରେ ଥକିପଡ଼ିଲେ ଜୀବମାନେ ଗଛ ଛାଇରେ ବିଶ୍ରାମ ନେଉଥିଲେ ଓ ଟିକିଏ ଆରାମ ପାଉଥିଲେ। ଗଛମୂଳେ ଘାସରେ କିଏ ଗାମୁଛା ପାରି ଶୋଇପଡୁଥିଲା। ବିଲ ମଝିରେ ଗଛଟିଏ ଥିଲେ ଚଷାପୁଅ ବଳଦ ସହିତ ତା' ତଳକୁ ଆସି ମୁଣ୍ଡ ଗୁଞ୍ଜୁଥିଲେ। ଚାଲି ଚାଲି ଥକିଗଲେ ବାଟୋଇ ଭାଇ ଗଛମୂଳରେ ଦଣ୍ଡେ ବସି ପଡୁଥିଲା। ଶୀତଳ ଛାଇରେ ତା' ଆଖିକୁ ଆପେ ଆପେ ନିଦ ଚାଲିଆସୁଥିଲା। ପ୍ରଥମ ଶତକର ମହାକବି କାଳିଦାସ ଅଭିଜ୍ଞାନଶାକୁନ୍ତଳମ୍ ନାଟକରେ ପ୍ରକୃତି ବର୍ଣ୍ଣନାରେ ଲେଖନ୍ତି: ଗ୍ରୀଷ୍ମଋତୁରେ ନଦୀ ଓ ସରୋବରର ଶୀତଳ ଜଳରେ ସ୍ନାନକରି ଲୋକେ ସୁଖ ଅନୁଭବ କରନ୍ତି। ସ୍ଥଳ ପଦ୍ମ ସମ୍ପର୍କରେ ଆସି ପବନ ସୁଗନ୍ଧିତ ହୋଇଉଠେ, ଘନଛାୟାଯୁକ୍ତ ସ୍ଥଳରେ ସହଜରେ ନିଦ ଆସିଯାଇଥାଏ ଓ ଗ୍ରୀଷ୍ମର ସାୟଂକାଳ ରମଣୀୟ ହୋଇଉଠେ: ପ୍ରଚ୍ଛାୟସୁଲଭନିଦ୍ରା ଦିବସାଃ ପରିଣାମରମଣୀୟାଃ (୧/୩.ଖ)।

ଛାୟା ଏକ ପ୍ରାକୃତିକ ଓ ବଡ଼ ସବୁଜ ଆରାମଦାୟକ ଚାନ୍ଦୁଆ। ଏକ ଖୋଲାମେଲା ମୁକ୍ତାଗାରେ ଗ୍ରୀଷ୍ମକ୍ଳାନ୍ତ ପ୍ରାଣୀମାନଙ୍କୁ ତତ୍କାଳ ଶୀତଳ ଅନୁଭବ ସହିତ କିଛି ସମୟ ପାଇଁ ସୂର୍ଯ୍ୟଙ୍କ କ୍ଷତିକାରକ(ୟୁ.ଭି.) କିରଣରୁ ବିରତି ଦେଇଥାଏ ଛାୟା। ଚର୍ମକୁ ସୁରକ୍ଷା ମିଳେ। ମନରୁ ଉତ୍ତେଜନା ହ୍ରାସକରେ ଆଉ ଆତ୍ମାକୁ ଶାନ୍ତି ଆଶ୍ୱସ୍ତି ଦିଏ। ଅପୂର୍ବ ସଂଗୀତ ରଚନା କରେ। ବହଳିଆ ଛାଇରେ ଶବ୍ଦ ପ୍ରଦୂଷଣ କମିଥାଏ। ସିଧା ପଡୁଥିବା ସୂର୍ଯ୍ୟକିରଣର ପ୍ରଚଣ୍ଡତାକୁ ଗ୍ରହଣ କରିନିଏ, ତାପତୋପ କମାଇଦିଏ। ପାଖରେ ଗଛବୃଛ ଥିଲେ ଶୀତତାପ ନିୟନ୍ତ୍ରିତ ହୋଇ ରହେ। ଛାୟା ଘର ବାହାରେ ଗମନାଗମନକୁ ଆନନ୍ଦଦାୟକ କରେ। ଜଙ୍ଗଲ ହେଉଛି ପୃଥିବୀର ଫୁସ୍‌ଫୁସ୍, ଯିଏ ଦୂଷିତ ପବନକୁ ଶୁଦ୍ଧ କରେ ଓ ଆମର ଲୋକମାନଙ୍କୁ ସଦ୍ୟଶକ୍ତି ଯୋଗାଇଦିଏ। କଣ୍ୱମୁନିଙ୍କ ଆଶ୍ରମରେ ତାପତପ୍ତ ମୃଗମାନେ ଦଳ ଦଳ ହୋଇ ବୃକ୍ଷଛାୟାରେ ବିଶ୍ରାମକରି ନିର୍ଭୟରେ ପାକୁଳି କରୁଥିଲେ : ଛାୟାବଦ୍ଧକଦମ୍ବକଂ ମୃଗକୁଳଂ..(୨/୬)। କବିଙ୍କ ଏ ବର୍ଣ୍ଣନାଚିତ୍ର ଆଜି ବର୍ଦ୍ଧିଷ୍ଣୁ ପରିବେଶ ପ୍ରଦୂଷଣରେ ବିଚିତ୍ର ଲାଗୁଛି। ଛାୟାପ୍ରଦ ଗଛ ଏକ ଆବଶ୍ୟକତା। ଏହା ବିନା ଜୀବକୁଳ ବଞ୍ଚିପାରିବ ନାହିଁ। ରିଚାର୍ଡ ମେବେଙ୍କ ଭାଷାରେ,''ଗଛ ବିନା ରହିବା ଯାହା, ଆମେ ଆମ ମୂଳ ବିନା ରହିବା ତାହା।'' ଗଛକୁ ଓପାଡ଼ିଲେ ମଣିଷର ଚେର ଉପୁଡ଼ିଯାଏ। ପ୍ରକୃତି ସହିତ ଆମର ସଂଯୋଗସୂତ୍ର ଗଛ।



ମଣିଷ ଛାଇ ପାଇଁ ହାଇଁପାଇଁ। ସୂର୍ଯ୍ୟଙ୍କ ପ୍ରଚଣ୍ଡ ପ୍ରକାଶକୁ ସାମୟିକ ଛେଦନ କରି ଶୀତଳତା ଦେଉଥିବା ଛାୟା ଦୁର୍ଲଭ। ସକାଳୁ ସଞ୍ଜଯାଏ ଅତ୍ୟନ୍ତ ଶୀତଳଛାୟା, ଯାହାର ତଳକୁ ଛାଡ଼ିଯାଏ ନାହିଁ ସେଭଳି ଛାୟାଦ୍ରୁମ ଆଜି ସାତସପନ।

ଆମ ଓଡ଼ିଶା ରାଜ୍ୟର ୪୫ ଭାଗ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଯେଉଁ ଦେଶରେ ବନାଞ୍ଚଳ ଯେତେ ଅଧିକ ସେ ଦେଶ ସେତେ ସୁଖୀ। ଫିନ୍‌ଲାଣ୍ଡରେ ୭୫ ଭାଗ ଜଙ୍ଗଲ ଥିବାରୁ ସେ ଦେଶର ଅଧିବାସୀ ବିଶ୍ୱରେ ସବୁଠୁ ଅଧିକ ସୁଖୀ। ମଣିଷ, ଜୀବଜନ୍ତୁ, ଉଦ୍ଭିଦ ଥିଲେ ପ୍ରକୃତିର ମୁକ୍ତ ସନ୍ତାନ। ମାଟି ଆଉ ଆକାଶରେ ଲେଖୁନାହିଁ ବୃକ୍ଷର କବିତା କି ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସୁଗନ୍ଧ ଆଉ ପ୍ରସରୁନାହିଁ ବାୟୁମଣ୍ଡଳରେ।

ଉଷ୍ଣ ଜଳବାୟୁର ଛାୟାପ୍ରଧାନ ବୃକ୍ଷରାଜି ଓ ଲତାକୁଞ୍ଜ ପ୍ରକୃତିର ବରଦାନ। ଦେବସଦନ ଗଛର ସୁନ୍ଦର ଛାୟାରେ ଥାଏ ଜୀବର ଜୀବନ ଓ ପାରିବେଶିକ ସନ୍ତୁଳନ। ଛାୟା ପ୍ରାକୃତିକ ସୁରକ୍ଷାକବଚ। ପ୍ରଚଣ୍ଡ ରୌଦ୍ରତାପକୁ ହ୍ରାସକରି ପରିବେଶକୁ ଶୀତଳ ରଖେ ଓ ଶକ୍ତି ସଂରକ୍ଷଣ କରେ। ଦେବ, ଦାନବ, ଗନ୍ଧର୍ବ, କିନ୍ନର, ପଶୁପକ୍ଷୀ ଓ ମନୁଷ୍ୟ ସମସ୍ତେ ଆନନ୍ଦରେ ଗଛକୁ ଆଶ୍ରୟ କରିଥା'ନ୍ତି। ସୁରଗଣ ପୁଷ୍ପ, ପିତୃପୁରୁଷ ଫଳ ଓ ଛାୟା ଦ୍ୱାରା ମନୁଷ୍ୟ, ପଶୁପକ୍ଷୀମାନେ ପରିତୃପ୍ତ ହୋଇଥା'ନ୍ତି। ସେଦିନ କୋମଳାଙ୍ଗୀ ଶକୁନ୍ତଳା ନରେଶ ଦୁଷ୍ୟନ୍ତଙ୍କ ପାଖକୁ ଯିବା ଅବସରରେ ବାଟରେ ଛାୟାଦ୍ରୁମମାନେ ତାଙ୍କ ଉପରେ ପ୍ରଚଣ୍ଡ ସୂର୍ଯ୍ୟ କିରଣକୁ ପଡ଼ିବାକୁ ନ ଦେଇ ନିୟନ୍ତ୍ରଣ କରୁଥିଲେ: ଛାୟାଦ୍ରୁମୈ- ର୍ନିୟମିତାର୍କ-ମୟୂଖତାପଃ। ଆଜି ସହରର ଟ୍ରାଫିକ୍ ଛକରେ ଦ୍ରୁମଛାଇ ସ୍ଥାନରେ ସବୁଜ କୃତ୍ରିମ ଛାମୁଣ୍ଡିଆ। ବାସ୍ତବରେ ପ୍ରାଣୀମାନେ ତ୍ୟାଗ କରୁଥିବା ଅଙ୍ଗାରକାମ୍ଳକୁ ଗ୍ରହଣକରି ଛାୟାବୃକ୍ଷ ତାପର ପ୍ରଚଣ୍ଡତାକୁ କମ୍ କରି ଦେଇଥାଏ। ତେଣୁ ବୃକ୍ଷ ଦେବତା। ଜୀବଜଗତକୁ ବଞ୍ଚାଇବାରେ ବିଫଳ ହେଲେ ପରିଶେଷରେ ବୃକ୍ଷ ଧରାତ୍ୟାଗ କରିଥାଏ।

ନିଜ ସୁଖରେ ଅଭିଳାଷୀ ନ ହୋଇ ଗଛ ଲୋକମାନଙ୍କର ମଙ୍ଗଳ ପାଇଁ ପ୍ରତିଦିନ କଷ୍ଟସହନ କରୁଥାଏ। ଗଛ ମଥାରେ ତୀବ୍ର ଉଷ୍ମ ଅନୁଭବ କରି ତଳେ ଆଶ୍ରୟ ନେଇଥିବା ଜୀବମାନଙ୍କ ତାପକ୍ଳେଶ ଓ ସନ୍ତାପକୁ ଛାୟା ଦ୍ୱାରା ପ୍ରଶମିତ କରିଥାଏ। ମହାକବି କାଳିଦାସଙ୍କ ଭାଷାରେ: ଅନୁଭବତି ହି ମୂର୍ଦ୍ଧ୍ନା ପାଦପସ୍ତୀବ୍ରମୁଷ୍ଣଂ, ଶମୟତି ପରିତାପଂ ଛାୟୟା ସଂଶ୍ରିତାନାମ× (୫/୭)॥ ବଡ଼ ଓ ତୈଳାକ୍ତ ପତ୍ରରେ ଛାଇଦେବାରେ ଓ ଅମ୍ଳଜାନ ଯୋଗାଇବାରେ ଶ୍ରେଷ୍ଠ ବୋଲି ଭାରତ ଜାତୀୟ ବୃକ୍ଷର ନାଁ ବର। ଅଶ୍ୱ ଓ ପିପଲ ବା ବୋଧିବୃକ୍ଷ ଓ ପାଇନ୍ ପତ୍ରର ତାପସହନଶକ୍ତି ଅଧିକ। ନାଲି ରଙ୍ଗଭରା କୃଷ୍ଣଚୂଡ଼ା ଓ ପେଣ୍ଠା ପେଣ୍ଠା ହଳଦିଆ ଫୁଲର କାଶିଆ ପିସ୍ତୁଲାର ଗଛ ଛାଇ ସହିତ ଜନମନ ହରଣ କରେ। ଆସନ୍ତୁ ଗଛଟି ପୋତିବା। ୱାଘାଂରି ମାଥାଇ ଉକ୍ତିଟି ମନକୁ ଛୁଏଁ-''ଗୋଟିଏ ଗଛ ଲଗାଇବା ଅର୍ଥ ଆମେ ଶାନ୍ତି ଓ ଆଶାର ମଞ୍ଜି ପୋତୁ।'' ସତରେ ଫଳପୁଷ୍ପ ଭାରରେ ଗଛଟି ନଇଁପଡ଼େ ମଣିଷକୁ କୋଳେଇ ନେବାକୁ ଆଉ ତା' ହୃଦୟରେ ଛାଇର ଶୀତଳତା ଭରିଦେବାକୁ। ଗଛ ଆମର ଆଦର୍ଶ, ସ୍ୱପ୍ନ, ପ୍ରେରଣା ଓ ବାସ୍ତବତା। ଯେଉଁ ଗଛର ମୂଳ ଦୃଢ଼, ସେ ଝଡ଼କୁ ଦେଖିଲେ ହସେ। ତାସନିରନ୍ ହାର୍ନିଡ୍ କହନ୍ତି, ''ଗଛର ଚେରରୁ ଚରିତ୍ର ଓ ମୂଲ୍ୟବୋଧ ଓ ପତ୍ରରୁ ପରିବର୍ତ୍ତନ ଶିଖ।''

**ମୋ: ୭୦୦୮୪୭୫୪୪୨**

## ପାଠକ ଶ୍ରେଷ୍ଠ ବିଚାରକ

### ସେତୁ ଦୁଇପାର୍ଶ୍ୱ ରାସ୍ତା, ହମ୍ପସ ରଙ୍ଗ ଦିଆଯାଉ

ମହାଶୟ,

ଯାଜପୁର ଜିଲା ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱ ରାସ୍ତାଗୁଡ଼ିକ ମରଣ ଯନ୍ତାରେ ପରିଣତ ହୋଇଛି। ଛତିଆ ବଡ଼ଚଣା ଓ ଚଣ୍ଡିଖୋଲ ରାସ୍ତାରେ ଥିବା ହମ୍ପସଗୁଡ଼ିକରେ ଧଳାରଙ୍ଗ ଦିଆଯାଇ ନ ଥିବାରୁ ପ୍ରତିଦିନ ଛୋଟମୋଟ ଦୁର୍ଘଟଣାମାନ ଘଟୁଛି। ଗାଡ଼ି ଚାଳକମାନେ ବ୍ରିଜ୍‌ପାର୍ଶ୍ୱ ରାସ୍ତାରେ ଯାଉଥିବା ସମୟରେ ହମ୍ପସଗୁଡ଼ିକୁ ଦୂରରୁ ଜାଣିପାରୁନାହାନ୍ତି। ଫଳରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ସରକାର ଜାତୀୟ ରାଜପଥକୁ ଅଧିକ ଯତ୍ନ କରିବାକୁ ଦାବି ହେଉଛି। ଏନ୍‌ଏଚ୍‌ଏଆଇ ଓ ରାଜରାସ୍ତା ନିର୍ମାଣ ବିଭାଗର ମିଳିତ ସହଯୋଗରେ ରାଜପଥ ବିପଦମୁକ୍ତ ହୋଇପାରିବ। ରାସ୍ତାପାର୍ଶ୍ୱରେ ଥିବା ହମ୍ପସଗୁଡ଼ିକରେ ଧଳାରଙ୍ଗ ଲଗାଇବାକୁ ବହୁଦିନରୁ ଦାବି ହେଉଥିଲେ ମଧ୍ୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। ସରକାର ତୁରନ୍ତ ହମ୍ପସଗୁଡ଼ିକୁ ଧଳାରଙ୍ଗରେ ରଙ୍ଗାୟିତ କରିବାକୁ ଅନୁରୋଧ।

**–ନିର୍ମଳ ସାମଲ, ବଡ଼ଚଣା, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପଉଷ ଗୀତ ଆସୁ ହେ ଭାସି
ପୂରବୀ ପ୍ରୀତି ଛନ୍ଦେ
ଆକାଶ ଧରା ଉଠୁ ହେ ପୂରି
ଅଗୁରୁ ଗୁରୁ ଗନ୍ଧେ।

–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଭାରତ ନିର୍ବାଚନ ଆୟୋଗ
Election Commission of India
'Cvigil, ଜକ୍ସ' ତଳକିତ୍ର ଦେଖିବା ପାଇଁ ଏହି QR କୋଡ ସ୍କାନ କରନ୍ତୁ
iOS
Android
ଏକ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ଆପଣଙ୍କ ଭୂମିକା ନିର୍ବାହ କରନ୍ତୁ ।
C vigil ଆପ୍ଲିକେସନକୁ ସ୍କାନ କରି ଡାଉନଲୋଡ କରନ୍ତୁ
ଏବଂ ଯେ କୌଣସି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନର ସୂଚନା ଦିଅନ୍ତୁ ।
cVIGIL
ରାଜକୁମାର ରାଓ
ନିର୍ବାଚନର ପର୍ବ ଦେଶର ଗର୍ବ
CBC 52101/13/0027/2425




# ସଂତୃପ୍ତଙ୍କ ସମ୍ପତ୍ତି ୪୮୨ କୋଟି

## ଓଡ଼ିଶାର ୩ୟ ପର୍ଯ୍ୟାୟ ନିର୍ବାଚନ: ୨୮ ଲୋକ ସଭା ପ୍ରାର୍ଥୀ କୋଟିପତି

**ଭୁବନେଶ୍ୱର, ୧୬।୫**

ଆସନ୍ତା ୨୫ରେ ହେବାକୁ ଥିବା ଓଡ଼ିଶାର ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୬ ଲୋକ ସଭା ଆସନ ପାଇଁ ୬୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରୁ ୨୮ ଜଣ(୪୪%) କୋଟିପତି ହୋଇଥିବା ଆସୋସିଏସନ୍ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର୍) ପ୍ରକାଶ କରିଛି। ଏହି ପର୍ଯ୍ୟାୟରେ ବିଜେଡିର ସମସ୍ତ ୬ ପ୍ରାର୍ଥୀ କୋଟିପତି ହୋଇଥିବାବେଳେ ଭାଜପା ଏବଂ କଂଗ୍ରେସର ୪ ଜଣ ଲେଖାଏ ପ୍ରାର୍ଥୀ କୋଟିପତି ରହିଛନ୍ତି। ସେହିପରି ଏହି ପର୍ଯ୍ୟାୟରେ ସମସ୍ତ ଲୋକ ସଭା ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୧୧.୮୦ କୋଟି ଟଙ୍କା ରହିଛି। ବିଜେଡି ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୯୫ କୋଟି ହୋଇଥିବାବେଳେ ଭାଜପା ଏବଂ କଂଗ୍ରେସ ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ଯଥାକ୍ରମେ ୫ କୋଟି ଏବଂ ୨ କୋଟି ରହିଛି। କଟକ ଲୋକ ସଭା ଆସନରୁ ବିଜେଡି ଟିକେଟରେ ନିର୍ବାଚନ ଲଢୁଥିବା ସଂତୃପ୍ତ ମିଶ୍ର ହେଉଛନ୍ତି ଏହି ପର୍ଯ୍ୟାୟର ସବୁଠାରୁ ଧନୀ ପ୍ରାର୍ଥୀ। ତାଙ୍କର ମୋଟ ୪୮୨ କୋଟିର ସ୍ଥାବର ଓ ଅସ୍ଥାବର ସମ୍ପତି ରହିଛି। ସେହିପରି ପୁରୀ ଲୋକ ସଭା ଆସନର ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ କୁମାର ବରାଳ ହେଉଛନ୍ତି ସବୁଠାରୁ ଗରିବ ପ୍ରାର୍ଥୀ। ତାଙ୍କର ମାତ୍ର ୪,୦୩୨ ଟଙ୍କାର ସମ୍ପତ୍ତି ଥିବା ନାମାଙ୍କନ ବେଳେ ଦାଖଲ କରିଥିବା ସତ୍ୟପାଠରୁ ଏଡିଆର୍ ପ୍ରକାଶ କରିଛି। ଅନ୍ୟପକ୍ଷରେ ୬୪ ପ୍ରାର୍ଥୀଙ୍କ ମଧ୍ୟରୁ ୧୮ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ସୂଚନାଯୋଗ୍ୟ, ଓଡ଼ିଶାରେ ତୃତୀୟ ପର୍ଯ୍ୟାୟରେ ଭୁବନେଶ୍ୱର, କଟକ, କେନ୍ଦୁଝର, ଢେଙ୍କାନାଳ, ପୁରୀ ଏବଂ ସମ୍ବଲପୁର ଲୋକ ସଭା ଆସନରେ ମତଦାନ ହେବ।

# ଚିଙ୍ଗୁଡ଼ି ପ୍ଲାଣ୍ଟରେ ଗ୍ୟାସ୍ ଲିକ୍: ୧୫ରୁ ଊର୍ଦ୍ଧ୍ୱ ଗୁରୁତର

**ନୀଳଗିରି(ପ୍ରଶାନ୍ତ କୁମାର ବିଶ୍ୱାଳ)/ ରେମୁଣା(ରବୀନ୍ଦ୍ର ମହାକୁଡ), ୧୬।୫**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଗଡିଆମାଳସ୍ଥିତ ସ୍ନୋ ୱାର୍ଲ୍ଡ ନାମକ ଚିଙ୍ଗୁଡି ପ୍ଲାଣ୍ଟରେ ଗୁରୁବାର ରାତି ପ୍ରାୟ ୯ଟା ବେଳେ ଗ୍ୟାସ ଲିକ୍ ହୋଇ ୧୫ ଊର୍ଦ୍ଧ୍ୱ ଗୁରୁତର ହୋଇପଡିଛନ୍ତି। ସେମାନଙ୍କ ମଧ୍ୟରେ କେତେଜଣ ନାବାଳିକା ଥିବା ଜଣାପଡିଛି। ଏ ସିଫ୍ଟରେ କାମ କରୁଥିବା ବେଳେ ହଠାତ୍ ବିଷାକ୍ତ ଗ୍ୟାସ ଲିକ୍ ହେବାରୁ ଯୁବତୀ ଓ ନାବାଳିକା ଅଚେତ ହୋଇପଡିଥିଲେ। କମ୍ପାନୀର କୌଣସି କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ନ ଥିବା ବେଳେ ସାଥୀ କର୍ମଚାରୀମାନେ ସେମାନଙ୍କୁ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ଖବର ଲେଖା ହେବା ବେଳକୁ ଏହି ଘଟଣାକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।


ନୀଳଗିରି ମେଡିକାଲରେ ଚିକିତ୍ସାଧୀନ ଅସୁସ୍ଥମାନେ।

# ମାଟି ଧସି ୩ ଶ୍ରମିକ ମୃତ

## ପାଣି ପାଇପ୍ ବିଛା କାମ ବେଳେ ଅଘଟଣ

**ଯାଜପୁର/ପ୍ରୀତିପୁର/ବିଞ୍ଝାରପୁର, ୧୬।୫(ହର୍ଷବର୍ଦ୍ଧନ ବେହେରା/ ସୁଶାନ୍ତ ବେହୁରା/ରାମକୃଷ୍ଣ ଦାସ)**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ କପିଳାଠାରୁ ମଲିଆ ଭାୟା ବଳଭଦ୍ରପୁର ରାସ୍ତାର ରାହାଁସ ଗ୍ରାମ ନିକଟରେ ଗୁରୁବାର ସକାଳେ ପାର୍ବତୀ ଗିରି ମେଗା ଉଠା ଜଳସେଚନ ପ୍ରକଳ୍ପ ପାଇଁ ପାଇପ୍ ବିଛା କାମ ଚାଲିଥିବାବେଳେ ମାଟି ଅତଡା ଧସି ୩ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକମାନେ ହେଲେ ଏଲ୍ଏଣ୍ଡଟି ଠିକାସଂସ୍ଥାରେ କାମ କରୁଥିବା ତାମିଲନାଡୁର ଚିଦାମ୍ବରମ ଭେଲୁଲାଇ, ବିହାରର ଫିରୋଜ ଅନସାରୀ, ଅତାବ୍ ଅନସାରୀ। ଅଳକୁଣ୍ଡ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ସଂକ୍ରାନ୍ତରେ ତଦନ୍ତ ଜାରି ରହିଛି । ସୂଚନା ଅନୁଯାୟୀ,ଯାଜପୁର ଜିଲାରେ ପାର୍ବତୀ ଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ପାଇଁ ଦ୍ୱିତୀୟ ପର୍ଯ୍ୟାୟ କାମ ଚାଲିଛି । ଏଥିରେ ଯାଜପୁର ଜିଲାର ୭ ଓ କେନ୍ଦ୍ରାପଡ଼ା ଜିଲାର ୨ ପ୍ରକଳ୍ପ ରହିଛି। ପ୍ରାୟ ୩୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ସେହି କାମ କରାଯାଇଛି। ଯାଜପୁର ଜିଲାର ସଇଦପୁର ପ୍ରକଳ୍ପ କାମ ପାଇଁ ମେଶିନ ଲଗାଇ ପାଇପ୍ ବିଛା କାମ ଚାଲିଥିଲା । ଏହି କାମ ଦାୟିତ୍ୱ ଏଲ୍ଏଣ୍ଡଟି ଠିକାସଂସ୍ଥାକୁ ମିଳିଛି । ଗୁରୁବାର ରାହାଁସ ଗ୍ରାମ ନିକଟରେ ପାଇପ୍ ବିଛା କାମରେ ୩ ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ହଠାତ୍ ଉପରୁ ବଡ଼ ମାଟି ଅତଡା ଖସି ପଡିଥିଲା। ଫଳରେ ୩ ଜଣ ଶ୍ରମିକ ମାଟି ତଳେ ପୋତି ହୋଇ ରହିଯାଇଥିଲେ। ମାଟି ଅତଡ଼ା ଭିତରୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବିଂଝାରପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହାପରେ ଶ୍ରମିକମାନଙ୍କୁ ଯାଜପୁର ସ୍ଥାନାନ୍ତର କରାଯାଇଥିଲା। ହେଲେ ସମସ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣା ଜଣାପଡିବା ପରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିବା ସହ ଠିକାସଂସ୍ଥା ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଘଟଣାସ୍ଥଳରେ ସହକାରୀ ଶ୍ରମ ଅଧିକାରୀ ସୁନନ୍ଦା ବିଶ୍ୱାଳ, ପୂର୍ତ୍ତ ବିଭାଗର ଯନ୍ତ୍ରୀ ଧୀରେନ ନାୟକ ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ ।

# ଡଙ୍କାରୀ ପାହାଡ଼ରୁ ପଥର ଧସିଲା: ଶ୍ରମିକ ମୃତ

**ଯାଜପୁର,୧୬।୫(ହର୍ଷବର୍ଦ୍ଧନ ବେହେରା)**



- ୭ରୁ ଊର୍ଦ୍ଧ୍ୱ ଚାପିହୋଇଥିବା ସନ୍ଦେହ
- ଜେସିବି ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଡଙ୍କାରୀ ପାହାଡ଼ରୁ ଗୁରୁବାର ଭୋରୁ ପ୍ରାୟ ୧୦୦ ମିଟର ଲମ୍ବର ପଥର ଓ ମାଟି ଧସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକଙ୍କ ପରିଚୟ ମିଳିନାହିଁ। ସେ ଜଣେ ଅଣଓଡିଆ ବୋଲି ସୂଚନା ମିଳିଛି। ଧସି ପଡିଥିବା ମାଟି ଓ ପଥର ତଳେ ପ୍ରାୟ ୩ଟି ମେଶିନ ପୋତି ହୋଇଯାଇଥିବାବେଳେ ୭ରୁ ଊର୍ଦ୍ଧ୍ୱ ଶ୍ରମିକ ଚାପିହୋଇ ରହିଥିବା ଅଞ୍ଚଳବାସୀ ସନ୍ଦେହ କରୁଛନ୍ତି। ୪ ଜେସିବି ମେଶିନ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଲଘୁ ଖଣି ଡିଡିଏମ୍ ଜୟପ୍ରକାଶ ନାୟକ, ଯାଜପୁର ରୋଡ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତି, ଧର୍ମଶାଳା ଥାନାଧିକାରୀ ତପନ କୁମାର ନାୟକ ଏବଂ ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ ସାହୁ ଘଟଣାସ୍ଥଳରେ ଉପସ୍ଥିତ ରହି ଅଧିକ ତଦନ୍ତ ଜାରି ରଖିଛନ୍ତି। ନିରଞ୍ଜନ ଏବଂ ନାରାୟଣଙ୍କ ବେଆଇନ ଖାଦାନ ଉପରେ ୱାଗନ ଡ୍ରିଲିଂ କରାଯାଉବେଳେ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଘଟଣା ପାଇଁ ଦାୟୀ କଳାପଥର ବ୍ୟବସାୟୀମାନଙ୍କୁ ତୁରନ୍ତ ଗିରଫ କରିବାକୁ ଭାଜପା ପ୍ରାର୍ଥୀ ସ୍ମୃତିରେଖା ପହି ଜେନାପୁର ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଉକ୍ତ ବେଆଇନ ଖାଦାନକୁ ନେଇ ହାଇକୋର୍ଟରେ ଡବ୍ଲ୍ୟୁପି(ସି) ନମ୍ବର ୪୦୦୫୩/୨୦୨୩ର ମାମଲା ଉପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଧର୍ମଶାଳା ତହସିଲଦାର ଯଦି କାର୍ଯ୍ୟକାରୀ କରିଥାନ୍ତେ ତେବେ ଏହି ଘଟଣା ଘଟି ନ ଥାନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଡଙ୍କାରୀ ପାହାଡ଼ର ଏକ ବିରାଟ କଳାପଥର ଅଞ୍ଚଳରେ ବେଆଇନ ଭାବେ ବିପୁଳ କୋଟି ଟଙ୍କାର ପଥର ଉତ୍ତୋଳନ ହେଉଛି। ଗୁରୁବାର ରାତିରେ ପାହାଡ଼ ଉପରେ ଆନ୍ଧ୍ରପ୍ରଦେଶ ଅଞ୍ଚଳର ଗୋପାଳ ରେଡ୍ଡି କମ୍ପାନୀ ପକ୍ଷରୁ ୱାଗନ ଡ୍ରିଲିଂ କରାଯାଉଥିଲା। ହେଲେ ହଠାତ୍ ଏକ ବିରାଟ ପଥର ଖଣ୍ଡ ତଳକୁ ଗଳି ପଡିଥିଲା। ପାହାଡ଼ ପାଦଦେଶରେ ମେଶିନ ସହାୟତାରେ କାମ କରୁଥିବା କେତେଜଣ ଶ୍ରମିକ ପଥର ତଳେ ଚାପି ହୋଇଯାଇଥିଲେ। ସକାଳେ ଏ ସଂକ୍ରାନ୍ତରେ ଖବର ପାଇ ସ୍ଥାନୀୟ ଲୋକମାନେ ଜିଲା ପ୍ରଶାସନ ଓ ପୋଲିସକୁ ଖବର ଦେଇଥିଲେ। ଏହି ସମୟରେ ଜଣେ ଶ୍ରମିକଙ୍କ ମୃତଦେହ ପଥର ତଳେ ଚାପି ହୋଇ ରହିଥିବା ଦେଖି ପ୍ରଥମେ ତାଙ୍କୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଡାକ୍ତରଖାନା ପଠାଯାଇଥିଲା। ତେବେ ଉଦ୍ଧାର କାର୍ଯ୍ୟ ସରିବା ପରେ କେତେ ଧନଜୀବନ ନଷ୍ଟ ହୋଇଛି ତାହାର ଆକଳନ ହୋଇ ପାରିବ ବୋଲି ତହସିଲ ପକ୍ଷରୁ କୁହାଯାଇଛି। ବିଗତ ଦିନରେ ଏହି ଡଙ୍କାରୀ ପାହାଡ଼ରେ ବେଆଇନ ଉତ୍ତୋଳନରେ ଏକାଧିକ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ନଜିର ରହିଛି। ହେଲେ ସଂପୃକ୍ତ ବେଆଇନ ଖାଦାନ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ପ୍ରଶାସନ ଓଲଟା ସହଯୋଗ କରୁଥିବାରୁ ନିରୀହ ଶ୍ରମିକଙ୍କ ଜୀବନ ଯାଉଥିବା ଚର୍ଚ୍ଚା ହେଉଛି।

# ନାଳରୁ ଛାତ୍ରୀଙ୍କ ଅଧାପୋଡ଼ା ମୃତଦେହ ଜବତ

**ରାଇଘର, ୧୬।୫(କିରଣ ପଟ୍ଟନାୟକ)**

ଏକ ନାଳରୁ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କ ଅଧାପୋଡ଼ା ମୃତଦେହ ମିଳିଛି। ମୃତକ ହେଲେ ନବରଙ୍ଗପୁର ଜିଲା ରାଇଘର ବ୍ଲକ ହଳଦୀ ପଞ୍ଚାୟତ ସଦର ଗାଁ ଗ୍ରାମର ଲକ୍ଷୀଧର ମାଝିଙ୍କ ଝିଅ ତୁଳାବାଇ। ସେ ଚନ୍ଦାହାଣ୍ଡି ଧରାମାଳ ଆଶ୍ରମ ବିଦ୍ୟାଳୟ ଛାତ୍ରୀ ଥିଲେ। ସୂଚନାନୁଯାୟୀ, ତୁଳାବାଇ ଧରାମାଳ ଆଶ୍ରମ ବିଦ୍ୟାଳୟରେ ରହି ପାଠ ପଢ଼ନ୍ତି। ଖରାଛୁଟିରେ ସେ ଘରକୁ ଆସିଥିଲେ। ବୁଧବାର ତୁଳାବାଇ ଶୌଚ ଯିବାକୁ କହି ଅପରାହ୍ନ ୫ଟାରେ ଏକ ବାଲ୍ଟି ଧରି ଘରଠୁ ଅଧକିଲୋମିଟର ଦୂରକୁ ଯାଇଥିଲେ। ବହୁତ ସମୟ ଧରି ନ ଫେରିବାରୁ ପରିବାର ଲୋକେ ସନ୍ଧ୍ୟା ୭ଟାବେଳେ ତାଙ୍କୁ ଖୋଜାଖୋଜି କରିଥିଲେ। ଏକ ନାଳ ଭିତରେ ଅଧାଜଳା ଅବସ୍ଥାରେ ତୁଳାବାଇଙ୍କୁ ପରିବାର ଲୋକେ ଉଦ୍ଧାର କରି ରାଇଘର ମେଡିକାଲକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ରାଇଘର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ପୋଲିସ କେସ୍ ନଂ.୩୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ରଘୁନାଥ ମାଝି କହିଛନ୍ତି।


ତୁଳାବାଇ

# ଧାର ଟଙ୍କା ଶୁଝି ନ ପାରି ଯୁବକଙ୍କ ଆତ୍ମହତ୍ୟା

**କୋରୁକୋଣ୍ଡା,୧୬।୫ (ଅବିନାଶ ବେହେରା)**

## ଅନ୍‌ଲାଇନ ଗେମ୍

ଅନ୍‌ଲାଇନ ଗେମ୍ ଖେଳି ଅର୍ଥ ଧାର ହୋଇଯିବାରୁ ନିଜ ଜୀବନ ହାରିଛନ୍ତି ଜଣେ ଯୁବକ । ସେ ହେଲେ ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଏମ୍‌ଭି-୨୮ ଗ୍ରାମର ଦେବାଶିଷ ସରକାର(୩୨)। ଗୁରୁବାର ଭୋରୁ ଦେବାଶିଷ ଘରୁ ବାହାରକୁ ଯାଇଥିଲେ। ପରିବାର ଲୋକେ ବାହାରକୁ ଯିବା ଜାଣିଥିଲେ ମଧ୍ୟ ନିଜର ନିତ୍ୟକର୍ମ ସାରିବା ପାଇଁ ଯାଇଥିବେ ଭାବିଥିଲେ। କିନ୍ତୁ ଯିବାର କିଛି ସମୟ ପରେ ଗ୍ରାମ ନିକଟ ଏକ ମହୁଲ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି କେତେକ ଲୋକ ଦେବାଶିଷଙ୍କ ଘରକୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକଙ୍କ ସହ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ମହୁଲ ଗଛରେ ଏକ ପ୍ଲାଷ୍ଟିକ ରଶିରେ ଦେବାଶିଷଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ଗ୍ରାମବାସୀ କୋରୁକୋଣ୍ଡା ଥାନା ଅଧିକାରୀଙ୍କୁ ଜଣାଇବା ପରେ ଥାନା କର୍ମଚାରୀ ଘଟଣାସ୍ଥଳକୁ ଯାଇ ତାଙ୍କ ମୃତଦେହକୁ ଗଛରୁ ତଳକୁ ଓହ୍ଲାଇଥିଲେ। ସୂଚନା ଅନୁଯାୟୀ, ମୃତ ଦେବାଶିଷ ବହୁଦିନ ଧରି ଅନ୍‌ଲାଇନ ଗେମ୍ ଖେଳୁଥିଲେ। ପୂର୍ବରୁ ସେହି ଖେଳ ମାଧ୍ୟମରେ ବହୁ ଟଙ୍କା ମଧ୍ୟ ଜିତୁଥିଲେ। କିନ୍ତୁ କିଛିଦିନ ହେବ ଖେଳରେ ବହୁ ଟଙ୍କା ହାରିଯାଇଥିବାରୁ ଧାର କରଜରେ ବୁଡି ଯାଇଥିଲେ। ଧାର ଦେଇଥିବା ଲୋକେ ଟଙ୍କା ମାଗିବାରୁ ସେ ଲୋକଙ୍କୁ ଗୁରୁବାର ସେମାନଙ୍କ ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ସ୍କୁଲରୁ ମଧ୍ୟାହ୍ନଭୋଜନ ଚାଉଳ ଚୋରି

**ଭଦ୍ରକ,୧୬।୫(ସନାତନ ରାଉତ)**

ଭଦ୍ରକ ଜିଲା ବାଂଶଡ଼ା ଥାନା ଜନ୍ତୁଆଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟାହ୍ନଭୋଜନ ପାଇଁ ଥିବା ଚାଉଳ ମଙ୍ଗଳବାର ରାତିରେ ଚୋରି ହୋଇଛି। ବୁଧବାର ସକାଳେ ଚୋରି ସମ୍ପର୍କରେ ଜାଣିବା ପରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମଙ୍ଗଳ ମାରାଣ୍ଡି ବାଂଶଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ମାମଲା (ନଂ.୧୭୪/୨୪) ରୁଜୁ ହୋଇଛି। ଦୁର୍ବୃତ୍ତମାନେ ମଧ୍ୟାହ୍ନଭୋଜନ ଚାଉଳ ଥିବା ଘର ତାଲା ଭାଙ୍ଗି ୧୦ ବସ୍ତା ଚାଉଳ ଚୋରି କରି ନେଇଛନ୍ତି। ଆଖପାଖରେ ସିସି କ୍ୟାମେରା ନ ଥିବାରୁ ଚୋରଙ୍କ ସମ୍ପର୍କରେ ବିଶେଷ ତଥ୍ୟ ମିଳିପାରି ନାହିଁ।

# ବିମାନବନ୍ଦରରୁ ୨.୫୦ ଲକ୍ଷ ଜବତ

**ଭୁବନେଶ୍ୱର,୧୬।୫(ସତ୍ୟଜିତ୍ ରାଉତ)**

ନିର୍ବାଚନ ବେଳେ ରାଜ୍ୟରେ ନଗଦ ଟଙ୍କା କାରବାର ବଢ଼ିବାରେ ଲାଗିଛି। ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ଟଙ୍କା ଜବତ କରାଯାଉଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ପୁଣି ଟଙ୍କା ଜବତ ହୋଇଛି। ବୁଧବାର ଜଣେ ଯାତ୍ରୀଙ୍କଠାରୁ ୨ ଲକ୍ଷ ୫୦ ହଜାର ଟଙ୍କା ଜବତ ହୋଇଥିବା କମିଶନରେଟ୍ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅପରାହ୍ନ ପ୍ରାୟ ୩ଟା ବେଳେ ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍ (ଏସ୍‌ଏସ୍‌ଟି) ଓ ଏୟାରପୋର୍ଟ ଥାନା ପୋଲିସ ମିଳିତ ଭାବେ ବିମାନବନ୍ଦରରେ ଯାଞ୍ଚ କରିଥିଲା। ଏହି ସମୟରେ ବିମାନବନ୍ଦର ଭିତରେ ଥିବା ସଚିନ ପାରିକ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୨.୫୦ ଲକ୍ଷ ମିଳିଥିଲା। ପଚରାଉଚରା ବେଳେ ସଂପୃକ୍ତ ବ୍ୟକ୍ତି ଜଣକ ଉକ୍ତ ଟଙ୍କା ସମ୍ପର୍କରେ ଠିକ୍ ତଥ୍ୟ ଦେଇପାରି ନ ଥିଲେ। ଫଳରେ ତାଙ୍କ ନିକଟରୁ ପୋଲିସ ଉକ୍ତ ଟଙ୍କା ଜବତ କରିଥିଲା। ତେବେ ଏହି ଟଙ୍କା ଫେରସ୍ତ ପାଇବା ପାଇଁ ଖୋର୍ଦ୍ଧାସ୍ଥିତ ଡିଷ୍ଟ୍ରିକ୍ ଗ୍ରିଭାନ୍ସ କମିଟି ନିକଟରୁ ସଚିନଙ୍କୁ ଅନୁମତି ପତ୍ର ଆଣିବାକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପର୍ଯ୍ୟନ୍ତ ମୋଟ ୪.୧ କୋଟି ଟଙ୍କା ଜବତ କରାଯାଇଥିବା ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ ମେ'୧୨ରେ ସୂଚନା ଦେଇଥିଲେ।

# ବାଇକ୍ ଧକ୍କାରେ ୨ ମୃତ

**ରାୟଗଡ଼ା,୧୬।୫(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କୃଷ୍ଣନଗରରେ ଗୁରୁବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଯୁବକ ରାସ୍ତାକଡ଼ରେ ଠିଆହୋଇ ଥିବା ସମୟରେ ଦ୍ରୁତ ଗତିରେ ଏକ ବାଇକ୍ ଆସି ତାଙ୍କୁ ଧକ୍କା ଦେବା ସହ ବାଇକ୍ ଚାଳକ ରାସ୍ତାରେ ଛିଟିକି ପଡ଼ିବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଉପରସାଜା ଗ୍ରାମର ଯୋଗେଶ ମିଣିଆକା (୨୫)। ତେବେ ବାଇକ ଚାଳକଙ୍କ ପରିଚୟ ମିଳିପାରିନାହିଁ। ଯୋଗେଶଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ବାସିନ୍ଦା ରାସ୍ତା ଅବରୋଧ କରିଛନ୍ତି। କଲ୍ୟାଣସିଂହପୁର ଥାନା ଆଇଆଇସି ନୀଳକଣ୍ଠ ବେହେରା ପହଞ୍ଚି ତଦନ୍ତ କରିବା ସହିତ ଲୋକଙ୍କୁ ବୁଝାସୁଝା କରିଛନ୍ତି।

# ବିଲରୁ ଜେଇଙ୍କ ମୃତଦେହ ଜବତ

**ଢେଙ୍କିକୋଟ/ପାଟଣା (ନୀଳମଣି ମଣ୍ଡଳ/ବୀରକିଶୋର ଦାଶ), ୧୬।୫**

## ୩ ଦିନରେ ୨ ପ୍ରଶାସନିକ ଅଧିକାରୀଙ୍କ ସନ୍ଦେହଜନକ ମୃତ୍ୟୁ

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଏବିଡିଓଙ୍କ ମୃତଦେହ ରେଳଷ୍ଟେଶନ ନିକଟରୁ ମିଳିବା ଘଟଣା ମନରୁ ନ ଲିଭୁଣୁ ଘଟଗାଁ ଥାନା ବଣଚକୁଲିଆ ଗ୍ରାମ୍ୟ ଜଙ୍ଗଲ ମଧ୍ୟରେ ଥିବା ବିଲରୁ ଗୁରୁବାର ସାହାରପଡ଼ା ବ୍ଲକ ଜେଇଙ୍କ ମୃତଦେହ ମିଳିବା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟିକରିଛି। ୩ ଦିନ ବ୍ୟବଧାନରେ ୨ ଅଧିକାରୀଙ୍କ ମୃତ୍ୟୁ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଜେଇ ଚନ୍ଦ୍ରହାସ୍ୟ ନାଏକଙ୍କ ଘର ମୟୂରଭଞ୍ଜ ଜିଲା ଶୁକ୍ରୁଲି ଗ୍ରାମରେ। ସେ ସାହାରପଡ଼ା ବ୍ଲକ ଜେଇ ଭାବରେ କାର୍ଯ୍ୟରତ ଥିଲେ। ବଣଚକୁଲିଆ ଗ୍ରାମ୍ୟ ଜଙ୍ଗଲ ମଧ୍ୟରେ ଥିବା ବିଲରେ ଏକ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲେ। ସ୍ଥାନୀୟ ଗ୍ରାମର ଜଣେ ସମ୍ପର୍କୀୟଙ୍କଠାରୁ ଖବର ପାଇ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଘଟଗାଁ ଥାନାରେ ଏକ ମାମଲା(ନଂ.୨୫/୨୪) ରୁଜୁ ହୋଇଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା କହିଛନ୍ତି। ସୂଚନାଯୋଗ୍ୟ, ଗତ ସୋମବାର ହରିଚନ୍ଦନପୁର ବ୍ଲକ୍ ଏବିଡିଓ ବିଦ୍ୟୁଭୂଷଣ ଜେନାଙ୍କ ମୃତଦେହ ହରିଚନ୍ଦନପୁର ରେଳ ଷ୍ଟେଶନ ନିକଟରୁ ମିଳିଥିଲା। ପରିବାର ଲୋକେ ହତ୍ୟା ଅଭିଯୋଗ କରିଥିଲେ। ମୃତ୍ୟୁର ରହସ୍ୟ ଫିଟି ନ ଥିବା ବେଳେ ଜେଇ ଚନ୍ଦ୍ରହାସ୍ୟଙ୍କ ମୃତଦେହ ମିଳିବାକୁ ନେଇ ଚର୍ଚ୍ଚା ଜୋର ଧରିଛି।

# କାର୍‌ରୁ ୮୫ ହଜାର ଟଙ୍କା ଜବତ

**ପାଟଣା,୧୬।୫(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା କେନ୍ଦେଇପଶି ରାସ୍ତାରେ ଗୁରୁବାର ଫ୍ଲାଇଂସ୍କ୍ୱାଡ ପକ୍ଷରୁ ଯାଞ୍ଚ ସମୟରେ ଏକ କାର୍‌ରୁ ୮୫ହଜାର ଟଙ୍କା ଜବତ ହୋଇଛି। ପାଟଣା ବ୍ଲକ୍ ଅଧୀନ ବେଗେନା ଗ୍ରାମର କାବ୍ୟରଞ୍ଜନ ସେଠୀ କେନ୍ଦୁଝରରୁ ଟଙ୍କା ଧରି ଫେରୁଥିବା ବେଳେ ପୋଲିସ ଗାଡ଼ିକୁ ଅଟକାଇଥିଲା। ଯାଞ୍ଚ ସମୟରେ କାର୍‌ରୁ ଟଙ୍କା ବାହାରିଥିବା ବେଳେ ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିବାରୁ ଅଧିକାରୀମାନେ ଟଙ୍କା ଜବତ କରିଥିଲେ। ଯାଞ୍ଚ ସମୟରେ ମାଜିଷ୍ଟ୍ରେଟ୍ ବିକ୍ରମ ଖାଟୁଆ, ପାଟଣା ଥାନା ଏଏସ୍‌ଆଇ ଧନେଶ୍ୱର ପାତ୍ର ଉପସ୍ଥିତ ରହି ଗାଡ଼ି ଯାଞ୍ଚ କରିଥିଲେ। ପ୍ରକାଶଯୋଗ୍ୟ, ବୁଧବାର ୨୨୦ ଜାତୀୟ ରାଜପଥରେ ଯାଞ୍ଚ ସମୟରେ ପ୍ଲାଇଂସ୍କ୍ୱାଡ ଏକ ବାଇକ ଡିକିରୁ ୬୧ ହଜାର ୧୮୦ ଟଙ୍କା ଜବତ କରିଥିଲେ।

## ସଂକ୍ଷେପରେ

### ୨ ବାଇକ୍ ଜବତ, ଜଣେ ଗିରଫ

ଯାଁଳା, ୧୬।୫ (ବୁଲା ବାରିକ)

ବାଇକ୍ ଚୋରି ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଡାଳତୋଳା ନୂଆସାହିର କୃପାସିନ୍ଧୁ ସାହୁ ଓରଫ ମିଲୁ। ତାଙ୍କ ନିକଟରୁ ଦୁଇଟି ଚୋରା ବାଇକ୍ ଜବତ ହୋଇଛି। ସୂଚନା ଅନୁସାରେ, ଗତ ଏପ୍ରିଲ ୨୧ରେ ଅଭିଯୋଗକାରୀ ସୀମାନ୍ତ କୁମାର ସାହୁ ତାଙ୍କ ବାଇକକୁ ରାଧାଚରଣପୁରସ୍ଥିତ ଆମାଜନ ଅଫିସ ପରିସର ପାର୍କିଂରେ ରଖିଥିଲେ। ମିଲୁ ସୁଯୋଗ ଦେଖି ବାଇକକୁ କୌଶଳକ୍ରମେ ସେଠାରୁ ଚୋରିକରି ନେଇଯାଇଥିଲେ। ଏନେଇ ସୀମାନ୍ତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଚଳାଇ ମିଲୁଙ୍କୁ ଗିରଫ କରିଥିଲା।

### ବାଇକ୍‌କୁ ଘୋଷାଡ଼ିନେଲା ହାଇୱା: ଜଣେ ମୃତ

ଭୁବନେଶ୍ୱର, ୧୬।୫ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଆଚାର୍ଯ୍ୟ ବିହାର ଓଭରବ୍ରିଜ୍ ଉପରେ ଗୁରୁବାର ରାତି ପ୍ରାୟ ୧୧ଟା ୪୦ ବେଳେ ଦୁର୍ଘଟଣା ଘଟିଛି। ହାଇୱା ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସାଥି ଯୁବକ ଗୁରୁତର ହୋଇଛନ୍ତି। ଖଣ୍ଡଗିରି ପାର୍ଶ୍ୱରୁ ରଶୁଲଗଡ଼ ଅଭିମୁଖେ ଆସୁଥିବା ହାଇୱାଟି ବାଇକ୍‌କୁ ଧକ୍କା ଦେବା ସହ ପ୍ରାୟ ୧୦୦ ମିଟର ଘୋଷାଡ଼ି ନେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବାଇକର ଖଣ୍ଡବିଖଣ୍ଡିତ ଅଂଶ ମଧ୍ୟ ଓଭରବ୍ରିଜ୍ ତଳକୁ ଖସିପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ ବାଇକ ଚାଳକ ଜଣଙ୍କ ଦ୍ରୁତଗତିରେ ହାଇୱାକୁ ଅତିକ୍ରମ କରି ଯାଉଥିବା ବେଳେ ଏହି ଅଘଟଣ ଘଟିଥିବା ସ୍ଥାନୀୟ ଲୋକ କହିଛନ୍ତି। ପୋଲିସ ପହଞ୍ଚି ହାଇୱାକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ଅଧିକ ପଚରାଉରା କରୁଛି। ଗୁରୁତର ଯୁବକ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ଥିବା ଥିବା ସୂଚନା ମିଳିଛି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ମୃତ ଓ ଆହତ ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ିନଥିବା ବେଳେ ପୋଲିସ ଏନେଇ ଅଧିକ ତଦନ୍ତ ଜାରି ରଖିଛି।

### ପୂର୍ବତନ ସରପଞ୍ଚ ନାରାୟଣ ପଟ୍ଟନାୟକଙ୍କ ପରଲୋକ

ବାଲୁଗାଁ, ୧୬।୫ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ବାଲିଆ ଗ୍ରାମନିବାସୀ ନାରାୟଣ ପଟ୍ଟନାୟକଙ୍କ



ମଙ୍ଗଳବାର ରାତିରେ ଭୁବନେଶ୍ୱର ଜଗନ୍ନାଥ ନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୪ବର୍ଷ ବୟସ ହୋଇଥିଲା। ସେ ଅଶୀ ଦଶକରେ ହରିପୁର ପଞ୍ଚାୟତରେ ସରପଞ୍ଚ ଥିଲେ। ପଞ୍ଚାୟତର ବହୁ ଉନ୍ନତିମୂଳକ କାର୍ଯ୍ୟ କରି ଲୋକପ୍ରିୟ ହୋଇଥିଲେ। ତାଙ୍କ ମୃତ୍ୟୁରେ ଚିଲିକା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ମନୋରଞ୍ଜନ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

# ମହାପ୍ରଭୁଙ୍କ ରତ୍ନଭଣ୍ଡାର ଚାବି ଲୁଚାଇ ରଖାଯାଇଛି: ବିଶ୍ୱଶର୍ମା

## ଛତାବରରେ ଭାଜପାର ପରିବର୍ତ୍ତନ ସଭା

ଜଟଣୀ, ୧୬।୫ (ରବୀନ୍ଦ୍ରନାଥ ମହାକୁଡ଼)


ଭାଜପାର ପରିବର୍ତ୍ତନ ସଭାରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ଛତାବର ପଞ୍ଚାୟତର ହନୁମାନ ମନ୍ଦିର ପଡ଼ିଆରେ ଗୁରୁବାର ଭାଜପାର ପରିବର୍ତ୍ତନ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଯୋଗଦେଇ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଚାବିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ମହାପ୍ରଭୁଙ୍କ ରତ୍ନଭଣ୍ଡାର ଚାବି ଗାଏବ ହୋଇଯାଇଛି। ଓଡ଼ିଶା ସରକାର ସେହି ମାମଲାର ନ୍ୟାୟିକ ତଦନ୍ତ କରିଥିଲେ। ତାହାର ରିପୋର୍ଟ ବିଧାନସଭାରେ ଉପସ୍ଥାପନ କଲେ ନାହିଁ। ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଛି କରୁନାହାନ୍ତି। ରତ୍ନଭଣ୍ଡାର ଚାବି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ଲୁଚାଇ ରଖିଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ଜୁନ ୧୦ ତାରିଖ ସୁଦ୍ଧା ଚାବି ଓଡ଼ିଶାର ଜନତାଙ୍କ ହାତରେ ଦିଅ। ନ ହେଲେ ଭାଜପା ସରକାର ଆସିଲେ ଯେଉଁଠାରେ ରଖିଥିଲେ ମଧ୍ୟ ବାହାର କରିଆଣିବୁ ବୋଲି ବିଶ୍ୱଶର୍ମା କହିଛନ୍ତି। ସେ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନା ଯୋଗୁ ଦେଶର ବିକାଶଧାରା ଜାରି ରହିବା ସହ ସାଧାରଣ ଲୋକେ ଉପକୃତ ହେଉଛନ୍ତି। ଓଡ଼ିଶାରେ ଭାଜପା ସରକାର ଆସିଲେ ଚାଷୀଙ୍କୁ ଧାନର ସର୍ବନିମ୍ନ ମୂଲ୍ୟ ପ୍ରଦାନ କରାଯିବ। ଏଥିସହ ସେ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଲୋକ ସଭା ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, ଜଟଣୀ ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନା, ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମି ମହାପାତ୍ର, ଜଟଣୀ ପ୍ରଭାରୀ ନିକୁଞ୍ଜ ପଟ୍ଟନାୟକଙ୍କ ସମେତ ଭାଜପାର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।



ମଦନମୋହନ ନାଟ୍ୟକଳା ସଂସଦ ପକ୍ଷରୁ ଜଟଣୀ ପାତ୍ରପଡ଼ାଠାରେ ଅନୁଷ୍ଠିତ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବରେ ଗୁରୁବାର ଅନୁଷ୍ଠିତ 'କାନ୍ଦୁଛି ମଥୁରା, ହସେ ଦ୍ୱାରିକା' ନାଟକର ଏକ ଦୃଶ୍ୟ। (ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)

## ପଞ୍ଚାୟତ ପ୍ରିମିୟର ଲିଗ୍: ଲେଗ୍ ସାଇଡ୍ ଲିଜେଣ୍ଡସ ବିଜୟୀ

ବୋଲଗଡ଼, ୧୬।୫ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସାଗରଗୁଆଁ ପଞ୍ଚାୟତ ବେଣାଗାଡିଆ ଗ୍ରାମ ଭାଗବତ ଦେବ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ପଞ୍ଚାୟତ ପ୍ରିମିୟର ଲିଗ୍ (ପିପିଏଲ୍) ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚ୍ ମାହି ଲଭର୍ସ ଓ ଲେଗ ସାଇଡ୍ ଲିଜେଣ୍ଡସ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ମାହି ଲଭର୍ସ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୭ ରନ ସଂଗ୍ରହ କରିଥିଲା। ଜବାବରେ ଲେଗ ସାଇଡ ଲିଜେଣ୍ଡସ ଟିମ୍ ୧୧.୨ ଓଭରରେ କୌଣସି ଉଇକେଟ ନ ହରାଇ ୧୨୦ରନ ସଂଗ୍ରହ କରି ମ୍ୟାଚ ବିଜୟୀ ହେବା ସହ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ବିଶ୍ୱଜିତ୍ ପଟ୍ଟନାୟକ ଓ କୁମର ମଲ୍ଲିକ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅତିଥିଭାବେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ମନୋଜ ପ୍ରଧାନ ଯୋଗଦେଇ ମ୍ୟାଚ ଉଦ୍‌ଘାଟନ କରିବା ସହ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ବେଣାଗାଡିଆ ଗ୍ରାମର ଏଭରଗ୍ରୀନ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ପଞ୍ଚାୟତ ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ମ୍ୟାଚ୍ ଆରମ୍ଭ ପୂର୍ବରୁ ଅତିଥିଙ୍କ ଗହଣରେ ଖେଳାଳିମାନେ।

## କଂଗ୍ରେସରେ ମିଶିଲେ ମହିଳା ଗୋଷ୍ଠୀ

ଜଟଣୀ, ୧୬।୫ (ରବୀନ୍ଦ୍ରନାଥ ମହାକୁଡ଼)

ଜନକଲ୍ୟାଣ ସେବାଟ୍ରଷ୍ଟର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଜରିଆରେ ଜଟଣୀ ପୌରାଞ୍ଚଳର ମହିଳା ଗୋଷ୍ଠୀ କଂଗ୍ରେସରେ ସାମିଲ ହୋଇଛନ୍ତି। ଆୟୋଜକ ଅନୁଷ୍ଠାନର ଯୁଗ୍ମସମ୍ପାଦକ ଜିତେନ୍ଦ୍ର ନାୟକଙ୍କ ସମ୍ପାଦନାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ କଂଗ୍ରେସକୁ ମଜଭୁତ କରିବା ପାଇଁ ଆୟୋଜକ ଅନୁଷ୍ଠାନ ସହଯୋଗରେ ପୌରାଞ୍ଚଳର କେତେକ ମହିଳା ଗୋଷ୍ଠୀ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଥିଲେ। ଜନକଲ୍ୟାଣ ଅନୁଷ୍ଠାନର ସଭାପତି ନବୀନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ପଦନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ, ପାଇକରାୟପୁରର ସଭାପତି କ୍ଷେତ୍ରବାସୀ ସାହୁ, ସମାଜସେବୀ ବାସୁଦେବ ବେହେରା, ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ ଅନୁଷ୍ଠାନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ହରପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଯୋଡ଼ିଶଙ୍ଖରେ ଭୋଟଦେବା ପାଇଁ ନିବେଦନ

ବେଗୁନିଆ, ୧୬।୫ (ସନ୍ଧ୍ୟାରାଣୀ ମିଶ୍ର)

ଭୁବନେଶ୍ୱର ଲୋକ ସଭା ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ଏବଂ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁଙ୍କୁ ଭୋଟ ଦେବା ପାଇଁ ବେଗୁନିଆ ନିର୍ବାଚନମଣ୍ଡଳୀର ୨୨ନମ୍ବର ଜୋନର ବାଘମାରୀ ପଞ୍ଚାୟତରେ ମହିଳାମାନେ ଏକତ୍ରିତ ହୋଇ ଭୋଟରମାନଙ୍କୁ ନିବେଦନ କରିଥିଲେ। ବିଧାୟକ ପ୍ରାର୍ଥୀଙ୍କ ସ୍ତ୍ରୀ ଜୟନ୍ତୀ ସାହୁ, ସ୍ଥାନୀୟ ସମିତି ସଭ୍ୟା ନବନିତା ମହାନ୍ତିଙ୍କ ନେତୃତ୍ୱରେ ମହିଳାମାନେ ଘର ଘର ବୁଲି ପ୍ରଚାର କରିବା ସହ ନିବେଦନ କରୁଥିବା ଦେଖିବାକୁ ମିଳିଥିଲା।

## ପାଣି ପାଇଁ ଲୋକେ ହଇରାଣ

ବେଗୁନିଆ, ୧୬।୫ (ସନ୍ଧ୍ୟାରାଣୀ ମିଶ୍ର)



ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡ଼ା ପଞ୍ଚାୟତର ମୁସଲିମ ସାହିରେ ଥିବା ଏକ ଷ୍ଟାଣ୍ଡପୋଷ୍ଟରେ ସପ୍ତାହେ ହେବ ପାଣି ଆସୁ ନ ଥିବାରୁ ସାହିବାସିନ୍ଦା ପାନୀୟଜଳ ପାଇଁ ହଇରାଣ ହେଉଛନ୍ତି। ଏନେଇ ଅଭିଯୋଗ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

ପ୍ରକାଶ ଯେ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ଏହି ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇଥିଲା। ସପ୍ତାହେ ହେବ ଏହି ଷ୍ଟାଣ୍ଡପୋଷ୍ଟରେ ପାଣି ଆସୁ ନ ଥିବାରୁ ସ୍ଥାନୀୟ ବାସିନ୍ଦା ସରପଞ୍ଚ ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେତେକ ଘରୋଇ ଟ୍ୟାପ ସଂଯୋଗ ଯୋଗୁ ଏଭଳି ସମସ୍ୟା ଦେଖାଦେଇଥିବା ଗ୍ରାମବାସୀ କହିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ଉକ୍ତ ସ୍ଥାନକୁ ଯାଇ ତଦାରଖ କରିବା ସହ ଘରୋଇ ଟ୍ୟାପ ସଂଯୋଗକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ। ଏନେଇ ଗ୍ରାମବାସୀ ଯନ୍ତ୍ରୀଙ୍କୁ ପୁନର୍ବାର ସମସ୍ୟା ବିଷୟରେ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେବେ ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବିଜେଡିର ଜୋନ୍‌ସ୍ତରୀୟ ପ୍ରଚାର


ବେଗୁନିଆ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ ସାହୁଙ୍କ ନିର୍ବାଚନୀ ଶୋଭାଯାତ୍ରା।

ବୋଲଗଡ଼, ୧୬।୫ (ଦେବବ୍ରତ ହୋତା)

ସାଧାରଣ ନିର୍ବାଚନ ପାଇଁ ବେଗୁନିଆ ନିର୍ବାଚନମଣ୍ଡଳୀରେ ପ୍ରଚାର ଜମିବାରେ ଲାଗିଛି। ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ୨୫ ନମ୍ବର ଜୋନର ପ୍ରତ୍ୟେକ ଗ୍ରାମକୁ ବାଇକ୍ ରାଲିରେ ଯାଇ ଲୋକଙ୍କୁ ଭେଟିବା ସହ ଦୁଇ ଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଡାବରଧୁଆ ପାଟଣା, ଖଙ୍ଗୁରିଆ, କଳାଙ୍ଗ, ଦଳେଇସାହି, ଫାସିଓଦା ଓ ବୋଲଗଡ଼ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ବିଜେଡିର ସମର୍ଥକ ଓ କର୍ମୀମାନେ ଉପସ୍ଥିତ ରହି ମନ୍ମଥ ଓ ପ୍ରଦୀପଙ୍କୁ ସ୍ୱାଗତ କରିବା ସହ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବା ପାଇଁ ଭୋଟରଙ୍କୁ ଆହ୍ୱାନ ଦେଇଥିଲେ। ଡାବରଧୁଆ ପଞ୍ଚାୟତରୁ ବାଇକ୍ ଶୋଭାଯାତ୍ରାରେ ବହୁ କର୍ମୀ ପଞ୍ଚାୟତଗୁଡ଼ିକ ପରିକ୍ରମା କରିବା ପରେ ବୋଲଗଡ଼ ପଞ୍ଚାୟତଠାରେ ସମାପନ ହୋଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ସାମାଜିକ କର୍ମୀ ବ୍ରଜ ସୁବୁଦ୍ଧି, ବୋଲଗଡ ବ୍ଲକ ସଭାପତି ବାନାମ୍ବର ମାଝୀ, ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ, ନେତା ଓ କର୍ମମାନେ ସାମିଲ ହୋଇଥିଲେ।

## 'ଆଖିର ଜନମ କାନ୍ଦିବା ପାଇଁ' ମଞ୍ଚସ୍ଥ

ବୋଲଗଡ଼, ୧୬।୫ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ସୀମାପଲ୍ଲୀ ଗ୍ରାମର ଅଧିଷ୍ଠାତ୍ରୀ ମା'ମଙ୍ଗଳାଙ୍କ ଦ୍ୱାଦଶ ବାର୍ଷିକ ଉତ୍ସବ ଉପଲକ୍ଷେ ଗ୍ରାମର ମା'ମଙ୍ଗଳା ଯୁବ ନାଟ୍ୟ ସଂସଦ ପକ୍ଷରୁ ନାଟକ 'ଆଖିର ଜନମ କାନ୍ଦିବା ପାଇଁ' ମଞ୍ଚସ୍ଥ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି ଯୋଗଦେଇ ନାଟ୍ୟ ମଞ୍ଚ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସାନପଦର ପଞ୍ଚାୟତର ସମିତିସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଖବରଦାତା ସତ୍ୟନାରାୟଣ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟ୍ୟ ନିର୍ଦ୍ଦେଶକ ସୁବ୍ରତ ବଳିୟାରସିଂହଙ୍କ ନିର୍ଦ୍ଦେଶନାରେ ୨୬ଜଣ କଳାକାର ଅଂଶଗ୍ରହଣ କରି ନାଟକ ପରିବେଷଣ କରିଥିଲେ।।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## 'ସେବକ ହୋଇ ଲୋକଙ୍କ କାମ କରିବି'

ଜଟଣୀ, ୧୬।୫ (ରବୀନ୍ଦ୍ରନାଥ ମହାକୁଡ଼)

ନିର୍ବାଚନ ଯେତିକି ପାଖଉଛି ଜଟଣୀ ନିର୍ବାଚନମଣ୍ଡଳୀରେ ନେତାଙ୍କ ପ୍ରଚାର ସେତିକି ଜମୁଛି। ଗୁରୁବାର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ସୁଜିତ ବଳବନ୍ତରାୟ ସମର୍ଥକଙ୍କ ସହ ସ୍ଥାନୀୟ ଖୁଦୁପୁର ପଡିଆଠାରୁ ବାଇକ୍ ରାଲିରେ ବାହାରିଥିଲେ। ଖୁଦୁପୁର ଛକ, ବ୍ଲକ ଛକ, ହରିଭାଇନା ଛକ, ମହିଲଗୁଡ଼ିଆ ଛକ, ଥାନା ଛକ ଆଦି ଦେଇ ଜଟଣୀ ସହରର ବିଭିନ୍ନ ୱାର୍ଡ ବୁଲି ଜନସାଧାରଣଙ୍କୁ ନିଜ ସପକ୍ଷରେ ଭୋଟ ମାଗିଥିଲେ। ସେହିପରି ଅପରାହ୍ନରେ ପଦଯାତ୍ରା କରି ଭୋଟରଙ୍କ ନିକଟକୁ ଯାଇ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ସୁଜିତ କହିଥିଲେ, ସେବକ ହୋଇ ଲୋକଙ୍କ କାମ କରିବି। ନିର୍ବାଚିତ ହେଲେ ଦୁଇ ବର୍ଷ ମଧ୍ୟରେ ଭୌଗୋଳିକ ଏବଂ ସାମାଜିକ ପରିସ୍ଥିତିରେ ଉନ୍ନତି ଆଣିବା ସହିତ ଜଟଣୀ ନିର୍ବାଚନ ମଣ୍ଡଳୀକୁ ରାଜ୍ୟ ଓ ଦେଶରେ ଏକ ନମ୍ବର ନିର୍ବାଚନ ମଣ୍ଡଳୀରେ ପରିଣତ କରିବେ।


ସ୍ୱାଧୀନ ବିଧାୟକ ପ୍ରାର୍ଥୀ ସୁଜିତ ବଳବନ୍ତରାୟ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଉଛନ୍ତି।

# ପ୍ରସଙ୍ଗ ଅନେକ, ସମାଧାନ ଜରୁରୀ

*ଖୋର୍ଦ୍ଧା, ୧୬।୫ (ପ୍ରଭାତ ପାଣିଗ୍ରାହୀ)*

*ଭୁବନେଶ୍ୱର ଲୋକ ସଭା ଏବଂ ୭ଟି ବିଧାନସଭା ଆସନ ପାଇଁ ଆସନ୍ତା ୨୫ରେ ମତଦାନ ହେବ। ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ୧୦ଜଣ ପ୍ରାର୍ଥୀ ରହିଛନ୍ତି। ପ୍ରଚାର ସମୟ ସରି ଆସୁଥିବା ବେଳେ ପ୍ରାର୍ଥୀ ବିଭିନ୍ନ ପ୍ରସଙ୍ଗ ଉଠାଇ ସମସ୍ୟାର ସମାଧାନ ପାଇଁ ଭୋଟରଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି। ପ୍ରସଙ୍ଗ ଅନେକ ରହିଥିବା ବେଳେ ଖୋର୍ଦ୍ଧାର ବିକାଶ ହେବ ବୋଲି ସମସ୍ତ ପ୍ରାର୍ଥୀ କହୁଛନ୍ତି। ତେବେ ଲାଗି ରହିଥିବା ସମସ୍ୟା ପ୍ରତି ସ୍ଥାନୀୟ ଲୋକଙ୍କ କ'ଣ ରହିଛି ମତ, ତାହାକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା...*

ଖୋର୍ଦ୍ଧାଗଡ଼ ବିଲୁପ୍ତ ହେବାକୁ ବସିଛି। ଇତିହାସର ପଦଚିହ୍ନ ସ୍ୱରୂପ ରହିଥିବା ଏବଂ ଏହାର ସଂଲଗ୍ନ ପାର୍ଶ୍ୱରେ ରହିଥିବା ଐତିହ୍ୟ ମଠ, ମନ୍ଦିର, ପୋଖରୀ ଅସ୍ତିତ୍ୱ ହରାଉଛି। ଅତୀତର ଇତିହାସକୁ ସାଉଁଟି କେବଳ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏହି ଗଡ଼ର ପୁନରୁଦ୍ଧାର କରାଗଲେ ତଥା ଏହାର ଚତୁଃପାର୍ଶ୍ୱକୁ ଉନ୍ନତୀକରଣ କରାଗଲେ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିପାରିବ। ଏଯାବତ୍ ଏହାର ପୁନରୁଦ୍ଧାର କରାଯାଇ ନାହିଁ।

-ନରେନ୍ଦ୍ର ପୃଷ୍ଟି, ଆଇନଜୀବୀ

ଐତିହ୍ୟ ମୂକସାକ୍ଷୀ ଭାବେ ଦଣ୍ଡାୟମାନ ବରୁଣେଇ ପାହାଡ଼। ଖୋର୍ଦ୍ଧା ରାଜାଙ୍କ ଇଷ୍ଟଦେବୀ ମା' ବରୁଣେଇ, କରୁଣେଇ ବିଜେ କରିଛନ୍ତି। କୁହାଯାଏ ବରୁଣେଇ ପାହାଡ଼ ଉପରୁ ଶ୍ରୀମନ୍ଦିର ନୀଳଚକ୍ର ଦୃଶ୍ୟମାନ ହୁଏ। ଗବେଷକଙ୍କ ମତରେ ଏଠାରେ ୨ ହଜାର ବର୍ଷ ତଳର ଓଡ଼ିଆରେ ଲେଖାଯାଇଥିବା ଶିଳାଲେଖ, ବୌଦ୍ଧି କୀର୍ତ୍ତି ରହିଛି। କିନ୍ତୁ ଏହି ଐତିହ୍ୟ ପାହାଡର ସଂରକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ।

-ସରୋଜ ବଳିୟାରସିଂ, ସାମାଜିକ କର୍ମୀ

ଶିକ୍ଷାର ପ୍ରଗତି ପାଇଁ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ କଲେଜଟିଏ ଆରମ୍ଭ କରିଥିଲେ। ତାଙ୍କ ନାମ ଅନୁସାରେ ଏହା ପିଏନ୍ କଲେଜ ଭାବେ ପରିଚିତ। ଏହାକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଦାବି ସତ୍ତ୍ୱେ ଗୁରୁତ୍ୱ ଦିଆଯାଉନାହିଁ। ଅତୀତର ଗୌରବ ଗାଥାକୁ ଜାବୁଡି ଧରିଥିବା ଏହି ମହାବିଦ୍ୟାଳୟ ସ୍ଥିତି ହରାଉଛି।

**- ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପୂର୍ବତନ କୁଳପତି**

ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ହାଇସ୍କୁଲ ମଧ୍ୟରେ ଖୋର୍ଦ୍ଧାସ୍ଥିତ ବିଜେବି ହାଇସ୍କୁଲ ଅନ୍ୟତମ। ଅତୀତର ବହୁ ଇତିହାସକୁ ନିଜ ବକ୍ଷରେ ସାଉଁଟି ରଖିଥିବା ଏହି ଶିକ୍ଷାନୁଷ୍ଠାନକୁ ଜାତୀୟ ସ୍ତରୀୟ ବିଦ୍ୟାଳୟ ମାନ୍ୟତା ପାଇଁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହି ବିଦ୍ୟାଳୟର ଖେଳପଡିଆ ଏକ ଘରୋଇ କ୍ରୀଡ଼ାନୁଷ୍ଠାନ ହାତରେ ରହିଛି। ପୁରୁଣା ଛାତ୍ରାବାସ ଖୋର୍ଦ୍ଧା ପୋଲିସ ଅକ୍ତିଆରରେ ରହିଛି। ଐତିହ୍ୟକୁ ନିଜ ବକ୍ଷରେ ଚାପି ରଖିଥିବା ଏହି ବିଦ୍ୟାଳୟ ଅସ୍ତିତ୍ୱ ହରାଇବାକୁ ବସିଲାଣି।

**- ଗୋପାଳ କୃଷ୍ଣ ଦାସ, ପ୍ରାଧାପକ**

ସହରର ଅନ୍ୟତମ ସମସ୍ୟା ହେଉଛି କ୍ୟାବିନ। ପୁରୁଣା ବସଷ୍ଟାଣ୍ଡ, ଟ୍ରାଫିକ ଛକ, ମାରୱାଡ଼ି ପଟି, ଏସ୍‌ବିଆଇ ଛକ ପର୍ଯ୍ୟନ୍ତ କ୍ୟାବିନ ପଡ଼ିଛି। ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ବାରମ୍ବାର ଦାବି ସତ୍ତ୍ୱେ କାର୍ଯ୍ୟକାରୀ କରାଯାଉ ନାହିଁ।

**-ମୀନକେତନ ସୁବୁଦ୍ଧି, ଯୁବ ବ୍ୟବସାୟୀ**

ଓଡ଼ିଆ ଜାତିର ଅସ୍ମିତା ପାଇକ ବିଦ୍ରୋହର ୨୦୦ ବାର୍ଷିକୀ ଅବସରରେ ୨୦୧୭ରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପାଇକଙ୍କ ବୀରଙ୍କ ବୀରତ୍ୱ ଗାଥା ଉପରେ ବିଭିନ୍ନ ସଭା ସମିତି, ଆଲୋଚନା କରାଯାଇଥିଲା। ୨୦୧୯ ଡିସେମ୍ବର ୮ରେ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ଉକ୍ତ ସମୟର ରାଷ୍ଟ୍ରପତି ଶିଳାନ୍ୟାସ କରିଥିଲେ। ୩ ବର୍ଷ ବିତିବାକୁ ବସିଲାଣି, ଏପର୍ଯ୍ୟନ୍ତ ଇଟା ଖଣ୍ଡେ ପଡିପାରିଲା ନାହିଁ।

**- କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ, ସମ୍ପାଦକ, କଳିଙ୍ଗ ପାଇକ ସଙ୍ଗଠନ**

ଇତିହାସରେ ଖୋର୍ଦ୍ଧାର ସ୍ଥାନ ସ୍ୱତନ୍ତ୍ର। କଳା, ସଂସ୍କୃତି, ଭାସ୍କର୍ଯ୍ୟ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟ ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ଖୋର୍ଦ୍ଧାର ରହିଛି ସୁନାମ। ଖୋର୍ଦ୍ଧା ଐତିହ୍ୟ କୀର୍ତ୍ତିରାଜି ଏବଂ ପ୍ରାକୃତିକ ସବୁଜିମାଭରା ପରିବେଶ ଏବଂ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ରହିଛି। ତେବେ ରାଜନୈତିକ ଇଚ୍ଛାଶକ୍ତି ଅବହେଳାରୁ ଖୋର୍ଦ୍ଧାର ବିକାଶ ଧିମେଇଛି।

**- ସତ୍ୟବାଦୀ ବଳିୟାରସିଂ, ଗବେଷକ**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୫।୨୦୨୪

| | |
|---|---|
| ୩,୯୨,୯୪୭ ଟଙ୍କା | |
| ସୁନା | ୨.୬୫୦ଗ୍ରାମ୍ |
| ରୁପା | ୯୯.୯୦୦ଗ୍ରାମ୍ |

# ହାଣ୍ଡିଭାଙ୍ଗି ଶୁଭ ମନାସିଲେ କୁଳବଧୂ

### ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ

କୋଣାର୍କ,୧୬।୫(ଜ୍ୟୋତିରାଜ ମହାନ୍ତି):

ଅର୍କକ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀଙ୍କ ପୀଠରେ ଗୁରୁବାର 'ହାଣ୍ଡିଭଙ୍ଗା ଯାତ' ଅନୁଷ୍ଠିତ ହୋଇଯାଇଛି। କୋଣାର୍କ- ପୁରୀ ବେଳାମାର୍ଗ ସଂଲଗ୍ନ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା' ରାମଚଣ୍ଡୀଙ୍କ ପୀଠରେ ମାଟିହାଣ୍ଡିରେ ଖେଚୁଡ଼ି ରାନ୍ଧିଥିଲେ। ପରେ ହାଣ୍ଡିଭାଙ୍ଗି ନିଜ ପରିବାର ତଥା ସମାଜର ମଙ୍ଗଳ କାମନା କରିଥିଲେ। ପରମ୍ପରା ଅନୁଯାୟୀ, ବୈଶାଖ ମାସର ୪ର୍ଥ ଗୁରୁବାର ଉଭୟ ଗ୍ରାମର କୁଳବଧୂମାନେ ଉପବାସରେ ରହି ଗ୍ରାମଦେବତୀ ମା' ଖାଲକୋଟି, ମା' ଜାଗେଶ୍ୱରୀ ଓ ପୀଠଦେବୀ ରାମଚଣ୍ଡୀଙ୍କୁ ପୂଜାର୍ଚ୍ଚନା କରିବା ସହିତ ରାମଚଣ୍ଡୀଙ୍କ ପୀଠରେ ଗଣ ହାଣ୍ଡିରନ୍ଧା ପର୍ବରେ ସାମିଲ ହୋଇଥିଲେ। ପ୍ରାତଃରେ ଘରୁ କାନିରେ ବାନ୍ଧି ଆଣିଥିବା ଅରୁଆ ଚାଉଳ, ମୁଗ ଡାଲି, ନଡ଼ିଆ, ଘିଅ ଓ ହଳଦୀ ପକାଇ ମାଟିହାଣ୍ଡିରେ ଖେଚୁଡ଼ି ରାନ୍ଧିଥିଲେ। ଖିରକୋଳି ଡାଙ୍ଗକୁ ଚଟୁ ରୂପେ ବ୍ୟବହାର କରିଥିଲେ। ରନ୍ଧା ଖେଚୁଡ଼ିରୁ ବାଘବାଘୁଣୀଙ୍କ ଉଦ୍ଦେଶ୍ୟରେ ୨ଟି ବାଟୁଳା ହାଣ୍ଡି ସହ ମୁଣ୍ଡାଇ ନେଇ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ହାଣ୍ଡିଭଙ୍ଗା ବନ୍ତରେ କଚାଡ଼ି ଭାଙ୍ଗିଥିଲେ। ହାଣ୍ଡି ଭାଙ୍ଗିବା ସମୟରେ ଯାହାର ହାଣ୍ଡି ମୁଣ୍ଡଳି ନ ଭାଙ୍ଗେ, ବର୍ଷତମାମ ସମ୍ପୃକ୍ତା ମହିଳାଙ୍କ ପରିବାରରେ ଅମଙ୍ଗଳ ଲାଗି ରୁହେ ବୋଲି ବିଶ୍ୱାସ ରହିଛି। ରାମଚଣ୍ଡୀ ଜାର କମିଟି ପକ୍ଷରୁ ହାଣ୍ଡିଭଙ୍ଗା ଯାତର ପରିଚାଳନା ନିମନ୍ତେ ସମସ୍ତ ପ୍ରକାର ସହଯୋଗ କରାଯାଇଥିଲା। ଜାର ସଭାପତି ସୁବାସ ପ୍ରଧାନ ଓ ମା' ରାମଚଣ୍ଡୀଙ୍କ ସେବାୟତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପାରମ୍ପରିକ ନିଆରା ପର୍ବ ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି।



ଗ୍ରାମର କୁଳବଧୂମାନେ ହାଣ୍ଡିଭଙ୍ଗା ଯାତରେ ସାମିଲ ହୋଇଛନ୍ତି।



ଶ୍ରୀମନ୍ଦିରର ପରିକ୍ରମା ପ୍ରକଳ୍ପ ପରିସରରେ ରୌଦ୍ରତାପରୁ ବଞ୍ଚିବା ପାଇଁ ଭକ୍ତମାନେ ଗଛ ମୂଳରେ ଆଶ୍ରୟ ନେଇଛନ୍ତି ।

## ସଂକ୍ଷେପରେ

### ଦାଦାବଟି, ଆକ୍ରମଣ ଅଭିଯୋଗରେ ୨ ଗିରଫ

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ଦାଦାବଟି ମାଗିବା ସହ ଆକ୍ରମଣ କରିବା ଅଭିଯୋଗରେ ବାସେଳିସାହି ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେହିଥାନା ଅନ୍ତର୍ଗତ ବାସେଳିସାହି ବନଦୁର୍ଗା ଛକର ଚିତ୍ତରଞ୍ଜନ ପୁରୋହିତ ଏବଂ ପଣାପ୍ରିୟା ଲେନ୍‌ର ସନ୍ତୋଷ କୁମାର ମହାନ୍ତି। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି ଖଣ୍ଡା, ଦୁଇଟି ବୋମା, ମୋବାଇଲ ଫୋନ୍ ଏବଂ ଗୋଟିଏ ଗାଡ଼ି ଜବତ କରିଛି। ଏନେଇ କେସ ନଂ. ୬୭/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ, ଗତ ୫ ତାରିଖରେ ମିଶ୍ର ସାହିର ସନ୍ତୋଷ ତ୍ରିପାଠୀ ଅଟୋ ରିକ୍ସା ନେଇ ଷ୍ଟାଣ୍ଡରେ ଠିଆ ହୋଇଥିବାବେଳେ ଅଭିଯୁକ୍ତମାନେ ତାଙ୍କ ନିକଟକୁ ଆସି ମାରଣାସ୍ତ୍ର ଦେଖାଇ ଦାଦାବଟି ମାଗିଥିଲେ। ଅସଭ୍ୟ ଭାଷାରେ ଗାଳିଗୁଲଜ ମଧ୍ୟ କରିଥିଲେ। ଏପରିକି କିଛି ସମୟ ପରେ ଆଉ କେତେଜଣ ସହଯୋଗୀଙ୍କୁ ନେଇ ଆସି ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଯାହାଫଳରେ ସେଠାରୁ ସମସ୍ତେ ଭୟରେ ପଳାଇଥିଲେ ବୋଲି ସନ୍ତୋଷ ଥାନାରେ ଅଭିଯୋଗ କରିଥିଲେ। ଏହା ଜାଣିବା ପରେ ଅଭିଯୁକ୍ତମାନେ ସନ୍ତୋଷଙ୍କ ଘରକୁ ଯାଇ ତାଙ୍କୁ ଖୋଜିଥିଲେ। ସନ୍ତୋଷ ଘରେ ନ ଥିବା ତାଙ୍କ ମା' କହିବାରୁ ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଏପରିକି ଘରର ଆସବାବପତ୍ର ନଷ୍ଟ କରି ବୋମା ପକାଇ ଉଡ଼ାଇ ଦେବାକୁ ଧମକ ଦେଇଥିଲେ।

### ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା

ବଳଙ୍ଗା,୧୬।୫(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ନିକଟ ପୁରୁଣା ବୁଢ଼ାକେରା ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୪ ବଖରା ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଏଥିସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ ହୋଇଯାଇଛି। ସୂଚନା ମୁତାବକ, ଅପରାହ୍ନ ପ୍ରାୟ ୧ଟା ସମୟରେ ଘରେ ରୋଷେଇ କରୁଥିବା ସମୟରେ ଆକସ୍ମିକ ଭାବେ ଚୁଲିରୁ ନିଆଁ ଲାଗି ଶିବ ଭୋଇ ଓ ଗଜିଆ ଭୋଇଙ୍କ ୪ ବଖରା ଘର ଜଳିବା ଦେଖି ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହ ନିମାପଡ଼ା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ଘର ଭିତରେ ଥିବା ବିଭିନ୍ନ ପ୍ରକାରର ଆସବାବପତ୍ର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ରଥଖଳାରୁ...

### ତୁମ୍ବରେ ବିନ୍ଧ କାର୍ଯ୍ୟ ଆରମ୍ଭ

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ଗୁରୁବାର ରଥ ନିର୍ମାଣର ୬ଷ୍ଠ ଦିନରେ ୩ ରଥର ତୁମ୍ବ କାର୍ଯ୍ୟ ଜାରି ରହିଛି। ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ୪୨ଟି ତୁମ୍ବରେ ସୂତାବାଡ଼ିଆ କାର୍ଯ୍ୟ ରଥର ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସୁତାର ମହାରଣା, ସହଯୋଗୀ ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ମଧ୍ୟାହ୍ନ ବିରତି ପୂର୍ବରୁ ଶେଷ ହୋଇଥିଲା। ଏଥିସହ ତୁମ୍ବ ବିନ୍ଧ ଅନୁକୂଳ ପାଇଁ ୩ ରଥ ୨ଟି ଲେଖାଏଁ ନାହାକା ତୁମ୍ବର ବଳକା ଅଂଶ ବା ଘେର କଟା କାର୍ଯ୍ୟ କରତି ସେବକଙ୍କ ଦ୍ୱାରା ଶେଷ ହୋଇଥିଲା। ମଧ୍ୟାହ୍ନ ବିରତି ପରେ ୩ ରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ତୁମ୍ବ ବିନ୍ଧ ଅନୁକୂଳ ପୂଜା ପରେ ତିନିରଥ ମହାରଣା ସେବକମାନେ ତୁମ୍ବରେ ବିନ୍ଧ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରତି ତୁମ୍ବରେ ୧୬ ଯୋଡ଼ା ବିନ୍ଧ ହୋଇଥାଏ। ନିର୍ମାଣ କାର୍ଯ୍ୟ ଶେଷ ବେଳକୁ ତାଳଧ୍ୱଜ ରଥର ତୁମ୍ବଗୁଡ଼ିକରେ ୪ ଯୋଡ଼ା, ଦେବୀ ରଥର ତୁମ୍ବ ଗୁଡ଼ିକରେ ୪ ଯୋଡ଼ା ଏବଂ ନନ୍ଦିଘୋଷ ରଥ ତୁମ୍ବଗୁଡ଼ିକରେ ୪ ଯୋଡ଼ା ବିନ୍ଧ ଶେଷ ହୋଇଛି। ସେହିପରି ଦୋଳବେଦୀ ଅସ୍ଥାୟୀ କମାରଶାଳରେ ୩ ରଥର ଓଝା ସେବକମାନେ ୬ଟି ଚକା ପାଇଁ ଅରକଣ୍ଟା ନିର୍ମାଣ କରିବା ସହ ୩ରଥର ଦୁଇ ଦୁଇଟି ତୁମ୍ବ ପାଇଁ ପନ୍ଦାରି ବଳା ନିର୍ମାଣ ଶେଷ କରିଛନ୍ତି। ଉକ୍ତ ପନ୍ଦାରି ବଳାଗୁଡ଼ିକର ମଠା କାମ ବାକି ରହିଛି। ଷଷ୍ଠ ଦିନରେ ମୋଟ ୯୭ ଜଣ ରଥ ସେବକ ଓ କାରିଗର ନିୟୋଜିତ ରହିଥିଲେ।



ତୁମ୍ବରେ ଅରବିନ୍ଧା ପାଇଁ ମାପ ନିଆଯାଉଛି ।

## ପଦ୍ମ ଫୁଟିଲେ ସାମ୍ବାଦିକ ଭବନ ନିର୍ମାଣ ହେବ

ନିମାପଡ଼ା,୧୬।୫(ବିଚିତ୍ରାନନ୍ଦ ସାହୁ)

ଆଗାମୀ ନିର୍ବାଚନରେ ନିମାପଡ଼ାରେ ପଦ୍ମ ଫୁଟିଲେ ଓ ଭାଜପା ପ୍ରାର୍ଥୀ ବିଜୟୀ ହେଲେ ନିମାପଡ଼ାଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ନିମନ୍ତେ ଏକ ଆକର୍ଷଣୀୟ ସାମ୍ବାଦିକ ଭବନ ନିର୍ମାଣ କରାଯିବ। ପ୍ରଚାର ଗାଡ଼ିର ଶୁଭାରମ୍ଭ ସମୟରେ ଭାଜପା ବିଧାୟକ ପ୍ରାର୍ଥୀ ନାରୀନେତ୍ରୀ ପ୍ରଭାତୀ ପରିଡ଼ା ଏପରି ମନ୍ତବ୍ୟ ଦେଇଛନ୍ତି। ଗୁରୁବାର ଅପରାହ୍ନରେ ନିମାପଡ଼ା ଭାଜପା କାର୍ଯ୍ୟାଳୟଠାରେ ପରିଡ଼ା ୨ଟି ଆକର୍ଷଣୀୟ ସାଜସଜ୍ଜା ମଣ୍ଡିତ ପ୍ରଚାର ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନିମାପଡ଼ା, ଗୋପ ଆଦି ୨ଟି ବ୍ଲକରେ ଏହି ଦୁଇ ପ୍ରଚାର ଗାଡ଼ି ପ୍ରଚାର କାର୍ଯ୍ୟ ତ୍ୱରାନ୍ୱିତ କରିବ। ଏହି ସମୟରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଭାଜପା ନେତା ସ୍ୱପ୍ନ କୁମାର ମିଶ୍ର, ନିରଞ୍ଜନ ନାୟକ, ସୁଶାନ୍ତ ସ୍ୱାଇଁ, ଯତିନ୍ଦ୍ର ସ୍ୱାଇଁ, ସନ୍ତୋଷ ପରିଡ଼ା ପ୍ରମୁଖ ଯୋଗଦେଇ ଏଥର ରାଜ୍ୟରେ ଭାଜପା ସରକାର ହେବ। ନିର୍ବାଚରେ ନିମାପଡ଼ାରେ ଭାଜପା ପ୍ରାର୍ଥୀ ବହୁ ଭୋଟରେ ବିଜୟୀ ହୋଇ ଆଶାତୀତ ସଫଳତା ହାସଲ କରିବେ ବୋଲି ଦଳ ନେତୃବୃନ୍ଦମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

## ଶ୍ରୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ବିସ୍ମୟଙ୍କ ସଫଳତା

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ରାଜ୍ୟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଗୁଡ଼ିକର ପରିଚାଳନା କରୁଥିବା ଶିକ୍ଷାବିକାଶ ସମିତିର ପ୍ରାଦେଶିକ ମେଧା ପରୀକ୍ଷା ଓ ଶ୍ରୀଭାରତୀ କୃଷ୍ଣ ଗଣିତ ପ୍ରତିଭା ପରକ୍ଷା ଫଳାଫଳ ପ୍ରକାଶ ପାଇଛି। ୨୦୨୩-୨୪ ବର୍ଷ ନିମନ୍ତେ ତୃତୀୟ, ପଞ୍ଚମ, ସପ୍ତମ ଏବଂ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୨୨ହଜାର ୫ଶହ ୯୯ଜଣ ଛାତ୍ରୀଛାତ୍ର ରାଜ୍ୟର ୧୧୬ଟି କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାରେ ପୁରୀ ମଧୁବନସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇଥିଲେ। ତେବେ ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପାଇଁ କୃତିତ୍ୱ ଆଣିଛନ୍ତି। ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଥିବା ଆଦିତ୍ୟ ନାୟକ ୧୭୦ନମ୍ବର ରଖି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପଞ୍ଚମରେ ଅଧ୍ୟୟନ କରୁଥିବା ସାଇ ଦେବାର୍ଣ୍ଣ ବଡଜେନା ୧୮୦ନମ୍ବର ରଖି ରାଜ୍ୟରେ ଦଶମ ସ୍ଥାନ ଅଧିକାର କରିଛନ୍ତି। ଅପରପକ୍ଷରେ ଶ୍ରୀକୃଷ୍ଣ ଗଣିତ ପ୍ରତିଭାରେ ନବମ ଶ୍ରେଣୀର ଛାତ୍ର ବିସ୍ମୟ ତ୍ରିପାଠୀ ଶତ ପ୍ରତିଶତ ତଥା ୧୦୦ନମ୍ବର ରଖି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସପ୍ତମ ଶ୍ରେଣୀରେ ପଢୁଥିବା ଦେବାଶିଷ ପଢ଼ିଆରୀ ୮୪ ନମ୍ବର ରଖି ରାଜ୍ୟରେ ଷଷ୍ଠସ୍ଥାନ ଅଧିକାର କରିଛନ୍ତି। ପଞ୍ଚମ ଶ୍ରେଣୀର ସାଇରାଜ ମହାନ୍ତି ୮୦ ନମ୍ବର ରଖି ଦଶମ ସ୍ଥାନ ଅଧିକାର କରିଥିବାବେଳେ ତୃତୀୟ ଶ୍ରେଣୀର ଆଦିତ୍ୟ ନାୟକ ୭୦ ନମ୍ବର ରଖି ଦଶମ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ବିଭିନ୍ନ କାର୍ଯ୍ୟର ସମୀକ୍ଷାକଲେ ପର୍ଯ୍ୟବେକ୍ଷକ

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା ପାଇଁ ପ୍ରଶାସନ ବ୍ୟବସ୍ଥା କରିଛି। ଶୃଙ୍ଖଳିତ ଓ ସୁଚାରୁରୂପେ ଯେପରି ନିର୍ବାଚନ ପରିଚାଳନା ହେବ ଏବଂ ମତଦାନ ହାର ବଢ଼ିବ ସେଥିପାଇଁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ସୁଇପ୍ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ଭୋଟର ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବା ସହ ଗଣତନ୍ତ୍ରର ମହାପର୍ବ ନିର୍ବାଚନରେ ସାମିଲ ହେବାକୁ ସେ ନିବେଦନ କରିଛନ୍ତି। ସେହିପରି ଜିଲା ପାଇଁ ଭାରତର ନିର୍ବାଚନ କମିଶନ ନିଯୁକ୍ତ କରିଥିବା ପର୍ଯ୍ୟବେକ୍ଷକମାନେ ଶୃଙ୍ଖଳିତ ନିର୍ବାଚନ ପାଇଁ ବାରମ୍ବାର ସମୀକ୍ଷା ଓ ବିଭିନ୍ନ କାର୍ଯ୍ୟର ତଦାରଖ କରୁଛନ୍ତି। ଗୁରୁବାର ଖର୍ଚ୍ଚ ପର୍ଯ୍ୟବେକ୍ଷକ ମଦନପାଲ ସିଂ ପିପିଲି ଚେକ୍‌ପୋଷ୍ଟ ପରିଦର୍ଶନ କରିବା ସହ ସେଠାରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ଏଫ୍‌ଏସ୍‌ଟିଓ ଏସ୍‌ଏସ୍‌ଟିମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ପରେ ପୁରୀ ରେଲୱେ ଷ୍ଟେଶନଠାରେ ଆର୍‌ପିଏଫ୍ ଓ ଜିଆର୍‌ପି କାର୍ଯ୍ୟାଳୟ ପରିଦର୍ଶନ କରି ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ପୁରୀ ଲୋକ ସଭା ଅନ୍ତର୍ଗତ ଚିଲିକା, ନୟାଗଡ଼ ଓ ରଣପୁର ପାଇଁ ନିଯୁକ୍ତ ଅନ୍ୟତମ ସାଧାରଣ ପର୍ଯ୍ୟବେକ୍ଷକ ଟି. ଭି. ସୁଭାଷ ପୁରୀ ଲୋକ ସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ପୁରୀରେ ପହଞ୍ଚିବା ପରେ ସୁଭାଷ ଜିଲାପାଳଙ୍କ ସହ ନିର୍ବାଚନର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

## ଲୁଟ୍ ଅଭିଯୋଗରେ ୨ ଅଭିଯୁକ୍ତ ଗିରଫ

ପିପିଲି,୧୬।୫(ପ୍ରଭାତ କୁମାର ମହାପାତ୍ର/ ଦୁର୍ଗାମାଧବ ମିଶ୍ର):

ପିପିଲି ପୋଲିସର ଏକ ବାହିନୀ ସତ୍ୟବାଦୀ ପୋଲିସ ସହଯୋଗରେ ୨ଜଣ ଲୁଟେରାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ନିମାପଡ଼ା ଥାନା ସାତପୁରି ଗ୍ରାମର ଚତୁର୍ଭୁଜ ବାରିକ ଓ ଅସ୍ତରଙ୍ଗ ଆଳସାହିର ଆଶିଷ ବେହେରା। ଦୁହିଁଙ୍କଠାରୁ ପୋଲିସ ୧ ଲକ୍ଷ ୫୫ ହଜାର ଟଙ୍କା, ଭୁଜାଲି, ଛୁରି ସହ ୨ଟି ବାଇକ୍ ଜବତ କରିଛି। ଏନେଇ ୨୫/୨୭ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପିପିଲି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରିଛନ୍ତି। କିଛି ଦିନ ତଳେ ବଳଙ୍ଗା ବନ୍ଧନ ବ୍ୟାଙ୍କ ଏଜେଣ୍ଟଙ୍କ ଠାରୁ ଦୁର୍ବୃତ୍ତମାନେ ଲୁଟ କରିଥିଲେ ।

## ସହଯୋଗୀଙ୍କ ଛୁରାମାଡ଼ରେ ଜଣେ ଗୁରୁତର

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ପୁରୀ ରେଳଷ୍ଟେଶନ ପରିସରରେ ଗୁରୁବାର ମଧ୍ୟାହ୍ନରେ ଅଘଟଣ ଦେଖିବାକୁ ମିଳିଛି। ସହଯୋଗୀଙ୍କ ସହ ବଚସାକୁ କେନ୍ଦ୍ର କରି ଛୁରାମାଡ଼ରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ମହାରାଷ୍ଟ୍ର ନାଗପୁର ଅଞ୍ଚଳର ରତନ ବୋଲି ଜଣାପଡ଼ିଛି। ଆହତ ରତନଙ୍କୁ ଆର୍‌ପିଏଫ୍ ପକ୍ଷରୁ ପ୍ରଥମେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆର୍‌ପିଏଫ୍ ପୋଲିସ ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ନାଗପୁର ଅଞ୍ଚଳର ରତନ ତାଙ୍କର ଦୁଇ ସାଙ୍ଗ ଲକ୍ଷ୍ମଣ ଓ କ୍ରିଷ୍ଣାଙ୍କ ସହ ପୁରୀ ଆସି କାର୍ଯ୍ୟ କରୁଥିଲେ। ପୁରୀ ରେଳଷ୍ଟେଶନ ୨ନମ୍ବର ପ୍ଲାଟଫର୍ମ ନିକଟରେ ଗୁରୁବାର କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସା ଉଗ୍ରରୂପ ହେବାରୁ ଉଭୟ ଲକ୍ଷ୍ମଣ ଏବଂ କ୍ରୀଷ୍ଣା ରାଗିଯାଇ ରତନଙ୍କୁ ଛୁରାମାଡ଼ କରି ଫେରାର ହୋଇଯାଇଥିଲେ। ପାର୍ସଲ ଅଫିସ ଆଡକୁ ରତନ ରକ୍ତାକ୍ତ ଅବସ୍ଥାରେ ଆସୁଥିବା ଦେଖି ଆର୍‌ପିଏଫ୍ ପୋଲିସ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ।

## ବାବା ଆଖଣ୍ଡଳମଣି ଅଟୋ ଚାଳକ ସଂଘ ପକ୍ଷରୁ ଦ୍ୱିତୀୟ ଅନ୍ନଛତ୍ର

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ବାବା ଆଖଣ୍ଡଳମଣି ଅଟୋ ଚାଳକ ସଂଘ ତରଫରୁ ଦ୍ୱିତୀୟ ଅନ୍ନଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବରେ କୁମ୍ଭାରପଡ଼ା ଥାନାଧିକାରୀ ଜୟଦୀପ ମହାନ୍ତି ଓ ଟ୍ରାଫିକ ଥାନା ଅଧିକାରିଣୀ ସଙ୍ଗୀତା ଦାସ ଯୋଗ ଦେଇଥିଲେ। ସଂଘ ସଭାପତି ପ୍ରମୋଦ କୁମାର ଜେନା କର୍ମକର୍ତ୍ତାମାନଙ୍କୁ ପ୍ରଶଂସା କରିବା ସହିତ ସଂଘର ଉତ୍ତରୋତ୍ତର କାମନା କରିଥିଲେ। ପରେ ସଂଘ ତରଫରୁ ଅନ୍ନଛତ୍ର ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ପ୍ରଧାନ, ଅରବିନ୍ଦ ଦାସ ଏବଂ ଲୋକନାଥ ପ୍ରମୁଖ ଯୋଗଦାନ କରିଥିଲେ। ଉପ-ସଭାପତି ବିନୟ କୁମାର ପଟ୍ଟନାୟକ, ସମ୍ପାଦକ ଦାଶରଥି ସାହୁ, ସହ ସମ୍ପାଦକ ମହେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ସୁରେଶ କୁମାର ପାତ୍ର, ସଂଘର ସୁଶାନ୍ତ ବେହେରା, ପ୍ରଦୀପ ଜେନା, ସଦାଶିବ ଦୀକ୍ଷିତ, ସୁଶାନ୍ତ ସାହୁ, ଭାଗୀରଥି ସାହୁ, ଗଦାଧର ବେହେରା, ହେମନ୍ତ ମହାନ୍ତି, ସୋମନାଥ ସାହୁ, ପ୍ରଭାକର ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ସଭା

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ଜିଲା ଅବସରପ୍ରାପ୍ତଶିକ୍ଷକ କର୍ମଚାରୀ ସଂଘର ସାଧାରଣ ସଭା ଗୁରୁବାର ନବକଳେବର ରୋଡ୍‌ସ୍ଥିତ ମା' ଭୁବନେଶ୍ୱରୀ ମନ୍ଦିରଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ସଂଗଠନର ସଭାପତି ପ୍ରଫେସର ଲକ୍ଷ୍ମୀଧର ମିଶ୍ର ସଭାପତିତ୍ୱ କରିଥିଲେ। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଭ୍ୟମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ସାଧାରଣ ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ସଭ୍ୟା ଓ ସଭ୍ୟମାନଙ୍କ ସମସ୍ୟା ତଥା ଜରୁରୀ ଥିବା ସମସ୍ୟା ସମ୍ପର୍କରେ ନୂତନ ଭାବରେ ଯୋଗ ଦେଇଥିବା ଜିଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ସମାଧାନ କରାଯିବ ବୋଲି ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଜଣାଇଥିଲେ। ସେହିପରି ଦେଶ ତଥା ରାଜ୍ୟରେ ଜାରି ରହିଥିବା ଗଣତନ୍ତ୍ରର ମହାନ ପର୍ବ ସାଧାରଣ ନିର୍ବାଚନରେ ସାମିଲ ହୋଇ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରି ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରିବାକୁ ସଭାପତି ପ୍ରଫେସର ମିଶ୍ର ଓ ସାଧାରଣ ସମ୍ପାଦକ ବେହେରା ଆହ୍ୱାନ କରିଥିଲେ। ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ପ୍ରଫେସର ଲକ୍ଷ୍ମୀଧର ମିଶ୍ର, ମନୋଜ କୁମାର ସାମନ୍ତରାୟ, ମନୋରଞ୍ଜନ ମିଶ୍ର, ଗୋପାଳ ଚନ୍ଦ୍ର ପରିଡ଼ା, ବିଜୟ ପରିଡ଼ା, କୃଷ୍ଣ ମୋହନ ମହାନ୍ତି, ସନ୍ତୋଷ କୁମାର ମହାନ୍ତି, ବିଜୟ କୁମାର ପଣ୍ଡା, ଆଶାଲତା ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ, ବାଇଧର ଜେନା, ଗୋପାଳ ଚନ୍ଦ୍ର ପରିଡ଼ା, ସଦାଶିବ ମିଶ୍ର, ଗଣେଶ୍ୱର ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।



## ସ୍କାଉଟ୍ସ ଓ ଗାଇଡ୍ସ ପାଇଁ ପୁରୀ ଜିଲାକୁ ରାଜ୍ୟପାଳ ପୁରସ୍କାର

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ଭାରତ ସ୍କାଉଟ ଗାଇଡ୍ସ, ଓଡିଶା ତରଫରୁ ଗତ ୧୪ ତିଖରେ ରାଜଭବନର ଅଭିଷେକ ହଲ୍‌ରେ ୨୦୨୩-୨୪ ବର୍ଷର ରାଜ୍ୟପାଳ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲା ଭାରତ ସ୍କାଉଟ ଓ ଗାଇଡ୍ସର ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ରାଜ୍ୟପାଳ ପୁରୀ ଜିଲାକୁ ପୁରସ୍କୃତ କରିଛନ୍ତି। ପୁରୀ ଜିଲାର ସମସ୍ତ ବିଦ୍ୟାଳୟକୁ ସ୍କାଉଟ ଓ ଗାଇଡ୍ସ ସଂଗଠନରେ ଅନ୍ତର୍ଭୁକ୍ତ କରିଥିବାରୁ ଜିଲାକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଜିଲା ଭାରତ ସ୍କାଉଟ୍ ଓ ଗାଇଡ୍ସ ମୁଖ୍ୟ କମିଶନର୍ ତଥା ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ ଏବଂ ଜିଲା ସମ୍ପାଦକ ତଥା ଜିଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ଏହି ଉତ୍ସବରେ ଯୋଗଦେଇ ରାଜ୍ୟପାଳଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ସ୍କାଉଟ ଓ ଗାଇଡ୍ସର ରାଷ୍ଟ୍ରୀୟ ଉପସଭାପତି ତଥା ରାଜ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର, ରାଜ୍ୟ ମହିଳା କମିଶନର ଚେୟାରମ୍ୟାନ ମିନତି ବେହେରା, ରାଜ୍ୟ ଗାଇଡ୍ସ କମିଶନର ସିପ୍ରା ନାୟକ, ରାଜ୍ୟ ଗାଇଡ୍ସ ମୁଖ୍ୟ ସଂଯୋଜିକା ଅନାମିକା ଦାସ ପ୍ରମୁଖ ଅଧିକାରୀ ଯୋଗଦେଇଥିଲେ। ସେହିପରି ଏହି ଉତ୍ସବରେ ପୁରୀ ଜିଲା ଗଡ଼ଭିଙ୍ଗୁରା ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଗାଇଡ ଶିକ୍ଷୟିତ୍ରୀ ସସ୍ମିତା ରାଉତରାୟଙ୍କୁ ତାଙ୍କର ନିଷ୍ଠାପର ସେବା ପାଇଁ ସର୍ଭିସ ଷ୍ଟାର ସମ୍ମାନ ପ୍ରଦାନ କରାଯାଇଛି।




ରାଜ୍ୟପାଳ ରଘୁବର ଦାସ ସ୍କାଉଟ୍ସ ଓ ଗାଇଡ୍ସରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରୀକୁ ରାଜ୍ୟପାଳ ପୁରସ୍କାର ପ୍ରଦାନ କରୁଛନ୍ତି ।








ଭୁବନେଶ୍ୱରରେ ଗୁରୁବାର ଅନୁଷ୍ଠିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋଡ୍ ଶୋ'ରେ କଳାକାରମାନେ ବାଜା ବଜାଇ ବିଭିନ୍ନ ନୃତ୍ୟ ପରିବେଷଣ କରୁଛନ୍ତି। ଉତ୍ସାହିତ ସହରବାସୀ ଶଙ୍ଖ ବଜାଇ ହୁଳହୁଳି ପକାଇ ବିଜେଡି ପତାକା ଦେଖାଇ ସ୍ୱାଗତ କରୁଛନ୍ତି।

## କଂଗ୍ରେସରେ ମିଶିଲେ ମହିଳା ଗୋଷ୍ଠୀ

**ଜଟଣୀ,୧୬।୫(ରବୀନ୍ଦ୍ରନାଥ ମହାକୁଡ଼)**

ଜନକଲ୍ୟାଣ ସେବାଟ୍ରଷ୍ଟର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଜରିଆରେ ଜଟଣୀ ପୌରାଞ୍ଚଳର ମହିଳା ଗୋଷ୍ଠୀ କଂଗ୍ରେସରେ ସାମିଲ ହୋଇଛନ୍ତି। ଆୟୋଜକ ଅନୁଷ୍ଠାନର ଯୁଗ୍ମସମ୍ପାଦକ ଜିତେନ୍ଦ୍ର ନାୟକଙ୍କ ସମ୍ପାଦନାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ କଂଗ୍ରେସକୁ ମଜଭୁତ କରିବା ପାଇଁ ଆୟୋଜକ ଅନୁଷ୍ଠାନ ସହଯୋଗରେ ପୌରାଞ୍ଚଳର କେତେକ ମହିଳା ଗୋଷ୍ଠୀ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଥିଲେ। ଜନକଲ୍ୟାଣ ଅନୁଷ୍ଠାନର ସଭାପତି ନବୀନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ପଦନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ, ପାଇକରାୟପୁରର ସଭାପତି କ୍ଷେତ୍ରବାସୀ ସାହୁ, ସମାଜସେବୀ ବାସୁଦେବ ବେହେରା, ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

# ରତ୍ନଭଣ୍ଡାର ଚାବି ଲୁଚାଇ ରଖାଯାଇଛି: ହିମନ୍ତ

**ଜଟଣୀ,୧୬।୫(ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ଛତାବର ପଞ୍ଚାୟତର ହନୁମାନ ମନ୍ଦିର ପଡ଼ିଆରେ ଗୁରୁବାର ଭାଜପାର ପରିବର୍ତ୍ତନ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଯୋଗଦେଇ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଚାବିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ମହାପ୍ରଭୁଙ୍କ ରତ୍ନଭଣ୍ଡାର ଚାବି ଗାଏବ ହୋଇଯାଇଛି। ଓଡ଼ିଶା ସରକାର ସେହି ମାମଲାର ନ୍ୟାୟିକ ତଦନ୍ତ କରିଥିଲେ। ତାହାର ରିପୋର୍ଟ ବିଧାନସଭାରେ ଉପସ୍ଥାପନ କଲେ ନାହିଁ। ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଛି କରୁନାହାନ୍ତି। ରତ୍ନଭଣ୍ଡାର ଚାବି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଲୁଚାଇ ରଖିଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ଜୁନ ୧୦ ତାରିଖ ସୁଦ୍ଧା ଚାବି ଓଡ଼ିଶାର ଜନତାଙ୍କ ହାତରେ ଦିଅ। ନ ହେଲେ ଭାଜପା ସରକାର ଆସିଲେ ଯେଉଁଠାରେ ରଖିଥିଲେ ମଧ୍ୟ ବାହାର କରିଆଣିବୁ ବୋଲି ବିଶ୍ୱଶର୍ମା କହିଛନ୍ତି। ସେ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନା ଯୋଗୁ ଦେଶର ବିକାଶଧାରା ଜାରି ରହିବା ସହ ସାଧାରଣ ଲୋକେ ଉପକୃତ ହେଉଛନ୍ତି।



### ଛତାବରରେ ଭାଜପାର ପରିବର୍ତ୍ତନ ସଭା

ଓଡ଼ିଶାରେ ଭାଜପା ସରକାର ଆସିଲେ ଚାଷୀଙ୍କୁ ଧାନର ସର୍ବନିମ୍ନ ମୂଲ୍ୟ ପ୍ରଦାନ କରାଯିବ। ଏଥିସହ ସେ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଲୋକସଭା ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, ଜଟଣୀ ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନା, ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମି ମହାପାତ୍ର, ଜଟଣୀ ପ୍ରଭାରୀ ନିକୁଞ୍ଜ ପଟ୍ଟନାୟକଙ୍କ ସମେତ ଭାଜପାର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ବିଜେଡିରେ ମିଶିଲେ ଭାଜପାର ଶତାଧିକ ଯୁବନେତା

**ଭୁବନେଶ୍ୱର, ୧୬।୫ (ବନ୍ଦନା ସେଠୀ)**

ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ.୪୦ରେ ଗୁରୁବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଭାଜପା କାର୍ଯ୍ୟକର୍ତ୍ତା ବିଜେଡିରେ ମିଶିଥିଲେ। ଭାଜପା ବନଦୁର୍ଗା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ସାବନ ମିଶ୍ର, ଉପସଭାପତି ଅଭିନାଶ ସ୍ୱାଇଁ, ଜ୍ଞାନରଞ୍ଜନ ଦାସଙ୍କ ସମେତ ୟୁନିଟ-୨ ଅଞ୍ଚଳର ଯୁବ କାର୍ଯ୍ୟକର୍ତ୍ତାମାନେ ବିଜେଡି ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ଓ ସ୍ଥାନୀୟ କର୍ପୋରେଟର ଆଶିଆ ବେଗମଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଓ ବିଧାୟକ ପ୍ରାର୍ଥୀ ଅନନ୍ତଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ସାବନ କହିଥିଲେ। ସାମାଜିକ କର୍ମୀ ଫିରୋଜ ଖାନ, ରାଜ୍ୟ ଯୁବ ଉପସଭାପତି ଦିଲୀପ ସେନାପତି, ଭୁବନେଶ୍ୱର ଜିଲା ଯୁବ ଉପସଭାପତି ଅରୁଣ ମହାନ୍ତି, ରାଜକୁମାର ଜେନା, ଅଭିଲାଷ ଦାସ, ଆକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ୱାର୍ଡ ନଂ. ୪୦ରେ ଆୟୋଜିତ ବିଜେଡିର ମିଶ୍ରଣ ପର୍ବରେ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ଭାଜପାର ଯୁବ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ତରୀୟ ଦେଇ ଦଳରେ ସାମିଲ କରୁଛନ୍ତି।

## ପ୍ରଥମ କ୍ୟାବିନେଟରେ ପାରିତ ହେବ ନିର୍ବାଚନ ଇସ୍ତାହାର ପ୍ରତିଶ୍ରୁତି: ଅଶୋକ

**ପୁରୁଣା ଭୁବନେଶ୍ୱର,୧୬।୫**
**(ସୁବାସ ଚନ୍ଦ୍ର ପ୍ରଧାନ)**

ରାଜ୍ୟରେ ନବୀନ ପଟ୍ଟନାୟକ ୬ଷ୍ଠ ଥର ସରକାର ଗଢ଼ିବାକୁ ଯାଉଛନ୍ତି। ଏହି ଲୋକାଭିମୁଖୀ ସରକାରରେ ଯେଉଁ ନିର୍ବାଚନ ଇସ୍ତାହାର ଦିଆଯାଇଛି ସେଗୁଡିକ ପ୍ରଥମ କ୍ୟାବିନେଟରେ ପାରିତ ହେବା ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ପ୍ରଚାର ସମୟରେ ଏକାମ୍ର ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ଗୁରୁବାର ଏହି ନିର୍ବାଚନ ମଣ୍ଡଳୀର ଟିକରପାଡ଼ା ଗ୍ରାମ ପଞ୍ଚାୟତ ଏବଂ ୱାର୍ଡ ନମ୍ବର ୫୧ ରେ ପ୍ରଚାର ସମୟରେ ଗ୍ରାମବାସୀ ସ୍ୱାଗତ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ କର୍ପୋରେଟର ବିଜୟିନୀ ଜେନା, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ଅଞ୍ଚଳ ବଟୁ, ପୂର୍ବତନ ସରପଞ୍ଚ ସଂଘମିତ୍ରା ପାଳ, ହେମନ୍ତ ପ୍ରଧାନ, ରଞ୍ଜିତ୍ ସୁବୁଦ୍ଧି, ସୁନିଲ ସାହୁ, ସୁଶ୍ରିକାନ୍ତା ଦାସ, ଆଦର୍ଶ ପଟ୍ଟନାୟକ, ଚିନ୍ମୟ ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଏକାମ୍ର ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଅଶୋକଚନ୍ଦ୍ର ପଣ୍ଡା ପ୍ରଚାର କରୁଛନ୍ତି।

## ୩ ୱାର୍ଡରେ ସୁଶାନ୍ତଙ୍କ ରୋଡ୍ 'ଶୋ'

**ଭୁବନେଶ୍ୱର,୧୬।୫(ଶର୍ମିଷ୍ଠା ପାଣିଗ୍ରାହୀ)**

ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଏମ୍‌ସିର ୱାର୍ଡ ନଂ. ୧୧, ୧୦ ଓ ୫ରେ ଗୁରୁବାର ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ରାଉତଙ୍କ ରୋଡ ଶୋ' ଗୁରୁବାର ଅନୁଷ୍ଠିତ ହୋଇଛି। ହଜାର ହଜାର ବିଜେଡି କର୍ମକର୍ତ୍ତାଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ସହ ରାଉତ ଭୋଟ ଭିକ୍ଷା କରିଥିଲେ। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟବାସୀଙ୍କୁ ପ୍ରଦାନ କରାଯାଉଥିବା ଉତ୍ତମ ଶାସନ ଯୋଗୁ ଓଡ଼ିଶା ଆଜି ସାରା ଦେଶରେ ଏକ ନମ୍ବର ହୋଇପାରିଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର ଅନେକ ବିକାଶମୂଳକ ପ୍ରକଳ୍ପ ସଫଳ ହୋଇଛି। ଆଗକୁ ଆହୁରି ବିକାଶମୂଳକ ପଦକ୍ଷେପ ହାତକୁ ନେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଗତ ୫ବର୍ଷ ମଧ୍ୟରେ ତିନୋଟି ଯାକ ୱାର୍ଡରେ ରାସ୍ତା, ଡ୍ରେନ, କମ୍ୟୁନିଟି ହଲ, ସ୍କୁଲ, ବରିଷ୍ଠ ନାଗରିକଙ୍କ ପାଇଁ ଚିତ୍ତବିନୋଦନ କେନ୍ଦ୍ର ପ୍ରତିଷ୍ଠା ହୋଇଛି। ୫ ନମ୍ବର ୱାର୍ଡ ଅନ୍ତର୍ଗତ



### ଲୋକଙ୍କୁ ବିକାଶମୂଳକ କାମର ହିସାବ ଦେଲେ

ଜାତୀୟ ରାଜପଥଠାରୁ ମଞ୍ଚେଶ୍ୱର ଦେଇ ସତ୍ୟବିହାର ପର୍ଯ୍ୟନ୍ତ ରାସ୍ତା, ମା' ଦୋଳଦେଇ ମନ୍ଦିର ନବୀକରଣ, ବିଜୁ ପଟ୍ଟନାୟକ ଖେଳ ପଡ଼ିଆ ବିକାଶ, ଭୋଇ ସାହିରେ କମ୍ୟୁନିଟି ହଲ, ଉପରସାହିରେ ଭାଗବତ ଘର, ଚକେଇସିଆଣି କମ୍ୟୁନିଟି ହଲ, ପାଦୁକା ମନ୍ଦିର ନବୀକରଣ, ମଞ୍ଚେଶ୍ୱର ଅଞ୍ଚଳରେ ଥିବା ମନ୍ଦିରଗୁଡ଼ିକ ନବୀକରଣ କରାଯାଇଛି। ପ୍ରାୟ ୭ କୋଟି ଟଙ୍କାରେ ୧୯ଟି ପ୍ରକଳ୍ପ କାମ ୫ ନମ୍ବର ୱାର୍ଡରେ ହୋଇଛି। ୧୦ ନମ୍ବର ୱାର୍ଡ ଅଧୀନ ଭୋଟପଡ଼ାରେ ମଣ୍ଡପ ନିର୍ମାଣଠୁ ଆରମ୍ଭ କରି ଝରଣାସାହି, ହାଡ଼ବାଇ ବସ୍ତି ଆଦି ସ୍ଥାନରେ ଏକାଧିକ କମ୍ୟୁନିଟି ହଲ ହୋଇଛି। ପ୍ରାୟ ୨ କୋଟି ଟଙ୍କାରେ ୧୧ଟି ଡ୍ରେନ ପ୍ରକଳ୍ପ କାର୍ଯ୍ୟ ସହ ଅନେକ କାମ ଶେଷ ହୋଇଛି ବୋଲି ସେ କହିଥିଲେ। ଏହି ଶୋଭାଯାତ୍ରାରେ ବିଜେଡିର ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତି, ସେକନ୍ଦର ହାସନ , ମିନୁଶ୍ରୀ ଖୁଣ୍ଟିଆ, ଯୁବନେତା ପ୍ରକାଶ ତ୍ରିପାଠୀ, ଅଜୟ ଜେନା , ପୁରଞ୍ଜନ ପାଢ଼ୀ, ମହେଶ୍ୱର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## 'ସେବକ ହୋଇ ଲୋକଙ୍କ କାମ କରିବି'

**ଜଟଣୀ,୧୬।୫(ରବୀନ୍ଦ୍ରନାଥ ମହାକୁଡ଼)**

ନିର୍ବାଚନ ଯେତିକି ପାଖଉଛି ଜଟଣୀ ନିର୍ବାଚନମଣ୍ଡଳୀରେ ନେତାଙ୍କ ପ୍ରଚାର ସେତିକି ଜମୁଛି। ଗୁରୁବାର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ସୁଜିତ ବଳବନ୍ତରାୟ ସମର୍ଥକଙ୍କ ସହ ସ୍ଥାନୀୟ ଖୁଦୁପୁର ପଡିଆଠାରୁ ବାଇକ୍ ରାଲିରେ ବାହାରିଥିଲେ। ଖୁଦୁପୁର ଛକ, ବ୍ଲକ ଛକ, ହରିଭାଇନା ଛକ, ମହିଳଗୁଡ଼ିଆ ଛକ, ଥାନା ଛକ ଆଦି ଦେଇ ଜଟଣୀ ସହରର ବିଭିନ୍ନ ୱାର୍ଡ ବୁଲି ଜନସାଧାରଣଙ୍କୁ ନିଜ ସପକ୍ଷରେ ଭୋଟ ମାଗିଥିଲେ। ସେହିପରି ଅପରାହ୍ନରେ ପଦଯାତ୍ରା କରି ଭୋଟରଙ୍କ ନିକଟକୁ ଯାଇ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ସୁଜିତ କହିଥିଲେ, ସେବକ ହୋଇ ଲୋକଙ୍କ କାମ କରିବି। ନିର୍ବାଚିତ ହେଲେ ଦୁଇ ବର୍ଷ ମଧ୍ୟରେ ଭୌଗୋଳିକ ଏବଂ ସାମାଜିକ ପରିସ୍ଥିତିରେ ଉନ୍ନତି ଆଣିବା ସହିତ ଜଟଣୀ ନିର୍ବାଚନ ମଣ୍ଡଳୀକୁ ରାଜ୍ୟ ଓ ଦେଶରେ ଏକ ନମ୍ବର ନିର୍ବାଚନ ମଣ୍ଡଳୀରେ ପରିଣତ କରିବେ।



ସ୍ୱାଧୀନ ବିଧାୟକ ପ୍ରାର୍ଥୀ ସୁଜିତ ବଳବନ୍ତରାୟ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଉଛନ୍ତି।

## ପଞ୍ଚାୟତରେ ଶୀତଳ ଭଣ୍ଡାର ପ୍ରତିଶ୍ରୁତି ଦେଲେ ପ୍ରିୟଦର୍ଶୀ

**ଭୁବନେଶ୍ୱର, ୧୬।୫ (ବନ୍ଦନା ସେଠୀ)**

ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ସକାଳୁ ରାତି ଯାଏ ୱାର୍ଡରୁ ପଞ୍ଚାୟତକୁ ବୁଲି ପ୍ରଚାର କରୁଥିବାବେଳେ ଗୁରୁବାର ବରିମୁଣ୍ଡ ପଞ୍ଚାୟତରେ ରୋଡ୍ ଶୋ' କରିଥିଲେ। ଅପରାହ୍ନରେ ପାଞ୍ଚଟି ପଞ୍ଚାୟତ ପକ୍ଷରୁ ଆୟୋଜିତ ରୋଡ୍ ଶୋରେ ସେ ସାମିଲ ହୋଇଥିଲେ। ବରିମୁଣ୍ଡ ଲକ୍ଷେଶ୍ୱର ମନ୍ଦିର ନିକଟରୁ ରୋଡ୍ ଶୋ ବାହାରି ପଞ୍ଚାୟତ ପରିକ୍ରମା କରିଥିଲା। ଭାଜପା ଜିତିଲେ ଉତ୍ତର ଭୁବନେଶ୍ୱର ଅନ୍ତର୍ଗତ ପଞ୍ଚାୟତଗୁଡିକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ଚାଷୀମାନଙ୍କୁ ଆଉ ଦୂର ସ୍ଥାନରେ ଥିବା ଶୀତଳ ଭଣ୍ଡାର ଯିବାକୁ ପଡିବନି। ବିକାଶ ପାଇଁ ନରେନ୍ଦ୍ର ମୋଦିଙ୍କ ଡବଲ ଇଞ୍ଜିନ ସରକାରଙ୍କୁ ଏଠାକୁ ଆଣିବାକୁ ପଡିବ ବୋଲି ପ୍ରିୟଦର୍ଶୀ କହିଥିଲେ। ଏଥିପାଇଁ ଭାଜପା ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀଙ୍କୁ ପଦ୍ମ ଚିହ୍ନରେ ଭୋଟ ଦେବାକୁ ସେ ନିବେଦନ କରିଥିଲେ। ସେହିପରି ସନ୍ଧ୍ୟାରେ ୱାର୍ଡ ନଂ. ୧୨ ଅନ୍ତର୍ଗତ ପ୍ରେସ୍‌ଛକ ଆହାର କେନ୍ଦ୍ରଠାରୁ ଏକ ରୋଡ ଶୋ ବାହାରି ଦୂରଦର୍ଶନ କେନ୍ଦ୍ର, ଯୁକ୍ତ୨ ବୋର୍ଡ କାର୍ଯ୍ୟାଳୟ କଲୋନୀ, ସାମନ୍ତପୁରୀ, ସ୍ୱସ୍ତି ପ୍ରିମିୟର ଅଞ୍ଚଳ ପରିକ୍ରମା କରିଥିଲା। କଲୋନୀର ମହିଳା ପୁରୁଷମାନେ ପ୍ରିୟଦର୍ଶୀଙ୍କୁ ସ୍ୱାଗତ କରିଥିଲେ।



ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ରଙ୍କ ରୋଡ୍ ଶୋ'।

ଭୋଟର ମୁଡ୍: ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ

# ପ୍ରାର୍ଥୀଙ୍କ ପ୍ରତିଶ୍ରୁତି, କାମକୁ ତଉଲୁଛନ୍ତି ମତଦାତା

**ଭୁବନେଶ୍ୱର,୧୬।୫**
**(ଅନୁରାଧା ମହାରଣା)**

ମେ' ୨୫ରେ ଭୁବନେଶ୍ୱରର ଏକାମ୍ର, ମଧ୍ୟ ଓ ଉତ୍ତର ନିର୍ବାଚନମଣ୍ଡଳୀରେ ଭୋଟ ଦେବେ ଜନତା। ଦିନ ଯେତିକି ପାଖେଇ ଆସୁଛି, ପ୍ରଚାର ସେତିକି ଜମୁଛି। ମନଲୋଭା ପ୍ରତିଶ୍ରୁତି ଦେଉଛନ୍ତି ନେତା ଓ କର୍ମୀ। କିଏ ବାଇକ୍ ରାଲି କରୁଛନ୍ତି ତ ପୁଣି କିଏ ପଦଯାତ୍ରା କରି ଭୋଟରଙ୍କ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି। ପ୍ରଥମ କରି ଭୋଟ୍ ଦେବାକୁ ଯାଉଥିବା ଯୁବପିଢ଼ିଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି। ଅନ୍ୟପଟେ ଜନ ପ୍ରତିନିଧି ବାଛିବା ପୂର୍ବରୁ ନିଜ ଅଞ୍ଚଳରେ ହୋଇଥିବା ବିକାଶ ସହ ନେତାଙ୍କ ପ୍ରତିଶ୍ରୁତି ଓ କାମଙ୍କୁ ତଉଲୁଛନ୍ତି ବରିଷ୍ଠ ମତଦାତା। ଧରିତ୍ରୀ ପକ୍ଷରୁ ଏକାମ୍ର ନିର୍ବାଚନମଣ୍ଡଳୀ ଭୋଟରଙ୍କ ମୁଡ୍ ପରଖିବାବେଳେ ଏଭଳି ସ୍ଥିତି ସାମ୍ନାକୁ ଆସିଥିଲା।



"ମୋ ମତରେ ଆମେ ଆଗ ଆମ ପ୍ରାର୍ଥୀଙ୍କ ନାଁ ଜାଣିବା ଜରୁରୀ। ବିଭିନ୍ନ ରାଜନୈତିକ ଦଳ ସହ ସ୍ୱାଧୀନ ଭାବେ କିଏ କେତେ ମୈଦାନକୁ ଓହ୍ଲାଇଛନ୍ତି। ମାତ୍ର ମୋ ଭୋଟ୍ ବିଜେଡିକୁ ଯିବ। ନବୀନ ପଟ୍ଟନାୟକଙ୍କୁ ଆମେ ପୁଣି ଥରେ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଛୁ। କେନ୍ଦ୍ରରେ ମୋଦି କ୍ଷମତାରେ ରୁହନ୍ତୁ ବୋଲି ଭାବୁଥିଲି। ମାତ୍ର ଭାଜପା ଏମ୍‌ପି ପ୍ରାର୍ଥୀ ଅପରାଜିତାଙ୍କ ନାଁ ଶୁଣିଥିଲେ ମଧ୍ୟ ଆମ ଅଞ୍ଚଳରେ ତାଙ୍କ ପାଦ ପଡ଼ିନି। ବିଜେଡି ଏମ୍‌ପି ପ୍ରାର୍ଥୀ ସୁର ରାଉତରାୟଙ୍କ ପୁଅ ବୋଲି ଯାହା ଶୁଣୁଛୁ। ତେଣୁ ଏମ୍‌ଏଲ୍‌ଏ ଭୋଟ୍ ବିଜେଡିକୁ ଦେବି, କିନ୍ତୁ ଏମ୍‌ପି ଭୋଟ ପାଇଁ ବାରମ୍ବାର ଚିନ୍ତା କରିବାକୁ ପଡ଼ିବ।

**– ପୁଷ୍ପଲତା ସ୍ୱାଇଁ, ଖଣ୍ଡଗିରିବାରି**

"ଏଥରକୁ ମିଶାଇ ମୁଁ ଚତୁର୍ଥଥର ପାଇଁ ଭୁବନେଶ୍ୱରରେ ଭୋଟ୍ ଦେବାକୁ ଯାଉଛି। ଏଥର ପ୍ରାର୍ଥୀ ନୁହେଁ ଦଳ ଦେଖି ଭୋଟ୍ ଦେବାକୁ ହେବ। ପୂର୍ବରୁ ମଧ୍ୟ ନିର୍ବାଚନ ସମୟରେ ଏହିଭଳି ପ୍ରଚାର ପ୍ରସାର ହୋଇଛି। ପ୍ରତିଶ୍ରୁତି ମୁତାବକ ଆମ ଅଞ୍ଚଳରେ ଅନେକ କାର୍ଯ୍ୟ ହୋଇଛି। ତେବେ ଭାଜପା ଏମ୍‌ପି ପ୍ରାର୍ଥୀ ଅପରାଜିତାଙ୍କ ବହୁତ ଦବଦବା ରହିଛି। ବିଭିନ୍ନ ଦିଗକୁ ଚିନ୍ତା କରି ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବି।



**– ବସନ୍ତ ସ୍ୱାଇଁ, କଳିଙ୍ଗ ବିହାର**

"୧୯୮୬ ରୁ ଭୁବନେଶ୍ୱରରେ ରହି ଆସୁଛୁ। ଯେତେଥର ସାଧାରଣ ନିର୍ବାଚନ ହୋଇଛି ଦାୟିତ୍ୱବାନ ନାଗରିକ ଭାବେ ମୋ ପରିବାରର ସଦସ୍ୟମାନେ ଭୋଟ ଦେଇଆସୁଛନ୍ତି। ପ୍ରାର୍ଥୀ ଦେଖି ଭୋଟ୍ ଦେବାକୁ ଉଚିତ ମନେକରୁ। ମାତ୍ର ଏଥର ଦଳ ଦେଖି ଭୋଟ୍ ଦେବାକୁ ଯାଉଛୁ। ସମସ୍ତେ ନିଜେ ନିଜ ନିଷ୍ପତ୍ତି ନେଇଥାଉ। ଭୋଟ ସମୟ ଆସିଲେ ସମସ୍ତେ ଘରକୁ ଘର ବୁଲିବେ। ମାତ୍ର ଭୋଟର ସେଥିରେ ଭାସିଯିବା ଉଚିତ ନୁହେଁ।



**– ଶୋଭାଶ୍ରୀ ମହାନ୍ତି, ଡୁମୁଡୁମା**

"ପୂର୍ବରୁ ଗାଁରେ ଭୋଟ୍ ଦେଇଛି। ଚଳିତ ଥର ପ୍ରଥମ କରି ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ଭୋଟ୍ ଦେବାକୁ ଯାଉଥିବାରୁ ଉତ୍ସାହିତ ଅଛି। ସୁଶାସନ ପାଇଁ ପରିବର୍ତ୍ତନର ଆବଶ୍ୟକତା ରହିଛି। ମାତ୍ର ସମାନ ଦଳରେ ଉପଯୁକ୍ତ ପ୍ରାର୍ଥୀ ଯଦି ନିର୍ବାଚନ ଲଢୁଥିବେ, ତେବେ ତାଙ୍କୁ ଭୋଟ୍ ଦେବାରେ କିଛି ଅସୁବିଧା ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁ ପ୍ରାର୍ଥୀମାନେ ପ୍ରଚାର ପାଇଁ ଗଳିକନ୍ଦି ବୁଲୁଛନ୍ତି ସେମାନେ ନିଜର ନିର୍ବାଚନୀ ପ୍ରସଙ୍ଗ ଉପସ୍ଥାପନ କରିବା ସହ ପ୍ରଥମେ ଭୋଟରଙ୍କୁ ମତଦାନର ଗୁରୁତ୍ୱ ସମ୍ପର୍କରେ ବୁଝାଇବା ଉଚିତ। ସରକାର ଗଠନରେ ଗୋଟିଏ ଗୋଟିଏ ଭୋଟ୍ କେତେ ଗୁରୁତ୍ୱ ବହନ କରେ ତାହା ସବୁ ଭୋଟର ବୁଝନ୍ତି ନାହିଁ। ଫଳରେ ଆଗାମୀ ୫ବର୍ଷ ପର୍ଯ୍ୟନ୍ତ ଭୋଗିବାକୁ ପଡ଼େ।



**– ରଞ୍ଜିତା ନାୟକ, ଶରଧାପାଲୀ**

## ସଂକ୍ଷେପରେ

### ୪ ଦିନ ପରେ ଭାବାଟ୍ରନ ମେଶିନ କାର୍ଯ୍ୟକ୍ଷମ

କଟକ,୧୬।୫(ଶିଳ୍ପା ପ୍ରିୟଦର୍ଶିନୀ)

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ପରିସରରେ ଅଚଳ ହୋଇଥିବା ଭାବାଟ୍ରନ୍ ମେଶିନ ଗୁରୁବାର କାର୍ଯ୍ୟକ୍ଷମ ହୋଇଛି। ଫଳରେ ରୋଗୀମାନେ ଏହାର ସୁବିଧା ପାଇଛନ୍ତି। ଶନିବାର ରାତିରେ ଲଗାଣ ବର୍ଷା ଯୋଗୁ ଉକ୍ତ ଅନୁଷ୍ଠାନ ପୁରୁଣା ବର୍ହିର୍ବିଭାଗରେ ପାଣି ପଶିଯାଇଥିଲା। ଏଥିଯୋଗୁ ଉକ୍ତ ମେଶିନ ଅଚଳ ହୋଇଯାଇଥିଲା। ମଙ୍ଗଳବାର ଇଞ୍ଜିନିୟରମାନେ ଆସି ଯନ୍ତ୍ରାଂଶ ଯାଞ୍ଚ କରିଥିଲେ। ପରେ ମେଶିନକୁ ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯାଇଛି। ସୂଚନା ଅନୁଯାୟୀ, ଭାବାଟ୍ରନ ମେଶିନରେ ଦୈନିକ ୧୫ରୁ ୨୦ଜଣ ରୋଗୀ ଚିକିତ୍ସା ସେବା ପାଇଥାନ୍ତି। ଏହି ମେଶିନରେ ମସ୍ତିଷ୍କ, ଛାତି ଆଦି କର୍କଟ ଚିହ୍ନଟ କରାଯାଇ ବିକିରଣ ପକାଯାଏ। ଏହି ବିକିରଣ ଚିକିତ୍ସା ବ୍ୟୟବହୁଳ ହୋଇଥାଏ। ରାଜ୍ୟ ସରକାର ରୋଗୀଙ୍କୁ ମାଗଣା ଚିକିତ୍ସା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ମେଶିନ ପ୍ରତିଷ୍ଠା କରିଥିଲେ।

### କଂଗ୍ରେସ କର୍ମୀ ସମ୍ମିଳନୀ

କଟକ,୧୬।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ ଅଧୀନ ୨୧, ୨୮ ଓ ୩୦ ନମ୍ବର ୱାର୍ଡର କଂଗ୍ରେସ କର୍ମୀଙ୍କୁ ନେଇ ତେଲେଙ୍ଗା ବଜାରସ୍ଥିତ କଇଁଆ ପଡିଆରେ ଏକ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରବାଟୀ-କଟକ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ନିର୍ବାଚନ ସମ୍ପର୍କରେ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ ସେ କହିଛନ୍ତି, ସହରକୁ ଉନ୍ନତି ଏବଂ ବିକାଶ ପଥରେ ଆଗେଇନେବା ସହ କଟକର ଭାଇଚାରାକୁ ସାରା ବିଶ୍ୱରେ ପହଞ୍ଚାଇବା ପାଇଁ ମିଳିମିଶି କାମ କରିବା। ଏହି ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ, ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଗିରିବାଳା ବେହେରା, ଲକ୍ଷ୍ମୀପ୍ରକାଶ ମହାପାତ୍ର, ସଂଗ୍ରାମ କେଶରୀ ରାୟ ମହାନ୍ତି, ପ୍ରାଣକୃଷ୍ଣ ଦେ, ଜାଫର ଖାନ୍, ପୂର୍ବତନ କର୍ପୋରେଟର ଗୌରୀ ଦାସ ଓ ବୈଶାଳୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବସ୍ତିରେ ଭୋଟ ପାଇଁ ନିବେଦନ କଲେ ପୂର୍ଣ୍ଣଚନ୍ଦ୍ର

କଟକ,୧୬।୫(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ଭାଜପା ପ୍ରାର୍ଥୀ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର କଟକ କୃଷକ ବଜାରସ୍ଥିତ ବସ୍ତି ଅଞ୍ଚଳରେ ନିର୍ବାଚନୀ ପ୍ରଚାର କରିଛନ୍ତି। ପରେ କଟକ ମହାନଗର ନିଗମ(ସିଏମ୍‌ସି)ର ୧୨ ଓ ୧୩ ନମ୍ବର ୱାର୍ଡ ଅଧୀନ ବିଭିନ୍ନ ବସ୍ତି ଅଞ୍ଚଳରେ ଲୋକଙ୍କୁ ଭେଟି ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର କହିଛନ୍ତି, ରାଜନୀତିରେ ବସ୍ତିବାସିନ୍ଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାନ୍ତି। ଗୋଟିଏ ଗୋଟିଏ ଭୋଟ ସରକାର ବଦଳାଇବା ସହ ଦୁର୍ନୀତିକୁ ରୋକିବାରେ ସହାୟକ ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ୱାର୍ଡ ସଭାପତି ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ସୁବିଧା କେନ୍ଦ୍ରରେ ପୋଷ୍ଟାଲ ବାଲଟ ମତଦାନ

କଟକ,୧୬।୫(କାର୍ତ୍ତିକ ସାହୁ)

ସାଧାରଣ ନିର୍ବାଚନ ୨୦୨୪ର ଅନ୍ତିମ ପର୍ଯ୍ୟାୟରେ ନିଆଳି, ସାଲେପୁର ଓ ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ହେବ। ଏହି ନିର୍ବାଚନମଣ୍ଡଳୀଗୁଡ଼ିକରେ ନିୟୋଜିତ ପୋଲିଂ ଅଧିକାରୀଙ୍କ ମତଦାନ ପାଇଁ କଟକ ଜିଲାର ସମସ୍ତ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ସୁବିଧା କେନ୍ଦ୍ର ଆସନ୍ତା ୨୦ ଓ ୨୧ ତାରିଖରେ ଖୋଲାଯିବାର ବ୍ୟବସ୍ଥା ହୋଇଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଦେବାକୁ ଆବେଦନ କରିଥିବା ସମସ୍ତ ସରକାରୀ କର୍ମଚାରୀ ଯଥା- ସେକ୍ଟର ମାଜିଷ୍ଟ୍ରେଟ, ସେକ୍ଟର ଅଧିକାରୀ, ଫ୍ଲାଇଂ ସ୍କ୍ୱାଡ୍ ଏବଂ ରିଟର୍ନିଂ ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଏହି ଦିନ ସୁବିଧାକେନ୍ଦ୍ରରେ ଭୋଟ ଦେଇପାରିବେ। ଅପରପକ୍ଷରେ ସମସ୍ତ ଗାଡ଼ି ଚାଳକ, କଣ୍ଡକ୍ଟର, ହେଲ୍‌ପର, ବିଭିନ୍ନ ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଥିବା ପୋଲିସ ଓ ଅଗ୍ନିଶମ କର୍ମଚାରୀ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟସେବାରେ ନିୟୋଜିତ ଥିବା ଅନ୍ୟ କର୍ମଚାରୀ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର କର୍ମଚାରୀ, ବିଦ୍ୟୁତ୍ ବିଭାଗର କର୍ମଚାରୀ ଏବଂ ଭାରତୀୟ ନିର୍ବାଚନ ଆୟୋଗଙ୍କ ସ୍ୱୀକୃତିପ୍ରାପ୍ତ ଗଣମାଧ୍ୟମର ପ୍ରତିନିଧିମାନେ ପୋଷ୍ଟାଲ ଭୋଟିଂ କେନ୍ଦ୍ରଗୁଡ଼ିକରେ ଆସନ୍ତା ୨୦, ୨୧ ଏବଂ ୨୨ ତାରିଖ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟ ଦେଇପାରିବେ।

ସୂଚନାଯୋଗ୍ୟ, ଗତ ୧୪ ତାରିଖରୁ ଟ୍ରେନିଂ ସେଣ୍ଟରଗୁଡ଼ିକରେ କଟକ ଜିଲା ଅନ୍ତର୍ଗତ ଅନ୍ୟାନ୍ୟ ବିଧାନସଭା ମଣ୍ଡଳୀର ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କର ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଗ୍ରହଣ କରାଯାଉଛି। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀଙ୍କ ପ୍ରକୋଷ୍ଠରେ କଟକ ସଦର ଅଞ୍ଚଳର ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମ୍ପୃକ୍ତ ଅଧିକାରୀଙ୍କ ପାଇଁ ସୁବିଧାକେନ୍ଦ୍ର ଖୋଲାଯାଇଛି। ୧୭ତାରିଖରୁ କଟକ ସଦର ସମେତ ଆଠଗଡ଼ ଓ ବଡ଼ମ୍ବା ନିର୍ବାଚନମଣ୍ଡଳୀରେ ଚିହ୍ନଟ କରାଯାଇଥିବା ୮୫ ବର୍ଷରୁ ଉର୍ଦ୍ଧ୍ୱ ତଥା ଦିବ୍ୟାଙ୍ଗ ବ୍ୟକ୍ତି ଘରେ ରହି ମତଦାନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିସହ ବାରବାଟୀ-କଟକ, ଚୌଦ୍ୱାର-କଟକ ଏବଂ ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଆସନ୍ତା ୧୮ ତାରିଖରେ ଆରମ୍ଭ ହେବ ବୋଲି ଜିଲା ନିର୍ବାଚନ (ପୋଷ୍ଟାଲ ବାଲଟ) ନୋଡାଲ ଅଧିକାରୀ ସୂଚନା ଦେଇଛନ୍ତି। ଏହି ମତଦାନ ପର୍ବରେ ଗଣତନ୍ତ୍ରର ଅଧିକାର ନିମନ୍ତେ ସମସ୍ତେ ସାମିଲ ହେବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆ ଆହ୍ୱାନ ଦେଇଛନ୍ତି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧିକାରୀମାନେ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ।




କଟକ ମିଶନ ରୋଡ୍‌ସ୍ଥିତ ଭଞ୍ଜ ମଣ୍ଡପରେ କଳିଙ୍ଗ ଭାରତୀ ଉତ୍କଳ ଛାତ୍ର ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

## ରୋଡ୍ ଶୋ'ରେ ନିର୍ବାଚନୀ ପ୍ରଚାର କଲେ ବୈଜୟନ୍ତ, ଅରିନ୍ଦମ



ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ରୋଡ୍ ଶୋ'ରେ ନିର୍ବାଚନୀ ପ୍ରଚାର କରୁଛନ୍ତି ।

ମଙ୍ଗୁଳି-ଜଗତପୁର,୧୬।୫(ମାନସ ସାମଲ)

ସାଲେପୁର ନିର୍ବାଚନମଣ୍ଡଳୀ ଅଧୀନ ଟାଙ୍ଗୀ ଅଞ୍ଚଳରେ ଭାଜପା କେନ୍ଦ୍ରାପଡା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ଗୁରୁବାର ରୋଡ୍ ଶୋ'ମାଧ୍ୟମରେ ନିର୍ବାଚନୀ ପ୍ରଚାର କରିଛନ୍ତି। ଯୁବ ସଙ୍ଗଠକ ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ବହୁସଂଖ୍ୟକ ସମର୍ଥକ ଓ କର୍ମୀ ଟାଙ୍ଗୀ ହାଇସ୍କୁଲ ପଡିଆରେ ଏକତ୍ରିତ ହୋଇ ଉଭୟ ପ୍ରାର୍ଥୀଙ୍କୁ ସ୍ୱାଗତ କରିଥିଲେ। ପରେ ଉଭୟ ପ୍ରାର୍ଥୀ ମନ୍ଦିରରେ ପହଞ୍ଚି ମା' ସୁବର୍ଣ୍ଣ ବରାହୀଙ୍କୁ ଦର୍ଶନ କରିଥିଲେ। ଏହି ରୋଡ୍ ଶୋ' ଟାଙ୍ଗୀ ହାଇସ୍କୁଲ ପଡିଆରୁ ବାହାରି କୋଟସାହି, କହ୍ନେଇପୁର, ଶାଳଗାଁ, ଗରୁଡ ଗାଁ, ସଫା ପଞ୍ଚାୟତର କରଞ୍ଜି ଗ୍ରାମରେ ଶେଷ ହୋଇଥିଲା। ଏହି ଶୋଭାଯାତ୍ରାରେ ବହୁସଂଖ୍ୟକ ଭାଜପା ସମର୍ଥକ ଓ କର୍ମୀଙ୍କ ଜୟ ଶ୍ରୀରାମ ନାରାରେ ଟାଙ୍ଗୀ ଅଞ୍ଚଳ କମ୍ପି ଉଠିଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚୌଧୁରୀ ହେମନ୍ତ ସାହୁ, ରାଜ୍ୟ ସମ୍ପାଦକ ପ୍ରଫୁଲ୍ଲ ସ୍ୱାଇଁ, ଯୁବ ସଙ୍ଗଠକ ପବିତ୍ର ଉପାଧ୍ୟାୟ, ଜିଲା କୃଷକ ମୋର୍ଚ୍ଚା ସଭାପତି ରୋହିତ ମହାନ୍ତି, କଟକ ଜିଲା ଉପସଭାପତି ଧନେଶ୍ୱର ନାୟକ, କୋଟସାହି ସଭାପତି ସମରେନ୍ଦ୍ର ଷଡ଼ଙ୍ଗୀ, କଟକ ଜିଲା ଯୁବ ସଭାପତି ଆକାଶ ପାତ୍ର, ଧର୍ମଦାର୍ଶୀ କର, ସତ୍ୟବାଦୀ ଚଇନୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ବିଭିନ୍ନ ୱାର୍ଡରେ ବିଜେଡି ପ୍ରାର୍ଥୀଙ୍କ ପଦଯାତ୍ରା, ବୈଠକ

କଟକ, ୧୬।୫(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ମାଛୁଆ ବଜାର ଅଞ୍ଚଳରେ ନିର୍ବାଚନ ପ୍ରଚାର କରିଛନ୍ତି। ପରେ ସିଏମ୍‌ସିର ୨୨ ଓ ୨୫ ନମ୍ବର ୱାର୍ଡ ଅଞ୍ଚଳରେ ସେ ପଦଯାତ୍ରା କରି ଲୋକଙ୍କ ସମସ୍ୟା ସମାଧାନ ସହ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପରେ ପ୍ରକାଶଙ୍କ ସ୍ତ୍ରୀ ଜୟଶ୍ରୀ ବେହେରା ସିଏମ୍‌ସିର ୬, ୭ ଓ ୧୮ ନମ୍ବର ୱାର୍ଡରେ ପଦଯାତ୍ରା କରି ପ୍ରଚାର କରିଛନ୍ତି। ସତୀଚୌରାସ୍ଥିତ ମା' ସତୀସୋରୀ ପୀଠ ଓ ଦକ୍ଷିଣ ଦେଉଳ ସାହିଠାରେ ମହିଳା ସମିତି ଓ ୱାର୍ଡର ମହିଳାଙ୍କୁ ନେଇ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ କଟକ ପ୍ରତି ଥିବା ଭିଜନ ଓ ମହିଳାଙ୍କ ପାଇଁ ସରକାରଙ୍କ ଆଭିମୁଖ୍ୟ ବାବଦରେ ଆଲୋଚନା ହୋଇଥିଲା। ପଦଯାତ୍ରାରେ ସିଏମ୍‌ସି ମେୟର ସୁବାସ ସିଂ, କଟକ ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, କର୍ପୋରେଟର ଚନ୍ଦନ ଜେନା, ସତ୍ୟରାମ ସାହୁ, ଗୌରୀ ଶଙ୍କର ପରିଡା, ସଞ୍ଜୀବ ସାହୁ, ଅମଜତ ଖାନ, ଜଗନ୍ନାଥ ମହାନ୍ତି, ଯୁବନେତା ମହମ୍ମଦ ଅଜିଜୁର ରହିମ, ଶ୍ରୀୟା ସମ୍ବେଦନା ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସରୁ ଇସ୍ତଫା ଦେଲେ ଜିନେଶ ଦାସ

କଟକ,୧୬।୫(ଶିଳ୍ପା ପ୍ରିୟଦର୍ଶିନୀ)

ପୂର୍ବତନ ଛାତ୍ର କଂଗ୍ରେସ ସଭାପତି, ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ତଥା ୱାରରୁମ୍ ସହ ସଂଯୋଜକ ଜିନେଶ ଦାସ ଗୁରୁବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ପିସିସି ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏ ନେଇ କଟକ ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିନେଶ ସୂଚନା ଦେଇଛନ୍ତି, ଦୀର୍ଘ ୨୬ ବର୍ଷ କଂଗ୍ରେସ ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିଛି। ଏହାସତ୍ତ୍ୱେ କଂଗ୍ରେସ ମୂଳ ବିଚାରଧାରା ତ୍ୟାଗ ଓ ବଳିଦାନର ମହତ୍ତ୍ୱ ରଖି ପାରିନାହିଁ। ଦଳରେ ପରିବାରବାଦ୍ ରହିଛି ଏବଂ କର୍ମୀଙ୍କୁ ଅବହେଳା କରାଯାଉଛି। କଂଗ୍ରେସ ପାଇଁ ସମସ୍ତ କାର୍ଯ୍ୟ କରି ମଧ୍ୟ ଦଳ ତାଙ୍କୁ ଟିକେଟ୍ ଦେଲା ନାହିଁ। ଏହାସହ କୌଣସି କାର୍ଯ୍ୟକ୍ରମ ସମ୍ପର୍କରେ କର୍ମୀଙ୍କୁ ଅବଗତ କରାଯାଉନାହିଁ। କଂଗ୍ରେସରୁ ଇସ୍ତଫା ଦେଇଛି। ହେଲେ ଅନ୍ୟ କୌଣସି ଦଳରେ ଯୋଗଦେବା ହିଁ ସମାଧାନର ବାଟ ବୋଲି ଉଚିତ୍ ମନେ କରୁନାହିଁ। ଏହି ଖବରଦାତା ସମ୍ମିଳନୀରେ ବହୁ ସମର୍ଥକ ଉପସ୍ଥିତ ଥିଲେ।

# ମିଶନଶକ୍ତି କର୍ମୀଙ୍କ ଉପସ୍ଥିତିରେ ଭତ୍ତା ବଣ୍ଟନ

କଣ୍ଟାପଡା,୧୬।୫(ସୁରନାରାୟଣ ସାହୁ)

**ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ**

ନିର୍ବାଚନକୁ ପ୍ରଭାବିତ ନ କରିବା ପାଇଁ ଲୋକପ୍ରତିନିଧି ଓ ରାଜନୈତିକ ପଦବୀରେ ଥିବା ବ୍ୟକ୍ତିବିଶେଷଙ୍କୁ କୌଣସି ସରକାରୀ କାର୍ଯ୍ୟରେ ଉପସ୍ଥିତ ନ ରହିବା ପାଇଁ ନିର୍ଦ୍ଦେଶ ରହିଛି। ହେଲେ ଗୋବିନ୍ଦପୁର ପଞ୍ଚାୟତରେ ଗୁରୁବାର ଭତ୍ତା ଟଙ୍କା ବଣ୍ଟନବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରତିମାସରେ କଣ୍ଟାପଡା ବ୍ଲକ ମିଶନଶକ୍ତି ଫେଡେରେଶନ ସମ୍ପାଦିକା ବିଷ୍ଣୁପ୍ରିୟା ପାତ୍ର ଭତ୍ତା ବଣ୍ଟନରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ସହଯୋଗ କରିଆସୁଥିଲେ। ତେବେ ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି କଣ୍ଟାପଡା ବ୍ଲକ ପ୍ରଶାସନ ଚିଠି ନଂ. ୧୪୨୧/୧୪।୫।୨୪ରେ ଚଳିତମାସର ଭତ୍ତାଟଙ୍କା ବଣ୍ଟନବେଳେ ବିଷ୍ଣୁପ୍ରିୟାଙ୍କ ପରିବର୍ତ୍ତେ ବ୍ଲକର ଜଣେ ମହିଳା କର୍ମଚାରୀ ସ୍ମିତାରାଣୀ ବେହେରାଙ୍କୁ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଥିଲା। ତେବେ ଗୁରୁବାର ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାସ ପରିଡା ପଞ୍ଚାୟତ ଅଫିସ୍‌ରେ ଭତ୍ତା ବାଣ୍ଟିବା ପରିବର୍ତ୍ତେ ଶିରସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟରେ ପଞ୍ଚାୟତର ସରପଞ୍ଚ ସୁମିତ୍ରା ପାଢ଼ୀ ଓ ବିଷ୍ଣୁପ୍ରିୟା ପାତ୍ରଙ୍କ ଉପସ୍ଥିତିରେ ଭତ୍ତା ବଣ୍ଟନ କରିଥିଲେ। ଏହି ସମୟରେ ସ୍ଥାନୀୟ ପଞ୍ଚାୟତର ଯୁବକ ନୀହାର ରଞ୍ଜନ ବେହେରା ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିବା ସହ ଜିଲା ନିର୍ବାଚନ ଅଧିକାରୀଙ୍କୁ ଫୋନ୍ କରି ଜଣାଇଥିଲେ। ଏ ସମ୍ପର୍କରେ କଣ୍ଟାପଡା ବିଡିଓ ବିରଞ୍ଚି ନାରାୟଣ ବେହେରା କହିଛନ୍ତି, ଅଭିଯୋଗ ସମ୍ପର୍କରେ ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଶୀତଳଭଣ୍ଡାର ପୁନରୁଦ୍ଧାରକୁ ଗୁରୁତ୍ୱ

କଟକ,୧୬।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସଦର ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁରଠାରୁ ଶୋଭାଯାତ୍ରା ବାହାରି ସିଏମ୍‌ସିର ୫୭ ନମ୍ବର ୱାର୍ଡ, କଟକ ସଦର ବ୍ଲକ ଅଧୀନ ଉରାଳି, ଖଣ୍ଡାଏତା ଓ ଆମଣ ପଞ୍ଚାୟତ ପରିକ୍ରମା କରିଥିଲା। ପରେ ସିଏମ୍‌ସିର ୫୯ ନମ୍ବର ୱାର୍ଡରେ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ କଟକ ସଦର ବିଧାୟକ ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରା ଯୋଗଦେଇ ଦଳୀୟ ଚିହ୍ନରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏନେଇ ସଂତୃପ୍ତ କହିଛନ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ବୌଦ୍ଧିକ ଜ୍ଞାନକୌଶଳର ଅଧିକ ବିକାଶ କରିବା ସହ ଚାଷୀଙ୍କ ନିମନ୍ତେ ଶୀତଳ ଭଣ୍ଡାରର ପୁନରୁଦ୍ଧାର କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବ। ପରେ ଫୁଲନଖରା ଛକଠାରେ ବିଜେଡି କାର୍ଯ୍ୟାଳୟକୁ ଉଭୟ ପ୍ରାର୍ଥୀ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରାରେ କଟକ ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ଜ୍ଞାନରଞ୍ଜନ ସାହୁ, ରାଜ୍ୟ ବିଜେଡି ମହିଳା ସମ୍ପାଦିକା ଶୁଚିସ୍ମିତା ସାହୁ, ପ୍ରିୟରଞ୍ଜନ ବେହେରା, ପବିତ୍ର କୁମାର ବେହେରା, ଶିବ ପ୍ରସାଦ ପଟ୍ଟନାୟକ ଓ ରାକେଶ ପଟ୍ଟନାୟକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ଚନ୍ଦ୍ରସାରଥି ବେହେରା ନିର୍ବାଚନୀ ପ୍ରଚାର କରୁଛନ୍ତି।

## ବାକି ରହିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ: ସୌଭିକ୍



ମାଛୁଆ ବଜାର ଅଞ୍ଚଳରେ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ପ୍ରଚାର କରୁଛନ୍ତି ।

କଟକ,୧୬।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମାଛୁଆବଜାର ସମେତ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚୌଦ୍ୱାର-କଟକ ବିଜେଡି ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ଗୁରୁବାର ପଦଯାତ୍ରାରେ ନିର୍ବାଚନୀ ପ୍ରଚାର କରିଛନ୍ତି। ସେ ଘରକୁ ଘର ବୁଲି ଲୋକଙ୍କୁ ଭେଟିବା ସହ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ଏନେଇ ସୌଭିକ୍ କହିଛନ୍ତି, ଚୌଦ୍ୱାର-କଟକବାସୀ ମୋ ପରିବାର। ଏହି ଅଞ୍ଚଳର ବିକାଶ ହେଉଛି ମୂଳ ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି। ଯେଉଁ କାର୍ଯ୍ୟ ବାକି ରହିଛି ତାହାକୁ ଆଗାମୀ ଦିନରେ ସମ୍ପୂର୍ଣ୍ଣ କରାଯିବ। ଏହି କାର୍ଯ୍ୟକ୍ରମରେ କର୍ପୋରେଟର, ୱାର୍ଡ ସଭାପତି, ଯୁବ ଛାତ୍ର, ମହିଳା ମୋର୍ଚ୍ଚାର କର୍ମୀମାନେ ଉପସ୍ଥିତ ଥିଲେ।

# ଲୋକେ ପରିବର୍ତ୍ତନ ଚାହୁଁଛନ୍ତି: ସୁରେଶ

କଟକ,୧୬।୫(ଶିଳ୍ପା ପ୍ରିୟଦର୍ଶିନୀ)



କଂଗ୍ରେସ କର୍ମୀ ସମ୍ମିଳନୀରେ ଲୋକ ସଭା ପ୍ରାର୍ଥୀ ସୁରେଶ ମହାପାତ୍ର ବକ୍ତବ୍ୟ ଦେଉଛନ୍ତି ।

**କଂଗ୍ରେସର କର୍ମୀ ସମ୍ମିଳନୀ**

ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ-ସଦର ନିର୍ବାଚନମଣ୍ଡଳୀର କଂଗ୍ରେସ କର୍ମୀ ସମ୍ମିଳନୀ କଟକ ସାରଳା ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ କଟକ ଲୋକ ସଭା ପ୍ରାର୍ଥୀ ସୁରେଶ ମହାପାତ୍ର, ବାରବାଟୀ-କଟକ ବିଧାନସଭା ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସ, କଟକ-ସଦର ପ୍ରାର୍ଥୀ ରାମଚନ୍ଦ୍ର ଗୋଚ୍ଛାୟତ, ଚୌଦ୍ୱାର-କଟକ ପ୍ରାର୍ଥୀ ମୀରା ମଲ୍ଲିକ ଯୋଗଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସୁରେଶ କହିଛନ୍ତି, ଉପରୋକ୍ତ ତିନୋଟି ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀ ଜୋର୍‌ଦାର ପ୍ରଚାର ଜାରି ରଖିଛନ୍ତି। ଗତ ଦୁଇଦିନ ହେବ କଟକରେ କରାଯାଇଥିବା ରୋଡ୍ ଶୋ' ଏକ ନାଟକ। ଏଥିରେ ସାଧାରଣ ଲୋକ ପ୍ରଭାବିତ ହେବେ ନାହିଁ। ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ କଟକରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି। କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଓ ମୋକିମଙ୍କ ଉନ୍ନତିମୂଳକ କାର୍ଯ୍ୟ ଦଳକୁ ସଫଳତା ଦେବ। କଟକରେ ଗଡ଼ ଜିତିବା ପାଇଁ ବାହାରୁ ଆସୁଥିବା ବିରୋଧୀ ଦଳର ପ୍ରାର୍ଥୀଙ୍କୁ ତଡିପାର କରିବାକୁ ହେବ। ଏବେ ଜନସାଧାରଣ ପରିବର୍ତ୍ତନ ଚାହୁଁଛନ୍ତି ବୋଲି ସେ କହିଛନ୍ତି।

ସେହିପରି ସୋଫିଆ କହିଛନ୍ତି, ନିର୍ବାଚନରେ ବୁଥ୍ ଜଗିବା ଏବଂ ଲୋକଙ୍କୁ ସଚେତନ ଓ ସଜାଗ କରିବା ମୁଖ୍ୟ ଲକ୍ଷ୍ୟ ରହିଛି। ଅପରପକ୍ଷରେ ମୀରା ଓ ରାମଚନ୍ଦ୍ର କହିଛନ୍ତି, ପ୍ରତ୍ୟେକ ଜନସାଧାରଣ ସଚେତନ ହେବା ନିହାତି ଆବଶ୍ୟକ। ଦୁର୍ନୀତିରେ ବୁଡି ରହିଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଆସନ୍ତା ନିର୍ବାଚନରେ ଲୋକେ ଉଚିତ ଜବାବ ଦେବେ। କଂଗ୍ରେସ ଯାହା ଉନ୍ନତିମୂଳକ କାର୍ଯ୍ୟ କରିଛି, ତାହାକୁ ନେଇ ଏବେ ବିରୋଧୀ ପ୍ରଶଂସା ସାଉଁଟିବାରେ ଲାଗିଛନ୍ତି। ଉପଯୁକ୍ତ ନେତା କିଏ ହେବେ, ସେ ସମ୍ପର୍କରେ ଲୋକେ ଅବଗତ ହୋଇସାରିଛନ୍ତି ବୋଲି ଉଭୟ ପ୍ରାର୍ଥୀ କହିଛନ୍ତି। ଗୋଟିଏ ମଞ୍ଚରେ ମୋକିମ ଓ ସୁରେଶ ବସିଥିବାବେଳେ ମୋକିମଙ୍କୁ ସୁରେଶ ପ୍ରଶଂସା କରିଥିଲେ। ଏଥିରେ ପୂର୍ବତନ ବିଧାୟକ ରବି ମଲ୍ଲିକ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଲିଜାରାଣୀ ଦାସ, ଜେ. କାମେଶ୍ୱର ରାଓ, ସୁବାସ ମହାପାତ୍ର, ସଭାନେତ୍ରୀ ଅମ୍ରିତା ଦାସ, ପୂର୍ବତନ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ବରିଷ୍ଠ ନେତା କେଦାର ପୃଷ୍ଟି, ନିକୁଞ୍ଜ ପଶାୟତ, ଯୁବନେତା ବିକି ଚକ୍ରବର୍ତ୍ତୀ, ଆର୍ଯ୍ୟବୀର ଲେଙ୍କାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ପ୍ରାର୍ଥୀଙ୍କ ସହ ସ୍ଥିତି ପରଖିଲେ ପର୍ଯ୍ୟବେକ୍ଷକ

କଟକ,୧୬।୫ (କାର୍ତ୍ତିକ ସାହୁ)

**ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୀତି ସରଗରମ**

ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଟକ ଜିଲାର ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୀତି ସରଗରମ ହୋଇଛି। ଏଠାରେ ବିଭିନ୍ନ ରାଜନୈତିକ ଦଳ ସମେତ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୯ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନିର୍ବାଚନ ପ୍ରଚାର ଜୋର ଧରିଥିବାବେଳେ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ପ୍ରାର୍ଥୀମାନେ ଉଦ୍ୟମ ଜାରି ରଖିଛନ୍ତି।

ନିର୍ବାଚନ ପରିଚାଳନାକୁ ଅଧିକ ସୁଗମ ଏବଂ ସ୍ୱଚ୍ଛ କରିବା ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ ଡ. ଏଚ୍. ପି. ଟୁମ୍ମୋଡ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ରାଜନୈତିକ ଦଳ ତଥା ସ୍ୱାଧୀନ ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧିମାନଙ୍କ ସହିତ ସମୀକ୍ଷା ବୈଠକ କରି ଆବଶ୍ୟକ ପରାମର୍ଶ ଦେଇଛନ୍ତି। ଆଲୋଚନା ସମୟରେ ସେ ଉକ୍ତ ନିର୍ବାଚନମଣ୍ଡଳୀର ସ୍ଥିତି ପରଖିଛନ୍ତି। ଅବୈଧ ଅର୍ଥ କାରବାର, ପୋଲିଂ ବୁଥ୍‌ଗୁଡିକରେ ଅପ୍ରିତୀକର ପରିସ୍ଥିତି ଉପୁଜିବା ଆଶଙ୍କା ସମ୍ବନ୍ଧିତ ତଥ୍ୟ ବିଷୟରେ ରିଟର୍ନିଂ ଅଧିକାରୀଙ୍କ ଅବଗତି ନିମନ୍ତେ ଲିଖିତ ଭାବେ ଜଣାଇବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏଥିସହ ପୋଲିଂ ବୁଥ୍ ଏବଂ ଭୋଟ୍ ଗଣତି କେନ୍ଦ୍ରଗୁଡ଼ିକରେ ସର୍ବନିମ୍ନ ସୁବିଧା ଉପଲବ୍ଧ କରାଇବା ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ଟୁମ୍ମୋଡ ଗୁରୁତ୍ୱ ଦେଇଛନ୍ତି। ପର୍ଯ୍ୟବେକ୍ଷକ ରାଜନୈତିକ ଦଳର ପ୍ରାର୍ଥୀ ଓ ପ୍ରତିନିଧିମାନଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିବାବେଳେ ଏକକ ବାତାୟନ କକ୍ଷ, ନିର୍ବାଚନ ଖର୍ଚ୍ଚ ତଦାରଖ ଏବଂ ଆବଶ୍ୟକ ସର୍ବନିମ୍ନ ସୁବିଧା ସୁନିଶ୍ଚିତ କରାଇବାକୁ କହିଥିଲେ। ନିର୍ବାଚନରେ ସମ୍ପୃକ୍ତ ସମସ୍ତ ରାଜନୈତିକ ଦଳର ପ୍ରାର୍ଥୀ ଓ ପ୍ରତିନିଧିମାନେ ସହଯୋଗ କରି ଶାନ୍ତିଶୃଙ୍ଖଳାର ସହ ମତଦାନ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଉପଜିଲାପାଳ ଦେବାଶିଷ ମହାପାତ୍ର ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ଫଳପ୍ରଦ କରିବା ନିମନ୍ତେ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ନିଆଳିର ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓମ୍ ପ୍ରକାଶ ରାଇସିଂହ ଏବଂ ସହଯୋଗ କରୁଥିବା ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ନିଆଳି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ୯ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଛି। ସେମାନେ ହେଲେ ବିଜେଡିର ଡା. ପ୍ରମୋଦ କୁମାର ମଲ୍ଲିକ, ସମୃଦ୍ଧ ଓଡ଼ିଶାର ଅରୂପ କୁମାର ମଲ୍ଲିକ, ଭାଜପାର ଛବି ମଲ୍ଲିକ, ଜୟ ମହାଭାରତ ପାର୍ଟିର ଦିଲୀପ ଦାସ, ବହୁଜନ ସମାଜବାଦୀ ପାର୍ଟିର ବେଦପ୍ରକାଶ ଦାସ, କଂଗ୍ରେସ୍‌ର ଗୀତାଞ୍ଜଳି ମଲ୍ଲିକ ଓ ସ୍ୱାଧୀନ ପ୍ରାର୍ଥୀ ଅଭିମନ୍ୟୁ ମଲ୍ଲିକ, କୃଷ୍ଣ ଚନ୍ଦ୍ର ବେହେରା, ତୃପ୍ତି ରଞ୍ଜନ ବେହେରା। ଅନ୍ୟପକ୍ଷରେ ଜ୍ୟୋତିରଞ୍ଜନ ମଲ୍ଲିକଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି।

## ସଂକ୍ଷେପରେ

### ହତ୍ୟା ଅଭିଯୁକ୍ତ ବାପୁନିଙ୍କୁ ୬ ମାସ ତଡ଼ିପାର୍

### ଧଉଳିରେ ଗୋଟିଏ, ଲିଙ୍ଗରାଜ ଥାନାରେ ୭ ମାମଲାରେ ସମ୍ପୃକ୍ତ

ଭୁବନେଶ୍ୱର,୧୬।୫(ସତ୍ୟଜିତ୍ ରାଉତ): ରାଜଧାନୀ ଭୁବନେଶ୍ୱରରେ ଦାଦାବଟି, ଲୁଟ୍, ଚୋରି, ହତ୍ୟା ଆଦି ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା



ଅଭିଯୁକ୍ତ ବାପୁନି ଓରଫ ଚନ୍ଦନ ମହାପାତ୍ରଙ୍କୁ ୬ ମାସ ପାଇଁ ତଡ଼ିପାର୍ କରାଯାଇଛି। ବାପୁନିଙ୍କ ଘର ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ଭୁବନେଶ୍ୱର ହରିଚଣ୍ଡି ସାହିରେ। ଓଡ଼ିଶା ଅର୍ବାନ ପୋଲିସ ଆକ୍ଟ-୨୦୦୩ ଧାରା-୪୬ (କ) ଓ (ଖ) ଅନୁଯାୟୀ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଗୁରୁବାର ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ଆଦେଶ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ପାଇଁ ବଳବତ୍ତର ରହିବ ବୋଲି ସୂଚନା ଦିଆଯାଇଛି। ବାପୁନିଙ୍କ ବିରୋଧରେ ଲିଙ୍ଗରାଜ ଥାନାରେ ଏକ ହତ୍ୟା ମମାଲା ସମେତ ମୋଟ ୭ଟି ମାମଲା ରହିଥିବାବେଳେ ଧଉଳି ଥାନାରେ ମଧ୍ୟ ଗୋଟିଏ ମାମଲା ରହିଛି। ଏସବୁ ମାମଲା ବିଚାରାଧୀନ ଥିବାବେଳେ ଜାମିନରେ ଥିବା ବାପୁନି ମଧ୍ୟ ଶୁଣାଣିବେଳେ ନିୟମିତ କୋର୍ଟରେ ହାଜିରା ଦେଉଛନ୍ତି। ଜନସାଧାରଣଙ୍କ ପ୍ରତି ବାପୁନି ବିପଦ ସୃଷ୍ଟି କରିବାର ଆଶଙ୍କା ଥିବାରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ବାପୁନି କୋର୍ଟରେ ହାଜିରା ବେଳେ ଲିଙ୍ଗରାଜ ଥାନା ଅଧିକାରୀଙ୍କୁ ଜଣାଇବେ। ଏଥିସହ ଥାନାଧିକାରୀଙ୍କ ଅନୁମତି ବିନା ଥାନାର ପରିଧି ମଧ୍ୟକୁ ବାପୁନି ପଶିପାରିବେ ନାହିଁ ବୋଲି ନୋଟିସ୍‌ରେ କୁହାଯାଇଛି।

### ଚୋରି ମାମଲା: ଅଭିଯୁକ୍ତଙ୍କୁ ବର୍ଷେ ଜେଲ

ଭୁବନେଶ୍ୱର,୧୬।୫(ସତ୍ୟଜିତ୍ ରାଉତ): ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ (୩)ର ବିଚାରପତି ପୂଜା ଜୈନ ନୟାପଲ୍ଲୀ ଥାନା ଅଞ୍ଚଳର ଏକ ଚୋରି ମାମଲାରେ ଗୁରୁବାର ରାୟ ପ୍ରକାଶ କରି ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଲେ ନୟାପଲ୍ଲୀ ଥାନା ଅନ୍ତର୍ଗତ ଇସ୍କନ ବସ୍ତିରେ ରହୁଥିବା କନ୍ଧମାଳ ଜିଲା ଟିକାବାଲି ଅଞ୍ଚଳର ଆଶିଷ ପ୍ରଧାନ ଓରଫ ଭିକି (୩୫)। ଭିକିଙ୍କୁ ବର୍ଷେ ଜେଲଦଣ୍ଡ ସହ ଏକ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଗତ ୨୦୨୩ ନଭେମ୍ବର ୧୨ରେ ଅଭିଯୋଗକାରୀ ମଳୟ କୁମାର ନାୟକ ଦୀପାବଳି ପାଇଁ ଘର କାମରେ ବ୍ୟସ୍ତ ଥିଲେ। ଏହି ସମୟରେ ଭିକି ତାଙ୍କ ଘରେ ପଶି ମୋବାଇଲ ଚୋରି କରି ନେଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ମାମଲା (ନଂ.୫୨୯/୨୦୨୩) ରୁଜୁ କରି ତଦନ୍ତ କରିବା ସହ ଭିକିଙ୍କୁ ଗିରଫ କରିଥିଲା।

# ଭୁବନେଶ୍ୱରରୁ ପ୍ରଚାର ଆରମ୍ଭ କରିବେ ହେମାମାଳିନୀ

ଭୁବନେଶ୍ୱର,୧୬।୫
(ଅନୁରାଧା ମହାରଣା)

■ଓଡ଼ିଶା ମୁହାଁ ଭାଜପା କେନ୍ଦ୍ରୀୟ ନେତୃବୃନ୍ଦ
■ଜନସଭାକୁ ସମ୍ବୋଧିତ କରିବେ ୨ କେନ୍ଦ୍ରମନ୍ତ୍ରୀ, ୩ ମୁଖ୍ୟମନ୍ତ୍ରୀ



ନିର୍ବାଚନୀ ପ୍ରଚାର ପାଇଁ ଓଡ଼ିଶା ମୁହାଁ ହୋଇଛନ୍ତି ଭାରତୀୟ ଜନତା ପାର୍ଟି (ଭାଜପା)ର କେନ୍ଦ୍ରୀୟ ନେତୃବୃନ୍ଦ। ଏମ୍‌ପି ହେମାମାଳିନୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଓ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶୁକ୍ରବାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିବେ। ଏମ୍‌ପି ତଥା ଡ୍ରିମ୍ ଗର୍ଲ ହେମାମାଳିନୀ ଭୁବନେଶ୍ୱରର ସାଲିଆ ସାହିରେ ପହଞ୍ଚି ଦଳ ପାଇଁ ପ୍ରଚାର କରିବେ। ପରେ କଟକ ସଦର ନିର୍ବାଚନମଣ୍ଡଳୀର କିଶୋରନଗର ଏବଂ ଅପରାହ୍ନରେ ପିପିଲିଠାରେ ରୋଡ୍ ଶୋ କରିବା ସହ ଜନସଭାକୁ ସମ୍ବୋଧନ କରିବେ। ଶନିବାର ମଧ୍ୟ ଭୋଟରଙ୍କ ମନ ଜିଣିବାକୁ ହେମାମାଳିନୀ ବିଭିନ୍ନ ସ୍ଥାନରେ ପ୍ରଚାର କରିବେ। ପାଲଲହଡା, ଦେବଗଡ ଆଦି ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରଗଡ ସଂସଦୀୟ କ୍ଷେତ୍ରର ଭଟଲି, ପଦ୍ମପୁର ବିଜେପୁର, ଅତାବିରା ଜନସଭାକୁ ସମ୍ବୋଧନ କରିବେ। ଅପରାହ୍ନରେ ବରଗଡଠାରେ ଅନୁଷ୍ଠିତ ରୋଡ ଶୋ'ରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ। ସେହିପରି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଟକ ନରସିଂହପୁରସ୍ଥିତ ଜଗନ୍ନାଥ ମନ୍ଦିର ଦର୍ଶନ କରିବା ପରେ ଯୁବ ସମାବେଶରେ ଯୋଗଦେଇ ଯୁବ ଭୋଟରଙ୍କ ଆସ୍ଥାଭାଜନ ହେବାକୁ ପ୍ରୟାସ କରିବେ। ସେହିପରି ବୈଷ୍ଣବ ଆଠଗଡ ଓ କଟକ ଜନସଭାରେ ଯୋଗଦେବେ। ଶନିବାର କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ସୁନ୍ଦରଗଡ ସଂସଦୀୟ କ୍ଷେତ୍ରର ବଣାଇ ଏବଂ ରାଜଗାଙ୍ଗପୁରଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧିତ କରିବେ। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଶୁକ୍ରବାର କବିସୂର୍ଯ୍ୟନଗର, କଣ୍ଟାବାଞ୍ଜି, ଲୋଇସିଂଘା ଓ ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ପ୍ରଚାର କରିବେ। ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ବୀରମିତ୍ରପୁର, ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀର ଜାମପାଲି, ସୁନ୍ଦରଗଡ ନିର୍ବାଚନମଣ୍ଡଳୀର ବିଲେଇମୁଣ୍ଡାଠାରେ ପ୍ରଚାର କରିବେ। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ୍ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀର ରାମଚନ୍ଦ୍ରପୁର, ଦଶପଲ୍ଲା, ଜି.ଉଦୟଗିରିଠାରେ ଜନସଭାକୁ ସମ୍ବୋଧନ କରିବେ ବୋଲି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

## ରାଜା ଅତ୍ୟାଚାରରୁ ପ୍ରଜାଙ୍କୁ ମୁକ୍ତି ଦେଇଥିଲେ ଧରଣୀଧର



ବିପ୍ଳବୀ ଧରଣୀଧର ନାୟକ (ଭୂୟାଁ)ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭୁବନେଶ୍ୱର,୧୬।୫(ଶର୍ମିଷ୍ଠା ପାଣିଗ୍ରାହୀ)

**ବିପ୍ଳବୀଙ୍କ ୮୦ତମ ଶ୍ରାଦ୍ଧୋତ୍ସବ**

ପ୍ରଜାମେଳି ନେତା ବିପ୍ଳବୀ ଧରଣୀଧର ନାୟକ (ଭୂୟାଁ)ଙ୍କ ୮୦ତମ ଶ୍ରାଦ୍ଧୋତ୍ସବ ଗୁରୁବାର ଜୟଦେବ ବିହାର ଏବଂ ଓଡ଼ିଶା ବିଧାନସଭା ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଅଖିଳ ଭାରତୀୟ ଭୂୟାଁ ସମାଜ ଓ କେନ୍ଦୁଝର ଆସୋସିଏଶନ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଫେସର (ଡ.) ହାଡ଼ିବନ୍ଧୁ ପଟ୍ଟନାୟକ, ପ୍ରଫେସର (ଡ.) ରଙ୍ଗାଧର ସାହୁ, ରବୀନ୍ଦ୍ରନାଥ ମହାପାତ୍ର, ବିଶ୍ୱନାଥ ନାୟକ, ମାନସୀ ନାୟକ, ମଞ୍ଜୁବାଳା ମାଝୀ, ନୀଳମଣି ମାଝି ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କେନ୍ଦୁଝର ପ୍ରଜାମେଳି ଓ ବିପ୍ଳବୀ ଧରଣୀଧରଙ୍କ ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦୁଝର ପ୍ରଜାମାନଙ୍କୁ ରାଜାଙ୍କ ଅତ୍ୟାଚାରରୁ ମୁକ୍ତି ଦେବାପାଇଁ ଧରଣୀଧର ନିଜର ସୁଖ ସ୍ୱାଚ୍ଛନ୍ଦ୍ୟକୁ ବଳିଦେଇ ଏହା ବିରୋଧରେ ଦୁର୍ବାର ପ୍ରଜାମେଳି ଆରମ୍ଭ କରିଥିଲେ। କେନ୍ଦୁଝର ପ୍ରଜାମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ବେଠି, ବେଗାରିରୁ ଉଦ୍ଧାର ପାଇଁ ଧରଣୀଧର ଯେଉଁ କାର୍ଯ୍ୟ କରିଛନ୍ତି, ସେଥିପାଇଁ ସେ ଅବିସ୍ମରଣୀୟ ବୋଲି ମତ ପ୍ରକାଶ ପାଇଥିଲା। ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

## କାଳବୈଶାଖୀ ସହ ତାତି ବଢ଼ିବ

ଭୁବନେଶ୍ୱର,୧୬।୫ (ଅନୁରାଧା ମହାରଣା)

ରାଜ୍ୟରେ ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ବର୍ଷା କାରଣରୁ କିଛିଦିନ ଧରି ତାପମାତ୍ରା କମ୍ ରହୁଥିବାବେଳେ ଏବେ ପୁଣି ବଢ଼ିବା ଆରମ୍ଭ କରିଛି। ଶୁକ୍ରବାରଠାରୁ ଆଗାମୀ ୩ରୁ ୫ ଦିନ ମଧ୍ୟରେ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ତାପମାତ୍ରା ବଢ଼ିଲେ ମଧ୍ୟ ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପିରି ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ହିଟ୍ ୱେଭ୍ ନେଇ ସତର୍କ କରାଯାଇଛି।

## ପୋଖରୀରୁ ନିଖୋଜ ନାବାଳକଙ୍କ ମୃତଦେହ ଜବତ

ବାଲିଅନ୍ତା,୧୬।୫(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ ପ୍ରତାପରୁଦ୍ରପୁର ପଞ୍ଚାୟତ କଣ୍ଟିରାହୀ ଗ୍ରାମର ଜଣେ ନିଖୋଜ ନାବାଳକଙ୍କ ମୃତଦେହ ତାଙ୍କ ଘର ପଛପଟ ଏକ ପୋଖରୀରୁ ଗୁରୁବାର ସକାଳେ ଜବତ ହୋଇଛି। ସେ ହେଲେ ଦେବୀପ୍ରସାଦ ମହାପାତ୍ର (୧୫)। ଏନେଇ ପୋଲିସ ୧୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦେବୀ ବୁଧବାର ସନ୍ଧ୍ୟାରୁ ନିଖୋଜ ଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ବାଲିଅନ୍ତା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ୍‌କୁ ପଠାଇଥିଲା। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଦେବୀ ୧୦ମରେ ପଢୁଥିଲେ।

## ହାତରେ ଫୁଟିଲା ବୋମା, ଜଣେ ଗୁରୁତର

ପୁରୀ,୧୬।୫(ଅଜିତ୍ କୁମାର ମହାନ୍ତି)

ନିର୍ବାଚନ ସମୟରେ ପୁରୀ ସହର ଅଞ୍ଚଳରେ ଆପରାଧିକ କାର୍ଯ୍ୟ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। କିଛିଦିନ ହେବ କେଉଁଠି ଏସିଡ୍ ମାଡ଼ ହେଲାଣି ତ' ପୁଣି କେତେବେଳେ ବିଧାୟକ ପ୍ରାର୍ଥୀଙ୍କୁ ଆକ୍ରମଣ ହେଲାଣି। ତେବେ ଗୁରୁବାର ସମୁଦ୍ରକୂଳ ଥାନା ଅନ୍ତର୍ଗତ ଶ୍ରୀକ୍ଷେତ୍ର କଲୋନୀ ମିଶ୍ର ସାହିରେ ବୋମା ବିସ୍ଫୋରଣ ହୋଇଛି। ଏହି ବିସ୍ଫୋରଣରେ ଜଣେ ବ୍ୟକ୍ତି ଗୁରୁତର ହୋଇଥିବାବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣଙ୍କ ମାର୍କଣ୍ଡେଶ୍ୱର ସାହିର ନିତାଇ ଚରଣ ନାୟକ (୨୮) ଏବଂ ଅନ୍ୟଜଣେ ହେଉଛନ୍ତି କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣ ଅଞ୍ଚଳର ବିକି ନାୟକ(୨୫)। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ବିକି ନାୟକଙ୍କୁ ଗିରଫ କରି ପଚରାଉଚରା କରୁଛି।

ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ୪ଟାରେ ବିକି ନାୟକ ଶ୍ରୀକ୍ଷେତ୍ର କଲୋନୀ ମିଶ୍ର ଲେନ୍‌ଠାରେ ତାଙ୍କ ସାଙ୍ଗ ନିତାଇଙ୍କ ସହ ଠିଆ ହୋଇଥିଲେ। ଏହି ସମୟରେ ବିକି ହାତରେ ଧରିଥିବା ଏକ ବୋମା ହଠାତ୍ ବିସ୍ଫୋରଣ ହୋଇଥିଲା। ଫଳରେ ନିତାଇଙ୍କ ଗୋଡ଼, ହାତ ଏବଂ ଦେହର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ବିକି ମଧ୍ୟ ଆହତ ହୋଇଥିଲେ। ଦୁଇଜଣଙ୍କୁ ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପୋଲିସ ବିକିଙ୍କୁ ଥାନାକୁ ନେଇ ପଚରାଉଚରା କରିବା ସହ ତାଙ୍କ ବିରୋଧରେ ଏକ ମାମଲା(ନଂ.୧୧୩/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ମୁଜାଫର



@ ମୁକେଶ



@ ନିରଞ୍ଜନ



@ ସୋନାଲି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ରେଡ୍ କାର୍ପେଟରେ ସମ୍ବଲପୁରୀ ପୋଷାକରେ ଚାଲିଲେ ଜିତେନ୍ଦ୍ର, ପାର୍ଥ

ଭୁବନେଶ୍ୱର,୧୬।୫(ଶର୍ମିଷ୍ଠା ପାଣିଗ୍ରାହୀ)

ବହୁ ପ୍ରତୀକ୍ଷିତ 'କାନ୍ସ ଚଳଚ୍ଚିତ୍ର ମହୋତ୍ସବ' ୨୦୨୪ ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧ ତାରକା, ଚଳଚ୍ଚିତ୍ର ନିର୍ମାତା ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ଓଡ଼ିଶାର ଖ୍ୟାତନାମା ଚଳଚ୍ଚିତ୍ର ନିର୍ମାତା ଜିତେନ୍ଦ୍ର ମିଶ୍ର ଏବଂ ଉଦ୍ୟୋଗୀ ପାର୍ଥ ପଣ୍ଡା ସମ୍ବଲପୁରୀ ପୋଷାକରେ ରେଡ୍ କାର୍ପେଟରେ ଚାଲିଛନ୍ତି। ଗତବର୍ଷ ମଧ୍ୟ ଉଭୟ ଏହି ମହୋତ୍ସବରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ସମ୍ବଲପୁରୀ ବସ୍ତ୍ରକୁ ବାହାରେ ଏଭଳି ଏକ ମହୋତ୍ସବରେ ପ୍ରଦର୍ଶନ କରିବା ନିହାତି ଭାବେ ସମସ୍ତଙ୍କ ପାଇଁ ଏକ ଗର୍ବର ବିଷୟ। ଏକ ଦଶନ୍ଧିରୁ ଅଧିକ ସମୟ ଧରି ସମ୍ବଲପୁରୀ ହସ୍ତତନ୍ତକୁ ପ୍ରୋତ୍ସାହିତ କରୁଥିବା ଓଡ଼ିଶାର ଟିଟିଲାଗଡରେ ଜନ୍ମିତ ଜିତେନ୍ଦ୍ର ଏହିପରି ଅନ୍ତର୍ଜାତୀୟ ଫୋରମରେ ଓଡିଶା ଓ ଭାରତର କଳା, ସଂସ୍କୃତି ଏବଂ ସିନେମାକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରୁଛନ୍ତି। ସେ ଅନ୍ତର୍ଜାତୀୟ ସ୍ତରରେ ଫିଲ୍ମ ପ୍ରଡ଼କ୍ସନ, ଡିଷ୍ଟ୍ରିବ୍ୟୁଶନ, ପ୍ରମୋଶନରେ ଏକ ମାନଦଣ୍ଡ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ଓଡ଼ିଶାର ସିନେମା, କଳା, ସଂସ୍କୃତିକୁ ବାହାରେ ପହଞ୍ଚାଇବାରେ ଜିତେନ୍ଦ୍ର ସର୍ବଦା ପ୍ରୟାସ କରି ଆସୁଛନ୍ତି।

**କାନ୍ସ ଫେଷ୍ଟିଭାଲ**



## ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗିତା ଆରମ୍ଭ



ଦିଲ୍ଲୀଠାରେ ଆରମ୍ଭ ହୋଇଥିବା ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗିତାର ଉଦ୍‌ଘାଟନୀ ଅବସରରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୧୬।୫(ଶର୍ମିଷ୍ଠା ପାଣିଗ୍ରାହୀ)

**ପାରମ୍ପରିକ ଶିଳ୍ପଠୁ ନେଇ ଅତ୍ୟାଧୁନିକ ପ୍ରାଦ୍ୟୋଗିକ ପ୍ରଦର୍ଶିତ**

କୌଶଳ ବିକାଶ ଏବଂ ଉଦ୍ୟୋମିତା ମନ୍ତ୍ରଣାଳୟ (ଏମ୍‌ଏସ୍‌ଡିଇ) ଅଧୀନ ରାଷ୍ଟ୍ରୀୟ କୌଶଳ ବିକାଶ ନିଗମ (ଏନ୍‌ଏସ୍‌ଡିସି) ପକ୍ଷରୁ ଦିଲ୍ଲୀର ଦ୍ୱାରକାସ୍ଥିତ ଯଶୋଭୂମି କନ୍‌କ୍ଲେଭ୍‌ରେ ବୁଧବାରଠାରୁ ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗତା ୨୦୨୩-୨୪ ଆରମ୍ଭ ହୋଇଛି। ଏହା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦେଶର ୩୦ରୁ ଅଧିକ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶର ୯୦୦ରୁ ଅଧିକ ପ୍ରତିଯୋଗୀ ଓ ୪୦୦ରୁ ଅଧିକ ଇଣ୍ଡଷ୍ଟ୍ରି ଏକ୍ସପର୍ଟ ଯୋଗଦେଇଛନ୍ତି। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ପାରମ୍ପରିକ ଶିଳ୍ପଠାରୁ ଆରମ୍ଭ କରି ଅତ୍ୟାଧୁନିକ ପ୍ରାଦ୍ୟୋଗିକ ପର୍ଯ୍ୟନ୍ତ ୬୧ଟି କୌଶଳରେ ନିଜ ପ୍ରତିଭା ପ୍ରଦର୍ଶନ କରୁଛନ୍ତି। ୪୭ଟି କୌଶଳ ପ୍ରତିଯୋଗିତା ଅନ୍‌ସାଇଟ୍ ଆୟୋଜିତ କରାଯାଉଥିବା ବେଳେ ସର୍ବୋତ୍ତମ ଭିତ୍ତିଭୂମିକୁ ଧ୍ୟାନରେ ରଖି ୧୪ଟି ପ୍ରତିଯୋଗିତାକୁ କର୍ନାଟକ, ହରିୟାଣା, ଉତ୍ତରପ୍ରଦେଶ ଏବଂ ଗୁଜରାଟରେ ଅଫ୍‌ସାଇଟରେ ଆୟୋଜନ କରାଯାଇଛି। ପ୍ରତିଯୋଗୀମାନେ ଡ୍ରୋନ-ଫିଲ୍ମ ମେକିଙ୍ଗ, ଟେକ୍ସଟାଇଲ ୱେଭିଙ୍ଗ, ଲେଦର ସୁ ମେକିଙ୍ଗ ଏବଂ ପ୍ରୋସ୍ଥେଟିକ - ମେକଅପ ଭଳି ୯ଟି ବିଭାଗରେ ଭାଗ ନେଉଛନ୍ତି। ଉଦ୍‌ଘାଟନୀ ସମାରୋହରେ ଏମଏସ୍‌ଡିଇର ସମ୍ପାଦକ ଅତୁଲ କୁମାର ତିୱାରୀ, ବରିଷ୍ଠ ଅର୍ଥନୈତିକ ପରାମର୍ଶଦାତା ନିଲାମବୁଜ ଶରଣ, ଏମ୍‌ଏସ୍‌ଡିଇର ଡିଜି ଟ୍ରେନିଂ ତ୍ରିଶାଲଜୀତ ସେଠୀ, ଏମ୍‌ଏସ୍‌ଡିଇର ଯୁଗ୍ମ ସମ୍ପାଦିକା ସୋନାଲ ମିଶ୍ର ଓ ଯୁଗ୍ମ ସମ୍ପାଦିକା ହେନା ଉସମାନ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଏନ୍‌ବିଡବ୍ଲ୍ୟୁରୁ ଆଶ୍ୱସ୍ତି ପାଇଲେ ଅନୁଭବ

କଟକ,୧୬।୫ (କାର୍ତ୍ତିକ ସାହୁ)

**ବର୍ଷାଙ୍କୁ ନିର୍ଯାତନା ଦେବା ମାମଲା**

**ହାଇକୋର୍ଟ ଦେଲେ ରହିତାଦେଶ**

ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ଜାମିନ୍ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ)ରୁ ଗୁରୁବାର ଆଶ୍ୱସ୍ତି ପାଇଛନ୍ତି। କଟକ ଜେଏମ୍‌ଏଫ୍‌ସି କୋର୍ଟ ଅନୁଭବଙ୍କ ନାଁରେ ଜାରି କରିଥିବା ଏହି ଏନ୍‌ବିଡବ୍ଲ୍ୟୁ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେଇଛନ୍ତି। ଅନୁଭବ ଆସନ୍ତା ୨୩ ତାରିଖ ମଧ୍ୟରେ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ହୋଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଆସନ୍ତା ଜୁଲାଇ ୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନା ଅନୁସାରେ, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପକ୍ଷରୁ ରୁଜୁ ନିର୍ଯାତନା ମାମଲାରେ ଅନୁଭବ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ନ ହୋଇ ବାରମ୍ବାର ମହଲତ ନେଇଥିଲେ। ଗତ ୧୩ ତାରିଖରେ ଅନୁଭବ କୋର୍ଟରେ ହାଜର ନ ହୋଇ ତାଙ୍କ ଓକିଲଙ୍କ ଜରିଆରେ ଏକ ପିଟିଶନ ଦାଖଲ କରି ପୁଣି ଅଧିକ ସମୟ ମାଗିଥିଲେ। ବାରମ୍ବାର ଏପରି ସମୟ ମାଗିବା ଦ୍ୱାରା ଶୁଣାଣି ବିଳମ୍ବିତ ହେଉଥିବାରୁ କୋର୍ଟ ଅନୁଭବଙ୍କ ପିଟିଶନକୁ ଖାରଜ କରିବା ସହ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ। ଏଥିସହ ଆସନ୍ତା ୨୩ ତାରିଖ ସୁଦ୍ଧା ୱାରେଣ୍ଟ କାର୍ଯ୍ୟକାରୀ କରିବାକୁ କୋର୍ଟ କଟକ ପୁରୀଘାଟ ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିମ୍ନକୋର୍ଟଙ୍କ ଏହି ଆଦେଶ ରଦ୍ଦ କରିବାକୁ ଅନୁଭବ ହାଇକୋର୍ଟରେ ପିଟିଶନ୍ ଦାଏର କରିଥିଲେ। ସେ ଆବେଦନରେ ଦର୍ଶାଇଥିଲେ, ଏବେ ଦେଶରେ ସାଧାରଣ ନିର୍ବାଚନ ଚାଲିଛି। ସେ ଭାଜପାର ଷ୍ଟାର ପ୍ରଚାରକ ଅଛନ୍ତି। ଏଥିସହ ତାଙ୍କ ମାଆଙ୍କ ଚିକିତ୍ସା ପାଇଁ ସେ ନୂଆଦିଲ୍ଲୀରେ ଥିବାରୁ ହାଜର ହୋଇପାରିନାହାନ୍ତି। ତେଣୁ ଏନ୍‌ବିଡବ୍ଲ୍ୟୁ ଉପରେ ସ୍ଥଗିତାଦେଶ ଜାରି କରିବାକୁ ସେ ତାଙ୍କ ଓକିଲ ମାଧ୍ୟମରେ ଯୁକ୍ତି ରଖିଥିଲେ। କୋର୍ଟ ତାଙ୍କ ଯୁକ୍ତିକୁ ଗ୍ରହଣ କରି ପରବର୍ତ୍ତୀ ଶୁଣାଣି ଯାଏ ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଶ୍ୱର ୪ର୍ଥ ଅର୍ଥନୀତି ହେବ ଭାରତ

ଭୁବନେଶ୍ୱର,୧୬।୫ (ଅନୁରାଧା ମହାରଣା)



ସଞ୍ଜୀବ ସାନ୍ୟାଲ

■୨୦୨୫ ଆର୍ଥିକ ବର୍ଷ ସୁଦ୍ଧା ୪ ଟ୍ରିଲିୟନ ଡଲାରର ଅର୍ଥନୀତି

■୨୦୨୬ ଆର୍ଥିକ ବର୍ଷ ସୁଦ୍ଧା ଜାପାନକୁ ପଛରେ ପକାଇବ ଭାରତ

ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଭାରତ ୪ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ। ଏପରିକି ୨୦୨୫-୨୬ ଆର୍ଥିକ ବର୍ଷ ସୁଦ୍ଧା ଜାପାନକୁ ପଛରେ ପକାଇ ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବେ ଅତିକ୍ରମ କରିବ ବୋଲି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ସଦସ୍ୟ ସଞ୍ଜୀବ ସାନ୍ୟାଲ ଗୁରୁବାର ଏକ ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ଯୋଗଦେଇ ଏଭଳି କିଛି ମତ ପ୍ରକାଶ କରିଛନ୍ତି। ସେହିଭଳି ସାନ୍ୟାଲ କହିଛନ୍ତି, ଦେଶର ଦୁର୍ବଳ ରପ୍ତାନି ସମେତ ବିଭିନ୍ନ ପ୍ରତିବନ୍ଧକକୁ ବିଚାରକୁ ନେଇ ୭% ଅର୍ଥନୈତିକ ଅଭିବୃଦ୍ଧି ହାର ଭାରତ ପାଇଁ ଏକ 'ବହୁତ ଭଲ' ଅଭିବୃଦ୍ଧି ହେବ। ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି, ଜାପାନ ବର୍ତ୍ତମାନ ୪.୧ ଟ୍ରିଲିୟନ ଡଲାର ସହ ଟିକେ ଆଗରେ ଅଛି। ତେଣୁ ଆସନ୍ତା ଆର୍ଥିକ ବର୍ଷ ସୁଦ୍ଧା ଭାରତ ଜାପାନକୁ ଅତିକ୍ରମକରି ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ। ତାଙ୍କ କହିବାନୁସାରେ, ଜର୍ମାନୀ ଅର୍ଥନୀତି ୪.୬ ଟ୍ରିଲିୟନ ଡଲାରରେ ସ୍ଥିର ରହିଛି। ଆପାତତଃ ୨ ବର୍ଷ ମଧ୍ୟରେ ଭାରତ ଜର୍ମାନୀ ଅର୍ଥନୀତିକୁ ମଧ୍ୟ ଅତିକ୍ରମ କରିପାରିବ। ତେଣୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିର ଭାରତ ନିକଟତର ଥିବା ସେ କହିଛନ୍ତି। ସାନ୍ୟାଲ କହିଛନ୍ତି , ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ବିକାଶର ମିଶ୍ରଣ କାରଣ ଏହା ନିଯୁକ୍ତି ଏବଂ ରାଜସ୍ୱ ବୃଦ୍ଧି କରିବ। ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ (ଏଡିବି) ଏବଂ ଫିଚ୍ ରେଟିଂ ଭାରତର ଅଭିବୃଦ୍ଧି ହାରକୁ ୭ ପ୍ରତିଶତରେ ଆକଳନ କରିଥିବାବେଳେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍), ଏସ୍ ଆଣ୍ଡ ପି ଗ୍ଲୋବାଲ ରେଟିଂ ଏବଂ ମୋର୍ଗାନ ଷ୍ଟାନ୍‌ଲି ଆର୍ଥିକ ବର୍ଷ ୨୦୨୫ ପାଇଁ ୬.୮ ପ୍ରତିଶତ ଅଭିବୃଦ୍ଧି ହାର ଧାର୍ଯ୍ୟ କରିଛନ୍ତି। ସେ କହିଛନ୍ତି, ଯେକୌଣସି ନିର୍ଦ୍ଦିଷ୍ଟ ବର୍ଷରେ ବହୁ ଉଚ୍ଚ ଅଭିବୃଦ୍ଧି ହାର ହାସଲ କରିବାକୁ ଚେଷ୍ଟା କରିବା ଦିଗରେ ଭାବପ୍ରବଣ ହୋଇପଡ଼ିବା ଉଚିତ ନୁହେଁ। ସାନ୍ୟାଲ ଦର୍ଶାଇଛନ୍ତ, ଦକ୍ଷିଣ- ପୂର୍ବ ଏସିଆର ଇଣ୍ଡୋନେସିଆ, ଥାଇଲାଣ୍ଡ ଭଳି ଦେଶର ସ୍ଥିତି ୯୦ ଦଶକର ମଧ୍ୟଭାଗରେ ବହୁତ ଭଲ ଥିଲା। ମାତ୍ର ଏସୀୟ ସଙ୍କଟରେ ସମାପ୍ତ ହେଲା ବୋଲି ସେ କହିଛନ୍ତି। ସେ କହିଛନ୍ତି , ଦେଶର ଆର୍ଥିକ ବ୍ୟବସ୍ଥା, ମୁଦ୍ରା ବ୍ୟବସ୍ଥା, ସାମ୍ପ୍ରତିକ ଆକାଉଣ୍ଟ ସମ୍ପର୍କିତ ସମସ୍ୟା ସୃଷ୍ଟି ନ କରିବା ଭଲ। ଟଙ୍କାର ଅନ୍ତର୍ଜାତୀୟକରଣ ଉପରେ ଏକ ପ୍ରଶ୍ନର ଉତ୍ତରରେ ସାନ୍ୟାଲ କହିଛନ୍ତି, ଆଗାମୀ ୧ ଦଶନ୍ଧି ମଧ୍ୟରେ ଅନ୍ୟାନ୍ୟ ମୁଦ୍ରାର ସମକକ୍ଷ ହେବାକୁ ଚେଷ୍ଟା କରୁଛୁ, ମାତ୍ର ଆମେ ବିଶ୍ୱର ପ୍ରମୁଖ ମୁଦ୍ରା ହେବାକୁ ଚେଷ୍ଟା କରୁନାହୁଁ। ସାନ୍ୟାଲ କହିଛନ୍ତି, ଆସନ୍ତା ଦଶନ୍ଧି ମଧ୍ୟରେ ଭାରତର ଉଦ୍ଦେଶ୍ୟ ହେଉଛି ଏହାର ବ୍ୟାପକ ବ୍ୟବହାର। ବିଶେଷକରି ଦେଶର ନିଜସ୍ୱ ବ୍ୟବସାୟ ଦୃଷ୍ଟିରୁ ଟଙ୍କାକୁ ଏକ ହାର୍ଡ କରେନ୍ସିରେ ପରିଣତ କରିବ।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୬।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ ଦିନ (କାର୍ଯ୍ୟଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୭୭(୬୭୬.୬୯)ପଏଣ୍ଟ ବଢ଼ି ୭୩,୬୬୪(୭୩,୬୬୩.୭୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୦୩(୨୦୩.୩୦) ପଏଣ୍ଟ ବୃଦ୍ଧି ଘଟି ୨୨,୪୦୪(୨୨,୪୦୩.୮୫)ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଜେଏସ୍ଏଲ୍‌ର ଆର୍ଥିକ ଫଳାଫଳ

ଭୁବନେଶ୍ୱର,୧୬।୫ (ଅଭୟ ଦାଶ)



ଅଭ୍ୟୁଦୟ ଜିନ୍ଦଲ

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲାବେଳେ ୨୦୨୪ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ତ୍ରୈମାସିକ ଓ ଆର୍ଥିକ ବର୍ଷର ଫଳାଫଳ ମଧ୍ୟ ଘୋଷଣା କରାଯାଇଥିଲା। ଏପରିକି କମ୍ପାନୀ ୨୧,୭୪,୬୧୦ ଟନ୍ ବିକ୍ରି ରେକର୍ଡ କରିଛି, ଯାହା ଗତ ଆର୍ଥିକ ବର୍ଷ ତୁଳନାରେ ୨୩% ଅଧିକ ବୋଲି କୁହାଯାଇଛି। ଏକକ ଭିତ୍ତିରେ ମୋଟ ରାଜସ୍ୱ ବାର୍ଷିକ ୯% ବୃଦ୍ଧି ପାଇ ୩୮,୩୫୬କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀର ଇବିଆଇଟିଡିଏ ୪,୦୩୬ କୋଟି ଟଙ୍କା ଏବଂ ଟିକସ ପରବର୍ତ୍ତୀ ଲାଭ ୨,୫୩୧ କୋଟି ଟଙ୍କା ରେକର୍ଡ ହୋଇଥିବାବେଳେ ସେଥିରେ ବାର୍ଷିକ ଅଭିବୃଦ୍ଧି ଯଥାକ୍ରମେ ୧୩% ଓ ୨୬% ରହିଥିଲା। ଏ ସମ୍ପର୍କରେ ଜେଏସ୍ଏଲ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଥିଲେ, ଗତ ଆର୍ଥିକ ବର୍ଷର କାରବାର ବେଶ୍ ଉତ୍ସାହଜନକ ଥିଲା। ଏପରିକି ଭାରତୀୟ ଅଭିବୃଦ୍ଧି ଯାତ୍ରା ଦ୍ରୁତଗତିରେ ଆଗକୁ ବଢ଼ି ଚାଲିଥିଲାବେଳେ ଆମେ ଆମର ଅଭିବୃଦ୍ଧି ଆକଳନକୁ ପୂରଣ କରିଛୁ ଏବଂ ନିକଟରେ ଆମର ସମ୍ପ୍ରସାରଣ ଯୋଜନାରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛୁ। ସେହିଭଳି ପରିଚାଳନା ଦକ୍ଷତା, ଡିଜିଟାଲାଇଜେଶନ କାର୍ଯ୍ୟକ୍ରମ,ଲୋକ ସଶକ୍ତୀକରଣ ପଦକ୍ଷେପ, ବଜାର ବିକାଶ ଏବଂ ଗ୍ରାହକ ସନ୍ତୁଷ୍ଟି ରଣନୀତି ଉପରେ ବିଶେଷ ଧ୍ୟାନଦେବା ଦ୍ୱାରା ଏହି ଅଭିବୃଦ୍ଧି ଘଟିଛି। ଏପରିକି ଆମର ନେତୃତ୍ୱ ସ୍ଥିତି ବଜାୟ ରଖିବା ସହ ସୋର୍ସିଂ, ପ୍ରକ୍ରିୟା ଏବଂ ଉତ୍ପାଦରେ ସ୍ଥାୟିତ୍ୱ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖି ଆମେ ଭାରତୀୟ ବଜାରରେ ଆଗକୁ ବଢ଼ୁଛୁ।

## ଏପ୍ରିଲରେ ୧୧,୬୫୬ ୟୁନିଟ୍ ଟ୍ରାକ୍ଟର ବିକ୍ରି

ଭୁବନେଶ୍ୱର,୧୬।୫

ଭାରତର ୧ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ 'ସୋନାଲିକା'ର ମାସିକ ବିକ୍ରି ଫଳାଫଳ ନିକଟରେ ଘୋଷଣା କରାଯାଇଛି। କମ୍ପାନୀର ଘୋଷଣା ଅନୁଯାୟୀ ୨୦୨୪ ଏପ୍ରିଲରେ ବ୍ରାଣ୍ଡ ମୋଟ ୧୧,୬୫୬ ୟୁନିଟ୍ ବିକ୍ରି କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ଅପ୍ରତ୍ୟାଶିତ ସଫଳତା ପରେ ବ୍ରାଣ୍ଡ ଏକ ଉନ୍ନତ ପ୍ଲାଟ୍‌ଫର୍ମ ସହ ୨୦୨୪-୨୫ ଆର୍ଥିକ ବର୍ଷର ଯାତ୍ରା ଆରମ୍ଭ କରିବା ପାଇଁ ଉତ୍ସାହିତ ଅଛି।

ଉଲ୍ଲେଖଯୋଗ୍ୟ, କମ୍ପାନୀ ବାର୍ଷିକ ଆଧାରରେ ମୋଟ ୧୧,୬୫୬ ୟୁନିଟ୍ ଟ୍ରାକ୍ଟର ବିକ୍ରି କରିଥିବା ବେଳେ ବଜାର ଅଂଶ ହାସଲ କରିବା ମଧ୍ୟ ଜାରି ରଖିଛି। ଅପରପକ୍ଷରେ ସୋନାଲିକାର ହୋସିଆରପୁରସ୍ଥିତ ପ୍ଲାଣ୍ଟରୁ ଉତ୍ପାଦିତ ଅଭିନବ ଟ୍ରାକ୍ଟରଗୁଡ଼ିକ କୃଷକଙ୍କ ପାଇଁ ଉତ୍ପାଦକତା ଓ ଲାଭ ପ୍ରଦାନ କରିବା ଦୃଷ୍ଟିରୁ ଉତ୍କର୍ଷ ପ୍ରଦର୍ଶନକରି ଆସୁଛି। ବ୍ରାଣ୍ଡର ହେଭି ଟ୍ରାକ୍ଟର ରେଞ୍ଜ ଗୁଣବତ୍ତା ଓ କାର୍ଯ୍ୟଦକ୍ଷତାର ଉପଯୁକ୍ତ ସମ୍ମିଶ୍ରଣ ସୃଷ୍ଟିକରିବା ସହ ସୋନାଲିକାର ଗୁରୁତ୍ୱ କମ୍ପାନୀକୁ ଭାରତରେ ୩ୟ ସର୍ବବୃହତ୍ ଟ୍ରାକ୍ଟର ବ୍ରାଣ୍ଡର ସ୍ଥିତିକୁ ଦୃଢ଼ତାର ସହ ସୁରକ୍ଷିତ ରଖିବା ପାଇଁ ସକ୍ଷମ କରିଛି।

ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ବଜାର ଅଂଶରେ ବୃଦ୍ଧି ସହ ୨୦୨୪ ଏପ୍ରିଲରେ ମୋଟ ୧୧,୬୫୬ ୟୁନିଟ୍ ଟ୍ରାକ୍ଟର ବିକ୍ରି ସହ ୨୦୨୪-୨୫ ଆର୍ଥିକ ବର୍ଷର ଯାତ୍ରାକୁ ଆରମ୍ଭ କରିବା ପାଇଁ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଆଡ୍‌ଭାନ୍ସଡ୍ ହେଭି ଡ୍ୟୁଟି ଟ୍ରାକ୍ଟର ସିରିଜ ନିରନ୍ତର ଭାବେ କୃଷକମାନଙ୍କୁ ନୂଆ ସୁଯୋଗଗୁଡ଼ିକର ଏକ ଦୁନିଆ ଆଡ଼କୁ ଅଗ୍ରସର କରୁଛି। ଏ କାରଣରୁ ଆମ ନିକଟରେ ଆଜି ୧୫ ଲକ୍ଷରୁ ଅଧିକ କୃଷକଙ୍କ ପରିବାର ରହିଛି। ଏପରିକି ଆଗକୁ ରହିଥିବା ସୀମାହୀନ ସୁଯୋଗଗୁଡ଼ିକ ସହ ଆମେ କୃଷକମାନଙ୍କ ଉତ୍ପାଦକତା ବୃଦ୍ଧି କରିବା ପାଇଁ ଚଳିତ ଆର୍ଥିକ ବର୍ଷରେ ନୂଆ ଉତ୍ପାଦଗୁଡ଼ିକର ଶୁଭାରମ୍ଭ କରିବା ଲାଗି ଅଧିକ ଦୃଢ଼ ନିଶ୍ଚିତ ରହିଛୁ।

## ଟିପିସିଓଡିଏଲ୍‌ର ନୂତନ ଅଭିଯାନ

ଭୁବନେଶ୍ୱର,୧୬।୫




ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ନୂତନ ଅଭିଯାନ 'ସମୃଦ୍ଧି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର କର୍ପୋରେଟ୍ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସ୍ଆର୍) କାର୍ଯ୍ୟକ୍ରମ ଜରିଆରେ ଏହି ଅଭିଯାନର ଆରମ୍ଭ ହୋଇଛି। ଏହା ଜରିଆରେ କମ୍ପାନୀ ଗ୍ରାମୀଣ ଅଞ୍ଚଳର ବିକାଶ ପ୍ରତି ପ୍ରତିବଦ୍ଧତା ବଜାୟ ରଖିଛି।

ଅପରପକ୍ଷରେ ସମୃଦ୍ଧି ହେଉଛି,ପାର୍ଣ୍ଣିସ୍ ସେଣ୍ଟର ଫର୍ ଜଷ୍ଟ ଟ୍ରାଞ୍ଜିସନ, ନିଟ୍‌କନ୍ ସୋସିଆଲ ଫାଉଣ୍ଡେଶନ ଓ ଜିଆଇଜେଡ୍-ଜର୍ମାନୀର ଏକ ମିଳିତ ପ୍ରୟାସ। ଏପରିକି ଗ୍ରାମୀଣ ସମୁଦାୟରେ ଦୀର୍ଘସ୍ଥାୟୀ ଅର୍ଥନୈତିକ ବିକାଶର ଲକ୍ଷ୍ୟ ନେଇ ଟିପିସିଓଡିଏଲ୍ ପକ୍ଷରୁ ସମୃଦ୍ଧି ଅଭିଯାନ ଅଧୀନରେ ୨୦ଜଣ କମ୍ୟୁନିଟି ରିସୋର୍ସ ପର୍ସନ (ସିଆର୍‌ପି)ଙ୍କୁ ଜାତୀୟ ମତ୍ସ୍ୟ ବିକାଶ ବୋର୍ଡ (ଏନ୍ଏଫ୍‌ଡିବି) ଓ କେନ୍ଦ୍ରୀୟ ମଧୁରଜଳ ମତ୍ସ୍ୟ ପାଳନ ଗବେଷଣା ସଂସ୍ଥା ଭୁବନେଶ୍ୱରକୁ ପରିଦର୍ଶନରେ ନିଆଯାଇଥିଲା।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଥିଲେ,ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଟିପିସିଓଡିଏଲ୍ ପ୍ରତିବଦ୍ଧ ରହିଛି। ଏପରିକି 'ସମୃଦ୍ଧି' ଅଭିଯାନ ଜରିଆରେ ଗ୍ରାମୀଣ ଚାଷୀମାନଙ୍କୁ ଆଧୁନିକ ମତ୍ସ୍ୟଚାଷ ପଦ୍ଧତି ବିଷୟରେ ମୂଲ୍ୟବାନ୍ ସମ୍ବଳ ଓ ତାଲିମ ପ୍ରଦାନ କରି ସେମାନଙ୍କ ଜୀବନଜୀବିକାରେ ଉନ୍ନତି ଆଣିବାକୁ ଆମେ ଲକ୍ଷ୍ୟ ରଖିଛୁ। ଏହି ଏକ୍ସପୋଜର ଭିଜିଟ୍ ତୃଣମୂଳ ସ୍ତରରେ ଅର୍ଥନୈତିକ ବିକାଶ ଓ ସଶକ୍ତୀକରଣ ପାଇଁ ଥିବା ଆମସମର୍ପଣ ଭାବକୁ ଦର୍ଶାଉଛି।

ଉଲ୍ଲେଖଯୋଗ୍ୟ, 'ସମୃଦ୍ଧି' ଅଭିଯାନର ହିତାଧିକାରୀମାନେ ମୁଖ୍ୟତଃ ହେଉଛନ୍ତି ନୟାଗଡ଼ ଜିଲାର ଖଣ୍ଡପଡ଼ା ଅଞ୍ଚଳର ମତ୍ସ୍ୟଚାଷୀ, ଯେଉଁମାନେ ଏହି ଏକ୍ସପୋଜର ଭିଜିଟ୍‌ରୁ ପାଇଥିବା ଜ୍ଞାନ ଓ ଅଭ୍ୟାସ ଦ୍ୱାରା ବ୍ୟାପକ ଭାବେ ଉପକୃତ ହେବେ।

## ଏଏମ୍ଏଫ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୧୬।୫

ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ (ଏଏମ୍ଏଫ୍)ର ନୂତନ ଉତ୍ପାଦ ତଥା ନୂଆ ଫଣ୍ଡ ଅଫର 'ଆକ୍ସିସ୍ ନିଫ୍ଟି ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଓପନ୍-ଏଣ୍ଡେଡ୍ ଇଣ୍ଡେକ୍ସ ଫଣ୍ଡ ନିଫ୍ଟି ବ୍ୟାଙ୍କ ଟିଆର୍ଆଇକୁ ଟ୍ରାକ୍ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହା ନିବେଶକମାନଙ୍କୁ ଅଗ୍ରଣୀ ଭାରତୀୟ ବ୍ୟାଙ୍କଗୁଡ଼ିକର ଅଭିବୃଦ୍ଧି କ୍ଷେତ୍ରରେ ସିଧାସଳଖ ଅଂଶଗ୍ରହଣ କରିବା ଲାଗି ଏକ ମାଧ୍ୟମ ପ୍ରଦାନ କରିବ। ଏହି ନୂଆ ଫଣ୍ଡ ଅଫର ସବ୍‌ସ୍କ୍ରିପ୍‌ଶନ ୨୦୨୪ ମେ ୧୭ରେ ବନ୍ଦ ହେବ। ଏ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ତଥା ସିଇଓ ବି.ଗୋପକୁମାର କହିଛନ୍ତି, ଏକ ସୁଦୃଢ଼ ନିୟାମକ ଢାଞ୍ଚା ଓ ଡିଜିଟାଲ ବ୍ୟାଙ୍କିଙ୍ଗ୍‌ର ଦ୍ରୁତ ଗ୍ରହଣୀୟତା ଦ୍ୱାରା ସମୃଦ୍ଧ ଏହି କ୍ଷେତ୍ର ସ୍ଥାୟୀ ସମ୍ପ୍ରସାରଣ ପାଇଁ ସୁବ୍ୟବସ୍ଥିତ ରହିଛି। ଆକ୍ସିସ୍ ନିଫ୍ଟି ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ ନିବେଶକଙ୍କୁ ଏହି ଅଭିବୃଦ୍ଧି ସୁଯୋଗର ଉପଯୋଗ କରିବା ପାଇଁ ଏକ ସୁଚିନ୍ତିତ ସୁଯୋଗ ପ୍ରଦାନ କରୁଛି। ଏହି କ୍ଷେତ୍ର ଉଦ୍ଭାବନ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ ଏବଂ ସର୍ବୋଚ୍ଚ ପ୍ରଶାସନିକ ମାନଦଣ୍ଡଗୁଡ଼ିକର ଅନୁପାଳନ କରୁଛି। ଫଳରେ ଏହା ଭାରତୀୟ ବ୍ୟାଙ୍କିଙ୍ଗ୍ ପରିଦୃଶ୍ୟକୁ ନୂଆ ରୂପ ଦେଇଥିବା ପରିବର୍ତ୍ତନଶୀଳ ଧାରାରୁ ଲାଭାନ୍ୱିତ ହେଉଛି। ଏହି ଫଣ୍ଡ ଭାରତୀୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ପାଇଁ ଏକ୍ସପୋଜର ପାଇବା ଲାଗି ଏକ ମୂଲ୍ୟ ସାପେକ୍ଷ ଓ ଦକ୍ଷ ମାଧ୍ୟମ ପ୍ରଦାନ ଏବଂ ଆମେ ନିବେଶକମାନଙ୍କୁ ଏହି ସୁଯୋଗର ଉପଯୋଗ କରିବା ପାଇଁ ଆମନ୍ତ୍ରଣ କରୁଛୁ।

ପ୍ରଥମ ପୃଷ୍ଠାରୁ...

## କୋଭାକ୍ସିନ୍ ବି...

ଷ୍ଟ୍ରୋକ୍ ଏବଂ ଗୁଇଲାନ-ବାରେ ସିଣ୍ଡ୍ରୋମ୍ ଭଳି ପ୍ରତିକ୍ରିୟା ୧ ପ୍ରତିଶତଙ୍କଠାରେ ଦେଖାଦେଇଛି। ଗୁଇଲାନ ବାରେ ସିଣ୍ଡ୍ରମ୍ ହେଉଛି ଶରୀରର ରୋଗ ପ୍ରତିରୋଧକ ବ୍ୟବସ୍ଥା ସ୍ନାୟୁତନ୍ତ୍ରକୁ ଆକ୍ରମଣ କରିବା। ଏହାର ପ୍ରଥମ ଲକ୍ଷଣ ହେଲା ହାତ ପାଦ ଲାଗିବା ସହ ଛୁଞ୍ଚି ଫୋଡ଼ିଲା ଭଳି ଅନୁଭୂତ ହୋଇ ପରେ ସମ୍ପୂର୍ଣ୍ଣ ଶରୀରକୁ ପକ୍ଷାଘାତ ଆକ୍ରାନ୍ତ କରିଦେଇଥାଏ। ଏହା ବ୍ୟତୀତ କୋଭାକ୍ସିନ ନେଇଥିବା ଲୋକଙ୍କ ଶରୀରରେ ୩ଟି ଅସଙ୍ଗତି ମଧ୍ୟ ଦେଖିବାକୁ ମିଳିଛି। ସେଗୁଡ଼ିକ ହେଲା ନୂଆ ଚର୍ମରୋଗ, ସାଧାରଣ ଅସଙ୍ଗତି ଓ ସ୍ନାୟବିକ ବ୍ୟବସ୍ଥାରେ ଅସଙ୍ଗତି। ୨୦୨୨ ଜାନୁଆରୀରୁ ୨୦୨୩ ଅଗଷ୍ଟ ମଧ୍ୟରେ ଏହି ଅଧ୍ୟୟନ କରାଯାଇଥିଲା। କୋଭାକ୍ସିନ ନେଇଥିବା ୬୩୫ ଜଣ କିଶୋରୀକିଶୋର ଏବଂ ୨୯୧ ଜଣ ବୟସ୍କଙ୍କୁ ଅଧ୍ୟୟନରେ ସାମିଲ କରାଯାଇଥିଲା ଓ ଟେଲିଫୋନ୍ ଯୋଗେ ସେମାନଙ୍କୁ ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ଚର୍ମରେ ଅସଙ୍ଗତି ସମ୍ପର୍କରେ ୧୦.୫ ପ୍ରତିଶତ କହିଥିବାବେଳେ ୧୦.୨ ପ୍ରତିଶତ ସାଧାରଣ ଅସଙ୍ଗତି ଏବଂ ୪.୭ ପ୍ରତିଶତ ନର୍ଭସ ସିଷ୍ଟମରେ ଅସଙ୍ଗତି କଥା କହିଥିଲେ। ୪.୬ ପ୍ରତିଶତ ମହିଳାଙ୍କଠାରେ ଋତୁସ୍ରାବଜନିତ ଅସ୍ୱାଭାବିକତା ଦେଖାଯାଇଥିଲା। ସେହିପରି ଟିକା ନେଇଥିବା ୪.୬ ପ୍ରତିଶତଙ୍କଠାରେ ଚକ୍ଷୁଜନିତ ଅସ୍ୱାଭାବିକତା ଏବଂ ୦.୬ ପ୍ରତିଶତଙ୍କଠାରେ ହାଇପୋଥାଇରୋଡିଜମ୍ ସମସ୍ୟା ଦେଖାଦେଇଥିଲା। ଟିକା ନେଇଥିବା ବୟସ୍କଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନେ ପୂର୍ବରୁ ମଧୁମେହରେ ପୀଡ଼ିତ ଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କଠାରେ ଉଚ୍ଚ ରକ୍ତଚାପ ଥିଲା। ବହୁବିଧ ରୋଗ ଥିବା ମହିଳା ଓ ବୟସ୍କଙ୍କଠାରେ କୋଭାକ୍ସିନ ଟିକା ନେବା ପରେ ଅଧିକ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିଲା। ସେହିପରି କୋଭାକ୍ସିନ ଟିକାର ୩ଟି ଡୋଜ୍ ନେଇଥିବା ବୟସ୍କଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା ଅଧିକ ରହିଥିଲା ବୋଲି ଅଧ୍ୟୟନରେ କୁହାଯାଇଛି।

## କୋଭିଶିଲ୍ଡ ଟିକାର ମାରାତ୍ମକ ରକ୍ତଜମାଟ ପ୍ରତିକ୍ରିୟା ଭିଆଇଟିଟି

**ନୂଆଦିଲ୍ଲୀ,୧୬।୫:** ଆଷ୍ଟ୍ରାଜେନିକା କମ୍ପାନୀ ଏହାର କୋଭିଶିଲ୍ଡ ଟିକାକୁ ସାରା ବିଶ୍ୱରୁ ପ୍ରତ୍ୟାହାର କରିନେବାର ସପ୍ତାହେ ପରେ ଏହାର ଅନ୍ୟ ଏକ ମାରାତ୍ମକ ପାର୍ଶ୍ୱ ପ୍ରତିକ୍ରିୟା ସାମନାକୁ ଆସିଛି। ଟିକା ନେଇଥିବା ଲୋକଙ୍କଠାରେ ବିରଳ ତଥା ମାରାତ୍ମକ ରକ୍ତ ଜମାଟ ବାନ୍ଧିବା ଅସଙ୍ଗତି ଆଶଙ୍କା ଅଧିକ ରହିଥିବା କମ୍ପାନୀ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ଉକ୍ତ ଅସଙ୍ଗତିକୁ ଭାକ୍ସିନ-ଇଣ୍ଡ୍ୟୁସ୍‌ଡ ଇମ୍ୟୁନ୍ ଥ୍ରୋମ୍ବୋସାଇଟୋପେନିଆ ଆଣ୍ଡ ଥ୍ରୋମ୍ବୋସିସ୍ (ଭିଆଇଟିଟି) କୁହାଯାଉଛି। ଭାରତରେ ଦିଆଯାଇଥିବା ଆଷ୍ଟ୍ରାଜେନିକାର କୋଭିଶିଲ୍ଡ ଟିକା ଏବଂ ୟୁରୋପରେ ଦିଆଯାଇଥିବା ଏହି କମ୍ପାନୀର ଭାକ୍ସଜେଭ୍ରିଆ ଟିକା ପରେ ଭିଆଇଟିଟି ଏକ ନୂଆ ରୋଗ ଭାବେ ଦେଖାଦେଇଛି। ଏହା ଏକ ଅସାଧାରଣ ବିପଜ୍ଜନକ ରକ୍ତ ଅଟୋଆଣ୍ଟିବଡ଼ି, ଯାହାକି ପ୍ଲେଟ୍‌ଲେଟ୍ ଫ୍ୟାକ୍ଟର ୪ କୁହାଯାଉଥିବା ଏକ ପ୍ରୋଟିନ୍ ସହ ସମ୍ପୃକ୍ତ। ପୂର୍ବରୁ ଆଷ୍ଟ୍ରାଜେନିକା ବିରଳ ପାର୍ଶ୍ୱ ପ୍ରତିକ୍ରିୟା ଟିଟିଏସ୍ ସମ୍ପର୍କରେ ଅଦାଲତରେ ସ୍ୱୀକାର କରିଥିଲା।

## ଫୁଟ୍‌ବଲ ଛାଡ଼ିଲେ...

ମାତ୍ର ୫ ଫୁଟ ୭ ଇଞ୍ଚ ଥିଲେ ମଧ୍ୟ ନିଜ ଅସାଧାରଣ ଦକ୍ଷତା ବଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସେ ସମର୍ଥ ହୋଇଥିଲେ। ଭାରତ ପାଇଁ ୧୫୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ରେକର୍ଡ ମଧ୍ୟ ନିଜ ନାମରେ ସେ କରିଛନ୍ତି। ୨୦୦୫ରେ ପାକିସ୍ତାନ ବିପକ୍ଷରେ ପଦାର୍ପଣ କରିଥିବା ଛେତ୍ରୀ ମାର୍ଚ୍ଚ ମାସରେ ଆଫଗାନିସ୍ତାନ ବିପକ୍ଷରେ ୧୫୦ତମ ମ୍ୟାଚ୍ ଖେଳିଥିଲେ। ଏହି ମ୍ୟାଚ୍‌ରେ ସେ ଏକ ଗୋଲ ଦେଇଥିଲେ ମଧ୍ୟ ଭାରତ ୧-୨ରେ ପରାଜିତ ହୋଇଥିଲା। ଭାରତ ବର୍ତ୍ତମାନ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ପଏଣ୍ଟ ଟେବୁଲରେ କାତାର ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି।

୨୦୦୫ ମସିହାରେ ପ୍ରଥମ ଥର ଭାରତ ପକ୍ଷରୁ ଖେଳିବାକୁ ସୁଯୋଗ ପାଇଥିବା ବେଳେ ଏହା ତାଙ୍କ ପାଇଁ ସ୍ମରଣୀୟ ମୁହୂର୍ତ୍ତ ବୋଲି କହିଛନ୍ତି ଛେତ୍ରୀ। ପାକିସ୍ତାନ ବିପକ୍ଷ ମ୍ୟାଚ୍ ପୂର୍ବରୁ ସେ ସମୟର କୋଚ୍ ସୁଖୱିନ୍ଦର ସିଂ ଯେତେବେଳେ ଭାରତୀୟ ଜର୍ସି ପ୍ରଦାନ କଲେ ସେ ସମୟର ଭାବନା ଶବ୍ଦରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ ବୋଲି କହିଥିଲେ ଛେତ୍ରୀ। ପ୍ରଥମ ମ୍ୟାଚ୍‌ରେ ସ୍କୋର କରିଥିବା ବେଳେ ଏହା ତାଙ୍କ କ୍ରୀଡ଼ା ଜୀବନର ଅନ୍ୟତମ ଶ୍ରେଷ୍ଠ ମୁହୂର୍ତ୍ତ ବୋଲି ସେ କୁହନ୍ତି। ଭାରତୀୟ ଟିମ୍‌ର ୧୧ ନମ୍ବର ଜର୍ସିକୁ ଲୋକପ୍ରିୟ କରିଥିବା ଛେତ୍ରୀଙ୍କ ପରେ ବର୍ତ୍ତମାନ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହେବାକୁ ଯାଉଛି, ଯାହାର ଭରଣା ସମ୍ଭବ ନୁହେଁ। ୧୯ ବର୍ଷ ଧରି ଭାରତୀୟ ଦଳ ସହିତ ଖେଳିବା ତାଙ୍କୁ ଦାୟିତ୍ୱବୋଧ ସହ ସମାନ ସମୟରେ ଚାପରେ ରହିବା ଓ ଖୁସି ହେବା ଶିଖାଇଛି ବୋଲି ସେ କହିଛନ୍ତି। ବିଗତ ଦେଢ଼-ଦୁଇ ମାସ ହେବ ନିଜ ଅବସର ନିଷ୍ପତ୍ତିକୁ ନେଇ ଚିନ୍ତା କରୁଥିବା ସେ କହିଛନ୍ତି। ପରିବାର ବର୍ଗଙ୍କୁ ଅବସର ନିଷ୍ପତ୍ତି ସମ୍ପର୍କରେ ଜଣାଇବା ବେଳେ ସେମାନେ ଖୁସି ପ୍ରକାଶ କରିଥିଲେ। ତେବେ ସମସ୍ତେ ସାମାନ୍ୟ ଭାବବିହ୍ୱଳ ହୋଇପଡ଼ିଥିବା କହିଥିଲେ ଛେତ୍ରୀ।

ସିକନ୍ଦରାବାଦରେ ଜନ୍ମିତ ଛେତ୍ରୀ ଭାରତ ପାଇଁ ଅସୀମିତ ସଫଳତା ଅର୍ଜନ କରିଛନ୍ତି। ୨୦୦୭, ୨୦୦୯ ଓ ୨୦୧୨ରେ ସେ ଭାରତକୁ ନେହେରୁ କପ୍ ଓ ୨୦୧୧, ୨୦୧୫ ଓ ୨୦୨୧ରେ ସାଫ୍ ଚାମ୍ପିୟନଶିପ୍‌ରେ ବିଜୟୀ କରିଥିଲେ। ୨୦୦୮ରେ ଏଏଫ୍‌ସି ଚ୍ୟାଲେଞ୍ଜ କପ୍ ବିଜୟୀ ହୋଇ ୨୭ ବର୍ଷ ପରେ ଏଏଫ୍‌ସି ଏସିଆନ୍ କପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ୨୦୦୨ରେ ମୋହନବାଗାନ ପକ୍ଷରୁ ସେ ନିଜ କ୍ଲବ କ୍ୟାରିୟର ଆରମ୍ଭ କରିଥିଲେ। ଏହା ସହ ସେ ଇଷ୍ଟବେଙ୍ଗଲ, ଡେମ୍ପୋ, ମୁମ୍ବାଇ ସିଟି ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ପକ୍ଷରୁ ଖେଳିଥିଲେ। ୨୦୧୦ରେ ମେଜର ଲିଗ୍ ସକରରେ କାନ୍‌ସାସ ସିଟି ୱିଜାର୍ଡସ ପକ୍ଷରୁ ଖେଳିଥିଲେ। ସେହିପରି ପର୍ତ୍ତୁଗୀଜ ଫୁଟ୍‌ବଲ ଲିଗ୍‌ରେ ସେ ସ୍ପୋର୍ଟିଂ ସିପି ପାଇଁ ଖେଳିଥିଲେ। ନିଜ କ୍ୟାରିୟରରେ ୭ ଥର ଏଆଇଏଫ୍ଏଫ୍ ପକ୍ଷରୁ ଶ୍ରେଷ୍ଠ ଫୁଟ୍‌ବଲର ହୋଇଥିଲେ ଛେତ୍ରୀ। କ୍ଲବ୍ ଫୁଟବଲରେ ବେଙ୍ଗାଲୁରୁ ଏଫ୍‌ସି ସହ ଛେତ୍ରୀଙ୍କୁ ମିଳିଥିଲା ସବୁଠୁ ଅଧିକ ସଫଳତା। ୨୦୧୪ ଓ ୨୦୧୬ରେ ସେ ବେଙ୍ଗାଲୁରୁ ଏଫ୍‌ସି ସହ ଆଇ ଲିଗ୍ ଚାମ୍ପିୟନ ହୋଇଥିଲେ। ୨୦୧୮ରେ ସୁପର୍ କପ୍, ୨୦୧୯ରେ ଆଇଏସ୍ଏଲ୍ ଜିତିବା ସହ ୨୦୧୬ରେ ଏଏଫ୍‌ସି କପ୍ ଫାଇନାଲ ଖେଳିଥିଲା ବେଙ୍ଗାଲୁରୁ ଏଫ୍‌ସି।

## ଖଲ୍ଲିକୋଟରେ ୧୪୪...

ସୁଦର୍ଶନ ପାହାନ, କାର୍ତ୍ତିକ ପରିଡ଼ା। ସେମାନଙ୍କୁ ସ୍ଥାନୀୟ ଲୋକେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସା ପାଇଁ ଦିଲ୍ଲୀପଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ରାତିରେ ଖଲ୍ଲିକୋଟ ଥାନା ଘେରାଉ କରିବା ସହିତ ଧାରଣାରେ ବସିଥିଲେ। ଗୁରୁବାର ହିଂସା ଉଗ୍ରରୂପ ଧାରଣ କରିଥିଲା। ଖଲ୍ଲିକୋଟ ଥାନା ସମ୍ମୁଖରେ ମୃତକଙ୍କ ପରିବାର ଓ ହଜାର ହଜାର ଭାଜପା କର୍ମୀଙ୍କ ସହିତ ସାଧାରଣ ଜନତା ଧାରଣାରେ ବସିଥିଲେ। ଏଥିସହିତ ଆସିକା-ଭୁବନେଶ୍ୱର ରାଜ୍ୟ ରାଜପଥକୁ ଭାଜପା କର୍ମୀମାନେ ଅବରୋଧ କରିଥିଲେ। ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟଙ୍କ ବାସଭବନ ସମ୍ମୁଖରେ ରଖାଯାଇଥିବା ତାଙ୍କ ବ୍ୟକ୍ତିଗତ ବୋଲେରୋ, ବିଧାୟିକାଙ୍କ ପ୍ରଚାର ଗାଡ଼ି, ଗୋଟିଏ କାର ଏବଂ ୪ଟି ବାଇକ୍‌କୁ ଉତ୍ତେଜିତ ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲେ। ପୋଲିସକୁ ଦାୟୀ କରିବା ସହିତ ବିଜେଡି ନେତା ଦୈତାରୀ ବେହେରାଙ୍କ ବିରୋଧରେ ଭାଜପା କର୍ମୀମାନେ ନାରା ଦେଇଥିଲେ। ଖଲ୍ଲିକୋଟ ଭାଜପା ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠି ଓ ଆସିକା ଏମପି ପ୍ରାର୍ଥୀ ଅନିତା ଶୁଭଦର୍ଶିନୀ, ଭାଜପା ନେତା ମହେଶ ମହାନ୍ତି ପ୍ରମୁଖ ଥାନାକୁ ଆସି ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ପୋଲିସ ଉତ୍ତେଜନା ପରିସ୍ଥିତିକୁ ପ୍ରଶମିତ କରିବାକୁ ୮ଜଣ ଅଭିଯୁକ୍ତ ବାନାୟର ପ୍ରଧାନ ଓରଫ ବାନା (୩୮), କୁମାର ତରେଇ (୨୮), ସମୀର ସାହୁ (୨୨), ଶ୍ରୀକାନ୍ତ ପ୍ରଧାନ (୨୧), ମନୁଆ ତରେଇ (୩୨), କନ୍ଧ ତରେଇ (୫୮), ମନୋଜ କୁମାର ପ୍ରଧାନ (୨୭), ଦୀପକ ନାହାକ (୨୦)ଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଥାନାକୁ ଆଣୁଥିବା ବେଳେ ଉତ୍ତେଜିତ ଲୋକେ ଅଭିଯୁକ୍ତ ଓ ପୋଲିସଙ୍କୁ ଟେକା, ପଥର ଓ ପାଣି ବୋତଲ ମାଡ଼ କରିଥିଲେ। ପୋଲିସ ମଧ୍ୟ ପାଲଟା ଲାଠି ଚାଳନା କରିବା ସହ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ଗୋଡ଼େଇ ଗୋଡ଼େଇ ଲୋକମାନଙ୍କୁ ପିଟିବା ସହ ଥାନା ସମ୍ମୁଖରେ ରଖାଯାଇଥିବା ବହୁ ବାଇକ, ସ୍କୁଟି ଓ କାର୍‌ଗୁଡ଼ିକୁ ଲାଠିରେ ବାଡ଼େଇ ଓ ପଥରରେ ଛେଚି ଭାଙ୍ଗି ଦେଇଥିଲା। ଫଳରେ ଲୋକମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ୧୪୪ ଧାରା ଜାରି କରାଯାଇଥିଲା। ଖବର ପାଇ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଏସପି, ଏସ୍‌ଡିପିଓ ଗୌରହରି ସାହୁ, ବିଡିଓ, ତହସିଲଦାର ପ୍ରମୁଖ ପହଞ୍ଚି ସ୍ଥିତି ଉପରେ ସମୀକ୍ଷା କରିଥିଲେ। ପୋଲିସ ଉପରକୁ ପଥର ମାଡ଼ ଘଟଣାରେ ୫ ଜଣ ଭାଜପା କର୍ମୀଙ୍କୁ ଥାନାରେ ଅଟକ ରଖାଯାଇଥିବା ଥାନା ଅଧିକାରୀ ନରେଶ କୁମାର ସାହୁ କହିଛନ୍ତି। ଗୁରୁବାର ରାତିରେ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି।

## +୯୨ ନମ୍ବରରୁ ...

ବାରମ୍ବାର ଏଭଳି ଘଟଣା ବୃଦ୍ଧି ପାଇବାରୁ ଓଡ଼ିଶା ପୋଲିସ ପକ୍ଷରୁ ସତର୍କ କରାଯାଇଛି। ଗୁରୁବାର ଓଡ଼ିଶା ପୋଲିସ ପକ୍ଷରୁ ଏହାର ସାମାଜିକ ଗଣମାଧ୍ୟମ ଜରିଆରେ ଏସଂକ୍ରାନ୍ତରେ ସଚେତନ କରାଯାଇଛି। ଓଡ଼ିଶା ପୋଲିସର ଫେସବୁକ, ଏକ୍ସ, ଇନ୍‌ଷ୍ଟାଗ୍ରାମ ଆଦି ସାମାଜିକ ଗଣମାଧ୍ୟମ ଜରିଆରେ ଏନେଇ ସଚେତନଭିତ୍ତିକ ପୋଷ୍ଟ କରାଯାଇଛି। ଉକ୍ତ ପୋଷ୍ଟରେ କୁହାଯାଇଛି ଯେ, '+୯୨ ନମ୍ବର ଥିବା ହ୍ୱାଟ୍ସଆପ୍ କଲ୍ ଠାରୁ ଦୂରେଇ ରୁହନ୍ତୁ। ଅପରାଧୀମାନେ ଏବେ ଟଙ୍କା ଆଦାୟ କରିବା ପାଇଁ ହ୍ୱାଟ୍ସଆପ୍ କଲ୍ କରିବା ସହ ପୋଲିସ ଅଧିକାରୀଙ୍କ ଫଟୋ ବ୍ୟବହାର କରୁଛନ୍ତି। ଆପଣଙ୍କ ପ୍ରିୟଜନଙ୍କ ନାମରେ ଗୁରୁତର ଅପରାଧର ମିଥ୍ୟା ଅଭିଯୋଗ କରି, ଟଙ୍କା ଲୁଟିବା ପାଇଁ ନୂତନ କୌଶଳ ବ୍ୟବହାର କରୁଛନ୍ତି। ଏନେଇ ସତର୍କ ହେବା ସହ ସଜାଗ ରହିବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ବିଶାଳ...

ଛକ, ୟୁନିଟ୍-୮, ଡିଏଭି ସ୍କୁଲ ଛକ, ଏଚ୍‌ଡିଏଫ୍‌ସି ଛକ, ବାଲୁଙ୍କେଶ୍ୱର ମନ୍ଦିର ଦେଇ ରୋଡ୍ ଶୋ' ଆଗକୁ ଚାଲିଥିଲା। ରାସ୍ତାର ଦୁଇକଡ଼ରେ ଶହ ଶହ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ମମତାଜ ଅଲ୍ଲୀ ହାଇସ୍କୁଲ, ଶ୍ରୀକ୍ରିଷ୍ଣା କ୍ଲବ, କଳିଙ୍ଗ ଷ୍ଟାଡିୟମ, ନିକୋପାର୍କ ଛକ, ବାୟାବାବା ଲେନ୍, ରୂପାଲି ଛକ, ସତ୍ୟନଗର, ଶ୍ରୀୟା ଛକ, ମାଷ୍ଟର କ୍ୟାଣ୍ଟିନ, ରାଜମହଲ ଛକ ଦେଇ ଶିଶୁ ଭବନ ଛକ ପର୍ଯ୍ୟନ୍ତ ଯାଇଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ'କୁ ଦୀର୍ଘ ସମୟ ଧରି ଅପେକ୍ଷା କରିଥିବା ଦେଖାଯାଇଥିଲା। ରୋଡ୍ ଶୋ ବେଳେ ମୁଖ୍ୟମନ୍ତ୍ରୀ ବସ୍‌ର ଖୋଲା ରୁଫ ଦେଇ ଲୋକଙ୍କୁ ହାତହଲାଇ ଅଭିନନ୍ଦନ ଜଣାଇବା ସହ ଦଳୀୟ ପ୍ରାର୍ଥୀମାନଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ଅନୁରୋଧ କରିଥିଲେ। ଏହି ରୋଡ୍ ଶୋ'ରେ ବିଜେଡି ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ, ଭୁବନେଶ୍ୱର ଏକାମ୍ର ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା, ମଧ୍ୟ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନାଙ୍କ ସମେତ ବିଜେଡିର ବହୁ ବରିଷ୍ଠ ନେତା ଓ କର୍ମୀ ସାମିଲ ହୋଇଥିଲେ।

## ଓଡ଼ିଶାର ସମୃଦ୍ଧି...

କରିବ। ୭୦ ବର୍ଷ ବୟସର ଲୋକ ମଧ୍ୟ ମାଗଣା ଚିକିତ୍ସା ସୁବିଧା ପାଇବେ ବୋଲି ନଡ୍ଡା କହିଥିଲେ। ସେହିପରି ଓଡ଼ିଶା ବିକାଶ ପାଇଁ ସବୁବେଳେ ମୋଦି ସହଯୋଗ କରି ଆସିଛନ୍ତି। ଶାସନ ଏବେ କିଏ ଚଳାଉଛି? ଭୋଟ ଜଣକୁ ଦିଆଯାଉଛି, କିନ୍ତୁ ସରକାର ଅନ୍ୟ କିଏ ଚଳାଉଛି? ଅଧିକାରୀ ଏଠାରେ ସରକାର ଚଳାଉଛନ୍ତି। ବିଧାୟକ, ଏମ୍‌ପି ହାତବାନ୍ଧି ବସିଛନ୍ତି। ଯାହାକୁ ସାଧାରଣ ଲୋକ ଭୋଟ ଦେଇ ନିର୍ବାଚିତ କରିଛନ୍ତି ସେମାନଙ୍କ କଥା ଶୁଣାଯାଉନି, କିନ୍ତୁ ଯାହା କଥା ଶୁଣାଯାଉଛି ସେମାନଙ୍କୁ ଜାଣିନାହାନ୍ତି। ଏଭଳି ସରକାର ରହିବାର ଆବଶ୍ୟକତା ନାହିଁ। ମୁଖ୍ୟମନ୍ତ୍ରୀ ଭାଷଣ ଦେଉଛନ୍ତି କି? ଆପଣଙ୍କ କଥା ଶୁଣୁଛନ୍ତି କି? ଯଦି ନା ତେବେ ଏ ସରକାରର ଆବଶ୍ୟକତା କ'ଣ ବୋଲି ପ୍ରଶ୍ନ କରିଥିଲେ। ଯଦି ଓଡ଼ିଆ ଭାଷାରେ କହୁଥିବା ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି, ଯିଏ ପ୍ରତିଦିନ ଲୋକଙ୍କ ସମସ୍ୟାକୁ ବୁଝୁଥିବ, ତେବେ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରନ୍ତୁ। ସୁଭଦ୍ରା ଯୋଜନାକୁ ଲାଗୁ କରିବାକୁ ହେଲେ ଭାଜପା ସରକାର ଆଣିବାକୁ ହେବ। ରତ୍ନଭଣ୍ଡାର ଚାବି ଚାହୁଁଥିଲେ ପଦ୍ମ ଫୁଲରେ ମୋହର ମାରିବାକୁ ଅପିଲ କରିଛନ୍ତି ନଡ୍ଡା। ଲୋକଙ୍କ ସହ ବହୁତ ଅତ୍ୟାଚାର ହେଲାଣି, କିନ୍ତୁ ଏବେ ଆଉ ସହିବେନି। ଏଥର ବିକାଶ ପାଇଁ ଭାଜପାକୁ ବାଛିବେ ବୋଲି ସେ କହିଛନ୍ତି। ସେହିପରି ଗତ୧୦ବର୍ଷ ଧରି ଶାସନ କରୁଥିବା ମୋଦି ନେତୃତ୍ୱାଧୀନ ଭାଜପା ସରକାର ସବ୍‌କା ସାଥ, ସବକା ବିକାଶ, ସବକା ବିଶ୍ୱାସର ଆଧାରରେ ବିଭିନ୍ନ ଲୋକାଭିମୁଖୀ ଯୋଜନା କାର୍ଯ୍ୟ କରିଛନ୍ତି। ଏଥର ମଧ୍ୟ ସୁନ୍ଦରଗଡରେ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରି ଓଡିଶାରେ ଡବଲ ଇଞ୍ଜିନ ସରକାର ଗଠନ ପାଇଁ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରସାଦ ନଡ୍ଡା ଆହ୍ୱାନ ଦେଇଛନ୍ତି। ଅପରାହ୍ନରେ ସୁନ୍ଦରଗଡ ଶଙ୍କରା ପଡିଆଠାରେ ଭାଜପା ରାଷ୍ଟ୍ରୀୟ ସଭାପତି ନଡ୍ଡା ଏକ ବିଶାଳ ଜନସଭାକୁ ଉଦ୍‌ବୋଧନ ଦେଇ ପ୍ରଥମେ ସୁନ୍ଦରଗଡ଼ ମାଟିର ସ୍ୱାଧୀନତା ସଂଗ୍ରାମୀଙ୍କୁ ପ୍ରଣାମ ଜଣାଇ ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ଆଦିବାସୀଙ୍କ ସଂସ୍କୃତି, ପରମ୍ପରା ପାଇଁ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ରଖି ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଦିବାସୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ କିପରି ଉଜ୍ଜଳ ହେବ ସେନେଇ ପ୍ରଧାନମନ୍ତ୍ରୀ ମୋଦି ଆଦର୍ଶ ବିଦ୍ୟାଳୟର ବଜେଟ ୨୧ ପ୍ରତିଶତ ବୃଦ୍ଧି କରିଛନ୍ତି। ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ସେ କହିଛନ୍ତି, ଭୋଟ ଦେଇ ନବୀନ ବାବୁଙ୍କୁ ଜିତାଉଛନ୍ତି। କିନ୍ତୁ ଅସଲରେ ସରକାର କିଏ ଚଳାଉଛି ତାହା ଆପଣମାନେ ଜାଣନ୍ତି। ଜଣେ ଅଫିସର ପାଇଁ ଏଠାରେ ଓଡ଼ିଆ ଅସ୍ମିତା ବିପଦରେ ପଡିଛି। ଏହା ସହ ଏମପି ପ୍ରାର୍ଥୀ ଜୁଏଲ ଓରାମ, ବିଧାୟକ ପ୍ରାର୍ଥିନୀ କୁସୁମ ଟେଟେ, ତଳସରାର ଭବାନୀ ଶଙ୍କର ଭୋଇ ଓ ରାଜଗାଙ୍ଗପୁରର ନରସିଂହ ମିଞ୍ଜଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ଏହି ସଭାରେ ପୂର୍ବତନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ଜୁଏଲ ଓରାମ, କୁସୁମ ଟେଟେ, ଭବାନୀ ଶଙ୍କର ଭୋଇ, ମେଘନାଦ ନାଏକ, ସନ୍ତୋଷ ଅମାତ, ହକି ତାରକା ପ୍ରବୋଧ ତିର୍କୀ, ପୌର ଉପାଧ୍ୟକ୍ଷା ତନୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନେତା ଗିରିଶ ସାହୁ ମଞ୍ଚ ପରିଚାଳନା କରିଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ନାଏକ ଧନ୍ୟବାଦ ଦେଇଥିଲେ। ପଦ୍ମପୁର ନିର୍ବାଚନୀ ସଭାରେ ଭାଜପା ବରଗଡ଼ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପୁରୋହିତ, ପଦ୍ମପୁର ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏଁଙ୍କ ସମେତ ଜିଲାର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଭାଜପା ୨୦୦ ଆସନ...

କ୍ଷତି କରିଦେଲେ। ଅନ୍ୟପଟେ ଓଡ଼ିଶାରେ ବେରୋଜଗାର ବହୁତ ରହିଛି, ଦରବୃଦ୍ଧି ଏକ ବଡ଼ ସମସ୍ୟା ଭାବେ ଏଠାରେ ଉଭା ହୋଇଛି। ଶସ୍ତାରେ ମଜୁରିଆ ବାହାରକୁ ଯିବା ନେଇ ଓଡ଼ିଶାର ପରିଚୟ ସୃଷ୍ଟି ହୋଇଛି। ଓଡ଼ିଶାରେ ପ୍ରାକୃତିକ ସମ୍ପଦ ପରିପୂର୍ଣ୍ଣ ଥିବାବେଳେ ଏଠାରୁ ତାହା ବାହାର ରାଜ୍ୟକୁ ଯାଉଛି। ବାହାର ରାଜ୍ୟରେ ଉକ୍ତ କଞ୍ଚାମାଲ ବ୍ୟବହାର କରିବା ଲାଗି ବଡ଼ ବଡ଼ ଫ୍ୟାକ୍ଟ୍ରି ରହିଛି, ହେଲେ ଓଡ଼ିଶାରେ ତାହା ଉତ୍ପାଦନ ହୋଇପାରୁନାହିଁ। ଏ ସମସ୍ୟା ହଟାଇବାକୁ ହେଲେ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଥିବା ସରକାରକୁ ବଦଳାଇବାକୁ ପଡ଼ିବ। ଚିଟ୍‌ଫଣ୍ଡ, ଖଣି ଘୋଟାଲା କାରଣରୁ ରାଜ୍ୟ ସରକାରଙ୍କ ପରିଚୟ ଭ୍ରଷ୍ଟ ସରକାର ଭାବେ ତିଆରି ହୋଇଛି। ଏଥର ଲୋକମାନେ ବିଜେଡିକୁ ଭୋଟ ଦେବେ ନାହିଁ। ଏଥିପାଇଁ ବିଜେଡି-ଭାଜପା ସମାନ ଭାବେ ଦାୟୀ। ରାଜ୍ୟରେ ୪୧ ପ୍ରତିଶତ ବେରୋଜଗାରି ରହିଛି। ତେଣୁ ଏତେ ବର୍ଷ ଶାସନରେ ରହିବା ପରେ ବିଜେଡି କ'ଣ ବିକାଶ କରିଛି। ବିଜେଡି ଏଠାରେ ଲୋକଙ୍କୁ ସାହାଯ୍ୟ କରିବା ଛାଡ଼ିଦେଇଛି। ଓଡ଼ିଶାକୁ ବରବାଦ କରିବାରେ ବିଜେଡି-ଭାଜପା ଉଭୟଙ୍କ ହାତ ଅଛି। ତେଣୁ ଏଥର ବିରୋଧୀ ମେଣ୍ଟକୁ ଭୋଟ ଦେଇ ସରକାରକୁ ଆଣନ୍ତୁ। କାରଣ ବିରୋଧୀ ମେଣ୍ଟ ସମ୍ବିଧାନକୁ ବଞ୍ଚାଇବା, ଦେଶକୁ ଏକତ୍ରିତ କରି ରଖିବା ପାଇଁ ନିର୍ବାଚନ ଲଢୁଛି। ଖଣି, ପ୍ରାକୃତିକ ସମ୍ପଦ ଏଠାରେ ଲୁଟ୍ ଚାଲିଛି। ପ୍ରଧାନମନ୍ତ୍ରୀ ଏବେ ଗ୍ୟାରେଣ୍ଟି କଥା କହୁଛନ୍ତି। ପୂର୍ବରୁ ଯୋଉ ଗ୍ୟାରେଣ୍ଟି ଦେଇଥିଲେ ସେ କଥା କ'ଣ ହେଲା। ୧୫ ଲକ୍ଷ ଟଙ୍କା ଲୋକଙ୍କ ଆକାଉଣ୍ଟକୁ ଗଲା କି , ୨ କୋଟି ନିଯୁକ୍ତି କୁଆଡ଼େ ଗଲା, କୃଷକଙ୍କ ରୋଜଗାର ୨ ଗୁଣା କରିପାରିଲେ କି ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି।

ଖାର୍ଗେ ଆହୁରି କହିଛନ୍ତି, ଏବେ ମୋଦି ଯୋଉ ଗ୍ୟାରେଣ୍ଟି କଥା କହୁଛନ୍ତି, ଏମାନେ କ'ଣ କରିଛନ୍ତି। ପେଟ୍ରୋଲ, ଡିଜେଲ, ଔଷଧ, ସାର , ଟ୍ରାକ୍ଟର ଦାମ୍ ବଢ଼ିଛି। ଟ୍ରାକ୍ଟର ଚକାର ଦାମ୍ ବଢ଼ିବା ସହ ସେଥିରେ ଜିଏସ୍‌ଟି ଦେବାକୁ ପଡୁଛି। ଏଥର ସାଧାରଣ ଜନତା ମୋଦିଙ୍କ ବିରୋଧରେ ଲଢୁଛନ୍ତି। ଏଥିଲାଗି କଂଗ୍ରେସ ୫ ନ୍ୟାୟ, ୨୫ ଗ୍ୟାରେଣ୍ଟି ତିଆରି କରିଛି। କଂଗ୍ରେସ ଖାଦ୍ୟ ସୁରକ୍ଷା ଆଇନ, ଏମ୍‌ଜିଏନ୍ଆର୍‌ଇଜିଏସ୍, ରାଇଟ୍ ଟୁ ଏଜୁକେଶନ ଆଣିବା ପରେ ଲୋକଙ୍କୁ ସାହାଯ୍ୟ ମିଳିଥିଲା। ସରକାରକୁ ଆସିବାବେଳେ ଆମେ ଏସବୁ ଗ୍ୟାରେଣ୍ଟି ଦେଇ ନ ଥିଲୁ। ହେଲେ ଭାଜପା ସରକାରକୁ ଆସିବା ପରେ ସବୁ କାମ କଲୁ। ବିମୁଦ୍ରୀକରଣ ପରେ କଳାଧନ ଫେରିଲାନାହିଁ, ହେଲେ ଆଦାନୀ ଏବଂ ଅମ୍ବାନୀଙ୍କ ପାଖରେ ପୁଳାପୁଳା ଟଙ୍କା ବାହାରିଲା। କୁଆଡ଼େ କଳାଧନ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ବିରୋଧୀ ମେଣ୍ଟ ସରକାରକୁ ଆସିଲେ ସବୁ ଗ୍ୟାରେଣ୍ଟି କଂଗ୍ରେସ ପୂରଣ କରିବ ବୋଲି ଖାର୍ଗେ କହିଛନ୍ତି।

# ଦେଶ ବଞ୍ଚାଇବାକୁ ହେଲେ କଂଗ୍ରେସକୁ କ୍ଷମତାକୁ ଆଣ: ଖାର୍ଗେ

■ ଯାହା ହୋଇଛି କଂଗ୍ରେସ କରିଛି
■ ଭାଜପା ସମ୍ବିଧାନ ଉଠାଇବାକୁ ଚାହୁଁଛି
■ କ୍ଷମତାକୁ ଆସିଲେ ଚାଷୀଋଣ ଛାଡ଼


ଫୁଲବାଣୀର କରୋନେଶନ ପଡ଼ିଆରେ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ସ୍ୱାଗତ କରାଯାଉଛି।

ଫୁଲବାଣୀ,୧୬।୫
(ରାକେଶ କୁମାର ରାଉତ)

ଦୀର୍ଘ ବର୍ଷ ହେଲା ଓଡ଼ିଶାରେ ଗୋଟିଏ ସରକାର ଚାଲିଛି। ଯେଉଁ ଦଳ ଶାସନ କରୁଛି, ତାହାକୁ ଭାଜପା ସୃଷ୍ଟି କରିଥିଲା। ଆଜି ଯାଏ ଓଡ଼ିଶାରେ ଦଳିତ, ଆଦିବାସୀ, ପଛୁଆ ବର୍ଗର ଲୋକେ ଯେପରି ଥିଲେ ସେପରି ଅଛନ୍ତି। ଭାଜପା କଥାରେ ଏହି ଦଳ ଚାଲିଛି। ଯୁବ ବର୍ଗଙ୍କ ପାଖରେ ରୋଜଗାର ନାହିଁ। ମା'ମାନେ ଆଜି ହଇରାଣ ହେଉଛନ୍ତି। ଆମେ କଥା କହିବା, ପଢ଼ିବା, ଲେଖିବା ପାଇଁ ଭାରତୀୟ ସମ୍ବିଧାନ କ୍ଷମତା ଦେଇଛି। କିନ୍ତୁ ମୋଦି ସରକାର ସମ୍ବିଧାନ ବଦଳାଇବାକୁ ଚାହୁଁଛି। ମୋଦି ସରକାର ଆସିଲେ ପୁଣି ବ୍ରିଟିଶ୍‌ରାଜ ଚାଲିବ। ଏଥିରୁ ବଞ୍ଚିବାକୁ ହେଲେ କଂଗ୍ରେସ ତଥା ଇଣ୍ଡିଆ ଆଲାଏନ୍ସକୁ କ୍ଷମତାକୁ ଆଣିବାର ଅଛି ବୋଲି କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗୁରୁବାର ଫୁଲବାଣୀ କରୋନେଶନ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ କହିଛନ୍ତି। ଏଥିସହ କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜିତାଇବାକୁ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

ପୂରା ଦେଶରେ କନ୍ଧମାଳର ପରିଚୟ ରହିଛି। ଭାଜପା ହେଉଛି ଏକ ପ୍ରକାର ସରକାର, ଯିଏ ଗରିବଙ୍କ କଥା ବୁଝୁନାହାନ୍ତି। କନ୍ଧମାଳ ଦଙ୍ଗା ନାଁରେ ଭୋଟ ମାଗୁଛନ୍ତି। ଏହି ଆଦିବାସୀ ଜିଲାରେ ରେଳ ସଂଯୋଗ ଆଜିଯାଏ ନାହିଁ। ଯିଏ ରେଳମନ୍ତ୍ରୀ ଅଛନ୍ତି, ସେ ବିଜେଡି ଏବଂ ଭାଜପା ସରକାରଙ୍କର। କିନ୍ତୁ ନିଜ ରାଜ୍ୟରେ କିଛି କଲେ ନାହିଁ। ଓଡ଼ିଶାରୁ ରାଜ୍ୟ ସଭାକୁ ଯାଇ ମନ୍ତ୍ରୀ ହେଲେ। କିନ୍ତୁ ମୋଦିଙ୍କ ସେବା ଅହମ୍ମଦାବାଦରେ କରୁଛନ୍ତି। ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବି ଜାଣିବା ଦରକାର। ଯାହାକୁ ରାଜ୍ୟ ସଭାକୁ ପଠାଇଲ, ସେ ତୁମ ରାଜ୍ୟ ପାଇଁ କିଛି କରୁନାହାନ୍ତି। ଏହି ଜିଲାର ହଳଦୀକୁ ଜିଆଇ ଟ୍ୟାଗ ମିଳିଛି, କିନ୍ତୁ ହଳଦୀ ଚାଷୀଙ୍କୁ କିଛି ସୁବିଧା ମିଳୁନାହିଁ। ଭାଜପା ହଳଦୀ ଚାଷୀଙ୍କୁ ଏମ୍‌ଏସ୍‌ପି ଦେଲା ନାହିଁ। ଚାଷୀଙ୍କୁ ଠିକ୍ ମାର୍କେଟ ମିଳୁନାହିଁ। ଚାଷୀଙ୍କ ପାଇଁ ଶୀତଳଭଣ୍ଡାର ନାହିଁ। ଚାଷୀଙ୍କ ଦୁରବସ୍ଥା ଦୁଇଗୁଣ ହୋଇଛି। ସବୁ ମହଙ୍ଗା ହୋଇଛି। କିନ୍ତୁ ମୋଦି କହୁଛନ୍ତି ଆମେ ଦେଶ ପାଇଁ ସବୁ କରିଛୁ। ତୁମେ କ'ଣ କରିଛ ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି। ପାରାଦୀପ ବନ୍ଦରଠାରୁ ଆରମ୍ଭ କରି ହୀରାକୁଦ ବନ୍ଧ, ଆରଟିଆଇ ଆକ୍ଟ, ଏମ୍‌ଜିଏନ୍‌ଆରଇଜିଏସ୍ ସବୁ କଂଗ୍ରେସ କରିଛି। ସେହିପରି କଂଗ୍ରେସ କ୍ଷମତାକୁ ଆସିଲେ ଚାଷୀଙ୍କ ଋଣଛାଡ଼ କରାଯିବ। ସମସ୍ତ ଜିନିଷରୁ ଜିଏସ୍‌ଟି ଛାଡ଼ କରାଯିବ। ଆମେ ଗରିବଙ୍କର ହେଲା ବେଳେ ଭାଜପା ବଡ଼ ଲୋକଙ୍କ ସରକାର ବୋଲି କହିଛନ୍ତି।

ବିଗତ ୧୦ ବର୍ଷ ହେଲା ଓଡ଼ିଶାରେ ଆଦିବାସୀଙ୍କ ବିରୋଧରେ ୪୫ ପ୍ରତିଶତ ଅପରାଧ ବଢ଼ିଛି। ୨୪ ବର୍ଷ ହେଲା ଓଡ଼ିଶାରେ ପେସା ଆଇନ ଲାଗୁ ହେଲାନି। ୨୨ ଲକ୍ଷ ଗରିବଙ୍କୁ ଜମି ପଟ୍ଟା ମିଳିନାହିଁ। ଆଦିବାସୀଙ୍କ ନାମରେ ଥିବା ମାମଲାକୁ ଉଠାଇ ଦିଆଯିବ, ଓଡ଼ିଶାରେ ବେରୋଜଗାରି ଦୂର ହେବ। ଆମ ସରକାର ଆସିଲେ ଏହା ସବୁ କରିକି ଦେଖାଇବୁ। ଆମ୍ବେଦକର ଦେଶର ସମ୍ବିଧାନ ପ୍ରଣୟନ କରିଛନ୍ତି। ମୋଦି ଏବେ ଏହାକୁ ବଦଳାଇବାକୁ ଚାହୁଁଛନ୍ତି। ଆମକୁ ବଞ୍ଚିବାକୁ ହେଲେ ସମ୍ବିଧାନ, ଲୋକତନ୍ତ୍ରକୁ ସୁରକ୍ଷିତ ରଖିବାର ଅଛି। ତେଣୁ ଆମ ପ୍ରାର୍ଥୀଙ୍କୁ ବିଜୟୀ କରାନ୍ତୁ ବୋଲି ଖାର୍ଗେ ଜନସାଧାରଣଙ୍କୁ କହିଛନ୍ତି। ସେହିପରି କଂଗ୍ରେସ ଆସିଲେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଜଣଙ୍କୁ ମଜୁରି ୪୦୦ ଟଙ୍କା ମିଳିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ଶରତ ପଟ୍ଟନାୟକ, ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ମଲ୍ଲୁଭଟି ବିକ୍ରମମାର୍କା, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ରାଜ୍ୟ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ଏଆଇସିସି ସମ୍ପାଦକ ସେହେନବାଜ ହୁସେନ, ଜିଲା କଂଗ୍ରେସ କମିଟି ସଭାପତି ଚନ୍ଦ୍ରଶେଖର ପରିଡ଼ା, ଜିଲା ପ୍ରଚାର କମିଟି ଅଧ୍ୟକ୍ଷ ହେମନ୍ତ କର, ମହିଳା କଂଗ୍ରେସ ସଭାପତି ରୁଦା ମଲ୍ଲିକ, ଯୁବ କଂଗ୍ରେସ ସଭାପତି ଚନ୍ଦନ ପଣ୍ଡା, ଛାତ୍ର କଂଗ୍ରେସ ସଭାପତି ଏସ୍‌କେ ସାକିଲ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ନନ୍ଦକିଶୋର ଦାଶ, ମିଡିଆ ଅଧ୍ୟକ୍ଷ ବସନ୍ତ କୁମାର ପାଢ଼ୀ, ରଜତ ମହାନ୍ତି, ଶିବଶଙ୍କର ବେହେରା, ଶିବଶଙ୍କର ସାମନ୍ତରାୟ, ବଳଦେବ ବେହେରା, ଗୌର ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୫ ପ୍ରଶ୍ନ ନେଇ ବିଜେଡିକୁ ଘେରିଲେ କେନ୍ଦ୍ରମନ୍ତ୍ରୀ କୁଲସ୍ତେ



ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଫଗନ ସିଂ କୁଲସ୍ତେ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୬।୫(ସୁନିତ୍ ମିଶ୍ର)

ଓଡ଼ିଶାରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା, ଚିଟ୍‌ଫଣ୍ଡ ଜମାକାରୀଙ୍କ ଅର୍ଥ ଫେରସ୍ତ, ଓଡ଼ିଶାକୁ ଦାଦନମୁକ୍ତ ରାଜ୍ୟ କରାଇବା, ମାଇନିଂ ସ୍କାମ୍‌ରେ ଦୋଷୀଙ୍କୁ ଦଣ୍ଡିତ କରିବା ଓ ଆଦିବାସୀ ବିରୋଧୀ ମନୋଭାବକୁ ନେଇ ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଫଗନ ସିଂ କୁଲସ୍ତେ ୫ଟି ପ୍ରଶ୍ନ ପଚାରିଛନ୍ତି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁଲସ୍ତେ କହିଛନ୍ତି, ବେବିନା, ପିହୁ, ପରୀ, ମାଧବୀଲତା ଓ ସସ୍ମିତାଙ୍କ ପ୍ରତି ହୋଇଥିବା ଅତ୍ୟାଚାରର ତଦନ୍ତରେ ଏ ପର୍ଯ୍ୟନ୍ତ କେହି ଦୋଷୀ ସାବ୍ୟସ୍ତ ହେଲେ ନାହିଁ। ଯେଉଁ ନେତାମାନଙ୍କ ନାମରେ ଏହି ନାରୀ ନିର୍ଯାତନା ଅଭିଯୋଗ ରହିଛି, ସେମାନଙ୍କୁ ନିର୍ବାଚନରେ ଲଢ଼ିବା ପାଇଁ ଟିକେଟ ପ୍ରଦାନ କରାଯାଇଛି। ନାରୀ ନିର୍ଯାତନାକାରୀଙ୍କୁ କେବେ ଦଣ୍ଡ ଦିଆଯିବ, ସେକଥା ନବୀନ ଉତ୍ତର ଦିଅନ୍ତୁ। ସେହିପରି ୩୪୨ଟି ଚିଟ୍‌ଫଣ୍ଡ କମ୍ପାନୀ ଦ୍ୱାରା ୨ କୋଟି ୬୦ ଲକ୍ଷ ଓଡ଼ିଆଙ୍କଠାରୁ ୪୫୦୦ କୋଟି ଟଙ୍କା ଚିଟ୍‌ଫଣ୍ଡ ଦ୍ୱାରା ଲୁଟ୍ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ଜମାକାରୀମାନେ ଟଙ୍କାଟିଏ ପାଇଲେ ନାହିଁ। ବରଂ ତଦନ୍ତ କମିଶନ ନାମରେ ଓଡ଼ିଆଙ୍କୁ ଭୁଆଁ ବୁଲାଗଲା। ଚିଟ୍‌ଫଣ୍ଡ ଜମାକାରୀଙ୍କୁ କେବେ ଅର୍ଥ ମିଳିବ, ସେନେଇ ନବୀନ ସ୍ପଷ୍ଟୀକରଣ ଦିଅନ୍ତୁ। ରାଜ୍ୟରେ ଦେଢ଼କୋଟି ଦାଦନ ଶ୍ରମିକ ଅନ୍ୟ ରାଜ୍ୟରେ ଖଟୁଥିବା ବେଳେ ଓଡ଼ିଶାକୁ ଏବେ ଦାଦନ ରାଜ୍ୟ ବୋଲି କୁହାଯାଉଛି। ଦେଢକୋଟି ଦାଦନ ଶ୍ରମିକରେ ନବୀନ କେମିତି ନମ୍ବର ୱାନ୍ ହେଲେ ତା'ର ଉତ୍ତର ରଖନ୍ତୁ। ଓଡ଼ିଶାରେ ମାଇନିଂ ସ୍କାମ୍ କୋଟି କୋଟି ଟଙ୍କାର ହୋଇଥିବା ବେଳେ ଶାହା କମିଶନ ତୁରନ୍ତ ଦୋଷୀଙ୍କୁ ଦଣ୍ଡିତ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ମାଇନିଂ ସ୍କାମ୍‌ରେ ଜଡ଼ିତ ମାଫିଆଙ୍କୁ ଗିରଫ କରାଗଲା ନାହିଁ କିମ୍ବା ସେମାନଙ୍କଠାରୁ ଅର୍ଥ ଆଦାୟ କରାଗଲା ନାହିଁ। ଓଡ଼ିଶାରେ ଅର୍ଦ୍ଧାଧିକ ଲୋକସଂଖ୍ୟା ଆଦିବାସୀ ହୋଇଥିବା ବେଳେ ବିଜେଡି ସରକାର ଆଦିବାସୀ ମାରଣ ନୀତି ଗ୍ରହଣ କରିଛି। ଆଦିବାସୀମାନଙ୍କ ଜମିକୁ ମାଫିଆମାନଙ୍କୁ ବିକ୍ରିକରିବା ପାଇଁ ସରକାର ଆଇନ ଆଣିଥିଲେ। କିନ୍ତୁ ବିରୋଧ ଫଳରେ ସେଥିରୁ ସାମୟିକ ଭାବରେ ଓହରିଯାଇଛନ୍ତି। ଯାଜପୁର କଳିଙ୍ଗନଗରଠାରେ ଜମି ଅଧିଗ୍ରହଣକୁ ନେଇ ପୋଲିସ ଗୁଳିରେ ମୃତ୍ୟୁବରଣ କରିଥିବା ଆଦିବାସୀଙ୍କୁ ଏପର୍ଯ୍ୟନ୍ତ ନ୍ୟାୟ ମିଳିଲା ନାହିଁ। ଆଦିବାସୀମାରଣ ନୀତିରୁ ସରକାର କେବେ ଓହରିବେ ତାହା ସ୍ପଷ୍ଟ କରନ୍ତୁ ବୋଲି କୁଲସ୍ତେ କହିଛନ୍ତି।

# ଏକତରଫା ନିର୍ବାଚନ ଜିତିବ ଭାଜପା: ନଡ୍ଡା

**ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ରୋଡ୍ ଶୋ କଲେ ନଡ୍ଡା**
■ ବିଜେଡି ଏବେ ପାଣ୍ଡୁ ଜନତା ଦଳ ହୋଇଗଲାଣି: ଅପରାଜିତା
■ ମାଉସୀମା'ଙ୍କ ମନ୍ଦିରରୁ ଲିଙ୍ଗରାଜ ମନ୍ଦିର ଚାଲିଲା ରୋଡ୍ ଶୋ


ଭୁବନେଶ୍ୱର ଲୋକ ସଭା ଓ ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀଙ୍କ ସହ ରୋଡ୍ ଶୋ କରୁଛନ୍ତି ଜେ.ପି. ନଡ୍ଡା।

ଭୁବନେଶ୍ୱର, ୧୬।୫(ସୁନିତ୍ ମିଶ୍ର)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡା ଗୁରୁବାର ରାଜଧାନୀର ଏକାମ୍ର ନିର୍ବାଚନମଣ୍ଡଳୀରେ ଏକ ବିଶାଳ ରୋଡ୍ ଶୋ' କରିଛନ୍ତି। ଉକ୍ତ ରୋଡ୍ ଶୋ' ମାଧ୍ୟମରେ ଭାଜପା ପ୍ରାର୍ଥୀଙ୍କ ପାଇଁ ସେ ଭୋଟ ଭିକ୍ଷା କରିବା ସହ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ନଡ୍ଡାଙ୍କ ବିଶାଳ ରୋଡ୍ ଶୋ' ମାଉସୀମା' ମନ୍ଦିରଠାରୁ ଆରମ୍ଭ ହୋଇ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ବହୁ ସଂଖ୍ୟାରେ ଭାଜପା କର୍ମକର୍ତ୍ତା ଏବଂ ସାଧାରଣ ଲୋକ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ସମୟ ଧରି ରାସ୍ତାର ଦୁଇ ପାର୍ଶ୍ୱରେ ଭାଜପା କର୍ମୀ ଏବଂ ଲୋକମାନେ ରୋଡ୍ ଶୋ ଦେଖିବା ଲାଗି ଛିଡ଼ାହୋଇଥିବା ଦେଖିବାକୁ ମିଳିଥିଲା। ନଡ୍ଡା ଏକ ପ୍ରଚାର ଗାଡ଼ିରେ ଲିଙ୍ଗରାଜଙ୍କ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ସାଧାରଣ ଜନତା ଓ ଭାଜପା କର୍ମକର୍ତ୍ତାଙ୍କୁ ହାତ ହଲାଇ ଅଭିବାଦନ ଜଣାଇଥିଲେ। ରାସ୍ତାରେ କେତେଜଣ ଲୋକ ନଡ୍ଡାଙ୍କୁ କିଛି ଉପହାର ଦେଉଥିବା ଦେଖିବାକୁ ମିଳିଥିଲା। ଏହି ରୋଡ୍ ଶୋ'ରେ ନଡ୍ଡାଙ୍କ ସହ ଭାଜପା ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଏବଂ ବିଧାୟକ ପ୍ରାର୍ଥୀ ବାବୁ ସିଂ ସାମିଲ ହୋଇଥିଲେ। ରୋଡ୍ ଶୋ'ରେ ଯାଇ ଲିଙ୍ଗରାଜ ମନ୍ଦିରରେ ପହଞ୍ଚିବା ପରେ ନଡ୍ଡା ଲିଙ୍ଗରାଜଙ୍କୁ ଦର୍ଶନ କରିଥିଲେ। ତାଙ୍କ ସହ ଅପରାଜିତା ଏବଂ ବାବୁ ସିଂଙ୍କ ସମେତ ଭାଜପାର କେତେଜଣ କର୍ମୀ ଉପସ୍ଥିତ ଥିଲେ।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ନଡ୍ଡା କହିଛନ୍ତି, ଓଡ଼ିଶାର ଲୋକେମାନେ ମୋଦିଙ୍କୁ ଆଉ ଥରେ କେନ୍ଦ୍ରରେ ଦେଖିବାକୁ ଚାହୁଁଛନ୍ତି। ରାଜ୍ୟବାସୀ ମଧ୍ୟ ଏକ ସକ୍ରିୟ ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି। ଯେଉଁ ମୁଖ୍ୟମନ୍ତ୍ରୀ ଲୋକମାନଙ୍କ ସହ ଓଡ଼ିଆରେ କଥା ହୋଇପାରୁଥିବେ। ଏହା ସହ ଓଡ଼ିଆ ଅସ୍ମିତା ସହ ଯୋଡ଼ିହୋଇରହିଥିବେ। ଜଣେ ଅଫିସର ଓଡ଼ିଶାକୁ ଚଳାଉଥିବା ବେଳେ ନବୀନବାବୁ ସକ୍ରିୟ ନାହାନ୍ତି। ଏଥିପାଇଁ ରାଜ୍ୟବାସୀ ନବୀନବାବୁଙ୍କୁ ବିଶ୍ରାମ ଦେଇ ଭାଜପାକୁ କାମ ଦେବାକୁ ଚାହୁଁଛନ୍ତି। ବିଜେଡି ହାତରୁ ଗାଡ଼ି ପଳାଇଛି, ଶାସକ ଦଳ ବସ୍ ମିସ୍ କରିଛି। ଭାଜପା ଏକତରଫା ନିର୍ବାଚନ ଜିତିବ, ଡବଲ ଇଞ୍ଜିନ ସରକାର ହେବ। କିଛିଦିନର କଥା, ଏହାପରେ ସରକାରୀ ଅଧିକାରୀଙ୍କ ହିସାବକିତାବ କରାଯିବ ବୋଲି ନଡ୍ଡା କହିଛନ୍ତି। ଅନ୍ୟପଟେ ଅପରାଜିତା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବିଜେଡିକୁ ଯଦି ଭୋଟ ଦେଉଛନ୍ତି ତେବେ ଜାଣନ୍ତୁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ ନାହିଁ। ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଟାର୍ଗେଟକରି ଅପରାଜିତା କହିଛନ୍ତି, ବିଜେଡି ସରକାର ଆସିଲେ ପାଣ୍ଡୁଜୀ ମୁଖ୍ୟମନ୍ତ୍ରୀ ହେବେ। ଏହା ବିଜୁ ଜନତା ଦଳ ନୁହେଁ ବରଂ ପାଣ୍ଡୁ ଜନତା ଦଳ ହୋଇଗଲାଣି। ଓଡ଼ିଶାବାସୀ ଏବେ ସୁସ୍ଥ, ଯୁବ ଓ ଅସ୍ମିତା ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି। ଏଥର ସକ୍ରିୟ ଶାସନ ବ୍ୟବସ୍ଥା, ଗରିବ ଓ ଯୁବ ବିକାଶ ମୁଖ୍ୟମନ୍ତ୍ରୀ ଦରକାର ବୋଲି ଅପରାଜିତା କହିଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ ବାଣୀବିହାର ପର୍ଯ୍ୟନ୍ତ ଏକ ରୋଡ୍ ଶୋ କରିଥିଲେ। ମୋଦିଙ୍କୁ ଦେଖିବା ଲାଗି ହଜାର ହଜାର ଲୋକ ମଧ୍ୟ ସମାଗମ ହୋଇଥିଲେ। ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ଭାଜପା ବରିଷ୍ଠ ନେତା ଅମିତ ଶାହା କଟକରେ ଏକ ରୋଡ୍ ଶୋ କାର୍ଯ୍ୟକ୍ରମ କରିଥିଲେ। ସେହି କ୍ରମରେ ଆଗକୁ ଭାଜପାର ବହୁ କେନ୍ଦ୍ରୀୟ ନେତାଙ୍କ ରୋଡ୍ ଶୋ କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ଆସନ୍ତା ୨୦ରେ ପୁରୀରେ ରୋଡ୍ ଶୋ କରିବେ। ତେବେ ୨୦୨୪ ନିର୍ବାଚନ ଲାଗି ଭାଜପା କେନ୍ଦ୍ରୀୟ ନେତାମାନେ ଘନ ଘନ ଓଡ଼ିଶା ଗସ୍ତ କରୁଛନ୍ତି।

# କଳାଧନର ଆଶ୍ରୟ ନେଉଛି ବିଜେଡି: ଭାଜପା

ଭୁବନେଶ୍ୱର, ୧୬।୫(ସୁନିତ୍ ମିଶ୍ର)

ନିର୍ବାଚନ ପରାଜୟରୁ ବଞ୍ଚିବା ପାଇଁ ବିଜେଡି କଳାଧନର ଆଶ୍ରୟ ନେଉଛି। ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଘନିଷ୍ଠ ସହଯୋଗୀଙ୍କ କାର୍‌ରୁ ୫ କୋଟି ଟଙ୍କା ଜବତ ହେବା ହେଉଛି ଏହାର ପ୍ରମାଣ। ଯାହାଙ୍କ ଠାରୁ ଟଙ୍କା ଜବତ ହୋଇଛି ସେହି ଠିକାଦାର ଜଣକ ଯାଜପୁର ପାହାଡ଼ କେଳେଙ୍କାରୀର ଅନ୍ୟତମ ଅଭିଯୁକ୍ତ। ଏହି ଟଙ୍କା ଯାଜପୁରର କୋରେଇ ଓ ସମ୍ବଲପୁର ଲୋକଙ୍କୁ ବାଣ୍ଟିବା ପାଇଁ ନିଆଯାଉଥିଲା। ବୌଦ୍ଧର ଚାରିଛକରେ ବିଜେଡିର ଜଣେ ମହିଳା ପ୍ରବକ୍ତାଙ୍କ ଗାଡ଼ିରୁ ୧୫ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ଜବତ ହୋଇଛି। ଏହି ଟଙ୍କା ମଧ୍ୟ ଶାସକ ଦଳର କଳାଟଙ୍କା ବୋଲି ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନିଲ କହିଛନ୍ତି, ଜଳେଶ୍ୱରରେ ଓଡ଼ିଶା-ପଶ୍ଚିମବଙ୍ଗ ସୀମାରୁ ୧୫ କେଜି ସୁନା ଜବତ ହୋଇଛି, ଯାହା ଶାସକ ଦଳ ଭୋଟରଙ୍କୁ ବାଣ୍ଟିବା ପାଇଁ ଆଣୁଥିଲା। ପୂର୍ବରୁ ନବରଙ୍ଗପୁର ବିଜେଡି ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝିଙ୍କ ଉପସ୍ଥିତିରେ ତାଙ୍କ ଦଳର ଜଣେ ବରିଷ୍ଠ ନେତା ଟଙ୍କା ବାଣ୍ଟୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏଥିରୁ ଗୋଟିଏ କଥା ପ୍ରମାଣିତ ହେଉଛି ଯେ, ବିଜେଡି କଳାଟଙ୍କା ବ୍ୟବହାରକରି ଜନମତକୁ ପ୍ରଭାବିତ କରିବାକୁ ଚାହୁଁଛି। କିନ୍ତୁ ଓଡ଼ିଶାର ଜନସାଧାରଣ ଏଥିରେ ପ୍ରଭାବିତ ହେବେ ନାହିଁ। କେବଳ କଳାଟଙ୍କା ନୁହେଁ ବିଜେଡି ନିର୍ବାଚନରେ ମଧ୍ୟ ମାରଣାସ୍ତ୍ର ବ୍ୟବହାର କରୁଛି। ଖଲ୍ଲିକୋଟ ନିର୍ବାଚନମଣ୍ଡଳୀରେ ଭାଜପା ନେତା ଦିଲୀପ ପାହାନଙ୍କୁ ବିଜେଡିର ଗୁଣ୍ଡାମାନେ ହତ୍ୟା କରିଛନ୍ତି। ଏହି ହତ୍ୟାକାଣ୍ଡରେ ବିଜେଡିର ଅନେକ ବରିଷ୍ଠ ନେତାଙ୍କର ହାତ ରହିଛି। ଭଞ୍ଜଲି ବିଧାନସଭାରେ ସୁଶାନ୍ତ ସିଂଙ୍କ ଗୁଣ୍ଡାମାନେ ଭାଜପାର ପ୍ରଚାର ବେଳେ ଆକ୍ରମଣ କରିଥିବା ଅନିଲ ଅଭିଯୋଗ କରିଛନ୍ତି।

# ଓଡ଼ିଶାରେ ଭାଜପା ସରକାର ଆସୁଛି: କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ



ସଂକଳ୍ପ ସମାବେଶରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ପ୍ରାର୍ଥୀ ଓ ଅନ୍ୟ ନେତାମାନେ।

ହିଞ୍ଜିଳିକାଟୁ, ୧୬।୫(ଦ୍ୱିତୀକୃଷ୍ଣ ପଣ୍ଡା)

ଚଳିତଥର ଓଡ଼ିଶାରେ ଭାଜପା ସରକାର ଗଠନ କରିବାକୁ ଯାଉଛି। ବିଜେଡି ସରକାରର ପତନ ସୁନିଶ୍ଚିତ ବୋଲି ଗଞ୍ଜାମ ଜିଲା ହିଞ୍ଜିଳିରେ ଗୁରୁବାର ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଶ୍ରମମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। ସମରଝୋଲ ନିକଟ ମେଘମାଳ ତୋଟାଠାରେ ଅନୁଷ୍ଠିତ ସମାବେଶରେ କେନ୍ଦ୍ରମନ୍ତ୍ରୀ ହିଞ୍ଜିଳି ବିଧାନସଭା ପ୍ରାର୍ଥୀ ଶିଶିର ମିଶ୍ର ଓ ଆସିକା ଲୋକ ସଭା ପ୍ରାର୍ଥିନୀ ଅନିତା ଶୁଭଦର୍ଶନୀଙ୍କ ପାଇଁ ଭୋଟ ଭିକ୍ଷା କରି ଉଭୟ ରାଜ୍ୟ ଏବଂ ଦେଶରେ ଡବଲ ଇଞ୍ଜିନ ସରକାର ପାଇଁ ଆହ୍ୱାନ ଦେଇଛନ୍ତି। ସେ କହିଥିଲେ, ନବୀନ ପଟ୍ଟନାୟକ ଦୀର୍ଘ ୨୪ବର୍ଷ ଧରି ଶାସନ କରି ଆସୁଥିଲେ ମଧ୍ୟ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଭାଜପାର ବ୍ରହ୍ମପୁର ଏମ୍‌ପି ପ୍ରାର୍ଥୀଙ୍କୁ ଆକ୍ରମଣ କରାଯାଇଛି। ଏହି ଆକ୍ରମଣକୁ ସେ ଦୃଢ଼ ନିନ୍ଦା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ କହିଥିଲେ। ଭାଜପା ଜିଲା ସଭାପତି ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଓ ଆସିକା ଏମ୍‌ପି ପ୍ରାର୍ଥିନୀଙ୍କ ସମେତ ଗୋପାଳପୁର ବିଧାୟକ ପ୍ରାର୍ଥୀ ବିଭୂତି ଜେନା, ସରୋଜ ସାବତ, ନଗର ସଭାପତି ସନ୍ତୋଷ ପାଣିଗ୍ରାହୀ, ବିଧାନସଭା ସଂଯୋଜକ ମାଧବ ଗୌଡ, ବିଧାନସଭା ପ୍ରଭାରୀ ଗୋପାଳ ଗୌଡ ପ୍ରମୁଖ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଡିଜିଟାଲ କ୍ୟାମ୍ପେନିଂରେ ବଢ଼ୁଛି ଆରୋପ ପ୍ରତ୍ୟାରୋପ

ଭୁବନେଶ୍ୱର,୧୬।୫(ସୁନିତ୍ ମିଶ୍ର)

■ ପରସ୍ପରର ବ୍ୟକ୍ତିଗତ ସ୍ତରକୁ ଯାଇ ସମାଲୋଚନା
■ ସବୁ ସାମାଜିକ ଗଣମାଧ୍ୟମରେ ଚାଲିଛି ଜୋର୍‌ଦାର ପ୍ରଚାର
■ ଡିଜିଟାଲ କ୍ୟାମ୍ପେନିଂ ପାଇଁ ପ୍ରାୟ ୪୦୦ କୋଟିରୁ ଅଧିକ ଖର୍ଚ୍ଚ କରୁଛନ୍ତି ଉଭୟ ଦଳ






୨୦୨୪ ନିର୍ବାଚନକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ରାଜ୍ୟବ୍ୟାପୀ କଡ଼ା ଟକ୍କର ଦେଖିବାକୁ ମିଳୁଛି। କେବଳ ନିର୍ବାଚନମଣ୍ଡଳୀ ଭିତରେ କିମ୍ବା ପ୍ରଚାର ମଇଦାନରେ ଉଭୟ ଦଳଙ୍କ ମଧ୍ୟରେ ସମାଲୋଚନା, ଆରୋପ ପ୍ରତ୍ୟାରୋପ ମଧ୍ୟରେ ଏହି ଲଢ଼େଇ ସୀମିତ ନାହିଁ। ଏଥର ନିର୍ବାଚନରେ ଅଧିକ ଚର୍ଚ୍ଚାର ମାଧ୍ୟମ ପାଲଟିଛି ଡିଜିଟାଲ କ୍ୟାମ୍ପେନିଂ। ଏହାରି ମାଧ୍ୟମରେ ବିଜେଡି ଓ ଭାଜପା ନେତାମାନେ ପରସ୍ପର ପ୍ରତି ସମାଲୋଚନା କରିବାର ସୀମା ଲଙ୍ଘିସାରିଲେଣି। ମିଳିଥିବା ସୂଚନା ମୁତାବକ, ଡିଜିଟାଲ କ୍ୟାମ୍ପେନିଂ ପାଇଁ ଉଭୟ ଦଳ ରାଜ୍ୟ ବାହାରୁ ବଡ଼ ବଡ଼ କମ୍ପାନୀଙ୍କୁ ଅନେକ ଶହ କୋଟି ଟଙ୍କା ଦେଇଛନ୍ତି। ବିଜେଡି ଏବଂ ଭାଜପା ଯେଉଁ ଦୁଇଟି କମ୍ପାନୀଙ୍କୁ ନିଜର ଡିଜିଟାଲ କ୍ୟାମ୍ପେନ ଦାୟିତ୍ୱ ଦେଇଛନ୍ତି, ଭିନ୍ନ ସ୍ଥାନରେ ଉଭୟ କମ୍ପାନୀ ନିଜର କାର୍ଯ୍ୟ ଜାରି ରଖିଛନ୍ତି। ପ୍ରାୟତଃ ଏବେ ସାମାଜିକ ଗଣମାଧ୍ୟମ ଯେପରିକି ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଏବଂ ଏକ୍ସରେ ଭିନ୍ନ ଭିନ୍ନ ଆକାଉଣ୍ଟ ଜରିଆରେ କେତେକ ନୂଆ ପୋଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଏପରିକି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍‌ତ ଆଉ କେତେବେଳେ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଧର୍ମେନ୍ଦ୍ର ପ୍ରଧାନଙ୍କ ଅବିକଳ ଚିତ୍ର ଭଳି କାର୍ଟୁନ ପ୍ରସ୍ତୁତକରି ସେମାନଙ୍କ ବିରୋଧରେ କ୍ୟାମ୍ପେନ କରାଯାଉଛି। ନଜରକୁ ଆସିଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି, ବିଜେଡି ନେତା ପାଣ୍ଡିଆନ୍‌ଙ୍କ ଏକ କାର୍ଟୁନ ସମ୍ବଳିତ ଭିଡିଓ ପ୍ରସ୍ତୁତ କରାଯାଇଛି। ସେହି ଭିଡିଓରେ ପାଣ୍ଡିଆନ୍‌ଙ୍କ ନକଲର ଏକ କାର୍ଟୁନ ହେଲିକପ୍ଟରରେ ଉଡ଼ି ଆସି ଶ୍ରୀମନ୍ଦିର ଭିତରେ ପଶୁଛି। ଆଉ ରତ୍ନଭଣ୍ଡାରର ସୁନାଗହଣା ଆଣି ଏକ ଗାଡ଼ିରେ ରଖି ନେଇପଳାଉଛି। ସେହି ଗାଡ଼ିରେ କରପସନ୍ ଗାଡ଼ି ବୋଲି ଉଲ୍ଲେଖ ଅଛି।

ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକ ଫଟୋ ସମ୍ବଳିତ ଭିଡିଓ ପ୍ରସ୍ତୁତ କରାଯାଇଛି ଯେଉଁଥିରେ ଏକ ସ୍କ୍ରିପ୍ଟ ପ୍ରସ୍ତୁତ ହୋଇଛି। ସେଥିରେ ଭିଡିଓ ଜରିଆରେ ଜଣେ ଧର୍ମେନ୍ଦ୍ରଙ୍କ ବିରୋଧରେ କହୁଛନ୍ତି, ଇଏ ସେହି କେନ୍ଦ୍ରମନ୍ତ୍ରୀ ଯିଏ ନିଜ ବାପାଙ୍କୁ ଘରେ ତାଲା ପକାଇ ରାଜନୀତିରେ ଉପରକୁ ଉଠିଛନ୍ତି। ଅନ୍ୟ ରାଜ୍ୟରୁ ରାଜ୍ୟ ସଭାକୁ ଯାଇଛନ୍ତି। ଏଭଳି ତାଙ୍କ ବିରୋଧରେ ଅନେକ କଥା ଶୁଣିବାକୁ ମିଳୁଥିବା ଉକ୍ତ ଭିଡିଓର ମଧ୍ୟ ବହୁଳ ପ୍ରଚାର ହେଉଛି। କେବଳ ଏହି ଦୁଇଟି ଭିଡିଓ ନୁହେଁ, ଏଭଳି ମାଳମାଳ ଭିଡିଓ ପରସ୍ପର ବିରୋଧରେ ପ୍ରସ୍ତୁତ କରାଯାଇ ପ୍ରଚାର ଚାଲିଛି। ସେହିପରି ଚଳିତ ନିର୍ବାଚନରେ ଉଭୟ ଦଳ ଡିଜିଟାଲ କ୍ୟାମ୍ପେନିଂ ଉପରେ ମାତ୍ରାଧିକ ନିର୍ଭରଶୀଳ ଥିବା ଭଳି ମନେହେଉଛି। ବିଜେଡି ଏବଂ ଭାଜପା ନିଜର ଇସ୍ତାହାର ସମ୍ପର୍କରେ ମଧ୍ୟ ଡିଜିଟାଲ ଦୁନିଆରେ ବ୍ୟାପକ ପ୍ରଚାର ଚଳାଇଛନ୍ତି।

ଆଉ ଏକ ନୂଆ କଥା ଦେଖିବାକୁ ମିଳିଛି, ବିଭିନ୍ନ ନେତାଙ୍କ ଚରିତ୍ରକୁ ଦର୍ଶାଇ ଛୋଟ ଛୋଟ ଭିଡିଓ ମଧ୍ୟ ପ୍ରସ୍ତୁତ କରାଯାଉଛି। ଏକ ଭିଡିଓ ଭାଜପା ତା'ର ଆଇଡିରୁ ସିଧାସଳଖ ପ୍ରଚାର କରୁଛି ଯେଉଁଥିରେ ପାଣ୍ଡିଆନ୍‌ଙ୍କ ବେଶରେ ଜଣେ ବିଜେଡି ଯୁବବର୍ଗଙ୍କ ନିଯୁକ୍ତି ବିଷୟରେ କହୁଛନ୍ତି। ପରବର୍ତ୍ତୀ ସମୟରେ ତାଙ୍କୁ ଜଣେ ବାଡ଼େଉଛି ଏବଂ ସେ ତା'ପରେ କହୁଛନ୍ତି ଓଡ଼ିଶାରେ ୩୦ ଲକ୍ଷ ବେକାର ଅଛନ୍ତି। ସେହିପରି ଭୁବନେଶ୍ୱରର ଭାଜପା ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ଚରିତ୍ରରେ ଜଣେ ଅଭିନୟକରି ଏଥର ଭାଜପାକୁ ଭୋଟ ଦେବାକୁ କହୁଥିବା ବେଳେ ନିକଟରେ ବିଜେଡି ନେତ୍ରୀଙ୍କ ଚରିତ୍ରରେ ଅଭିନୟ କରୁଥିବା ଅନ୍ୟ ଜଣେ ମହିଳା ପୁଣି ପ୍ରତି ଆକ୍ଷେପ କରୁଛନ୍ତି। ଏ ସମ୍ପର୍କିତ ପୋଷ୍ଟଟି 'ଆମ ଚିହ୍ନ ଶଙ୍ଖ ଚିହ୍ନ' ଆକାଉଣ୍ଟରୁ ପୋଷ୍ଟ କରାଯାଉଛି। ସେହିପରି ଉକ୍ତ ଆକାଉଣ୍ଟରୁ ଭାଜପା ପକ୍ଷରୁ ଯେଉଁସବୁ ଗ୍ୟାରେଣ୍ଟି ଦିଆଯାଇଛି ତାକୁ କାଉଣ୍ଟର କରିବା ଭଳି ଭିନ୍ନ ଏକ ଭିଡିଓ ମଧ୍ୟ ପ୍ରସ୍ତୁତ କରାଯାଇଛି। ସେହିପରି ମହିଳାମାନଙ୍କୁ ଯେଉଁସବୁ ଋଣ ବ୍ୟବସ୍ଥା ରାଜ୍ୟ ସରକାର କରିଛନ୍ତି ତା'ର ମଧ୍ୟ ଭିଡିଓ ପ୍ରସ୍ତୁତକରି ପ୍ରଚାର ଚାଲିଛି।

ପ୍ରାର୍ଥୀମାନଙ୍କ ଡିଜିଟାଲ ପ୍ରଚାର ଲାଗି ସେମାନଙ୍କ ନିକଟରେ ବାହାର ରାଜ୍ୟରୁ ପ୍ରଶିକ୍ଷିତ ପିଲାମାନଙ୍କୁ ଦଳ ପକ୍ଷରୁ ଭାଜପା ନିଯୁକ୍ତ କରିଛି। ସେମାନେ ପ୍ରାର୍ଥୀ କେଉଁ ପ୍ରସଙ୍ଗରେ ଭାଷଣ ଦେବେ, ତାଙ୍କର କେଉଁ ଫଟୋ ପୋଷ୍ଟ ହେବ, ତାଙ୍କ ବିରୋଧରେ ଥିବା ପ୍ରାର୍ଥୀମାନଙ୍କ ବିରୋଧରେ କି ପ୍ରକାର ପ୍ରଚାର କରାଯିବ, କେଉଁଠି ପୋଷ୍ଟର ଲାଗିବ ସେସବୁ କାର୍ଯ୍ୟ ସେମାନେ ତୁଲାଉଛନ୍ତି। ଏଥିଲାଗି ଉଭୟ ଦଳ ପ୍ରାୟ ୪୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ କରୁଥିବା ନେଇ ଚର୍ଚ୍ଚା ହେଉଛି। କୌଣସି ବ୍ୟକ୍ତି ନିଜର ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ କିମ୍ବା ଏକ୍ସ ଆକାଉଣ୍ଟ ଖୋଲିବା ମାତ୍ରେ ଏହିଭଳି ଅନେକ ପ୍ରକାର ଭିଡିଓ ଆପେ ଆପେ ଚାଲିଆସୁଛି। ୟୁଟ୍ୟୁବ୍‌ରେ ବି କୌଣସି ଭିଡିଓ ଦେଖିବା ସମୟରେ ବିଜେଡି କିମ୍ବା ଭାଜପାର ପ୍ରଚାର ସମ୍ବନ୍ଧୀୟ ଭିଡିଓ ଆପେ ଆସିଯାଉଛି। କହିବାକୁ ଗଲେ ଏଥର ନିର୍ବାଚନରେ ଡିଜିଟାଲ କ୍ୟାମ୍ପେନିଂ ପ୍ରଚାରର ଅନ୍ୟତମ ପ୍ରମୁଖ ମାଧ୍ୟମ ପାଲଟିଛି।

# ଭାଜପା ନେତା ମିଛ କହି ପଳାଇବେ: ପାଣ୍ଡିଆନ



ଟିଟିଲାଗଡ଼ରେ ଏକ ନିର୍ବାଚନୀ ସଭାରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ମହିଳାମାନେ ସ୍ୱାଗତ କରୁଛନ୍ତି।

**ପାଟଣାଗଡ଼, କଣ୍ଟାବାଞ୍ଜି, ଟିଟିଲାଗଡ଼ରେ ପାଣ୍ଡିଆନଙ୍କ ପ୍ରଚାର**

ଭୁବନେଶ୍ୱର,୧୬।୫(ଅନିଲ ଦାସ)

ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀ, ଅନ୍ୟରାଜ୍ୟର ମୁଖ୍ୟମନ୍ତ୍ରୀ ଆଉ ବଡ ନେତାମାନେ ଆସୁଛନ୍ତି। ବଡ଼ ବଡ଼ କଥା କହୁଛନ୍ତି। କିନ୍ତୁ ଓଡ଼ିଶାବାସୀ ମୁଖ୍ୟମନ୍ତ୍ରୀଙ୍କୁ କେତେ ଭଲପାଆନ୍ତି ତାହା ଏମାନେ ଜାଣନ୍ତି ନାହିଁ। ଏମାନେ ମିଛ କଥା କହି ପଳାଇବେ, ଖୋଜିଲେ ମିଳିବେନି। ଗୁରୁବାର ପାଟଣାଗଡ ବିଧାନସଭା ନିର୍ବାଚନମଣ୍ଡଳୀରେ ଜନସଭାକୁ ସମ୍ବୋଧନ କରି ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଏହା କହିଛନ୍ତି।

ପାଣ୍ଡିଆନ କହିଛନ୍ତି,ଜୁନ୍ ୯ରେ ମୁଖ୍ୟମନ୍ତ୍ରୀ ପୁଣି ଥରେ ଶପଥ ନେବେ। ପ୍ରଥମେ ୩ଟି ଦସ୍ତଖତ ହେବ। ପ୍ରଥମ ଓଡ଼ିଶାବାସୀଙ୍କୁ ମାଗଣା ବିଜୁଳି, ଏଥିରେ ପାଟଣାଗଡ଼ର ୯୦ ପ୍ରତିଶତ ପରିବାର ଉପକୃତ ହେବେ। ଦ୍ୱିତୀୟରେ ବିଏସ୍‌କେୱାଇ ନବୀନ କାର୍ଡରେ ସମସ୍ତେ ସାମିଲ ହେବେ, ତୃତୀୟରେ ୬୦ ବର୍ଷ ପରେ ମିଶନ ଶକ୍ତିର ସଭ୍ୟା ଓ କର୍ମୀଙ୍କ ପାଇଁ ପେନ୍‌ସନ ସୁବିଧା। ଏହି ତିନୋଟି ଦସ୍ତଖତ ଓଡ଼ିଶାକୁ ରୂପାନ୍ତରିତ ଓ ସଶକ୍ତ କରିବ, ସମସ୍ତଙ୍କ ମୁହଁରେ ହସ ଫୁଟାଇବ।

ମୁଖ୍ୟମନ୍ତ୍ରୀଙ୍କ ମାଗଣା ବିଜୁଳି ଘୋଷଣା ଶୁଣି ବିରୋଧୀଙ୍କୁ କରେଣ୍ଟ ମାରିଲାଣି। ସେମାନେ କହୁଛନ୍ତି, ସୋଲାର ପ୍ୟାନେଲ ବସାଇ ସୂର୍ଯ୍ୟକିରଣରେ ମାଗଣା ବିଜୁଳି ଦେବେ, ଏଥିପାଇଁ ଆପଣଙ୍କୁ ୫୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଦିନରେ ସେମାନେ ଲଣ୍ଠନ ଦେଖାଉଥିବେ। ୨୦୧୪ ଓ ୨୦୧୯ରେ ପ୍ରତିଶ୍ରୁତି ଦେଇଥିଲେ ଏମ୍‌ଏସ୍‌ପି ବଢ଼ାଇବେ। ଏଲ୍‌ପିଜି କମାଇବେ, କିରୋସିନ, ଡିଜେଲ ଓ ପେଟ୍ରୋଲ ଦର କମାଇବେ, କିଛି କମାଇଲେ ନାହିଁ, ଏମାନଙ୍କ ଉପରେ ଭରସା ନାହିଁ।

ମିଶନ ଶକ୍ତି, ମମତା, ଲକ୍ଷ୍ମୀ ବସ୍ ଇତ୍ୟାଦି ଯୋଜନାରେ ମା'ମାନଙ୍କ ପାଇଁ ଦିଆଯାଉଥିବା ସବୁ ସୁବିଧା ବିଷୟରେ ପାଣ୍ଡିଆନ କହିଲେ। ବାବା ହରିଶଙ୍କର ମନ୍ଦିରର ବିକାଶ ପାଇଁ ୨୮ କୋଟି ଟଙ୍କା, ପାଟଣାଗଡ ବାଇପାସ୍ ରାସ୍ତା ପାଇଁ ୧୪୦ କୋଟି ଟଙ୍କା ଏବଂ ପାଟଣାଗଡ଼ର ୬୦ଟି ପଞ୍ଚାୟତକୁ ପିଇବା ପାଣି ପାଇଁ ୧୪୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଯୋଗାଇ ଦେଇଛନ୍ତି। ପାଟଣାଗଡ଼ର ପ୍ରତ୍ୟେକ ହାଇସ୍କୁଲ ଓ କଲେଜର ରୂପାନ୍ତରଣ ହୋଇଛି, ବେଲପଡ଼ାକୁ ଏନ୍‌ଏସି ମାନ୍ୟତା ମିଳିଛି। ବିଧାୟକ ପ୍ରାର୍ଥୀ ସରୋଜବାବୁ ଗତ ୫ ବର୍ଷ ଭିତରେ ଆପଣଙ୍କ ପାଇଁ ବହୁତ କାମ କରିଛନ୍ତି। ସାଂସଦ ପ୍ରାର୍ଥୀ ଭୋଇବାବୁ ଏ ମାଟିର ପୁଅ, ସୁଖଦୁଃଖରେ ଆପଣଙ୍କ ପଛରେ ଛିଡ଼ାହେବେ। ଉଭୟଙ୍କୁ ୫୦ ହଜାର ଭୋଟ ବ୍ୟବଧାନରେ ଜିତାଇବା ପାଇଁ ସେ ଅନୁରୋଧ କରିଛନ୍ତି।

ସେହିପରି କଣ୍ଟାବାଞ୍ଜିରେ ନିର୍ବାଚନ ପ୍ରଚାର କରି ପାଣ୍ଡିଆନ କହିଛନ୍ତି, ବିରୋଧୀ ଭାଜପା କହୁଛି ସେମାନେ ସ୍ୱଚ୍ଛ ମୁଖ୍ୟମନ୍ତ୍ରୀ ଦେବେ, ସେମାନଙ୍କ ଭାଷାରେ ଯଦି ନବୀନବାବୁ ସ୍ୱଚ୍ଛ ନୁହନ୍ତି, ତେବେ ସେମାନେ ସ୍ୱଚ୍ଛତାର ଅର୍ଥ ଜାଣିନାହାନ୍ତି। ଏହା କେବଳ ସୂର୍ଯ୍ୟଙ୍କୁ ମହମବତି ଦେଖାଇବା କଥା। ମୁଖ୍ୟମନ୍ତ୍ରୀ ଆପଣଙ୍କ ବିଧାୟକ ପ୍ରାର୍ଥୀ ହୋଇଛନ୍ତି, ଆପଣମାନେ ଖୁସି ତ। ମୋର ଆଶା, କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡା ଓ ତୁରେକେଲାରେ ରେକର୍ଡ ଭାଙ୍ଗି ନୂଆ ଓଡ଼ିଶାର ବିଶ୍ୱାସଙ୍କୁ ଆଶୀର୍ବାଦ କରିବେ।

ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଯାହା ୧୫ ବର୍ଷରେ ପାଇବାର ଥିଲା ଏବେ ୧୫ ମାସ ମଧ୍ୟରେ ପାଇବେ। ଆସନ୍ତୁ ସମସ୍ତେ ମିଶି କଣ୍ଟାବାଞ୍ଜିକୁ ୧ ନମ୍ବର କରିବା। ମୁଖ୍ୟମନ୍ତ୍ରୀଙ୍କ ସବୁ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବା ପାଇଁ ପ୍ରସ୍ତାବ ଆସିଥିଲା, କିନ୍ତୁ ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜିକୁ ଚୟନ କଲେ। ତାଙ୍କ ହୃଦୟରେ ରହିଛି କଣ୍ଟାବାଞ୍ଜିର ବିକାଶ, କଣ୍ଟାବାଞ୍ଜି ବାସିନ୍ଦାଙ୍କ ଉନ୍ନତି। କର୍ମୀମାନଙ୍କୁ ପାଣ୍ଡିଆନ କହିଛନ୍ତି, ଆପଣମାନେ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସେନାପତି ଓ ନବୀନବାବୁଙ୍କ ସେନା। ବାହାର ମୁଖ୍ୟମନ୍ତ୍ରୀମାନେ ଆସୁଛନ୍ତି, ଆମ ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କରୁଛନ୍ତି, ତାଙ୍କୁ ଆମେ କେବେ ସହିବା ନାହିଁ, ଉଚିତ ଜବାବ ଦେବା।

ଟିଟିଲାଗଡ଼ରେ ନିର୍ବାଚନ ସଭାକୁ ସମ୍ବୋଧିତ କରି ପାଣ୍ଡିଆନ କହିଛନ୍ତି, ଛତିଶଗଡ଼ରୁ ମନ୍ତ୍ରୀମାନେ ଆସୁଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଅଶାଳୀନ ପ୍ରଚାର କରୁଛନ୍ତି, ଟଙ୍କା ବାଣ୍ଟୁଛନ୍ତି କିନ୍ତୁ ଏହା ଠିକ୍ ନୁହେଁ। ଏପଟେ ଓଡ଼ିଆ ଅସ୍ମିତାର କଥା କହୁଛନ୍ତି, ସେପଟେ ଓଡ଼ିଶାର ସବୁଠାରୁ ଜନପ୍ରିୟ ନେତାଙ୍କୁ ଗାଳି ଦେଉଛନ୍ତି, ଆପଣମାନେ ଏହାର ଉଚିତ ଜବାବ ଦେବେ।

ବିଜେପୁର ନିର୍ବାଚନ ସମୟରେ ବିରୋଧୀ ମୁଖ୍ୟମନ୍ତ୍ରୀଙ୍କୁ ଚପଲମାଡ଼ କଲେ। ଫଳରେ ୪୫ ହଜାର ଭୋଟରେ ହାରିଲେ। ପୁରୀ ପରିକ୍ରମା ପ୍ରକଳ୍ପ ବେଳେ ଅଣ୍ଡାମାଡ଼ କଲେ, ୩୦ରୁ ୩ ଜିଲା ପରିଷଦରେ ହାରିଲେ। ଯଦି ଆଉ କିଏ ଏଠାରେ ଜିତିବେ ନିର୍ବାଚନମଣ୍ଡଳୀ ୨୫ ବର୍ଷ ତଳକୁ ଫେରିଯିବ। ସର୍ଭଜାକୁ ଏନ୍‌ଏସି ମାନ୍ୟତା ଦିଆଯାଇଛି। ୨.୫୦ କୋଟି ଟଙ୍କା ବିନିଯୋଗରେ ବୁଢ଼ାରଜା ସମଲେଇ ମନ୍ଦିର ବିକାଶ କାର୍ଯ୍ୟ ଜାରି ରହିଛି। ଜଳସେଚନର ବିକାଶ ପାଇଁ ବଡ଼ ବଡ଼ ପ୍ରକଳ୍ପ ନିର୍ମାଣ କରାଯାଇଛି ଏବଂ ଆଗକୁ ମଧ୍ୟ ହେବ ବୋଲି ପାଣ୍ଡିଆନ କହିଛନ୍ତି।

# ଓଡ଼ିଶାରେ ଭାଜପା ପ୍ରତି ସମର୍ଥନ ବଢୁଛି: ଧର୍ମେନ୍ଦ୍ର

## ବିଜେଡି ସରକାର ସମ୍ବଲପୁର ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛି

ସମ୍ବଲପୁର,୧୬।୫
(ଭବାନୀ ଶଙ୍କର ଭୋଇ)

ରାଜ୍ୟରେ ଦୀର୍ଘ ୨୪ବର୍ଷ ଧରି ଗୋଟିଏ ଦଳ ଶାସନରେ ରହିଛି। ହେଲେ ଏହି ସମୟ ମଧ୍ୟରେ ସମ୍ବଲପୁର ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଇଛି। ଗୁରୁବାର ସମ୍ବଲପୁରରେ ନିର୍ବାଚନୀ ପ୍ରଚାର କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ସକାଳେ ତବଲାପଡ଼ା, ଷ୍ଟେଶନପଡ଼ା ଅଞ୍ଚଳରେ ଘରକୁ ଘର ବୁଲି ପ୍ରଚାର କରିବା ଅବସରେ ଜନସାଧାରଣଙ୍କୁ ମୋଦି ଗ୍ୟାରେଣ୍ଟି ଏବଂ ଭାଜପାର ସଂକଳ୍ପ ପତ୍ର ବିତରଣ କରିଥିଲେ। ସମ୍ବଲପୁରକୁ ଆହୁରି ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ପଦ୍ମଫୁଲ ଚିହ୍ନରେ ଭୋଟ୍ ଦେବା ଲାଗି ସେ ନିବେଦନ କରିଥିଲେ।

ଏହି ଅବସରରେ ଦଳ ପକ୍ଷରୁ ସମ୍ବଲପୁର ବଡ ବଜାରଠାରେ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଓଡ଼ିଶାରେ କ୍ରମାଗତଭାବେ ଭାଜପାର ସମର୍ଥନ ବଢୁଛି। ନରେନ୍ଦ୍ର ମୋଦିଙ୍କ ଉପରେ ଲୋକମାନଙ୍କର ଆଶା ଏବଂ ବିଶ୍ୱାସ ଯେତିକି ବଢୁଛି ବିଜୁ ଜନତା ଦଳ ସେତିକି ହିଂସ୍ର ହେବାରେ ଲାଗିଛି। ଗଞ୍ଜାମ ଜିଲାର ଖଲ୍ଲିକୋଟରେ ଭାଜପାର କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରାଯାଇଛି। ଏହି ଘଟଣା ପାଇଁ ରାଜ୍ୟ ସରକାର ଦାୟୀ। ସମର୍ଥନ ହରାଉଥିବା ବିଜେଡିର କର୍ମୀମାନେ ରକ୍ତମୁଖା ହେଉଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି । ଓଡ଼ିଶାରେ ପିଇବା ପାଣି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ଦାଦନ ଭଳି ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀ ନୀରବତା ଅବଲମ୍ବନ କରିଛନ୍ତି। ଓଡ଼ିଶାରେ ସାଢେ ଚାରିକୋଟି ଲୋକଙ୍କ ଭିତରେ କେହି ଜଣେ ମିଳିଲେ ନାହିଁ ଯେ, ଜଣେ ଭଡ଼ାଟିଆକୁ ଆଣି ଓଡ଼ିଶାର ଲୋକଙ୍କ ଆଶା ଓ ଆକାଂକ୍ଷାକୁ ଭୂଲୁଣ୍ଠିତ କରୁଥିବା ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।

ରାଜ୍ୟରେ ଲୋକମାନଙ୍କୁ ମୌଳିକ ସୁବିଧା ଦେଇପାରୁ ନ ଥିବା ସରକାରଙ୍କୁ ଲୋକମାନେ ବଦଳାଇ ଭାଜପା ସରକାର କରିବା ପାଇଁ ମନ ବନେଇ ସାରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଭାଜପା ସରକାରରେ ଲୋକଙ୍କ ଉନ୍ନତି ଓ ବିକାଶ ହିଁ ପ୍ରାଥମିକତା। ଓଡ଼ିଶାରେ ଭାଜପା ସରକାର ହେଲେ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଭାଉଚର ଦିଆଯିବ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ହେବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲୋକଙ୍କୁ ପକ୍କା ଘର ଦିଆଯିବା ସହ ଜମି ପଟ୍ଟା ଦେବାର ବ୍ୟବସ୍ଥା କରାଯିବ। ଦିବ୍ୟାଙ୍ଗ, ନିରାଶ୍ରୟ ଓ ବାର୍ଦ୍ଧକ୍ୟ ଭତ୍ତାକୁ ୩ ହଜାର ଟଙ୍କା କରାଯିବ। ସେହିପରି ସନ୍ଧ୍ୟାରେ ଭାଜପା ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ରଙ୍କ ସହ ମିଶି ବଡବଜାରରେ ପଦଯାତ୍ରା କରିବା ସହ ଜିଲାସ୍କୁଲ ଛକରୁ ସାକ୍ଷୀପଡା ରୋଡ୍‌ରେ ରୋଡ୍ ଶୋ କରିବା ସହିତ ସାଧାରଣ ସଭାରେ ଯୋଗ ଦେଇଥିଲେ ଧର୍ମେନ୍ଦ୍ର। ଏହି ଅବସରରେ ସେ ରେଙ୍ଗାଲି ନିର୍ବାଚନମଣ୍ଡଳୀର ମାତୃଶକ୍ତି, ଅନେକ କର୍ମୀ ଓ ଯୁବସାଥୀଙ୍କୁ ଦଳରେ ସ୍ୱାଗତ କରିଥିଲେ।



ଭାଜପାର ପ୍ରଚାର କାର୍ଯ୍ୟକ୍ରମରେ ସମ୍ବଲପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ସମର୍ଥକଙ୍କ ସହ ହାତ ମିଳାଉଛନ୍ତି।

# ୮ ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ମହିଳା ନିର୍ବାଚନ ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୧୬।୫(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୮ଟି ନିର୍ବାଚନମଣ୍ଡଳୀରେ ବିଜୁ ମହିଳା ଜନତା ଦଳର କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦିଆଯାଇଛି। କସ୍ତୁରୀ ମହାପାତ୍ରଙ୍କୁ ପୁରୀ ଲୋକ ସଭା କ୍ଷେତ୍ରର ନିର୍ବାଚନ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଯାଜପୁର ଲୋକ ସଭା ଆସନ ପାଇଁ ଗୀତାଞ୍ଜଳି ବହିଆ, ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ଲୋପାମୁଦ୍ରା ବକ୍ସିପାତ୍ର, ଭୁବନେଶ୍ୱର ମଧ୍ୟ ବିଧାନସଭା କ୍ଷେତ୍ର ପାଇଁ ସୁମିତ୍ରା ଜେନା, ଖଣ୍ଡପଡ଼ା ବିଧାନସଭା ଆସନ ପାଇଁ ପ୍ରଭାସିନୀ ନନ୍ଦ, ଭଦ୍ରକ ବିଧାନସଭା ଆସନ ପାଇଁ ସଂଯୁକ୍ତା ମହାନ୍ତି, ପିପିଲି ବିଧାନସଭା ଆସନ ପାଇଁ ସନ୍ଧ୍ୟାରାଣୀ ବିଶ୍ୱାଳ ଏବଂ ଜୟଦେବ ବିଧାନସଭା ଆସନ ପାଇଁ ରୀନା ଗଡ଼ନାୟକଙ୍କୁ ନିର୍ବାଚନ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି। ସଂଗ୍ରାମ ମହାପାତ୍ରଙ୍କୁ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

# ପୁଣି ବିଜେଡିକୁ ଫେରିଲେ ରାଜୁ

ଭଦ୍ରକ,୧୬।୫(ସନାତନ ରାଉତ)

ଭଦ୍ରକ ଜିଲା ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ(ରାଜୁ) ପୁଣି ବିଜେଡିକୁ ଫେରିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ ଭାଜପାରେ ଯୋଗ ଦେଇଥିବା ବେଳେ ଗୁରୁବାର ସନ୍ଧ୍ୟାରେ ଦଳ ଛାଡ଼ିଛନ୍ତି। ତାଙ୍କର ଇସ୍ତଫାପତ୍ର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ପଠାଇଛନ୍ତି। ସୋର ବିଧାନସଭା ନିର୍ବାଚନମଣ୍ଡଳୀରୁ ତାଙ୍କୁ ଭାଜପା ପ୍ରାର୍ଥୀ କରିଥିଲା। ନାମାଙ୍କନର ଶେଷଦିନରେ ପ୍ରାର୍ଥୀ ବଦଳାଇ ବିଧାୟକ ପର୍ଶୁରାମ ଧଡ଼ାଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ଶେଷଦିନରେ ଉଭୟ ରାଜେନ୍ଦ୍ର ଓ ପର୍ଶୁରାମ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଏହାକୁ ନେଇ ବିଭିନ୍ନ ଆଲୋଚନା ଆରମ୍ଭ ହୋଇଥିଲା। ଶେଷରେ ରାଜୁଙ୍କ ଟିକେଟ କଟିବାରୁ ଏଥିରେ ଅସନ୍ତୋଷ ପ୍ରକାଶ କରି ସେ ଦଳ ଛାଡ଼ିଥିବା କହିଛନ୍ତି।

୨୦୨୨ରେ ଧାମନଗର ଉପନିର୍ବାଚନରେ ବିଜେଡିରୁ ଟିକେଟ ନ ମିଳିବାରୁ ସେ ବିଦ୍ରୋହୀ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ଓଡ଼ିଶା ରାଜନୀତିରେ ଚର୍ଚ୍ଚିତ ଚେହେରା ପାଲଟିଥିଲେ। ଗତ ମାର୍ଚ୍ଚ ୪ରେ ସେ ଭାଜପାରେ ସାମିଲ ହୋଇଥିଲେ। ଭାଜପା ତାଙ୍କୁ ଧାମନଗର ବଦଳରେ ତାଙ୍କୁ ସୋର ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ କରାଗଲା। ସୋର ନିର୍ବାଚନମଣ୍ଡଳୀର ଦଳୀୟ କର୍ମୀମାନେ ରାଜୁଙ୍କୁ ଘୋର ବିରୋଧ କରି ପ୍ରାର୍ଥୀ ବଦଳାଇବା ଦାବିରେ ଜିଦ୍‌ରେ ରହିଥିଲେ। ଏପରିକି ସେ ଏକାଧିକବାର ଉଦ୍ୟମ କରି ମଧ୍ୟ ନିର୍ବାଚନମଣ୍ଡଳୀରେ ପ୍ରଚାର ପାଇଁ ପ୍ରବେଶ କରିପାରି ନ ଥିଲେ। ଏସବୁ ବିବାଦ ପରେ ମଧ୍ୟ ସେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେହି ସମାନ ଦିନରେ ପର୍ଶୁରାମ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଅପରପକ୍ଷେ ପର୍ଶୁରାମଙ୍କୁ ବିଜେଡି ଟିକେଟ ନ ମିଳିବାରୁ ସେ ଭାଜପାରେ ସାମିଲ ହୋଇଥିଲେ। ଦଳ ପକ୍ଷରୁ ରାଜୁଙ୍କଠାରୁ ଟିକେଟ ଫେରାଇ ଆଣି ପର୍ଶୁରାମଙ୍କୁ ଦଳୀୟ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ଗୁରୁବାର ଶଙ୍ଖ ଭବନକୁ ଯାଇ ବିଜେଡିରେ ପୁଣି ସାମିଲ ହୋଇଛନ୍ତି।

# ଶଙ୍ଖ ଧରିଲେ ରମାରଞ୍ଜନ



ଶଙ୍ଖ ଭବନରେ ବିଜେଡି ନେତାଙ୍କ ଉପସ୍ଥିତିରେ ରମାରଞ୍ଜନ ବଳିୟାରସିଂହ।

ଭୁବନେଶ୍ୱର,୧୬।୫(ଅନିଲ ଦାସ)

ପୁରୀ ଜିଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ଭାଜପା ମୁଖପାତ୍ର ରମାରଞ୍ଜନ ବଳିୟାରସିଂହଙ୍କ ସହ ବହୁ ନିର୍ବାଚିତ ପ୍ରତିନିଧି ଓ ଶତାଧିକ ଭାଜପା କର୍ମୀ ଗୁରୁବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ସତ୍ୟବାଦୀ ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସବର୍ମା ଓ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ପାତ୍ର କହିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରମାରଞ୍ଜନ ବିଜେଡିରେ ଯୋଗ ଦେଇଛନ୍ତି। ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ହୋଇଛି। ଗୋପବନ୍ଧୁ ଦାସଙ୍କ ଜନ୍ମପୀଠର ନବୀକରଣ ହୋଇଛି। ଏହା ଓଡ଼ିଆ ଜାତିର ମାନ ବଢାଇଛି ବୋଲି ସେ କହିଛନ୍ତି। ରମାରଞ୍ଜନଙ୍କ ସହ ଶତାଧିକ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି।

# ଅତୀତକୁ ବଦଳାଇପାରିବି ନାହିଁ, ଭବିଷ୍ୟତ ତିଆରି କରିପାରିବି: ସଂତୃପ୍ତ



ସଂତୃପ୍ତ ମିଶ୍ର

ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଲୋକ ସଭା ସକାଶେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୬୪ ପ୍ରାର୍ଥୀଙ୍କ ମଧ୍ୟରେ ସବୁଠାରୁ ଧନୀ ହେଉଛନ୍ତି କଟକ ସଂସଦୀୟ ଆସନର ବିଜେଡି ପ୍ରାର୍ଥୀ **ସଂତୃପ୍ତ ମିଶ୍ର**। ତାଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୪୮୨ କୋଟି ଟଙ୍କା ବୋଲି ଓଡ଼ିଶା ଇଲେକ୍‌ଶନ ୱାଚ୍ ଏବଂ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ୧୬ ମେ'ରେ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି। କର୍ପୋରେଟ୍ ଜଗତରୁ ଆସି ଲୋକଙ୍କ ସେବା କରିବା ନିମନ୍ତେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ସଂତୃପ୍ତ ବ୍ୟକ୍ତିଗତ 'ବିଚାରପତ୍ର' ବା ମାନିଫେଷ୍ଟୋ ପ୍ରକାଶ କରି ଚର୍ଚ୍ଚାକୁ ଆସିଛନ୍ତି। ହାଇ-ନେଟ୍ -ୱେର୍ଥ ଇଣ୍ଡିଭିଜୁଆଲ (ଏଚ୍‌ଏନ୍‌ଡବ୍ଲ୍ୟୁଆଇ) ସ୍ତରର ଜଣେ ବ୍ୟକ୍ତି ରାଜନୀତିକୁ ଆସିବା ପଛରେ ଉଦ୍ଦେଶ୍ୟ କ'ଣ ରହିଛି, ସେ ସମ୍ପର୍କରେ ତାଙ୍କ ସହ **ଜିତେନ୍ଦ୍ର କୁମାର ନାୟକ**ଙ୍କ ସାକ୍ଷାତ୍‌କାର।

**■ ଆପଣ କର୍ପୋରେଟ ଜଗତରେ ଅତ୍ୟନ୍ତ ଉଚ୍ଚ ସ୍ତରକୁ ଯାଇପାରିଥିଲେ। ରାଜନୀତି ଏକ ସମ୍ପୂର୍ଣ୍ଣ ଭିନ୍ନ ଜୀବନ। ଏଥିରେ କିପରି ଆପଣ ନିଜକୁ ଖାପ ଖୁଆଇ ପାରିବେ?**

▶▶ ଦେଖନ୍ତୁ, ଜୀବନର ଆଧାର ହେଉଛି କର୍ମଯୋଗ। ଯଦି ଜଣେ କଠିନ ପରିଶ୍ରମ କରୁଛି, ତେବେ ମୋ' ମତରେ ତା' ପାଇଁ ଆଉ କୌଣସି କାମ କଠିନ ନୁହେଁ। ଆଗରୁ ଯେଉଁ କ୍ଷେତ୍ରରେ ଥିଲି ସେଠି କଠିନ ପରିଶ୍ରମ କରୁଥିଲି। ଏବେ କେବଳ କ୍ଷେତ୍ର ବଦଳିଯାଇଛି। କଠିନ ପରିଶ୍ରମ କଲେ ଆପେ ସବୁକିଛି ସହଜ ହୋଇଯିବ। ପୂର୍ବରୁ ମୁଁ ମୋ' ଜୀବନରେ ଭାରତୀୟ ଓ ଅନ୍ତର୍ଜାତୀୟ ଏବଂ ଅଣଲାଭଦାୟକ ସଂସ୍ଥାରେ ଅନେକ ପ୍ରତିକୂଳ ପରିସ୍ଥିତିରେ କାମ କରିଛି। ଲୋକ ସେବା ପାଇଁ ମୋର ସେହି ଅନୁଭୂତିକୁ ଉପଯୋଗ କରିବି। ମୋର ନୂଆ ଦାୟିତ୍ୱକୁ ଅଧିକ ସହଜ କରିବା ପାଇଁ ମୁଁ ଲୋକଙ୍କ ସହିତ ଏକାଠି ବସିବି, ସେମାନଙ୍କ ସୁବିଧା ଅସୁବିଧା ବାବଦରେ ଆଲୋଚନା କରିବି ଏବଂ ସ୍ଥାନୀୟ ସମସ୍ୟାଗୁଡ଼ିକର ସମାଧାନ ରାସ୍ତା ବାହାର କରିବା ପାଇଁ ସେମାନଙ୍କ ସହଯୋଗ ଲୋଡ଼ିବି।

**■ ଭୋଟର କାହିଁକି ଆପଣଙ୍କୁ ସମର୍ଥନ କରିବେ?**

▶▶ ମୁଖ୍ୟମନ୍ତ୍ରୀ ଓ ବିଜୁ ଜନତା ଦଳ ଉପରେ ଓଡ଼ିଶାବାସୀଙ୍କର ପ୍ରଚୁର ଆସ୍ଥା ରହିଛି। ଏପର୍ଯ୍ୟନ୍ତ ଆପଣମାନେ ଆପଣଙ୍କ ପ୍ରତିନିଧି ଭାବେ ଯାହାଙ୍କୁ ନିର୍ବାଚିତ କରିଛନ୍ତି ତାହା କେବଳ ମୁଖ୍ୟମନ୍ତ୍ରୀଙ୍କ ଉପରେ ଥିବା ଆସ୍ଥା ଯୋଗୁ କରିଛନ୍ତି। କିନ୍ତୁ ସେହି ନିର୍ବାଚିତ ପ୍ରତିନିଧି ବିକାଶ ଓ ସମୃଦ୍ଧି କ୍ଷେତ୍ରରେ କିଛି କାମ ନ କରିବା ତାଙ୍କର ନିଷ୍କ୍ରିୟତାକୁ ପ୍ରମାଣିତ କରୁଛି। କିନ୍ତୁ ଭୋଟରମାନଙ୍କୁ ମୁଁ କହି ରଖିବାକୁ ଚାହେଁ ଯେ ସେମାନେ ମୋର ଯେଉଁ ଯୋଗ୍ୟତା, ଅନୁଭୂତି, ଦକ୍ଷତା ଏବଂ ଦୂରଦୃଷ୍ଟି ଅଛି, ସେସବୁ ପ୍ରତି ଧ୍ୟାନ ଦିଅନ୍ତୁ ଓ ଜାଣି ରଖନ୍ତୁ ଯେ, ସେସବୁକୁ ଉପଯୋଗ କରି ମୁଁ କଟକ ସଂସଦୀୟ କ୍ଷେତ୍ରର ସର୍ବାଙ୍ଗୀନ ଉନ୍ନତି କିପରି କରିହେବ ସେ ଦିଗରେ କାମ କରିବି। ତେବେ ସେହି ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତଙ୍କ ସହଯୋଗ ମୋର ଦରକାର ଏବଂ ସମସ୍ତେ ଏକାଠି ମିଶି ସାଙ୍ଗ ହୋଇ କାମ କରିବାକୁ ହେବ। ମୁଁ ଭାବେ ଯେ ଲୋକମାନେ ମୋ ସହ ଏକମତ ହେବେ। ଗୋଟିଏ ସମୃଦ୍ଧ କଟକ ଗଢ଼ିବା ପାଇଁ ସେମାନେ ସମର୍ଥନ ଦେବେ ଓ ସହଯୋଗ କରିବେ।

**■ ଆପଣ ଗୋଟିଏ ବ୍ୟକ୍ତିଗତ 'ବିଚାରପତ୍ର' ବା ମାନିଫେଷ୍ଟୋ ଘୋଷଣା କରିଛନ୍ତି। ଏହା ପ୍ରସ୍ତୁତ କରିବା ପାଇଁ ମୌଳିକ ସମସ୍ୟାଗୁଡ଼ିକୁ କେମିତି ଜାଣିଲେ?**

▶▶ ପ୍ରଥମ କଥା ହେଲା ଯେ ଏହା କୌଣସି ମାନିଫେଷ୍ଟୋ ବା ଘୋଷଣାପତ୍ର କିମ୍ବା ପ୍ରତିଶ୍ରୁତିପତ୍ର ନୁହେଁ। କଟକ ଲୋକ ସଭା ନିର୍ବାଚନମଣ୍ଡଳୀକୁ ସମୁନ୍ନତ ଓ ସମୃଦ୍ଧ କରିବା ପାଇଁ ଏହା ହେଉଛି ବିଜୁ ବାବୁ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିନ୍ତନ ସହ ସମନ୍ୱୟ ରଖି ବିଧାନସଭା କ୍ଷେତ୍ରୱାରି ଆବଶ୍ୟକ ଆଇଡିଆ ବା ବିଚାରର ସଂକଳନ- 'ବିଚାରପତ୍ର'। ଦ୍ୱିତୀୟରେ, ଆମ ବିଜୁ ଜନତା ଦଳ ପକ୍ଷରୁ ସାରା ରାଜ୍ୟ ପାଇଁ ଉଦ୍ଦିଷ୍ଟ 'ସଂକଳ୍ପପତ୍ର' ଦ୍ୱାରା ଅନୁପ୍ରାଣିତ ହୋଇ ଏହାକୁ ପ୍ରସ୍ତୁତ କରାଯାଇଛି। ତୃତୀୟରେ, ଲୋକଙ୍କ ସହ ସମ୍ପୃକ୍ତ ହେଲେ, ଜନସମ୍ପର୍କକୁ ସୁଦୃଢ଼ କଲେ ହିଁ ମୌଳିକ ସମସ୍ୟାଗୁଡ଼ିକ ଜଣାପଡ଼େ। ଆପଣଙ୍କ ପାଇଁ ହୁଏତ ଏହି 'ବିଚାରପତ୍ର' ଆଜି ପ୍ରକାଶ ପାଇଲା, କିନ୍ତୁ ଏହାକୁ ପ୍ରସ୍ତୁତ କରିବା ପାଇଁ ମୁଁ ବ୍ୟକ୍ତିଗତ ଭାବେ ବିଭିନ୍ନ ସ୍ଥାନ ବୁଲିଛି, ସମାଜର ବିଭିନ୍ନ ବର୍ଗର ଓ ବିଭିନ୍ନ ସ୍ତରର ଲୋକମାନଙ୍କ ସହିତ ମିଶିଛି, ଯେମିତିକି ବ୍ୟବସାୟୀ ସଂଘ, ଟ୍ରକ୍ ମାଲିକ ସଂଘ, ଅଟୋଚାଳକ ସଂଘ, ସ୍ୱୟଂସହାୟକ ଗୋଷ୍ଠୀ, କୃଷକ ସଂଘ, ସରପଞ୍ଚ ସମୂହ, ସାମ୍ବାଦିକ ସଂଘ ଓ ବୁଦ୍ଧିଜୀବୀମାନଙ୍କ ସହ ଆଲୋଚନା ପର୍ଯ୍ୟାଲୋଚନା କରିବା ଦ୍ୱାରା ମୌଳିକ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ସମ୍ଭବ ହୋଇଛି।

**■ ଜଣେ ସାଂସଦ କାର୍ଯ୍ୟନିର୍ବାହୀ ନୁହନ୍ତି। ସାଂସଦଙ୍କ ପାଖରେ କୌଣସି ଅମଲାତନ୍ତ୍ରୀ ଉତ୍ତରଦାୟୀ ହୁଅନ୍ତି ନାହିଁ। ଏଭଳି ସ୍ଥିତିରେ ଆପଣ ବିଚାରପତ୍ରରେ ଦେଉଥିବା ପ୍ରତିଶ୍ରୁତିକୁ କିଭଳି ପୂରଣ କରିବେ ବୋଲି ଭାବୁଛନ୍ତି?**

▶▶ ଦେଖନ୍ତୁ, ନେତୃତ୍ୱର ଦୁଇଟି ଦିଗ ରହିଛି। ଗୋଟିଏ ଦିଗ ଆଇନଗତ ହୋଇଥିବା ବେଳେ ଅନ୍ୟଟି ନୈତିକ। ଆମକୁ ଜୀବନର ଅନେକ କ୍ଷେତ୍ରରେ ବିନା କୌଣସି କ୍ଷମତାରେ କାମ କରିବାକୁ ପଡ଼େ। ମୋ' ଜୀବନରେ ଏମିତି ଏକାଧିକ ପରିସ୍ଥିତିରେ ମତେ କାମ କରିବାକୁ ପଡ଼ିଛି। ଏହା ହେଉଛି ନେତୃତ୍ୱର ଅଭିନ୍ନ ଅଂଶ। ଆପଣ ଜାଣନ୍ତି ଯେ ଓଡ଼ିଶାରେ ଉଭୟ ରାଜନୈତିକ ନେତୃତ୍ୱ ଓ ପ୍ରଶାସନିକ ବ୍ୟବସ୍ଥା ହାତରେ ହାତ ମିଳାଇ କାମ କରୁଛନ୍ତି। ଯେତେବେଳେ ଜଣେ ନିର୍ବାଚିତ ଜନପ୍ରତିନିଧି ନିଜ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଅନ୍ତି, ସେତେବେଳେ ପ୍ରଶାସକମାନଙ୍କଠାରୁ ସହଯୋଗ ମିଳିବା କଷ୍ଟକର ହୁଏ। କିନ୍ତୁ ନିର୍ବାଚିତ ଜନପ୍ରତିନିଧି ଯଦି ସାମାଜିକ କଲ୍ୟାଣ ଓ ସାମଗ୍ରିକ ଉନ୍ନତି କଳ୍ପେ ଆନ୍ତରିକତାର ସହ କାମ କରନ୍ତି, ଅମଲାତନ୍ତ୍ରୀ ତହିଁରେ ଅନ୍ତରାୟ ହୁଅନ୍ତି ନାହିଁ ବୋଲି ମୋର ବିଶ୍ୱାସ।

**■ ଆପଣ 'ମହାନଦୀ ମହାନ୍' କରିବେ ବୋଲି କହୁଛନ୍ତି। ମହାନଦୀର ପାଣି ଛତିଶଗଡ଼ ବ୍ୟାରେଜରେ ରହୁଛି। ଆପଣ ତାକୁ ଆଣିବେ କେମିତି, ମହାନ୍ କେମିତି କରିବେ?**

▶▶ (ସ୍ମିତହାସ୍ୟ ସହ) ଏହା ବାସ୍ତବରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ଏହି ପ୍ରଶ୍ନ ସହିତ ସ୍ୱାଧୀନତା ପରବର୍ତ୍ତୀ କାଳର ଇତିହାସ ଓ ଉଭୟ ରାଜ୍ୟର ଭୌଗୋଳିକ ଅବସ୍ଥିତି ଜଡ଼ିତ। ଯେତେବେଳେ ହୀରାକୁଦ ବନ୍ଧ ନିର୍ମାଣ କରାଗଲା, ସେତେବେଳେ ଛତିଶଗଡ଼ ରାଜ୍ୟର ଅସ୍ତିତ୍ୱ ନ ଥିଲା। ଭାରତୀୟ ସମ୍ବିଧାନରେ କେନ୍ଦ୍ର-ରାଜ୍ୟ ସମ୍ପର୍କ ଓ ରାଜ୍ୟ-ରାଜ୍ୟ ସମ୍ପର୍କ ବାବଦରେ ସ୍ପଷ୍ଟ ଉଲ୍ଲେଖ ରହିଛି। ହୀରାକୁଦ ବନ୍ଧ ନିର୍ମାଣ ପୂର୍ବରୁ ଯେଉଁ ସହମତି ହୋଇଥିଲା ଏବେ ନବଗଠିତ ଛତିଶଗଡ଼ ରାଜ୍ୟ ତାହାକୁ ଅବମାନନା କରିଛି ଏବଂ ଇଣ୍ଟର-ଷ୍ଟେଟ ରିଭର ୱାଟର ଡିସ୍‌ପ୍ୟୁଟ୍‌ସ ଆକ୍ଟ-୧୯୫୬ରେ ସନ୍ନିହିତ ନିୟମର ଖୋଲା ଉଲ୍ଲଂଘନ କରିଛି। ଏହାକୁ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ପାଇଁ ଗଠିତ ମହାନଦୀ ୱାଟର ଡିସ୍‌ପ୍ୟୁଟ୍‌ସ ଟ୍ରିବ୍ୟୁନାଲରେ ବିଚାର ଚାଲିଛି ଓ ସେହି ସମସ୍ୟାର ସମାଧାନ ସମୟକ୍ରମେ ହୋଇପାରିବ। କିନ୍ତୁ ଏହି ବିବାଦ କେନ୍ଦ୍ରରେ ଶାସନ କରୁଥିବା ଓ ଛତିଶଗଡ଼ର ଶାସକ ଭାଜପା ସରକାରଙ୍କ ମୁଖା ଖୋଲି ଦେଇଛି। ଭାଜପାର ନେତୃତ୍ୱ ଓଡ଼ିଶା ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବେଳେ ବାସ୍ତବରେ ସେମାନେ ଛତିଶଗଡ଼ର ସ୍ୱାର୍ଥ ରକ୍ଷା ପାଇଁ ଅଧିକ ଧ୍ୟାନ ଦେଉଛନ୍ତି। ଆପଣଙ୍କ କହିବା ମୁତାବକ ଖରାଦିନେ ମହାନଦୀରେ ଜଳସ୍ରୋତ କମିଯାଇଛି ସତ, କିନ୍ତୁ ସମ୍ପୂର୍ଣ୍ଣ ଲୁପ୍ତ ହୋଇଯାଇ ନାହିଁ। ମୁଁ ମହାନଦୀର ମଧ୍ୟ-ସ୍ରୋତର ସଂରକ୍ଷଣ ପ୍ରତି ଧ୍ୟାନ ଦେବି ଓ ସେଥିପାଇଁ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନେବି। ମହାନଦୀ ଆମର ସବୁଠୁ ବଡ଼ ନଦୀ ଓ ଏହା ଓଡ଼ିଶାର ଜୀବନରେଖା। ତେଣୁ 'ମହାନଦୀ ମହାନ୍'ର କଳ୍ପନା ବାସ୍ତବ ରୂପ ନେବା ପାଇଁ କୌଣସି ପ୍ରତିବନ୍ଧକ ରହିବ ନାହିଁ।

**■ ଭୋଟ ପାଇବା ପୂର୍ବରୁ ସମସ୍ତେ ଅତି ଭଲ କଥା କୁହନ୍ତି। ଭୋଟ ପାଇଲା ପରେ ଲୋକଙ୍କ ପାଖକୁ ବିଶେଷକରି ସାଂସଦମାନେ ଫେରନ୍ତି ନାହିଁ? ଏହାର ଉଦାହରଣ କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ଲୋକେ ଭଲ ଭାବେ ଜାଣିଛନ୍ତି, ଆପଣ ସେହିଭଳି ଭୋଟରଙ୍କୁ ଚିଟା କାଟିବେ ନାହିଁ ବୋଲି କେମିତି ଜାଣିବା?**

▶▶ ମୁଁ ଅତୀତକୁ ବଦଳାଇ ପାରିବି ନାହିଁ, କିନ୍ତୁ ଭବିଷ୍ୟତକୁ ତିଆରି କରିପାରିବି। ବିଶ୍ୱାସ ହେଉଛି ସବୁଠୁ ବଡ଼ କଥା। ମୋର ଆଶା ଯେ କଟକ ସଂସଦୀୟ କ୍ଷେତ୍ରର ମତଦାତାମାନେ ମୋତେ ବିଶ୍ୱାସ କରିବେ ଓ ମୋ ଉପରେ ସେମାନଙ୍କର ସମ୍ପୂର୍ଣ୍ଣ ଆସ୍ଥା ରଖିବେ। ମୁଁ ପରିକ୍ରମା କଲାବେଳେ ଲୋକମାନଙ୍କ ଅସନ୍ତୋଷକୁ ଦେଖିପାରୁଛି ଓ ସେମାନଙ୍କ ଭିତରେ ସଂଗୁପ୍ତ ରହିଥିବା କ୍ରୋଧକୁ ବୁଝିପାରୁଛି। ତେଣୁ ସେମାନେ ମୋ ଭିତରେ ପରିବର୍ତ୍ତନର ଆଭାସ ପାଉଛନ୍ତି। 'ବିଚାରପତ୍ର'ରେ ମୁଁ ପ୍ରତିଶ୍ରୁତି ଦେଇଛି, ପ୍ରତି ତିନି ମାସରେ ଥରେ ପ୍ରତ୍ୟେକ ବିଧାନସଭା କ୍ଷେତ୍ରର ଲୋକମାନଙ୍କ ସହ ପୂର୍ବ ସୂଚନା ପ୍ରଦାନପୂର୍ବକ ଯୋଗାଯୋଗ ରଖିବି ଓ ସେମାନଙ୍କ ଅଭାବ ଅସୁବିଧା ପ୍ରତି ଧ୍ୟାନ ଦେବି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ: ...................................
ଜନ୍ମ ତାରିଖ: .............................

ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜୁନିୟର ଗ୍ରାଣ୍ଡସ୍ଲାମ ଡେଭଲପମେଣ୍ଟ ପ୍ରୋଗ୍ରାମରେ ଆହାନ୍

**ଭୁବନେଶ୍ୱର, ୧୬।୫ (ସରୋଜ ଜେନା)**



ୟୁରୋପ ଟେନିସ୍ ଫେଡେରେଶନ ପକ୍ଷରୁ ଅନୁଷ୍ଠିତ ଜୁନିୟର ଗ୍ରାଣ୍ଡସ୍ଲାମ ପ୍ଲେୟର ଡେଭେଲପମେଣ୍ଟ ପ୍ରୋଗ୍ରାମରେ ସାମିଲ ହୋଇଛନ୍ତି ଓଡ଼ିଆ ଝିଅ ଆହାନ୍। ଏସିଆ ମହାଦେଶରୁ ସମୁଦାୟ ୮ ଜଣ ଖେଳାଳି ଏହି ପ୍ରୋଗ୍ରାମରେ ସାମିଲ ଥିବା ବେଳେ ଏହା ମଧ୍ୟରେ ଆହାନଙ୍କ ନାମ ରହିଛି। ୫ ଜୁଲାଇରୁ ୪ ଅଗଷ୍ଟ ମଧ୍ୟରେ୫ ସପ୍ତାହ ଯାଏ ଏହି ଖେଳାଳି ମାନେ ୟୁରୋପ ଗସ୍ତ କରି ବିଭିନ୍ନ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଏହା ଦ୍ୱାରା ଖେଳାଳି ମାନଙ୍କୁ ଅନ୍ତର୍ଜାତୀୟ ଅଭିଜ୍ଞତା ମିଳିବ। ୧୪ ବର୍ଷରୁ କମ୍ ବୟସ ବାଳିକା ବର୍ଗରେ ଆହାନ ବର୍ତ୍ତମାନ ଭାରତର ଏକ ନମ୍ବର ଖେଳାଳି ରହିଛନ୍ତି। ମାଲେସିଆର କୁଚିଙ୍ଗରେ ଅନୁଷ୍ଠିତ ଆଇଟିଏଫ୍ ବିଶ୍ୱ ଜୁନିୟର ଟିମ୍ କମ୍ପିଟେଶନରେ ସେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ଏହା ସହ ଏସିଆନ୍ ଡେଭେଲପମେଣ୍ଟ ଟେନିସରେ ମଧ୍ୟ ସେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରରେ ଅନୁଷ୍ଠିତ ଆଇଟିଏଫ୍ ୱାର୍ଲ୍ଡ ଜୁନିୟର ଟେନିସ୍‌ରେ ସେ ସେମି ଫାଇନାଲରେ ପ୍ରବେଶ କରିଥିଲେ। ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବବ୍ୟାପାର ବିଭାଗ, ଓଡ଼ିଶା ଟେନିସ୍ ଆସୋସିଏଶନ(ଓଟିଏ) ପକ୍ଷରୁ ଆହାନଙ୍କୁ ସହାୟତା ପ୍ରଦାନ କରାଯାଉଛି। ଓଟିଏ ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ଡ. ସତ୍ୟଜିତ ମହାନ୍ତି ଓ ଯୁଗ୍ମ ସଚିବ ସଞ୍ଜୀବ ପଣ୍ଡା ଆହାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ସେଣ୍ଟ୍ରାଲ ଏସିଆନ ହ୍ୟାଣ୍ଡବଲ

# ଆର୍ଯ୍ୟନଙ୍କ ୫ ଗୋଲ, ଭାରତ ବିଜୟୀ



ଆର୍ଯ୍ୟନ ବ୍ରାହ୍ମିନ

**ଭୁବନେଶ୍ୱର, ୧୬।୫ (ତପନ ସ୍ୱାଇଁ):** ଉଜବେକିସ୍ତାନର ତାସକେଣ୍ଟଠାରେ ଚାଲିଥିବା ସେଣ୍ଟ୍ରାଲ ଏସିଆନ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାରତ ଏହାର ପ୍ରଥମ ମ୍ୟାଚରେ ବିଜୟ ହାସଲ କରିଛି। ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ଆର୍ଯ୍ୟନ ବ୍ରାହ୍ମିନଙ୍କ ଚମକ ଏହି ମ୍ୟାଚରେ ଦେଖିବାକୁ ମିଳିଥିଲା। ଆର୍ଯ୍ୟନଙ୍କ ୫ ଗୋଲ ବଳରେ ଭାରତ ୪୩-୪୦ରେ କାଜାଖସ୍ତାନକୁ ପରାସ୍ତ କରିଛି। ପ୍ରକାଶଯୋଗ୍ୟ ଯେ, ଆର୍ଯ୍ୟନ ହେଉଛନ୍ତି ଓଡ଼ିଶାର ଏକମାତ୍ର ଅନ୍ତର୍ଜାତୀୟ ଅଭିଜ୍ଞ ସମ୍ପନ୍ନ ହ୍ୟାଣ୍ଡବଲ ଖେଳାଳି। ପୂର୍ବରୁ ମଧ ସେ ଅନେକଥର ନିଜ ଦଳକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୩ | ୯ | ୩ | ୧ | ୧୯ | +୧.୪୨୮ |
| ରାଜସ୍ଥାନ ରୟାଲ୍ସ | ୧୩ | ୮ | ୫ | ୦ | ୧୬ | +୦.୨୭୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୭ | ୫ | ୧ | ୧୫ | +୦.୪୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୬ | ୦ | ୧୪ | +୦.୫୨୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୭ | ୦ | ୧୪ | -୦.୩୭୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୬ | ୭ | ୦ | ୧୨ | +୦.୩୮୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୭୮୭ |
| ଗୁଜରାଟ ଟାଇଟନ୍ସ | ୧୪ | ୫ | ୭ | ୨ | ୧୨ | -୧.୦୬୩ |
| ପଞ୍ଜାବ କିଙ୍ଗ୍ସ | ୧୩ | ୫ | ୮ | ୦ | ୧୦ | -୦.୩୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୪ | ୯ | ୦ | ୮ | -୦.୨୭୧ |

# ଦୁଇ ଭାରତୀୟଙ୍କ ପାସ୍‌ପୋର୍ଟ ଜବତ

**କଲମ୍ବୋ, ୧୬।୫(ପି.ଟି.):** ମ୍ୟାଚ ଫିକ୍ସିଂ ମାମଲାରେ ଜଡ଼ିତ ଦୁଇ ଭାରତୀୟ ୟୋନି ପଟେଲ ଓ ପି. ଆକାଶଙ୍କ ପାସ୍‌ପୋର୍ଟ ଜବତ କରିବା ଲାଗି ଶ୍ରୀଲଙ୍କାର ଏକ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ଅନୁଷ୍ଠିତ ଅଣସ୍ୱୀକୃତିପ୍ରାପ୍ତ ଲିଜେଣ୍ଡ କ୍ରିକେଟ ଲିଗ୍‌ରେ ଏହି ଦୁଇ ବ୍ୟକ୍ତି ମ୍ୟାଚ ଫିକ୍ସିଂ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ସେମାନେ ବର୍ତ୍ତମାନ ଜାମିନରେ ଅଛନ୍ତି। ପଟେଲ ଓ ଆକାଶ ଗତ ମାର୍ଚ୍ଚ ୮ରୁ ୧୯ ପର୍ଯ୍ୟନ୍ତ କାଣ୍ଡିରେ ଅନୁଷ୍ଠିତ ମ୍ୟାଚଗୁଡ଼ିକ ଫିକ୍ସ କରିବା ଲାଗି ପ୍ରୟାସ କରିଥିବା ଅଭିଯୋଗ ହୋଇଥିଲା। ଲିଗ୍‌ର ଫାଇନାଲରେ ରାଜସ୍ଥାନ କିଙ୍ଗ୍ସ ନାମକ ଦଳ ନ୍ୟୁୟର୍କ ସୁପର ଷ୍ଟ୍ରାଇକର୍ସଙ୍କୁ ପରାସ୍ତ କରିଥିଲା।

# କିଟ୍‌ର ୪ ଓଡ଼ିଆ ଖେଳାଳି ଭାଗନେବେ

### ଅଷ୍ଟ୍ରେଲିଆନ ଓପନ ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର, ୧୬।୫ (ତପନ ସ୍ୱାଇଁ)**



ଭାରତୀୟ ଦଳରେ ସ୍ଥାନ ପାଇଥିବା ୪ ଓଡ଼ିଆ।

ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ ଆନୁକୂଲ୍ୟରେ ସିଡ୍‌ନୀଠାରେ ଅଷ୍ଟ୍ରେଲିଆନ ଓପନ ୱାର୍ଲ୍ଡ ଟୁର୍ ସୁପର ୫୦୦ ଟୁର୍ନାମେଣ୍ଟ ଜୁନ୍ ୧୧ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ପ୍ରଥମଥରପାଇଁ ଓଡ଼ିଶାର ୪ ଖେଳାଳି ଅଂଶଗ୍ରହଣ କରିବାକୁ ଯାଉଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଏହି ଖେଳାଳିମାନେ ହେଲେ ରତପର୍ଣ୍ଣା ପଣ୍ଡା, ଶ୍ୱେତପର୍ଣ୍ଣା ପଣ୍ଡା, ହର୍ଷିତା ରାଉତ ଓ ଶୃତି ସ୍ୱାଇଁ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ମୁମ୍ବାଇ ବନାମ ଲକ୍ଷ୍ନୌ**

ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ପ୍ଲେଅଫ୍‌ରେ ହାଇଦ୍ରାବାଦ

**ହାଇଦ୍ରାବାଦ, ୧୬।୫:** ବର୍ଷା କାରଣରୁ ଗୁରୁବାର ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ୍ ଧୋଇଯିବା ଫଳରେ ତୃତୀୟ ଦଳ ଭାବରେ ଆଇପିଏଲ ପ୍ଲେ ଅଫ୍‌ରେ ପ୍ରବେଶ କରିଛି ସନରାଇଜର୍ସ ହାଇଦ୍ରାବାଦ। ବର୍ତ୍ତମାନ ପ୍ଲେ ଅଫ୍‌ରେ ଗୋଟିଏ ସ୍ଥାନ ଖାଲିଥିବା ବେଳେ ୪ ଦଳ ଦୌଡରେ ରହିଛନ୍ତି।

# ପ୍ରଗତି ସ୍ପୋର୍ଟିଂ ସେମିରେ



ପୁରସ୍କୃତ ହେଉଛନ୍ତି ବିମଳଜ୍ୟୋତି।

**ଭୁବନେଶ୍ୱର, ୧୬।୫ (ବିଜୟ ରଣା)**

ସ୍ଥାନୀୟ ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୬ଷ୍ଠ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାମାଉଣ୍ଟ 'ବି'କୁ ୮ ଉଇକେଟରେ ପରାସ୍ତ କରି ପ୍ରଗତି ସ୍ପୋର୍ଟିଂ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ୪୦ ଓଭର ବିଶିଷ୍ଟ ହୋଇଥିଲା। ଏଥିରେ ପାରାମାଉଣ୍ଟ 'ବି' ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୩୭.୫ ଓଭରରେ ସମସ୍ତ ଉଇକେଟ ହରାଇ ୯୧ ରନ କରିଥିଲା। ଦଳ ପକ୍ଷରୁ ସୁମଙ୍ଗଳ ରାଜପୁତ ସର୍ବାଧିକ ୨୫ରନ କରିଥିଲେ। ବିପକ୍ଷ ଦଳର ବିମଳଜ୍ୟୋତି ବେହେରା, ଅନମୋଲ ପଟ୍ଟନାୟକ, ଅସିମ ବରଦ ଓ ଧର୍ମାଦିତ୍ୟ ସ୍ୱରନକର ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ମାତ୍ର ୧୩.୩ ଓଭରରେ ୨ ଉଇକେଟ ବିନିମୟରେ ୯୪ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ପକ୍ଷରୁ ଯଶବନ୍ତ ପ୍ରଧାନ ୪୭ ଏବଂ ଯୁବରାଜ ଦେଓ ୩୩ ରନ କରି ଅପରାଜିତ ରହିଥିଲେ। ଦଳର ଦୁଇ ଓପନର ଆଦର୍ଶ କୁମାର (୩ରନ) ଓ ପ୍ରତ୍ୟୁଶ ଖଡ଼ରାୟ (୦) ରନଆଉଟ ହୋଇଯାଇଥିଲେ। ବିଜୟୀ ଦଳର ବିମଳଜ୍ୟୋତି ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ତାଙ୍କ ୮ ଓଭର ବୋଲିଂରେ ୪ ମେଡେନ ସହ ୧୬ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ଗୁରୁବାର ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂର ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ପାତ୍ର ଅତିଥିଭାବେ ଯୋଗ ଦେଇଥିଲେ।

# ପୁମା ସହ ଏଏଫ୍‌ଆଇର ଚୁକ୍ତି



**ନୂଆଦିଲ୍ଲୀ, ୧୬।୫(ପି.ଟି.)**

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ା ପୋଷାକ ବ୍ରାଣ୍ଡ ପୁମା ସହ ବହୁବର୍ଷୀୟ ଚୁକ୍ତି କରିଛି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ)। ଏହି କମ୍ପାନୀ ଏଣିକି ପ୍ରାୟ ୪୦୦ ଭାରତୀୟ ଆଥ୍‌ଲେଟଙ୍କୁ ଘରୋଇ ଏବଂ ଅନ୍ତର୍ଜାତୀୟ ଇଭେଣ୍ଟଗୁଡ଼ିକ ବେଳେ ପୋଷାକ, ଜୋତା ଓ ଅନ୍ୟାନ୍ୟ ସରଞ୍ଜାମ ଯୋଗାଇ ଦେବ। ଅଫିସିଆଲ କିଟ୍ ପ୍ରାୟୋଜକ ହୋଇଥିବାରୁ ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରା, ଲଙ୍ଗ ଜମ୍ପର ମୁରଲୀ ଶ୍ରୀଶଙ୍କର ଏବଂ ଷ୍ଟିପଲ ଚେଜର ପାରୁଲ ଚୌଧାରୀଙ୍କ ଭଳି ଭାରତର ଟପ୍ ଆଥ୍‌ଲେଟମାନେ ମଧ୍ୟ ଏଣିକି ପୁମା କ୍ରୀଡ଼ା ସରଞ୍ଜାମ ବ୍ୟବହାର କରିବେ। ଏହି ପରିପ୍ରେକ୍ଷୀରେ ଚୋପ୍ରା କହିଛନ୍ତି, ଜଣେ ଆଥ୍‌ଲେଟ ହିସାବରେ ସେ ଦୀର୍ଘ ୧୨ ବର୍ଷ ହେଲା ଟ୍ରେନିଂ ନେଇ ଆସୁଛନ୍ତି। ଜଣେ ଆଥ୍‌ଲେଟଙ୍କ ପକ୍ଷେ ଉଚ୍ଚମାନର କ୍ରୀଡ଼ା ସରଞ୍ଜାମର କେତେଟା ଗୁରୁତ୍ୱ ରହିଛି ତାହା ସେ ଭଲ ରୂପେ ହୃଦୟଙ୍ଗମ କରିଛନ୍ତି। ଭାରତୀୟ କ୍ରୀଡ଼ାର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଏହି ପାର୍ଟନରଶିପ୍‌ରୁ ସୂଚନା ମିଳୁଛି। ଭାରତୀୟ ଆଥ୍‌ଲେଟମାନେ ପ୍ରଥମ ଥର ବିଶ୍ୱ ଶ୍ରେଣୀୟ ସ୍ୱିଡ୍ ସୁଟ୍ ପାଇବାକୁ ଯାଉଛନ୍ତି, ଯାହାକି ପୁମା ବିଶ୍ୱବ୍ୟାପୀ ଅନ୍ୟ ପ୍ରତିଷ୍ଠିତ ଆଥ୍‌ଲେଟମାନଙ୍କୁ ଯୋଗାଇ ଆସୁଛି। ଏଏଫ୍‌ଆଇ ସଭାପତି ଆଡିଲ ସୁମାରିୱାଲ କହିଛନ୍ତି, ପୁମା ସହିତ ଚୁକ୍ତି ସ୍ୱାକ୍ଷର ଭାରତର ଆଥ୍‌ଲେଟମାନଙ୍କ ଲାଗି ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ।


### ଷଷ୍ଠ ଜନ୍ମଦିନର ଶୁଭେଚ୍ଛା



ଶ୍ରେୟାଲିନ୍ ରାଉତ (ମାମା, ଜିନୁ)
ଇମାମ୍ ନଗର, ଜଗତପୁର, କଟକ
ତୋର ଷଷ୍ଠ ଜନ୍ମଦିନ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅପାର କରୁଣାରୁ ତୁ ଦୀର୍ଘାୟୁ, ଯଶସ୍ୱୀ ଏବଂ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ଏହାହିଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ: ଅଜା, ଆଈ, ଜେଜେ, ଜେଜେମା, ବାବା, ମାମା, ଦାଦା, ନାନା, ପିଉସା, ଲୁସି, ସୁସି, ଗୁଡୁଲି, ପିଙ୍କନ୍, ଶ୍ରୀ, ଗୁଡୁଲ୍, ସାଇନା ଓ ବାବୁନା।
ଧ-୩୦୧

CLASSIFIED DISPLAY
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 3,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଆଡୱାର୍ଲ୍ଡ
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମେଡ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍‌କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, ଷ୍ଟିକର୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁକୁଟ, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-୨୦୭, ସେକ୍ଟର ୫, ନୋଏଡ଼ା
9810432170
7606841840

BINET SCIENCE ACADEMY
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Classified Everyday
0674-2580101, 2549949



REAL ESTATE

SALE

Commercial plot, facing to NH Road Nakhara to Niali NH 10000sqft., 3sides road, 2-Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452. D-75739

ଭୁବନେଶ୍ୱର ଗ୍ୟାରେଜ ଛକରେ ଏଲୋଜନ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-272



CONSTRUCTION

Do you want to construct your dream house, Remodelling, Extension, Core house, Fully Vastu, Architectural, Structural and 3D view with BDA approval. 7978942718, (W) 9938607290, anjaneyaainfrastructures @ gmail.com. D-75814

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



FOR RENT

Shoproom (10'x10') 2Nos. opposite Bijupatnaik College mainroad Jayadev Vihar, Bhubaneswar. Contact- 7008296802. D-300



Healthcare

Newly open Jyoti Spa positively health benefits (Expert Therapist). 8458067955. D-76119

Relax, Refresh your body, Mind at Saikrupa Spa with best therapies. 8984068077. D-306

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75740

Newly open full body massage all types massage available. 7749034655. D-76121

Monalisa massage Club:All types Body massage with hiprofile smart lady rooms service available. 9708545108. D-295

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

୨୬ତମ ଶ୍ରାଦ୍ଧବାର୍ଷିକୀ



୰ସୁରେନ୍ଦ୍ର ନାଥ ମହାପାତ୍ର
ଖରିଗର, ନିଆଳି, କଟକ
ଆବିର୍ଭାବ-୦୭।୧୧।୧୯୫୩
ତିରୋଧାନ- ୨୨।୦୪।୧୯୯୮ (ବୈଶାଖ ଶୁକ୍ଳ ଦଶମୀ)
ଚାହୁଁ ଚାହୁଁ ୨୬ ବର୍ଷ ବିତିଗଲା, ତୁମେ ଥିଲ ମୋ ଜୀବନର ସ୍ପନ୍ଦନ, ଆନନ୍ଦର ଉତ୍ସ। ମୋ ପାଇଁ ପୋତି ଦେଇଥିଲ ମାନବତାର ମାଇଲଖୁଣ୍ଟ। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବାକୁ ପାଥେୟ କରି ମୁଁ ଜୀବନର ଚଲାପଥରେ ଆଗେଇ ଚାଲିଛି। ସବୁଦିନ ତୁମେ ମୋ ସ୍ମୃତିରେ ରହିଛ, ରହିଥିବ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ପାଦପଦ୍ମରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ- ହତଭାଗିନୀ ସ୍ତ୍ରୀ: ଲକ୍ଷ୍ମୀ, ଝିଅ: ଲୀନା, ଲିଜା, ଜ୍ୱାଇଁ: ଭବାନୀ, ପ୍ରଦୀପ୍ତ, ନାତି: ଜଗନ, ଗୁଡ୍ଡୁ, ବନ୍ଧୁ ଓ ପରିବାରବର୍ଗ।
ଧ-୩୧୧

ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଉପଲକ୍ଷେ



୰ମନୋରମା ପତି
ଉପର ଡିଆଡ଼ିସାହି, ପୁରୀ
ଆବିର୍ଭାବ- ୧୨।୦୯।୫୫
ତିରୋଧାନ- ୨୯।୦୫।୨୩
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ- କେଦାର, ମନ୍ମଥ, ଅମିତାଭ, ସର୍ବଜିତ୍, ମୌସୁମୀ, ସଞ୍ଜୀବିତା, ୟୁସି, ଚିତ୍ତ, ପୁଷ୍ପକ, ନାରାୟଣ, ବିବେକାନନ୍ଦ, ଅଜୟ, ସବିତା, ଝୁନା, ମୁମ୍ବ, ନମନ, ଗୁଚି, ଜୁଜୁ, ରୁବି, କୁଲୁ।
ଧ-୩୦୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ସର୍ବେଶ୍ୱର ମହାନ୍ତି
ଆବିର୍ଭାବ : ୨୯.୧୦.୧୯୩୩
ତିରୋଧାନ : ୨୪.୦୫.୨୦୨୩
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା, ଆପଣଙ୍କ ପ୍ରଦର୍ଶିତ ସ୍ୱାଭିମାନ, ସରଳ ଜୀବନ ଯାପନ, ନିଷ୍ଠାପର କର୍ତ୍ତବ୍ୟ କର୍ମ ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମର ଅମର ଆତ୍ମାର ସଦ୍‌ଗତି ପ୍ରାପ୍ତ ହେଉ ଏହାହିଁ କାମନା।
ଆପଣଙ୍କର ଶୋକସନ୍ତପ୍ତ
ଝିଅ, ଜ୍ୱାଇଁ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଓ ପରିବାରବର୍ଗ
ଧ-୭୫୫୩୭

### ଫେଡେରେଶନ କପ୍ ଆଥ୍‌ଲେଟିକ୍ସରେ

# ଓଡ଼ିଶା ଚମକ

**ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ୨୭ତମ ସଂସ୍କରଣ କଳିଙ୍ଗ ଷ୍ଟାଡିୟମରେ ସଫଳତାର ସହ ସମ୍ପନ୍ନ ହୋଇଛି। ଏଥିରେ ଓଡ଼ିଶାର ୪ ଆଥଲେଟ୍ ଅନିମେଶ କୁଜୁର, ଶ୍ରାବଣୀ ନନ୍ଦ, ପ୍ରଜ୍ଞା ପ୍ରଶାନ୍ତି ସାହୁ ଓ ସ୍ୱାଧୀନ କୁମାର ମାଝି ୬ଟି ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। କିଶୋର ଜେନାଙ୍କ ପରି ଅନ୍ୟ କେତେଜଣ ଆଥ୍‌ଲେଟ୍ ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନ ଥିଲେ ହେଁ ରାଜ୍ୟ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିଛନ୍ତି....**

–ପ୍ରସ୍ତୁତି ତପନ ସ୍ୱାଇଁ



ସ୍ୱାଧୀନ କୁମାର ମାଝି



ପ୍ରଜ୍ଞା ପ୍ରଶାନ୍ତି ସାହୁ



ଅନିମେଶ କୁଜୁର



ଶ୍ରାବଣୀ ନନ୍ଦ



କିଶୋର ଜେନା

ପୂର୍ବରୁ ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନରେ ଉଦାହରଣ ସୃଷ୍ଟି କରିଥିବା ଓଡ଼ିଶା ଏବେ ଏହାର ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି। କଳିଙ୍ଗ ଷ୍ଟାଡିୟମରେ ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ସଫଳତାର ସହ ସମ୍ପନ୍ନ ହୋଇଛି। ମେ’ ୧୨ରୁ ୧୫ ପର୍ଯ୍ୟନ୍ତ ୪ ଦିନ ଧରି ଆୟୋଜିତ ଏହି ସମ୍ମାନ୍‌ଜନକ ପ୍ରତିଯୋଗିତାରେ ଭାରତର ନାମୀ ତାରକା ଆଥ୍‌ଲେଟ୍‌ମାନେ ଅଂଶଗ୍ରହଣ କରିଥିଲେ। ୧୨ ତାରିଖରେ ପୁରୁଷ ୫,୦୦୦ ମିଟର ରାଉଣ୍ଡ–୧ରୁ ଆରମ୍ଭ ହୋଇଥିବା ଏହି ଚାମ୍ପିୟନଶିପ୍ ୧୫ରେ ପୁରୁଷ ୧୦,୦୦୦ ମିଟର ସହ ଶେଷ ହୋଇଥିଲା। ପୋଲ୍‌ଭଲ୍ଟ, ୪୦୦ ମିଟର ହର୍ଡଲ୍ସ, ଜାଭେଲିନ୍ ଥ୍ରୋ, ଟ୍ରିପଲ ଜମ୍ପ, ୫୦୦୦ମି. ରେସ୍, ଡିସ୍‌କସ୍ ଥ୍ରୋ, ହାଇଜମ୍ପ, ଶଟ୍‌ପୁଟ୍, ଲଙ୍ଗଜମ୍ପ, ୧୦୦, ୨୦୦, ୪୦୦, ୮୦୦, ୧୫୦୦ ମିଟର ରେସ୍, ହାମର ଥ୍ରୋ, ୩୦୦୦ ମିଟର ଷ୍ଟିପଲଚେଜ୍, ୧୦୦୦୦ ମିଟର ରେସ୍ ଆଦି ଇଭେଣ୍ଟଗୁଡ଼ିକରେ ମହିଳା ଓ ପୁରୁଷ ପ୍ରତିଯୋଗୀମାନେ ଭାଗ୍ୟ ପରୀକ୍ଷା କରିଥିଲେ। ଏହା ବ୍ୟତୀତ ମହିଳା ବିଭାଗରେ ୧୦୦ ମିଟର ହର୍ଡଲ୍ସ, ହେପ୍ଟାଥଲନ ଏବଂ ପୁରୁଷରେ ୧୧୦ ମିଟର ହର୍ଡଲ୍ସ ଓ ଡେକାଥଲନ ଇଭେଣ୍ଟ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ଆତିଥେୟତା ଓ ଆୟୋଜନକୁ ଆଥ୍‌ଲେଟ୍‌ମାନେ ବେଶ୍ ପ୍ରଶଂସା କରିଥିଲେ।

କେବଳ ଆୟୋଜନ ନୁହେଁ, ପ୍ରଦର୍ଶନରେ ମଧ୍ୟ ଛାପ ଛାଡ଼ିଥିଲେ ଓଡ଼ିଶା ଆଥ୍‌ଲେଟ୍। ଓଡ଼ିଶା ପାଇଁ ସ୍ୱର୍ଣ୍ଣ ପଦକରୁ ଅଭିଯାନ ଆରମ୍ଭ କରିଥିଲେ ଅନିମେଶ କୁଜୁର। ଭୁବନେଶ୍ୱରସ୍ଥିତ ଓଡ଼ିଶା ଏଚ୍‌ପିସିରେ ଟ୍ରେନିଂ ନେଉଥିବାରୁ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଛତିଶଗଡ଼ର ଅନିମେଶ ପୁରୁଷ ୨୦୦ ମିଟର ରେସ୍‌ରେ ୨୦.୬୨ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆନ୍ଧ୍ର ପ୍ରଦେଶର ନାଲୁବୋଥୁ ଶନୁମଗା ଏସ୍. ୨୦.୯୭ ସେକେଣ୍ଡ ସହ ରୌପ୍ୟ ଓ ମହାରାଷ୍ଟ୍ରର ଜୟ ଶାହା ୨୧.୩୧ ସେକେଣ୍ଡ ନେଇ ବ୍ରୋଞ୍ଜ୍ ପଦକ ପାଇଥିଲେ। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଅନ୍ୟତମ ପ୍ରତିଯୋଗୀ ଦଣ୍ଡପତି ମୃତ୍ୟମ ଜୟରାମ ରେସ୍ ଫିନିଶ୍ କରିପାରି ନ ଥିଲେ। ଅନିମେଶ କେବଳ ୨୦୦ ମିଟର ନୁହେଁ, ୧୦୦ ମିଟରରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରି ରୌପ୍ୟ ପଦକ ଅର୍ଜନ କରିଥିଲେ। ସେ ୧୦.୫୦ ସେକେଣ୍ଡ ଟାଇମିଂ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପଞ୍ଜାବର ଗୁରିନ୍ଦରବୀର ସିଂ ସ୍ୱର୍ଣ୍ଣ (୧୦.୩୫) ଓ ହରଜିତ ସିଂ (୧୦.୫୬) ବ୍ରୋଞ୍ଜ୍ ପଦକ ପାଇଥିବାବେଳେ ଅନ୍ୟତମ ଓଡ଼ିଶା ଆଥ୍‌ଲେଟ୍ ଲାଲୁ ପ୍ରସାଦ ଭୋଇ ୧୦.୬୩ ସେକେଣ୍ଡ ସହ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ଅନିମେଶଙ୍କ ସମକକ୍ଷ ସଫଳତା ପାଇ ନ ଥିଲେ ହେଁ ଓଡ଼ିଆ ମହିଳା ଆଥ୍‌ଲେଟ୍ ଶ୍ରାବଣୀ ନନ୍ଦ ମଧ୍ୟ ଡବଲ ପଦକ ସହ ପ୍ରତିଯୋଗିତା ଶେଷ କରିଥିଲେ। ସେ ୨୦୦ ମିଟରରେ ରୌପ୍ୟ ଓ ୧୦୦ ମିଟରରେ ବ୍ରୋଞ୍ଜ୍ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ। ମହିଳା ୨୦୦ ମିଟର ରେସ୍‌ରେ ଶ୍ରାବଣୀ ୨୩.୮୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କର୍ଣ୍ଣାଟକର ଉନ୍ନଥି ଆୟାପ୍ପା ବୋଲାଣ୍ଡ ୨୩.୮୫ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ ଗୁଜରାଟର ଦିବ୍ୟାନିବା ମହେନ୍ଦ୍ରସିନ୍ (୨୪.୧୪)। ସେହିପରି ମହିଳା ୧୦୦ ମିଟରରେ ଶ୍ରାବଣୀ ୧୧.୭୬ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ପାଇଥିଲେ। କର୍ଣ୍ଣାଟକର ସ୍ନେହା ଏସ୍.ଏସ୍. ୧୧.୬୩ ସେକେଣ୍ଡ ନେଇ ସ୍ୱର୍ଣ୍ଣ ଏବଂ ତାମିଲନାଡୁର ଗିରିଧାରିଣୀ ରବିକୁମାର ୧୧.୬୭ ସେକେଣ୍ଡ ସହ ରୌପ୍ୟ ପଦକ ହାସଲ କରିଥିଲେ।

ଓଡ଼ିଶାର ପଦକ ତାଲିକାକୁ ବୃଦ୍ଧିମନ୍ତ କରିଥିଲେ ଆଉ ୨ ଆଥ୍‌ଲେଟ୍। ସେମାନେ ହେଲେ ପ୍ରଜ୍ଞା ପ୍ରଶାନ୍ତି ସାହୁ ଓ ସ୍ୱାଧୀନ କୁମାର ମାଝି। ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ୧୩.୪୦ ସେକେଣ୍ଡ ନେଇ ରୌପ୍ୟ ପଦକ ହାସଲ କରିଥିଲେ। ତାମିଲନାଡୁର ନିଥ୍ୟା ରାମରାଜ ୧୩.୧୪ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ପଶ୍ଚିମବଙ୍ଗର ମୌମିତା ମଣ୍ଡଳ ୧୩.୬୪ ସେକେଣ୍ଡ ନେଇ ବ୍ରୋଞ୍ଜ୍ ପଦକ ଅର୍ଜନ କରିଥିଲେ। ଅନୁଗୋଳର ସ୍ୱାଧୀନ ପୁରୁଷ ହାଇଜମ୍ପରେ ୨.୦୯ ମିଟର କ୍ଲିୟର କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କର୍ଣ୍ଣାଟକର ଚେତନ ବି. ୨.୦୯ ମିଟର ସହ ସ୍ୱର୍ଣ୍ଣ ଓ ଆନ୍ଧ୍ର ପ୍ରଦେଶର ସେକ୍ ମୋହିଦ୍ଦିନ ୨.୦୫ ମିଟର ସହିତ ବ୍ରୋଞ୍ଜ୍ ପଦକ ପାଇଥିଲେ। ଅନ୍ୟତମ ଓଡ଼ିଆ ଆଥ୍‌ଲେଟ୍ ନିଖିଲ ଦାସ ୨.୦୫ ମିଟର ଜମ୍ପ କରିଥିଲେ ହେଁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ପୁରୁଷ ୧୫୦୦ ମିଟର ଫାଇନାଲରେ ଅଶୋକ ଦଣ୍ଡସେନା ଟକ୍କର ଦେଇଥିଲେ ହେଁ ୩:୪୭.୩୮ ସେକେଣ୍ଡ ସମୟ ସହିତ ୫ମ ସ୍ଥାନରେ ରହିଥିଲେ।

ପ୍ରକାଶଯୋଗ୍ୟ, ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୧୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ ଲକ୍ଷ୍ମୀପ୍ରିୟା କିଷାନ, ଶ୍ରାବଣୀ ନନ୍ଦ, ପ୍ରଜ୍ଞା ପ୍ରଶାନ୍ତି ସାହୁ, ସୁଖୀ ବାସ୍କେ, ସୁସ୍ମିତା ଟିଗା, ଅଶୋକ ଦଣ୍ଡସେନା, ନିଖିଲ ଦାସ, ଅନିମେଶ କୁଜୁର, କିଶୋର କୁମାର ଜେନା, ସ୍ୱାଧୀନ କୁମାର ମାଝି, ଆଶିଷ କୁମାର ପାତ୍ର, ଦଣ୍ଡପତି ମୃତ୍ୟମ ଜୟରାମ, ଦୟାନିଧି ମୁଣ୍ଡା, ଦେବାଶିଷ ପଟ୍ଟନାୟକ, ସରୁନ ପାୟାସିଂ, ପ୍ରିୟବ୍ରତ ପ୍ରଧାନ, ଲାଲୁ ପ୍ରସାଦ ଭୋଇ ଓ ଅବିନାଶ ସାହୁ। ଶେଷରେ ଏମାନଙ୍କ ମଧ୍ୟରୁ ୪ ଆଥ୍‌ଲେଟ୍ ୬ ପଦକ ହାସଲ କରିଥିଲେ।

**ଜାତୀୟ ରେକର୍ଡ**

ଫେଡେରେଶନ କପ୍ ଅବସରରେ ଏକ ଜାତୀୟ ରେକର୍ଡ ଭଙ୍ଗ ହୋଇଥିଲା। ମହିଳା ଶଟ୍‌ପୁଟ୍ ଥ୍ରୋରେ ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ ମହାରାଷ୍ଟ୍ରର ଆଭା ଖଟୁଆ। ସେ ୧୮.୪୧ ମିଟର ଥ୍ରୋ କରି ଏହି କୃତିତ୍ୱ ଅର୍ଜନ କରିଥିଲେ। ପୂର୍ବରୁ ମନପ୍ରୀତ କୌରଙ୍କ ନାମରେ ଜାତୀୟ ରେକର୍ଡ ଦୂରତ୍ୱ ଥିଲା ୧୮.୦୬ ମିଟର। ତେବେ ଆଭା ଅଲିମ୍ପିକ୍ସ କ୍ୱାଲିଫାଇଂ ମାର୍କ ୧୮.୮୦ ମିଟର ସ୍ପର୍ଶ କରିବାରେ ବିଫଳ ହୋଇଥିଲେ। ଉତ୍ତର ପ୍ରଦେଶର କିରନ ବାଲିୟାନ ୧୬.୫୪ ଓ ଦିଲ୍ଲୀର ସୃଷ୍ଟି ଭିଗ୍ ୧୫.୮୬ ମିଟର ଥ୍ରୋ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ।

### ପଦକ ବିଜେତା ଓଡ଼ିଶା ଆଥ୍‌ଲେଟ୍

**ଅନିମେଶ କୁଜୁର:** ୨୦୦ ମିଟର ସ୍ୱର୍ଣ୍ଣ (୨୦.୬୨ ସେକେଣ୍ଡ), ୧୦୦ ମିଟର ରୌପ୍ୟ (୧୦.୫୦ ସେକେଣ୍ଡ)
**ଶ୍ରାବଣୀ ନନ୍ଦ:** ୨୦୦ ମିଟର ରୌପ୍ୟ (୨୩.୮୯ ସେକେଣ୍ଡ), ୧୦୦ ମିଟର ବ୍ରୋଞ୍ଜ୍ (୧୧.୭୬ ସେକେଣ୍ଡ)
**ପ୍ରଜ୍ଞା ପ୍ରଶାନ୍ତି ସାହୁ:** ୧୦୦ ମିଟର ହର୍ଡଲ୍ସ ରୌପ୍ୟ (୧୩.୪୦ ସେକେଣ୍ଡ)
**ସ୍ୱାଧୀନ କୁମାର ମାଝି:** ପୁରୁଷ ହାଇଜମ୍ପରେ ରୌପ୍ୟ (୨.୦୯ ମିଟର)

## କିଶୋର ପଞ୍ଚମ

ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟ ପୂର୍ବରୁ ଚର୍ଚ୍ଚାରେ ରହିଥିଲେ ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ନୀରଜ ଚୋପ୍ରା ଓ ଏସିଆନ ଗେମ୍ସ ରୌପ୍ୟ ବିଜେତା ଓଡ଼ିଶାର କିଶୋର ଜେନା। ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଥିବାରୁ ବିଦେଶରେ ଟ୍ରେନିଂ ନେଉଥିବା କିଶୋର ଦୋହା ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ ପରେ ଭୁବନେଶ୍ୱର ଆସି ନିଜ ଘରୋଇ ଟ୍ରାକ୍‌ରେ ଅଂଶଗ୍ରହଣ କରିଥିଲେ। ଆଶାନୁସାରେ ନୀରଜ ଏଠାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ମାତ୍ର କିଶୋର ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇ ନ ପାରି ୫ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ନୀରଜ ୮୨.୨୭ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପାଇଥିବାବେଳେ କର୍ଣ୍ଣାଟକର ଡି.ପି. ମନୁ (୮୨.୦୬ମି.) ରୌପ୍ୟ ଓ ମହାରାଷ୍ଟ୍ରର ଉତ୍ତମ ବାଲାସାହେବ ପାଟିଲ(୭୮.୩୯) ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। କିଶୋର ସର୍ବାଧିକ ୭୫.୪୯ ମିଟର ଥ୍ରୋ କରିବାକୁ ସକ୍ଷମ ହୋଇଥିଲେ।

### ପୁରୁଷ ଜାଭେଲିନ୍ ଥ୍ରୋ ଫଳାଫଳ

୧– ନୀରଜ ଚୋପ୍ରା: ୮୨.୨୭ ମିଟର
୨–ଡି.ପି. ମନୁ: ୮୨.୦୬ ମିଟର
୩–ଉତ୍ତମ ବାଲାସାହେବ ପାଟିଲ: ୭୮.୩୯ ମିଟର
୪–ବିବିନ ଆଣ୍ଟୋନି: ୭୭.୩୭ ମିଟର
୫–କିଶୋର ଜେନା: ୭୫.୪୯ ମିଟର
୬–ପ୍ରମୋଦ: ୭୪.୫୬ ମିଟର
୭– ମନଜିନ୍ଦର ସିଂ: ୭୨.୫୮ ମିଟର
୮–ବିକାଶ ଯାଦବ: ୭୧.୬୬ ମିଟର
୯–କୁନୱେର ସିଂ ରାଣା: ୭୧.୧୨ ମିଟର
୧୦–ଶିବପାଲ ସିଂ: ୭୧.୦୧ ମିଟର
୧୧–ବିବେକ କୁମାର: ୭୧.୦୦
୧୨–ରୋହିତ କୁମାର: ୬୬.୧୬ ମିଟର

## ଫୁଟବଲ

ଆଉ ମାସେପରେ ଜର୍ମାନୀରେ ହେବ
ୟୁରୋକପ୍ ଫୁଟବଲ
ପ୍ଲେ ଅଫ୍ ଖେଳି ୟୁକ୍ରେନ, ଜର୍ଜିଆ
ପୋଲାଣ୍ଡ ବି ଝଲମଲ
ସ୍ଲୋଭାକିଆ ପର୍ତ୍ତୁଗାଲ
ଚବିଶଟି ଦେଶ ଏଥର ମାସ୍କଟ
ଆଲବର୍ଟ ନାଚିବ ଭଲ।



‘ମିଷ୍ଟର ଆଣ୍ଡ ମିସେସ୍ ମାହି’ ଫିଲ୍ମର
ନିଆରା ପ୍ରଚାର ଦେଖ
କ୍ରିକେଟ ବଲ୍ ପିନ୍ଧି ଜାହ୍ନବୀ କପୁର
ପୋଜ୍ ଦେଲା ଟେକି ବେକ
ଡିଫରେଣ୍ଟ ଏଠି ଦେଖ
କ୍ରୀଡ଼ା କହିଲେ ଖାଲି କ୍ରିକେଟ ବୁଝନ୍ତି
ପରହାପ୍‌ସ ଆମ ଲୋକ।

କ୍ରିକେଟ ପାଗଳ ଇଣ୍ଡିଆ ଦେଶରେ
ଫୁଟବଲ ଘର ଶୂନ
ଖେଳାଳିଙ୍କ ପରି ଦର୍ଶକ ନାହାନ୍ତି
ନାହିଁ ପୁଣି ପ୍ରୋତ୍ସାହନ
ଫିଫା ର୍ୟାଙ୍କିଙ୍ଗ୍‌ରେ ନାହିଁ ଚିହ୍ନ
ଟପ୍ ଶହେ ଟେବୁଲ ଚାର୍ଟରେ ନାହିଁ
ମୋ ଦେଶର ନାଁ ଘନ।

–ସୁବାସ ଚନ୍ଦ୍ର ପ୍ରଧାନ

# ଅଲିମ୍ପିକ୍ସରେ ‘ବକ୍ସିଂ’ର ଭବିଷ୍ୟତ



ରମେଶ ସାହୁ

**୨୦୧୮ରେ ଫ୍ଲୟଡ ମେୱେଦରଙ୍କ ମୋଟ ସମ୍ପତ୍ତି ମୂଲ୍ୟ ୨୮୫ ନିୟୁତ ଡଲାର ବା ୨ ବିଲିୟନ୍ ୮୫ ମିଲିୟନ୍ ଡଲାର ବୋଲି ଜଣାପଡ଼ିଥିଲା। ଆମେରିକାର ନ୍ୟୁଜର୍ସିସ୍ଥିତ ନ୍ୟୁବ୍ରନ୍‌ସ୍ୱିକ୍ ସହରରେ ଜନ୍ମିତ ମେୱେଦରଙ୍କ ବାଲ୍ୟକାଳ ଅଭାବ ଅନଟନରେ କଟିଥିଲା। ମାତ୍ର ବକ୍ସିଂ ଯୋଗୁ ସେ ଆମେରିକାର ଜଣେ ଧନାଢ୍ୟ ବ୍ୟକ୍ତି ହୋଇପାରିଥିଲେ...**





ଫ୍ଲୟଡ ମେୱେଦର

୨୦୨୮ ଲସ୍‌ଏଞ୍ଜେଲ୍‌ସ ଅଲିମ୍ପିକ୍ ଗେମ୍ସରେ ବକ୍ସିଂ ଶୃଙ୍ଖଳା ରହି ନ ପାରେ। ଏପରି ଏକ ଆଶଙ୍କା ସଂପ୍ରତି ବକ୍ସିଂ ଜଗତକୁ ଆଚ୍ଛାଦିତ କରି ରଖିଛି। ବକ୍ସିଂପ୍ରିୟ ଦେଶଗୁଡ଼ିକ ସମେତ ବିଶ୍ୱର ବହୁ ବିଶିଷ୍ଟ ବକ୍ସର ‘ଆଇଓସି’ର ଏହି ପ୍ରସ୍ତାବକୁ ବିରୋଧ କରୁଛନ୍ତି। ସେମାନେ ବକ୍ସିଂକୁ ଅଲିମ୍ପିକ୍ ଗଳାର ହାର ରୂପେ ବର୍ଣ୍ଣନା କରିଛନ୍ତି। ତେବେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର ବକ୍ସିଂ ତ୍ୟାଗ ପ୍ରସ୍ତାବ ପଛରେ କେତୋଟି କାରଣ ରହିଛି। ବିଶ୍ୱ ବକ୍ସିଂର ନିୟାମକ ସଂସ୍ଥା ଅନ୍ତର୍ଜାତୀୟ ବକ୍ସିଂ ମହାସଂଘ (ଆଇବିଏଫ)ର ଆର୍ଥିକ କାରବାର, ରୁଷିଆ ସହିତ ଏହାର ସମ୍ପର୍କ ଏବଂ ଅଲିମ୍ପିକ୍ ବକ୍ସିଂ ମ୍ୟାଚ ପରିଚାଳନାରେ ଘଟିଥିବା ଦୁର୍ନୀତିକୁ ନେଇ ଆଇଓସି ଅସନ୍ତୁଷ୍ଟ ଅଛି। ଫଳସ୍ୱରୂପ ଗତବର୍ଷ ଆଇବିଏଫ୍‌ର ଅଲିମ୍ପିକ୍ ସ୍ୱୀକୃତିକୁ ଆଇଓସି ପ୍ରତ୍ୟାହାର କରିନେଇଥିଲା। ପରେ ଆଇବିଏଫ୍ ବିଭାଜିତ ହେବାରୁ ୱାର୍ଲ୍ଡ ବକ୍ସିଂ ସଂଗଠନ ପ୍ରତିଷ୍ଠା ହୋଇଥିଲା। ଏହି ନୂଆ ସଂଗଠନ ଆଇଓସିର ସ୍ୱୀକୃତି ପାଇବ ବୋଲି ଆଶା ବାନ୍ଧିଛି। ତାହା ବଳରେ ୨୦୨୮ ଅଲିମ୍ପିକ୍ସ ବକ୍ସିଂ ଆୟୋଜନ ପାଇଁ ଦାୟିତ୍ୱ ନେବ। ୱାର୍ଲଡ୍ ବକ୍ସିଂର ସଦସ୍ୟ ହେବାକୁ ଆଶାୟୀ ପ୍ରାୟ ୩୦ଟି ଦେଶ ସହ କଥାବାର୍ତ୍ତା ସରିଛି। ଏହି ଦେଶଗୁଡ଼ିକୁ ଅନ୍ୟାନ୍ୟ ଦେଶ ନଜରରେ ରଖିଛନ୍ତି। ସମସ୍ତେ ନୂଆ ରାଜିନାମାର ଭଲମନ୍ଦ ଉପରେ ସମୀକ୍ଷା ଆରମ୍ଭ କରିଛନ୍ତି। ଆଇବିଏଫ୍ ଅଲିମ୍ପିକ୍ ସ୍ୱୀକୃତି ହରାଇବା ପରେ ଅନ୍ତର୍ଜାତୀୟ କ୍ରୀଡ଼ା ବିବାଦ ସମାଧାନ ଅଦାଲତରେ ଆଶ୍ରୟ ନେଇଥିଲା। ଆଇଓସିର ନିଷ୍ପତ୍ତିକୁ ଅଦାଲତ ଏପ୍ରିଲ ୨ରେ କାଏମ ରଖିବା ପରେ ୱାର୍ଲ୍ଡ ବକ୍ସିଂ ଉତ୍ସାହିତ ଅଛି। ଇତିମଧ୍ୟରେ ୨୭ଟି ଦେଶକୁ ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ତାଲିକାଭୁକ୍ତ କରିସାରିଲାଣି। ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ, ଜର୍ମାନୀ, ଫିଲିପାଇନ୍‌ସ ପ୍ରମୁଖ ବକ୍ସିଂ ଦେଶଗୁଡ଼ିକ ଏହି ତାଲିକାରେ ଅଛନ୍ତି। ୨୦୨୮ ଅଲିମ୍ପିକ୍ସ ବକ୍ସିଂ ଆୟୋଜନ ସକାଶେ ନୂଆ ସଂଗଠନ ସହିତ ଆଇଓସି ୨୦୨୫ ପ୍ରଥମାର୍ଦ୍ଧରେ ରାଜିନାମା କରିବ।

ଅଲିମ୍ପିକ୍ସ ବକ୍ସିଂ ପାଇଁ ଅନେକ ବକ୍ସରଙ୍କ ଭାଗ୍ୟ ବଦଳି ଯାଇଥିବା ନଜିର ରହିଛି। ତନ୍ମଧ୍ୟରୁ ଆମେରିକାର ବିଶ୍ୱବିଖ୍ୟାତ୍ ବକ୍ସର ଫ୍ଲୟଡ ମେୱେଦର ଅନ୍ୟତମ। ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ ବକ୍ସିଂର ଫିଦର ୱେଟ୍‌ରେ ବ୍ରୋଞ୍ଜ ପଦକ ଜିତିବା ପରେ ମେୱେଦରଙ୍କ ଭାଗ୍ୟ ବଦଳି ଯାଇଥିଲା। ପେସାଦାର ବକ୍ସିଂରେ ୫ଟି ବିଭିନ୍ନ ଓଜନ ବର୍ଗରେ ଅପରାଜେୟ ବିଶ୍ୱ ଚାମ୍ପିୟନ ହେବା ପରେ ପେସାଦାର ବକ୍ସିଂରୁ ଅବସର ନେଇଥିଲେ। ଆମେରିକାରେ ତାଙ୍କର ‘ଲିମିଟ୍‌ଲେସ୍ ଏକ୍‌ସ’ ନାମକ ଏକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କମ୍ପାନୀ ଚାଲିଛି। ଏହି ଯୌଥ କମ୍ପାନୀର ପ୍ରସାର ଲକ୍ଷ୍ୟ ନେଇ ମେୱେଦର ମୁମ୍ବାଇ ଆସିଥିଲେ। ୨୦୧୮ ମସିହାରେ ମେୱେଦରଙ୍କ ମୋଟ ସମ୍ପତ୍ତି ମୂଲ୍ୟ ୨୮୫ ନିୟୁତ ଡଲାର ବା ୨ ବିଲିୟନ୍ ୮୫ ମିଲିୟନ୍ ଡଲାର ବୋଲି ଜଣାପଡ଼ିଥିଲା। ଆମେରିକାର ନ୍ୟୁଜର୍ସିସ୍ଥିତ ନ୍ୟୁବୃନ୍‌ସ୍ୱିକ୍ ସହରରେ ଜନ୍ମିତ ମେୱେଦରଙ୍କ ବାଲ୍ୟକାଳ ଅଭାବ ଅନଟନରେ କଟିଥିଲା। ଆଜି ସେ ଆମେରିକାର ଜଣେ ଧନାଢ୍ୟ ବ୍ୟକ୍ତି। ଅଲିମ୍ପିକ୍ସରେ ବକ୍ସିଂ କ୍ରୀଡ଼ା ରହିଥିବାରୁ ବିଶ୍ୱରେ ଏହାର ପ୍ରସାର ଲାଭ ହୋଇପାରୁଛି। ଅଲିମ୍ପିକ୍ସରେ ବିଜୟୀ ହେବାକୁ ଅନେକ ଯୁବ ବକ୍ସର ଆଶାୟୀ ଅଛନ୍ତି ବୋଲି ମେୱେଦର ମତ ପ୍ରକାଶ କରିଥିଲେ।

